ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୩/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, May 3/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 157 | ମୂଲ୍ୟ ₹୭/-



**କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକରେ ଯୋଗଦେବେ ଧନ୍‌କର**

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ଆସନ୍ତା ୬ ତାରିଖରେ ୱେଷ୍ଟମିନିଷ୍ଟର ଆବେଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଉପରାଷ୍ଟ୍ରପତି ଜଗ୍‌ଦୀପ ଧନ୍‌କର ଭାରତ ସରକାରଙ୍କ ପ୍ରତିନିଧିତ୍ୱ କରିବେ। କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକ ଉତ୍ସବରେ ବିଭିନ୍ନ ରାଷ୍ଟ୍ର ତଥା ସରକାରର ମୁଖ୍ୟଙ୍କ ସମେତ ୨,୦୦୦ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଧନ୍‌କର ଶୁକ୍ରବାରଠାରୁ ବ୍ରିଟେନ ଗସ୍ତରେ ଯିବେ।



## ସଂକ୍ଷେପରେ

### ୨ ପାକ୍ ଅନୁପ୍ରବେଶକାରୀ ନିହତ

**ନୂଆଦିଲ୍ଲୀ,୨।୫:** ରାଜସ୍ଥାନରେ ଥିବା ଭାରତ-ପାକିସ୍ତାନୀ ଅନ୍ତର୍ଜାତୀୟ ସୀମାରେ ୨ ପାକ୍ ଅନୁପ୍ରବେଶକାରୀ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନଙ୍କ ଗୁଳିରେ ନିହତ ହୋଇଛନ୍ତି। ସେମାନେ ନିଶା ଚୋରା କାରବାରରେ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ବେଆଇନ ମାଦକ ଦ୍ରବ୍ୟ ଜବତ ହୋଇଛି। ବାର୍ମେର ଫ୍ରଣ୍ଟରେ ସୋମବାର ରାତି ୯ରେ ଏହି ଗୁଳିକାଣ୍ଡ ଘଟିଥିଲା। ସନ୍ଦିଗ୍ଧଙ୍କଠାରୁ ୩ କିଲୋଗ୍ରାମ ହେରୋଇନ୍ ଜବତ ହୋଇଥିବା ବିଏସ୍ଏଫ୍ ମୁଖପାତ୍ର କହିଛନ୍ତି। ୧୩ ବାଟାଲିୟନର ବିଏସ୍ଏଫ୍ ପାଟ୍ରୋଲ ପାର୍ଟି ଡ୍ୟୁଟିରେ ଥିବାବେଳେ ସୀମାରେ କେତେଜଣ ସନ୍ଦିଗ୍ଧଙ୍କ ଗତିବିଧି ନଜରକୁ ଆସିଥିଲା। ସେମାନେ ତାରବାଡ଼ ଅତିକ୍ରମ ଲାଗି ଉଦ୍ୟମ କରୁଥିବାବେଳେ ଯବାନମାନେ ଗୁଳି ଚଳାଇଥିଲେ। ଘଟଣାସ୍ଥଳରୁ ୨ ଅନୁପ୍ରବେଶକାରୀ ଓ ୩ ପ୍ୟାକେଟ ସନ୍ଦିଗ୍ଧ ହେରୋଇନ୍ ଜବତ ହୋଇଛି।

### ଅବକାରୀ ଲାଞ୍ଚ ଅର୍ଥକୁ ହାୱାଲା ଜରିଆରେ ଗୋଆ ନିର୍ବାଚନରେ ଖର୍ଚ୍ଚ କରିଥିଲା ଏଏପି: ଇଡି

**ନୂଆଦିଲ୍ଲୀ,୨।୫:** ବିବାଦୀୟ ଅବକାରୀ ନୀତି ବଳରେ ସଂଗୃହୀତ ୧୦୦ କୋଟି ଟଙ୍କା ଲାଞ୍ଚ ଅର୍ଥର ଏକ ଭାଗକୁ ଦିଲ୍ଲୀର ଶାସକ ଦଳ ଏଏପି ୨୦୨୨ ଗୋଆ ବିଧାନସଭା ପାଇଁ ଖର୍ଚ୍ଚ କରିଥିଲା ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୋଗ କରିଛି। ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ଇଡି ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌ରେ ଉପରୋକ୍ତ ଅଭିଯୋଗ କରାଯାଇଛି। ଏଥିରେ ଏକ ମିଡିଆ ପବ୍ଲିସିଟି କମ୍ପାନୀ ଚାରିଅଟ୍ ପ୍ରଡକ୍ସନ ମିଡିଆ ପ୍ରା. ଲିଃ ଏବଂ ଏହାର ମାଲିକ ରାଜେଶ ଜୋଷୀଙ୍କ ନାଁ ଅଭିଯୁକ୍ତ ଭାବେ ସ୍ଥାନ ପାଇଛି। ସାଉଥ୍ ଗ୍ରୁପ୍‌ଠାରୁ ସଂଗୃହୀତ ଉତ୍କୋଚ ଅର୍ଥକୁ ହାୱାଲା ନେଟ୍‌ୱର୍କ ଏବଂ ବ୍ୟାଙ୍କିଙ୍ଗ ଚ୍ୟାନେଲ ଜରିଆରେ ଗୋଆ ନିର୍ବାଚନ ପାଇଁ ବ୍ୟୟ ହୋଇଥିଲା। ନିର୍ବାଚନରେ ଏଏପିର ବିଜ୍ଞାପନ ଖର୍ଚ୍ଚ ବାବଦକୁ ୩୦ କୋଟି ଟଙ୍କା ନେଟ୍‌ୱର୍କ ଜରିଆରେ ଭେଣ୍ଡରମାନଙ୍କୁ ପୈଠ କରାଯାଇଥିଲା। ଏହା ନଗଦ ଏବଂ ବ୍ୟାଙ୍କିଙ୍ଗ ଚ୍ୟାନେଲ ଜରିଆରେ ହୋଇଥିଲା ବୋଲି ଇଡି କହିଛି।

## 'ଦି କେରଳା ଷ୍ଟୋରି' ଭାଜପା ପ୍ରାୟୋଜିତ: ସିପିଆଇଏମ୍



ରିଲିଜ୍ ଉପରେ ସ୍ଥଗିତାଦେଶ ଦେଲେନି ସୁପ୍ରିମକୋର୍ଟ

**କୋଝିକୋଡ୍/ନୂଆଦିଲ୍ଲୀ,୨।୫:** ସୁଦୀପ୍ତୋ ସେନଙ୍କ ନିର୍ଦ୍ଦେଶିତ ତଥା ଭିପୁଲ ଅମୃତଲାଲ ଶାହଙ୍କ ପ୍ରଯୋଜିତ ବିବାଦୀୟ ହିନ୍ଦୀ ଫିଲ୍ମ 'ଦି କେରଳା ଷ୍ଟୋରି' ଭାଜପା ପ୍ରାୟୋଜିତ। ଏହା କେରଳରେ ଲୋକଙ୍କୁ ବିଭାଜିତ କରି ପରସ୍ପର ମଧ୍ୟରେ ଶତ୍ରୁଭାବ ସୃଷ୍ଟି ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ଏଜେଣ୍ଡାର ଏକ ଅଂଶ ବୋଲି ମଙ୍ଗଳବାର ଶାସକ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ପକ୍ଷରୁ ସମାଲୋଚନା କରାଯାଇଛି। ସିପିଆଇଏମ୍ ରାଜ୍ୟ ସାଧାରଣ ସମ୍ପାଦକ ଏମ୍.ଭି. ଗୋବିନ୍ଦନ୍ କନ୍ନୁରରେ ଖବରଦାତାମାନଙ୍କୁ କହିଛନ୍ତି, ଫିଲ୍ମରେ କେରଳର ପ୍ରାୟ ୩୨,୦୦୦ ମହିଳା ନିଖୋଜ ହୋଇଯାଇଥିବା ଦର୍ଶାଯାଇଛି। ଭାଜପା ଏବଂ ସଂଘ ପରିବାର ପକ୍ଷରୁ ଏହି ସିନେମା ଜରିଆରେ ଲୋକଙ୍କ ମସ୍ତିଷ୍କରେ ବିଷ ପୂରାଇବାକୁ ଅପଚେଷ୍ଟା କରାଯାଇଛି। କେରଳବାସୀ ମିଳିମିଶି ଏହାକୁ ବିରୋଧ କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ମଧ୍ୟ କେରଳ ଏବଂ ମୁସଲମାନ ସମ୍ପ୍ରଦାୟକୁ ବଦନାମ କରିବା ପାଇଁ ଏହି ଫିଲ୍ମ ନିର୍ମାଣ କରାଯାଇଥିବା ଅଭିଯୋଗ ଆଣିଥିଲେ। ଇତିମଧ୍ୟରେ ଆସନ୍ତା ୫ରେ ମୁକ୍ତିଲାଭ କରିବାକୁ ଥିବା 'ଦି କେରଳା ଷ୍ଟୋରି'ର ରିଲିଜ୍ ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଧର୍ମାନ୍ତରୀକରଣ ଉପରେ ପର୍ଯ୍ୟବସିତ ଉକ୍ତ ଫିଲ୍ମରେ 'ସବୁଠୁ ନିକୃଷ୍ଟତମ ଘୃଣା ମନ୍ତବ୍ୟ' ରହିଥିବା ଏବଂ ଏହା ଏକ 'ଅଡିଓ ଭିଜୁଆଲ ପ୍ରୋପାଗଣ୍ଡା' ଦର୍ଶାଇ ଏକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହି ଫିଲ୍ମକୁ ସେନ୍‌ସର ବୋର୍ଡ ସାର୍ଟିଫିକେଶନ୍ ମିଳିସାରିଛି। ତେଣୁ ଏହାର ସାର୍ଟିଫିକେଶନ୍‌କୁ ଉପଯୁକ୍ତ ଫୋରମ୍‌ରେ ଚ୍ୟାଲେଞ୍ଜ କରାଯାଇପାରେ ବୋଲି ଆବେଦନକାରୀଙ୍କ ଓକିଲ କପିଲ ସିବଲଙ୍କୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

# ଦିଲ୍ଲୀରେ ରାଜନୈତିକ ବିସ୍ଫୋରଣକୁ ଅପେକ୍ଷା

**ଏପ୍ରିଲ ୧୯ରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ କହିଥିଲେ, ୧୫ ଦିନ ମଧ୍ୟରେ ଦୁଇଟି ବଡ଼ ବିସ୍ଫୋରଣ ଘଟିବାକୁ ଯାଉଛି, ଗୋଟିଏ ଦିଲ୍ଲୀରେ ଓ ଅନ୍ୟଟି ମହାରାଷ୍ଟ୍ରରେ। ପାୱାରଙ୍କ ପୁତୁରା ଅଜିତ ପାୱାର ଭାଜପା ଆଡ଼କୁ ଢଳୁଥିବାବେଳେ ଏନ୍‌ସିପିର ବାରାମତୀ ଏମ୍‌ପି ସୁପ୍ରିୟା ଏହା ପ୍ରକାଶ କରିଥିଲେ। ପାୱାର ଦଳୀୟ ମଙ୍ଗ ଛାଡ଼ିବା ଘୋଷଣା ଯଦି ଗୋଟିଏ ବିସ୍ଫୋରଣ ହୋଇଥାଏ ତେବେ ଅନ୍ୟଟି କ'ଣ? ଦିନେ ଦୁଇଦିନ ମଧ୍ୟରେ ଦିଲ୍ଲୀ ରାଜନୀତିରେ ମଧ୍ୟ କିଛି ବଡ଼ ପରିବର୍ତ୍ତନ ହୋଇପାରେ କି? ବର୍ତ୍ତମାନ ଏଭଳି କିଛି ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛନ୍ତି ରାଜନୈତିକ ବିଶ୍ଳେଷକ।**

**ମୁମ୍ବାଇ/ନୂଆଦିଲ୍ଲୀ,୨।୫**

### କିଏ ହେବେ ପାୱାରଙ୍କ ଉତ୍ତରାଧିକାରୀ


ଅଜିତ ପାୱାର


ଶରଦ ପାୱାର


ସୁପ୍ରିୟା ସୁଲେ

ମହାରାଷ୍ଟ୍ର ପ୍ରତିଷ୍ଠା ଦିବସରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଦଳର ମଙ୍ଗ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ଏହା ପରେ ତାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ କସରତ ଆରମ୍ଭ ହୋଇଛି। ବରିଷ୍ଠ ଏନ୍‌ସିପି ନେତା ତଥା ପାୱାରଙ୍କ ପୁତୁରା ଅଜିତ ପାୱାର ଏବଂ ଝିଅ ସୁପ୍ରିୟା ସୁଲେଙ୍କ ମଧ୍ୟରୁ ଜଣେ ଦଳର ନୂଆ ଅଧ୍ୟକ୍ଷ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ପାୱାର ନିଜ ନିଷ୍ପତ୍ତି ପ୍ରତ୍ୟାହାର ନ କରିବା ଯାଏ ସଭାସ୍ଥଳ ଛାଡ଼ିବେ ନାହିଁ ବୋଲି ଦଳର ବହୁ ନେତା ଓ କର୍ମୀ କହିଥିଲେ। ଏହାସତ୍ତ୍ୱେ ଅପରାହ୍ନ ୨ଟା ୩୦ରେ ପାୱାର ନିଜ 'ସିଲ୍‌ଭର ଓକ୍' ବାସଭବନକୁ ଫେରିଯାଇଥିଲେ। ପାୱାର ଏଭଳି ସମୟରେ ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଛନ୍ତି ଯେତେବେଳେ ଅଜିତ ଭାଜପା ଆଡ଼କୁ ଢଳୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅଜିତ କହିଛନ୍ତି, ପାୱାର ସାହେବ ଏନ୍‌ସିପି ନେତୃତ୍ୱରେ ପରିବର୍ତ୍ତନ ନେଇ କିଛିଦିନ ପୂର୍ବେ କହିଥିଲେ ତେଣୁ ନିଜ ବୟସ ଓ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେ ଏହି ନିଷ୍ପତ୍ତି ନେଇଥିବା ଆମେ ମନେକରିବା ଉଚିତ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଭାଜପା ବିରୋଧରେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାରେ ପାୱାର ଉଦ୍ୟମ ଚଳାଇଥିବାବେଳେ ସେ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ୪ ଥର ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ପାୱାର କେନ୍ଦ୍ରରେ ପ୍ରତିରକ୍ଷା ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ସମ୍ଭାଳିଥିଲେ। ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଏନ୍‌ସିପି ଏବଂ କଂଗ୍ରେସକୁ ଦୁଇଦଳର ଆଦର୍ଶଗତ ଶତ୍ରୁ ଶିବସେନା ସହ ମିଶାଇ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଗଠନ କରାଇବାରେ ସଫଳ ହୋଇଥିଲେ। ମହାରାଷ୍ଟ୍ର ଷ୍ଟ୍ରଙ୍ଗ୍‌ମ୍ୟାନ୍‌ଙ୍କ ଉଦ୍ଦେଶ୍ୟ ଥିଲା ଭାଜପାକୁ କ୍ଷମତାରୁ ଦୂରେଇ ରଖିବା। ଏନେଇ ତାଙ୍କ ପୂର୍ବତନ ଘନିଷ୍ଠ ସହଯୋଗୀ ତଥା ବର୍ତ୍ତମାନର କଂଗ୍ରେସ ନେତା ତାରିକ୍ ଅନ୍‌ୱର କହିଛନ୍ତି, ପାୱାର ଭବିଷ୍ୟତ ପାଇଁ ନିଶ୍ଚିତ ଭାବେ କିଛି ଯୋଜନା କରିଥିବେ। କାରଣ ବିନା କୌଣସି ପୂର୍ବ ଯୋଜନାରେ ସେ କିଛି ନିଷ୍ପତ୍ତି ନେଇ ନ ଥାଆନ୍ତି ବୋଲି ଏନ୍‌ସିପିର ସହ ପ୍ରତିଷ୍ଠାତା ଅନ୍‌ୱର ପ୍ରକାଶ କରିଛନ୍ତି।

### ୨-୩ ଦିନରେ ନିଷ୍ପତ୍ତିର ପୁନର୍ବିଚାର

୮୩ ବର୍ଷୀୟ ଏନ୍‌ସିପି ଭେଟେରାନ୍ ଶରଦ ପାୱାର ୨-୩ ଦିନ ମଧ୍ୟରେ ନିଜ ନିଷ୍ପତ୍ତିର ପୁନର୍ବିଚାର କରିପାରନ୍ତି ବୋଲି ପୁତୁରା ଅଜିତ ପାୱାର ସୂଚନା ଦେଇଛନ୍ତି। ପାୱାରଙ୍କ ଘୋଷଣାକୁ ନେଇ କ୍ଷୁବ୍ଧ କେତେଜଣ ନେତା ଇସ୍ତଫା ଦେଇଥିବାବେଳେ ଦଳୀୟ କର୍ମୀମାନେ ବିକ୍ଷୋଭ କରୁଛନ୍ତି। ସେମାନଙ୍କୁ ଶାନ୍ତ କରିବା ପାଇଁ ଏହା କୁହାଯାଇଥିବା ମନେକରାଯାଉଛି।

### ଫାଶୀର ବିକଳ୍ପ ଅନୁଧ୍ୟାନ କରିବ କମିଟି: କେନ୍ଦ୍ର

**ନୂଆଦିଲ୍ଲୀ,୨।୫ (ପି.ଟି.)**

ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଅପରାଧୀଙ୍କୁ ପ୍ରଚଳିତ ଧାରା ଅନୁଯାୟୀ ଫାଶୀ ଦିଆଯିବ କି ନାହିଁ, ତାହାର ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ବିଚାର କରାଯାଉଥିବା କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଅଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ଜେ.ବି. ପର୍ଦିୱାଲାଙ୍କ ଖଣ୍ଡପୀଠଙ୍କୁ କହିଥିଲେ, ତାଙ୍କ ପ୍ରସ୍ତାବ ଅନୁଯାୟୀ ସରକାର ବିଶେଷଜ୍ଞ କମିଟି ଗଠନ ନେଇ ବିଚାରବିମର୍ଶ ଚଳାଇଛନ୍ତି। ଫାଶୀ ବଦଳରେ ଅନ୍ୟ କେଉଁ ପଦ୍ଧତି ଆପଣାଇଲେ, ମୃତ୍ୟୁ କମ୍ ଯନ୍ତ୍ରଣାଦାୟକ ହେବ ତାହା ଉପରେ ସୁପ୍ରିମକୋର୍ଟ ଗତ ମାର୍ଚ୍ଚ ୨୧ରେ କେନ୍ଦ୍ର ସରକାରଙ୍କଠାରୁ ତଥ୍ୟ ମାଗିଥିଲେ। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇପାରେ ବୋଲି କୋର୍ଟ କହିଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ଆଇନଜୀବୀ ଋଷି ମାଲହୋତ୍ରା ଏକ ଜନସ୍ୱାର୍ଥ ମାମଲା ଦାଏର କରି ଫାଶୀ ମାଧ୍ୟମରେ ପ୍ରଚଳିତ ମୃତ୍ୟୁଦଣ୍ଡକୁ ହଟାଇ କମ୍ ଯନ୍ତ୍ରଣାଦାୟକ ପଦ୍ଧତି ଆପଣାଇବାକୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଥିଲେ।

### ବିଲ୍‌କିସ୍ ମାମଲା ଶୁଣାଣି ୯କୁ ଘୁଞ୍ଚିଲା

**ନୂଆଦିଲ୍ଲୀ,୨।୫(ପି.ଟି.):** ୨୦୦୨ ଗୋଧ୍ରା ଦଙ୍ଗା ପରେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କର ପରିବାର ସଦସ୍ୟମାନଙ୍କୁ ହତ୍ୟା ମାମଲାରେ ୧୧ ଅପରାଧୀଙ୍କୁ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିଦିଆଯିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନଗୁଡ଼ିକର ଶୁଣାଣିକୁ ୯ ତାରିଖକୁ ଘୁଞ୍ଚାଇଛନ୍ତି। ମାର୍ଚ୍ଚ ୨୭ କୋର୍ଟ ରାୟର ସମୀକ୍ଷା କିମ୍ବା କୌଣସି ବିଶେଷ ଅଧିକାର ପାଇଁ ଆବେଦନ କରିବେ ନାହିଁ ବୋଲି କେନ୍ଦ୍ର ଏବଂ ଗୁଜରାଟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ରାଗରତ୍ନାଙ୍କ ଖଣ୍ଡପୀଠଙ୍କୁ ଜଣାଇଥିଲେ। ଅପରାଧୀମାନଙ୍କୁ କ୍ଷମା ଦିଆଯିବା ସମ୍ପର୍କିତ ମୂଳ ରେକର୍ଡ ଦାଖଲ କରିବା ଲାଗି ସର୍ବୋଚ୍ଚ ଅଦାଲତ ମାର୍ଚ୍ଚ ୨୭ରେ ନିର୍ଦ୍ଦେଶ ଦେଇଥିଲେ। ବିଲ୍‌କିସଙ୍କ ବ୍ୟତୀତ ଅନ୍ୟମାନେ ଉକ୍ତ ମାମଲାରେ ପିଟିଶନ ଦାଏର କରିଥିବାରୁ ଏହାକୁ ସଲିସିଟର ଜେନେରାଲ ବିରୋଧ କରିଥିଲେ। ଏହାର ପରିଣାମ ସ୍ୱରୂପ ଏଣିକି ପ୍ରତି ଆପରାଧିକ ମାମଲାରେ ତୃତୀୟ ପକ୍ଷ କୋର୍ଟକୁ ଆସିବେ ବୋଲି ମେହେଟ୍ଟା କହିଥିଲେ।

## ଭାରତୀୟ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ କର

**ୱାଶିଂଟନ,୨।୫**

### ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ
### ବାଇଡେନ୍ ପ୍ରଶାସନକୁ କହିଲା ଆମେରିକା କମିଶନ



ଭାରତରେ ଧର୍ମୀୟ ସ୍ୱାଧୀନତାର ଗୁରୁତର ଉଲ୍ଲଂଘନ ହେଉଛି। ଏଥିପାଇଁ ଦାୟୀ ସରକାରୀ ଅଧିକାରୀ ଓ ସଂସ୍ଥାଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ଆମେରିକାର ଫେଡେରାଲ କମିଶନ ଜୋ ବାଇଡେନ୍ ପ୍ରଶାସନକୁ ଆହ୍ୱାନ ଦେଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ଆଲୋଚନା ବେଳେ ଧର୍ମୀୟ ସ୍ୱାଧୀନତା ପ୍ରସଙ୍ଗ ଉଠାଇବାକୁ ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ (ୟୁଏସ୍‌ସିଆଇଆର୍ଏଫ୍) କଂଗ୍ରେସକୁ ସୁପାରିସ କରିଛି। ଏଥିସହିତ ଏହା ଉପରେ ଶୁଣାଣି କରିବାକୁ କମିଶନ କହିଛି।

ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ରକୁ ଧର୍ମୀୟ ସ୍ୱାଧୀନତା ମାନ୍ୟତାରେ 'ନିର୍ଦ୍ଦିଷ୍ଟ ଚିନ୍ତାଜନକ ଦେଶ' ଭାବେ ଦର୍ଶାଇବା ଲାଗି ୟୁଏସ୍‌ସିଆଇଆର୍ଏଫ୍ ଏହାର ବାର୍ଷିକ ରିପୋର୍ଟରେ ଆମେରିକା ପରରାଷ୍ଟ୍ର ବିଭାଗକୁ କହିଛି। ୨୦୨୦ରୁ ଉକ୍ତ କମିଶନ ପରରାଷ୍ଟ୍ର ବିଭାଗକୁ ଏଭଳି ସୁପାରିସ କରିଆସୁଥିବାବେଳେ ତାହାକୁ ଗ୍ରହଣ କରାଯାଇ ନାହିଁ। ଏହାକୁ କାର୍ଯ୍ୟକାରୀ କରିବା ପରରାଷ୍ଟ୍ର ବିଭାଗ ପାଇଁ ବାଧ୍ୟତାମୂଳକ ନୁହେଁ।

ୟୁଏସ୍‌ସିଆଇଆର୍ଏଫ୍ ରିପୋର୍ଟ ଅନୁଯାୟୀ ୨୦୨୨ରେ ଭାରତରେ ଧର୍ମୀୟ ସ୍ୱାଧୀନତା ସ୍ଥିତି ଅଧିକ ଖରାପ ହୋଇଛି। ବର୍ଷ ସାରା ଭାରତ ସରକାର ଜାତୀୟ, ରାଜ୍ୟ ଓ ସ୍ଥାନୀୟ ସ୍ତରରେ ଧର୍ମୀୟ ଭେଦଭାବ ନୀତିକୁ ପ୍ରସାର କରାଇବା ସହ କାର୍ଯ୍ୟକାରୀ କରିଛନ୍ତି। ଉକ୍ତ ନୀତି ମଧ୍ୟରେ ରହିଛି ଧର୍ମାନ୍ତରୀକରଣକୁ ଟାର୍ଗେଟ କରି ଆଇନ, ଆନ୍ତଃ ଧର୍ମବିଶ୍ୱାସ ସମ୍ପର୍କ, ହିଜାବ ପିନ୍ଧିବା, ଗୋହତ୍ୟା। ଏହା ଦ୍ୱାରା ମୁସଲମାନ, ଖ୍ରୀଷ୍ଟିଆନ, ଶିଖ୍, ଦଳିତ ଏବଂ ଆଦିବାସୀମାନେ ପ୍ରଭାବିତ ହୋଇଛନ୍ତି। ଏହା ବିରୋଧରେ ଉଠୁଥିବା ସ୍ୱରକୁ କେନ୍ଦ୍ର ସରକାର ଚାପି ଦେଉଛନ୍ତି। ପ୍ରତିବାଦ କରୁଥିବା ସଂଖ୍ୟାଲଘୁ ଓ ଅନ୍ୟମାନଙ୍କ ଉପରେ ସରକାର ନଜର ରଖିବା ସହ ସେମାନଙ୍କୁ ହଇରାଣ କରୁଛନ୍ତି। ସେମାନଙ୍କ ସମ୍ପତ୍ତି ଭଙ୍ଗାରୁଜା କରାଯିବା ସହ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ସେମାନଙ୍କୁ ଅଟକ ରଖାଯାଉଛି। ସେହିପରି ବିଦେଶ ଅନୁଦାନ ନିୟାମକ ଆଇନ (ଏଫ୍‌ସିଆର୍ଏ)ରେ ବେସରକାରୀ ସଂସ୍ଥା(ଏନ୍‌ଜିଓ)ଗୁଡ଼ିକୁ ଟାର୍ଗେଟ କରାଯାଉଥିବା ୟୁଏସ୍‌ସିଆଇଆର୍ଏଫ୍ ଅଭିଯୋଗ କରିଛି।

### ତିହାର ଜେଲରେ ବିରୋଧୀ ଗ୍ୟାଙ୍ଗ୍ ଆକ୍ରମଣରେ ଟାଜପୁରିୟା ନିହତ

**ନୂଆଦିଲ୍ଲୀ,୨।୫**

ଦିଲ୍ଲୀର ତିହାର ଜେଲରେ ମଙ୍ଗଳବାର ସକାଳେ ବିରୋଧୀ ଗ୍ୟାଙ୍ଗ୍ ଆକ୍ରମଣରେ ଗ୍ୟାଙ୍ଗ୍‌ଷ୍ଟର ଟିଲ୍ଲୁ ଟାଜପୁରିୟା ନିହତ ହୋଇଛନ୍ତି। ତାଙ୍କ ମୃତଦେହରେ ୯୨ କ୍ଷତଚିହ୍ନ ଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଜେଲରେ କଡ଼ା ସୁରକ୍ଷା ମଧ୍ୟରେ ଗ୍ୟାଙ୍ଗ୍‌ଷ୍ଟର ଯୋଗେଶ ଟୁଣ୍ଡା ଓ ତାଙ୍କ ସହଯୋଗୀ ଧାରୁଆ ଅସ୍ତ୍ରରେ ଟାଜପୁରିୟା ଓରଫ୍ ସୁନୀଲ ମାନ୍‌ଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଆକ୍ରମଣରେ ଅନ୍ୟତମ ବନ୍ଦୀ ରୋହିତ ଆହତ ହୋଇଛନ୍ତି। ବିରୋଧୀ ଗୋଗି ଗ୍ୟାଙ୍ଗ୍ ସଦସ୍ୟ ଯୋଗେଶ ଟୁଣ୍ଡା, ଦୀପକ ଟିଟର, ରିୟାଜ ଖାନ୍ ଏବଂ ରାଜେଶ ପ୍ରଥମ ମହଲାରେ ଥିବା ସେମାନଙ୍କ ୱାର୍ଡର ଲୁହା ଗ୍ରିଲ ଭାଙ୍ଗି ତଳ ମହଲାରେ ଥିବା ଟାଜପୁରିୟାଙ୍କୁ ଆକ୍ରମଣ କରି ବେଡ୍‌ଶିଟ୍ ସହାୟତାରେ ତଳ ମହଲାକୁ ଆସିଥିଲେ। ୨୦୨୧ ରୋହିଣୀ କୋର୍ଟ ଗୁଳିକାଣ୍ଡରେ ଜିତେନ୍ଦର ଗୋଗି ନିହତ ହୋଇଥିଲେ। ଟାଜପୁରିୟା ଏହାର ମାଷ୍ଟରମାଇଣ୍ଡ।


ଟିଲ୍ଲୁ ଟାଜପୁରିୟା

### ୨ ଦିନ ବିମାନ ଉଡ଼ାଣ ବନ୍ଦକଲା ଗୋ ଫାଷ୍ଟ




**ମୁମ୍ବାଇ,୨।୫(ପି.ଟି.)**

ଆର୍ଥିକ ସଙ୍କଟ ଯୋଗୁ ଗୋ ଫାଷ୍ଟ ଏୟାରଲାଇନ ବୁଧବାର ଓ ଗୁରୁବାର ଏହାର ବିମାନ ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଆମେରିକାର ଇଞ୍ଜିନ ନିର୍ମାଣକାରୀ ସଂସ୍ଥା ପ୍ରାଟ୍ ଆଣ୍ଡ୍ ହ୍ୱିଟ୍‌ନେରୁ ସ୍ପେୟାର ଇଞ୍ଜିନ ନ ମିଳିବାରୁ ଉକ୍ତ ଏୟାରଲାଇନ୍ସର ମାତ୍ର ୫୦ ପ୍ରତିଶତ ବିମାନ ଉଡ଼ାଣ କରୁଛି। ଉଡ଼ାଣ ବନ୍ଦ ଘୋଷଣା ପରେ ବେସାମରିକ ବିମାନ ଚଳାଚଳ ନିୟାମକ ଡିଜିସିଏ ଗୋ ଫାଷ୍ଟକୁ ନୋଟିସ ଦେଇଛି। ବିମାନ ବାତିଲ ପୂର୍ବରୁ ସୂଚନା ଦେଇ ନ ଥିବାରୁ ଉକ୍ତ କମ୍ପାନୀକୁ ୨୪ ଘଣ୍ଟା ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଉଛି।

**ସମସ୍ୟା ପାଇଁ ଇଞ୍ଜିନ କମ୍ପାନୀକୁ ଦୋଷାରୋପ**

ଇଞ୍ଜିନ ଯୋଗାଣରେ ଆମେରିକୀୟ କମ୍ପାନୀର ବିଫଳତା ଯୋଗୁ ଦିଲ୍ଲୀର ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ସ୍ୱେଚ୍ଛାକୃତ ଭାବେ ଇନ୍‌ସଲ୍‌ଭେନ୍ସି ପାଇଁ ଆବେଦନ କରିବାକୁ ବାଧ୍ୟ ହେଲୁ ବୋଲି ୱାଡ଼ିଆ ଗ୍ରୁପ୍ ମାଲିକାନାରେ ଥିବା ଗୋ ଫାଷ୍ଟ ପକ୍ଷରୁ କୁହାଯାଇଛି। ପ୍ରାଟ ଆଣ୍ଡ ହ୍ୱିଟ୍‌ନି ଇଞ୍ଜିନ ମରାମତି କରିବାରେ ବିଫଳ ହେବା ସହ ଚୁକ୍ତି ମୁତାବକ ପର୍ଯ୍ୟାପ୍ତ ସ୍ପେୟାର ଯୋଗାଇପାରିଲା ନାହିଁ ବୋଲି ଏୟାରଲାଇନ୍ସ କହିଛି।

# କର୍ଣ୍ଣାଟକରେ 'ହନୁମାନ' ନାଟକ

- **କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବ୍ୟାନ୍ କରିବୁ: କଂଗ୍ରେସ**
- **କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ହନୁମାନଙ୍କୁ ଅପମାନିତ କରିଛି: ଭାଜପା**

**ବେଙ୍ଗାଲୁରୁ,୨।୫**


ନରେନ୍ଦ୍ର ମୋଦି



ବେଙ୍ଗାଲୁରୁରେ କଂଗ୍ରେସର ଇସ୍ତାହାର ଜାରି କରୁଛନ୍ତି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଦଳର ରାଜ୍ୟ ସଭାପତି ଡି.କେ. ଶିବକୁମାର।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭା ନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ତୀବ୍ର ହେବାରେ ଲାଗିଛି। ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଜାରି ଇସ୍ତାହାରରେ ବଜରଙ୍ଗ ଦଳ ଏବଂ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍ଆଇ) ଉପରେ ନିଷିଦ୍ଧାଦେଶ ଜାରି ସମ୍ପର୍କରେ ଘୋଷଣା କରାଯାଇଛି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୋସ୍‌ପେଟ୍‌ରେ ମଙ୍ଗଳବାର ଭାଜପାର ଏକ ଦଳୀୟ ସଭାରେ କହିଛନ୍ତି, ମୁଁ ହନୁମାନଙ୍କ ଜନ୍ମସ୍ଥାନକୁ ଆସି ନିଜକୁ ଧନ୍ୟ ମନେକରୁଛି। କିନ୍ତୁ ହନୁମାନଙ୍କ ଭକ୍ତ ବଜରଙ୍ଗ ଦଳକୁ ବ୍ୟାନ୍ କରିବା ନେଇ କଂଗ୍ରେସର ଘୋଷଣା ଶୁଣି ମର୍ମାହତ। କଂଗ୍ରେସ ପୂର୍ବରୁ ପ୍ରଭୁ ରାମଙ୍କୁ ତାଲା ପକାଇ ରଖିଥିଲା। କର୍ଣ୍ଣାଟକରେ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବ। ହନୁମାନଙ୍କ ଜନ୍ମସ୍ଥାନ କୁହାଯାଉଥିବା ଅଞ୍ଜନାଦ୍ରୀ ହିଲ୍ସ ଥିବା ଜିଲାରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। କଂଗ୍ରେସର ଏହି ଘୋଷଣାକୁ ନେଇ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ବଜରଙ୍ଗ ଦଳକୁ ମୌଳବାଦୀ ମୁସଲିମ୍ ସଙ୍ଗଠନ ପିଏଫ୍ଆଇ ସହ ତୁଳନା କରିବା ଦୁର୍ଭାଗ୍ୟଜନକ। ଅତୀତରେ ସିଦ୍ଧାରାମାୟା ସରକାର ପିଏଫ୍ଆଇ ବିରୋଧରେ ଥିବ ମାମଲାଗୁଡ଼ିକୁ ପ୍ରତ୍ୟାହାର କରିଥିଲେ। ମୁସଲମାନ ଭୋଟରଙ୍କୁ ସନ୍ତୁଷ୍ଟ କରିବା ଲାଗି ସେମାନେ ବଜରଙ୍ଗ ଦଳକୁ ବ୍ୟାନ୍ କରିବାକୁ ବାହାରିଛନ୍ତି। କଂଗ୍ରେସ ଏକ ଜାତୀୟତାବାଦୀ ସଙ୍ଗଠନକୁ ବଦ୍‌ନାମ କରିଥିବା କହି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ମଧ୍ୟ ସମାଲୋଚନା କରିଛି। ଭିଏଚ୍‌ପି ଯୁଗ୍ମ ମହାସଚିବ ସୁରେନ୍ଦ୍ର ଜୈନ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ବଜରଙ୍ଗ ଦଳ କଂଗ୍ରେସକୁ ଗଣତାନ୍ତ୍ରିକ ଉପାୟରେ ଏହାର ଜବାବ ଦେବ। ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ଭଗବାନ ହନୁମାନଙ୍କୁ ଅପମାନିତ କରିଛି। ଏହାର ଜବାବରେ କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ବଜରଙ୍ଗ ଦଳକୁ ଭଗବାନ ହନୁମାନ ସହ ତୁଳନା କରିବା ଲଜ୍ଜାଜନକ ବିଷୟ। ସେ ଆମ ଧର୍ମୀୟ ଭାବାବେଗକୁ କୁଠାରାଘାତ କରି ଅନେକ କୋଟି ହନୁମାନ ଭକ୍ତଙ୍କୁ ଅପମାନିତ କରିଥିବାରୁ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ।

### 'କାଳୀ' ଟୁଇଟ୍: କ୍ଷମା ମାଗିଲେ ୟୁକ୍ରେନ୍ ମନ୍ତ୍ରୀ

**କିଭ୍,୨।୫:** ୟୁକ୍ରେନ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତ ୩୦ ତାରିଖରେ କରାଯାଇଥିବା 'କାଳୀ' ଟୁଇଟ୍‌କୁ ନେଇ ବିବାଦ ସୃଷ୍ଟି ହେବା ପରେ ଯୁଦ୍ଧ ପ୍ରଭାବିତ ରାଷ୍ଟ୍ରର ବହିର୍ବ୍ୟାପାର ଉପମନ୍ତ୍ରୀ ଏମିନ୍ ଝାପରୋଭା କ୍ଷମା ମାଗିଛନ୍ତି। ଏପ୍ରିଲ ୯ରେ ଭାରତ ଗସ୍ତ କରିଥିବା ଏମିନ୍ ମଙ୍ଗଳବାର କହିଛନ୍ତି, ଦେବୀ କାଳୀଙ୍କୁ ଭୁଲ୍ ଭାବେ ଚିତ୍ରଣ କରାଯାଇଥିବାରୁ ସେ କ୍ଷମାପ୍ରାର୍ଥୀ। ଅନନ୍ୟ ଭାରତୀୟ ସଂସ୍କୃତିକୁ ୟୁକ୍ରେନ୍ ସମ୍ମାନ କରେ। ଭାରତ ସହ ଆମେ ଦ୍ୱିପାକ୍ଷିକ ସମ୍ମାନ ଓ ସମ୍ପର୍କ ଚାହୁଁ। ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ କରିଥିବା ଟୁଇଟ୍‌ରେ ବିସ୍ଫୋରଣସ୍ଥଳରେ ଉଠୁଥିବା ଧୂଆଁ ଭିତରେ ଜଣେ ମହିଳା କାଳୀ ବେଶରେ ଥିବା ଫଟୋ ରହିଥିଲା। କ୍ୟାପ୍ସନ ଲେଖାଯାଇଥିଲା 'ୱର୍କ ଅଫ୍ ଆର୍ଟ'। ଭାରତୀୟମାନେ ଏହାକୁ ଦେବୀ କାଳୀ ଦର୍ଶାଇ କିଭ୍‌ଠାରୁ କ୍ଷମା ଦାବି କରିଥିଲେ।




DHARITRI

ଭୁବନେଶ୍ୱର, ବୁଧବାର, ମେ ୩/୨୦୨୩ | Bhubaneswar, Wednesday, May 3/2023 | ପୃଷ୍ଠା-୧




## ରାହୁଲଙ୍କୁ ହାଇକୋର୍ଟରୁ ବି ମିଳିଲାନି ଆଶ୍ୱସ୍ତି

ମାନହାନି ମାମଲାରେ ରାହୁଲ ଗାନ୍ଧୀ ତଳକୋର୍ଟ ଦ୍ୱାରା ଦୋଷାସାବ୍ୟସ୍ତ ହୋଇଥିବାରୁ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଗୁଜରାଟ ହାଇକୋର୍ଟ ମନା କରିଦେଇଛନ୍ତି।

୦୨

୧୦

## ଅବସର ନେଲେ ସ୍ୱାଗତିକା

ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳି ସ୍ୱାଗତିକା ରଥ ଅବସର ଘୋଷଣା କରିଛନ୍ତି।





ପୁରୀ ରଥଖଳାରେ ମଙ୍ଗଳବାର ଡୁମ୍ବରେ ଅର ବିନ୍ଧ କରାଯାଉଛି। (ଫଟୋ: ଯଜ୍ଞେଶ୍ୱର)

# କମ୍ପାନୀ କବଳରେ କୁକୁଡ଼ାଚାଷୀ

**ଗ୍ରାମାଞ୍ଚଳରୁ ଆରମ୍ଭ କରି ଛକ, ବଜାର ଯାଏ କୁକୁଡ଼ା ମାଂସ ବିକ୍ରୟ କେନ୍ଦ୍ର ଚାଲିଛି। କେ.ଜି. ପ୍ରତି ୨୨୦ରୁ ୩୫୦ ଟଙ୍କାରେ ମାଂସ ବିକ୍ରି ହେଉଛି। ଏହାସତ୍ତ୍ୱେ କୁକୁଡ଼ା ଚାଷୀଙ୍କୁ ଲାଭ ମିଳୁନି। ଓଡ଼ିଶା ତଥା ବାହ୍ୟ ରାଜ୍ୟର କେତୋଟି କମ୍ପାନୀ ହାତକୁ ଏହି ବ୍ୟବସାୟ ଚାଲିଯାଇଛି। ଅପରପକ୍ଷରେ ୨୦୧୨ରେ ସ୍ଥାପିତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଚିଆଁ ଉତ୍ପାଦନ କେନ୍ଦ୍ର ବନ୍ଦ ପଡ଼ିଛି। ଏହି କେନ୍ଦ୍ରର ୧୧ ଲକ୍ଷ ଟଙ୍କାର ଇନ୍‌କ୍ୟୁବେଟର, ଜେନେରେଟର ଆଦିରେ ବୁଢ଼ିଆଣୀ ଜାଲ ମାଡ଼ିଗଲାଣି। ଆର୍ଥିକ ସ୍ଥିତି ସୁଧାରିବାକୁ କୁକୁଡ଼ା ଫାର୍ମ କରିଥିବା ଯୁବଗୋଷ୍ଠୀ କମ୍ପାନୀ ହାତରେ ବନ୍ଧା ପଡ଼ିଥିବା କହିଛନ୍ତି।**

କେନ୍ଦ୍ରାପଡ଼ା ଅଫିସ/ଯାଜପୁର ଅଫିସ, ୨।୫

- ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଉତ୍ପାଦନ କେନ୍ଦ୍ର ବନ୍ଦ ପଡ଼ିଛି
- ଦର ବୃଦ୍ଧି ସତ୍ତ୍ୱେ ଚାଷୀଙ୍କୁ ଲାଭ ମିଳୁନି
- ସର୍ତ୍ତ ନ ମାନିଲେ ଚଢ଼ା ଦରରେ ଚିଆଁ, ଦାନା, ଔଷଧ



କୁକୁଡ଼ା ଦର ନିୟନ୍ତ୍ରଣରେ ପ୍ରଶାସନର କୌଣସି ଭୂମିକା ରହୁନାହିଁ। ଫଳରେ କମ୍ପାନୀ କର୍ତ୍ତୃପକ୍ଷ ମନଇଚ୍ଛା ଲାଭ ଉଠାଉଥିବା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରର କାଳିଆ ସାମନ୍ତରାୟ, କଂସାର ଗ୍ରାମର ଶୁଭାଶିଷ ଜେନା, ପାଖଡ଼ ଗ୍ରାମର ରମାକାନ୍ତ ମଲ୍ଲିକ, ବାରିମୂଳର ସେକ୍ ହାସନ ପ୍ରମୁଖ କୁକୁଡ଼ା ଫାର୍ମ ମାଲିକ କହିଛନ୍ତି। ସେମାନଙ୍କ କହିବାନୁଯାୟୀ, ଆନ୍ଧ୍ର, ଛତିଶଗଡ଼ର ବଡ଼ ବଡ଼ କୁକୁଡ଼ା ବ୍ୟବସାୟୀ ଓଡ଼ିଶାରେ ଅର୍ଥ ଖଟାଇଛନ୍ତି। ଓଡ଼ିଶାର ୨ରୁ ୩ଟି କମ୍ପାନୀ ମଧ୍ୟ ଏହି କାରବାରରେ ସାମିଲ ହୋଇଛନ୍ତି। କମ୍ପାନୀଗୁଡ଼ିକ ଚିଆଁଠାରୁ ଆରମ୍ଭକରି ଦାନା, ଔଷଧ ଆଦି ଯୋଗାଇଥାନ୍ତି। ଚାଷୀ ବା ଫାର୍ମ ମାଲିକ କେବଳ ଫାର୍ମ ଘର, ବିଜୁଳି, ପାଣି ଓ ମାନବସମ୍ବଳ ବାବଦରେ ବ୍ୟୟ କରୁଛନ୍ତି। ଚାଷୀମାନେ କୁକୁଡ଼ାର ରକ୍ଷଣାବେକ୍ଷଣ କରିବା ପରେ କେ.ଜି. ପ୍ରତି ୩ରୁ ୫ଟଙ୍କା ପାଉଛନ୍ତି। କୁକୁଡ଼ା ଦର ବୃଦ୍ଧି ସହ ଚାଷୀଙ୍କ କୌଣସି ସମ୍ପର୍କ ନାହିଁ। ଫାର୍ମରେ କୁକୁଡ଼ା ପ୍ରାୟ ଦେଢ଼ କେ.ଜି. ହୋଇଗଲେ କମ୍ପାନୀ କର୍ତ୍ତୃପକ୍ଷ ତାହାକୁ ସଂଗ୍ରହ କରି ବଜାରରେ ବିକ୍ରି କରିଥାନ୍ତି। ଚାଷୀଙ୍କୁ କୁକୁଡ଼ା ବିକ୍ରି ପାଇଁ କୌଣସି ଅନୁମତି ନାହିଁ। କୁକୁଡ଼ା ପାଳନ ଆରମ୍ଭରୁ କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ଚାଷୀଙ୍କ ସହ ଚୁକ୍ତି କରୁଛନ୍ତି। ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରୀ ରିହାତିରେ କୁକୁଡ଼ା ଫାର୍ମ କରିଥିଲେ ମଧ୍ୟ ଚାଷୀମାନେ କମ୍ପାନୀର ଜାଲରେ ଛନ୍ଦି ହୋଇଯାଉଛନ୍ତି। କୌଣସି ଚାଷୀ କମ୍ପାନୀର ସର୍ତ୍ତ ନ ମାନିଲେ ସେମାନଙ୍କୁ କମ୍ପାନୀଗୁଡ଼ିକ ଚିଆଁ, ଔଷଧ, ଦାନା ଆଦିକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସରକାରଙ୍କ ନିୟନ୍ତ୍ରଣ ଏହି କମ୍ପାନୀ ଉପରେ ରହୁ ନ ଥିବାରୁ ରାଜ୍ୟବାସୀ ଉପଯୁକ୍ତ ମୂଲ୍ୟରେ ମାଂସ ପାଉ ନ ଥିବା ଚାଷୀମାନେ କହିଛନ୍ତି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଙ୍ଗିରା ଗ୍ରାମର କୁକୁଡ଼ା ଫାର୍ମ ମାଲିକ ବସନ୍ତ ଚକ୍ର କହିଛନ୍ତି ଯେ, ଜମି, ଘର, ପାଣି, ବିଦ୍ୟୁତ୍, ଜାଲି, ଶ୍ରମିକ ଇତ୍ୟାଦି ବ୍ୟବସ୍ଥା କରିବା ପରେ କମ୍ପାନୀ କେବଳ କୁକୁଡା ଚିଆଁ ସହ ମେଡିସିନ ଓ ଦାନା ଦେଇଥାନ୍ତି। ସେ ୪ ହଜାର କୁକୁଡ଼ା ପାଇଁ ୩ ହଜାର ବର୍ଗଫୁଟର ଏକ ଫାର୍ମ କରିଛନ୍ତି। ସେଥିପାଇଁ ସେ ୨ ଲକ୍ଷ ଟଙ୍କା ବିନିଯୋଗ କରିଥାନ୍ତି। ୪୦ରୁ ୪୫ ଦିନ ପରେ କୁକୁଡା ବିକ୍ରି କରିବାକୁ ଉଦ୍ଦିଷ୍ଟ ହୋଇଥାଏ। ସେତେବେଳେ କମ୍ପାନୀ ବାଲା କେ.ଜି. ପିଛା ୬ରୁ ୭ ଟଙ୍କା ଦେଇ କୁକୁଡା ନେଇଥାନ୍ତି। ସେହି ଅନୁସାରେ ସେ ୪୦ଦିନରେ ପ୍ରାୟ ୪୫ ହଜାର ଟଙ୍କା ପାଉଛନ୍ତି। ବିଭିନ୍ନ କାରଣରୁ କୁକୁଡ଼ା ମରିଯାଆନ୍ତି। ଏଭଳି ସ୍ଥିତିରେ ବହୁତ କ୍ଷତି ସହିବାକୁ ପଡ଼େ। ପରିଶ୍ରମ ତୁଳନାରେ ଲାଭ ବହୁତ କମ୍ ବୋଲି ବସନ୍ତ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଆୟତପୁର ଗ୍ରାମର କୁକୁଡା ଫାର୍ମ ମାଲିକ ପିନୁ ସାମନ୍ତରାୟ କହିଛନ୍ତି ଯେ, ୨୦୦୦ କୁକୁଡା ପାଳନ ପାଇଁ ୭୫ ମିଟର ଲମ୍ବ ଓ ୩୩ ମିଟର ପ୍ରସ୍ଥର ଗୃହ ଆବଶ୍ୟକ ଥିଲା। ଏଥିସହିତ ଅନ୍ୟାନ୍ୟ ☞ପୃଷ୍ଠା-୨

# ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବେ ପାୱାର

ମୁମ୍ବାଇ, ୨।୫



ଶରଦ ପାୱାର

ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ ଭାବେ ପରିଚିତ ତଥା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସ୍ଥପତି ଶରଦ ଗୋବିନ୍ଦରାଓ ପାୱାର ମଙ୍ଗଳବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଛନ୍ତି। ପାୱାରଙ୍କ ଏହି ଘୋଷଣା କେବଳ ମହାରାଷ୍ଟ୍ର ନୁହେଁ, ଜାତୀୟ ରାଜନୀତିରେ ସମସ୍ତଙ୍କୁ ବିସ୍ମିତ କରିଛି। ଏଥିସହ ତାଙ୍କ ଉତ୍ତରାଧିକାରୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ନୂଆ ଅଧ୍ୟକ୍ଷ ଚୟନ ପାଇଁ ପାୱାରଙ୍କ ଘରେ ଏକ କମିଟି ବୈଠକ ଚାଲିଛି।

ଇଟାଲୀରେ ଜନ୍ମିତ ସୋନିଆ ଗାନ୍ଧୀ କଂଗ୍ରେସର ନେତୃତ୍ୱ ନେବା ଅଧିକାରକୁ ନେଇ ୧୯୯୯ରେ ପ୍ରଶ୍ନ ଉଠାଇଥିବା ତତ୍କାଳୀନ ବରିଷ୍ଠ ନେତା ଶରଦ ପାୱାର, ପି.ଏ. ସାଙ୍ଗମା ଓ ତାରିକ୍ ଅନ୍‌ୱରଙ୍କୁ ମେ' ୨୦ରେ ଦଳରୁ ବହିଷ୍କାର କରାଯାଇଥିଲା। ସେହିବର୍ଷ ଜୁନ୍ ୧୦ରେ ପାୱାର ଗୋଷ୍ଠୀ ଏନ୍‌ସିପି ଗଠନ କରିଥିଲେ। ଏନ୍‌ସିପି ସହ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ସିହ୍ନାଙ୍କ ନେତୃତ୍ୱାଧୀନ ଇଣ୍ଡିଆନ୍ କଂଗ୍ରେସ (ସୋସିଆଲିଷ୍ଟ) ପାର୍ଟିର ବିଲୟ ହୋଇଥିଲା। ସେବେଠୁ ପାୱାର ନବଗଠିତ ଏନ୍‌ସିପି ଅଧ୍ୟକ୍ଷ ପଦ ତୁଲାଇ ଆସୁଥିଲେ। ମଙ୍ଗଳବାର ମୁମ୍ବାଇରେ ନିଜ ମରାଠୀ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତି' (ମୋ ସାଥିରେ ଲୋକେ)ର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିବା ସହ ଦଳୀୟ ନେତା ଓ କର୍ମୀଙ୍କୁ ଚମକାଇ ଦେଇଛନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପାୱାର କହିଛନ୍ତି, ☞ପୃଷ୍ଠା-୨

# ୩୯% ଭାରତୀୟ ପରିବାର ଅନ୍‌ଲାଇନ ଠକେଇର ଶିକାର

ନୂଆଦିଲ୍ଲୀ, ୨।୫



**ମାତ୍ର ୨୪% ପରିବାର ଅର୍ଥ ଫେରି ପାଇଛନ୍ତି: ସର୍ଭେ**

ଗତ ୩ ବର୍ଷ ମଧ୍ୟରେ ଭାରତର ପ୍ରାୟ ୩୯% ପରିବାର ଅନ୍‌ଲାଇନ୍‌ରେ ଆର୍ଥିକ ଠକେଇର ଶିକାର ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଲୋକାଲ୍ ସର୍କଲ ପକ୍ଷରୁ କରାଯାଇଥିବା ଏହି ସର୍ବେକ୍ଷଣରେ ସାମିଲ ପରିବାରଗୁଡ଼ିକ ମଧ୍ୟରୁ ମାତ୍ର ୨୪% ସେମାନଙ୍କ ଅର୍ଥ ଫେରିପାରିଥିବା କହିଛନ୍ତି। ମଙ୍ଗଳବାର ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ଜରିଆରେ ସର୍ବାଧିକ ୨୩% ଠକେଇର ଶିକାର ହୋଇଛନ୍ତି। କିଣାବିକା ବେଳେ ଓ କ୍ଲାସିଫାଏଡ୍ ସାଇଟ୍ ଜରିଆରେ ୧୩% ୟୁଜର୍ସ ନିଜ ଟଙ୍କା ହରାଇଛନ୍ତି। ୧୩ ପ୍ରତିଶତଙ୍କ ଠାରୁ ବିଭିନ୍ନ ୱେବ୍‌ସାଇଟ୍‌ରେ ଟଙ୍କା ନିଆଯାଇଥିଲେ ହେଁ ଅର୍ଡର ସାମଗ୍ରୀ ସେମାନଙ୍କୁ ଡେଲିଭର କରାଯାଇ ନାହିଁ। ୧୦% ଲେଖାଏ ଏଟିଏମ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ତଥ୍ୟା ୧୬% ଅନ୍ୟ ପ୍ରକାର ଠକେଇର ଶିକାର ହୋଇଛନ୍ତି। ତଥ୍ୟରୁ ଜଣାପଡ଼ିଛି ଯେ, ସର୍ଭେରେ ସାମିଲ ହୋଇଥିବା ୟୁଜର୍ସଙ୍କ ମଧ୍ୟରୁ ୩୦% ପରିବାରର ଜଣେ ଲେଖାଏ ସଦସ୍ୟ ଠକେଇରେ ପଡ଼ିଛନ୍ତି। ୯ ପ୍ରତିଶତଙ୍କ ପରିବାରର ଏକାଧିକ ସଦସ୍ୟ ଗତ ୩ ବର୍ଷ ମଧ୍ୟରେ ଆର୍ଥିକ ଠକେଇର ଶିକାର ହୋଇଛନ୍ତି। ଅବଶିଷ୍ଟ ୫୭% ଏଭଳି ଜାଲରେ ଫସିବାରୁ ବର୍ତ୍ତିଯାଇଥିବା କହିଛନ୍ତି। ୪% କୌଣସି ଉତ୍ତର ଦେଇନାହାନ୍ତି। ଦେଶର ୩୩୧ ଜିଲାର ପ୍ରାୟ ୩୨,୦୦୦ ଉତ୍ତରଦାତାଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୬% ପୁରୁଷ ଓ ୩୪% ମହିଳା। ୧୮% ନିଜ ଟଙ୍କା ଫେରିପାଇବା ପାଇଁ ସମ୍ପୃକ୍ତ ପ୍ଲାଟ୍‌ଫର୍ମରେ ଅଭିଯୋଗ ଦାଖଲ କରିଥିବାବେଳେ ୬% ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୪୧% ୟୁଜର୍ସ ସେମାନଙ୍କ ଅଭିଯୋଗର ଶୁଣାଣି ହୋଇ ନ ଥିବା କହିଥିବାବେଳେ ୧୭% କେଉଁଠି କମ୍ପ୍ଲେନ୍ ଫାଇଲ୍ କରିବେ ତାହା ଜାଣିନାହାନ୍ତି।

# ଆମେରିକାରେ ଫେକ୍ ୱେବ୍‌ସାଇଟ୍, ହଂକଂରୁ ପରିଚାଳନା

**୧୧.୯୧ ଲକ୍ଷ ଫ୍ରିଜ୍ କଲା ଇଓଡବ୍ଲ୍ୟୁ**

ଭୁବନେଶ୍ୱର, ୨।୫(ବ୍ୟୁରୋ)

- ୩-୪ ମାସରେ ହୋଇଛି ୩୯.୧୧ କୋଟିର କାରବାର
- ଦେଶବ୍ୟାପୀ ୩୭୦୦ ନିବେଶକାରୀ ଠକେଇର ଶିକାର ସନ୍ଦେହ
- ଅତିରିକ୍ତ ଆୟର ଲୋଭ ଦେଖାଇ ଫସାଉଛନ୍ତି ସାଇବର ଠକ

ଗେଟ୍ ଶୋ' ଆପ୍ ଜରିଆରେ କ୍ରିପ୍ଟୋ ମାଇନିଂରେ ଟଙ୍କା ବିନିଯୋଗ ନାଁରେ ସାରା ଦେଶରେ ହୋଇଥିବା ୧୪୪ କୋଟିରୁ ଊର୍ଦ୍ଧ୍ୱ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ ଜାରି ରଖିଛି। ଏହି ମାମଲା (ନଂ.୧୦/୨୦୨୩)ର ତଦନ୍ତ କରୁଥିବାବେଳେ ଇଓଡବ୍ଲ୍ୟୁ ଟିମ୍ ଆଉ ଏକ ଫେକ୍ ୱେବ୍‌ସାଇଟର ସନ୍ଧାନ ପାଇଛି। ଏହି ୱେବ୍‌ସାଇଟ୍ 'www.smsmvip.com'କୁ ଖୋଲିବା ପରେ ଏହାର ନାମ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**କଳା ପାଇଁ ବିପତ୍ତି**

# ଖରାଛୁଟି ପାଠପଢ଼ା ପାଇଁ ଟୋଲ୍ ଫ୍ରି ନମ୍ବର ଜାରି

**ଛାତ୍ରୀଛାତ୍ରମାନେ ଫୋନ୍ କରି ପ୍ରଶ୍ନ ପଚାରିପାରିବେ**

ଭୁବନେଶ୍ୱର, ୨।୫(ବ୍ୟୁରୋ)

ଖରାଛୁଟିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ମେ' ୧ ତାରିଖରୁ ଏହି ନମ୍ବର କାର୍ଯ୍ୟକାରୀ ହୋଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲାକୁ ସ୍ଥିରୀକୃତ କାର୍ଯ୍ୟାନ୍ୱୟନ ପ୍ରଣାଳୀ (ଏସ୍‌ଓପି) ଜାରି କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲାରେ ସହାୟତା କେନ୍ଦ୍ର ଖୋଲାଯାଇ ପ୍ରତିଦିନ ୪ ଜଣ ବିଷୟଭିତ୍ତିକ ଏବଂ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟଦିବସରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହା କାର୍ଯ୍ୟକାରୀ ହେବ। ଏହି ଦେୟମୁକ୍ତ ନମ୍ବରକୁ ଛାତ୍ରୀଛାତ୍ରମାନେ ଫୋନ୍ କରି ସିଧାସଳଖ ପ୍ରଶ୍ନ ପଚାରିପାରିବେ ଏବଂ ସହାୟତା କେନ୍ଦ୍ରରେ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକମାନେ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବେ। ଏହା ବ୍ୟତୀତ ବିଦ୍ୟାଳୟ ସ୍ତରରେ ହୋମ୍‌ୱାର୍କ ତଦାରଖ ବ୍ୟବସ୍ଥା କରାଯାଇଛି। ଟୋଲ୍ ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହ ସହାୟତା କେନ୍ଦ୍ରରୁ ଯୋଗାଯୋଗ କରାଯାଇପାରିବ। ଉଭୟ ଟୋଲ୍ ଫ୍ରି ନମ୍ବରରେ ତଥା ବିଦ୍ୟାଳୟ ସହ ଯୋଗାଯୋଗ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟରରେ ଲେଖାଯିବ। ଏ ନେଇ ପ୍ରତିଦିନ ରାଜ୍ୟସ୍ତରରେ 'ବିଦ୍ୟା ସମୀକ୍ଷା କେନ୍ଦ୍ର'ରୁ ସମୀକ୍ଷା କରାଯିବାର ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ଜିଲା ପାଇଁ ପୃଥକ୍ ପୃଥକ୍ ଦେୟମୁକ୍ତ ଟେଲିଫୋନ୍ ନମ୍ବର ଜାରି ହୋଇଛି। ଅନୁଗୋଳ ପାଇଁ ୧୮୦୦-୩୪୫-୭୫୨୧, ☞ପୃଷ୍ଠା-୨

# ଜେସିବିରେ କନ୍ୟାଘରକୁ ଆସିଲେ ବର

ଖଣ୍ଡପଡ଼ା, ୨।୫(ସ୍ୱ.ପ୍ର.)

ଦିନଥିଲା ବିବାହ ପାଇଁ ବର କନ୍ୟାଘରକୁ ବରଯାତ୍ରୀ ନେଇ ଶଗଡ଼, ପାଲିଙ୍କି କିମ୍ବା ଘୋଡ଼ା ଗାଡ଼ିରେ ବସି ଆସୁଥିଲେ। ଏପରି କି ନଦୀକୂଳିଆ ଲୋକମାନେ ଡଙ୍ଗାରେ ବର ନେଇ ବିବାହ ପାଇଁ କନ୍ୟାଘରେ ପହଞ୍ଚୁଥିଲେ। ହେଲେ ଆଜିର ସଭ୍ୟ ସମାଜରେ ସେହି ପରମ୍ପରାରେ ବହୁ ପରିବର୍ତ୍ତନ ଆସିଛି। ଏବେ ବରଯାତ୍ରୀ ଶୋଭାଯାତ୍ରାରେ ଦାମୀ ଗାଡ଼ି, ଘୋଡ଼ା, ହାତୀର ବି ବ୍ୟବହାର କରାଯାଉଛି। କେହି କେହି ବିମାନରେ ବିବାହ ଉତ୍ସବ ପାଳନ କରୁଛନ୍ତି। ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳକୁ ବିବାହ ପାଇଁ ଜଣେ ଯୁବକ ଜେସିବିରେ ବସି ଆସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ବୌଦ୍ଧ ଜିଲା ଚାରିଛକ ନିକଟ ଛତରଙ୍ଗ ଅଞ୍ଚଳର ଗଙ୍ଗାଧର ବେହେରା ଏକ ସୁସଜ୍ଜିତ ଜେସିବିରେ ବସି ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପଞ୍ଚାୟତ କିଆଝର ପାଟଣା ଗ୍ରାମକୁ ବିବାହ ପାଇଁ କନ୍ୟାଘରକୁ ଆସିଥିଲେ। ତାଙ୍କ ସହିତ ଶତାଧିକ ବରଯାତ୍ରୀ ଥିଲେ। ଏହି ବରଯାତ୍ରୀ ଶୋଭାଯାତ୍ରା ଆଗରେ ବିଭିନ୍ନ ବାଜା ରୋଶଣି ଚାଲିଥିଲା। ବରଯାତ୍ରୀମାନେ ବାଜାର ତାଳେ ତାଳେ ନାଚ କରୁଥିଲେ। ବର ବେଶରେ ଗଙ୍ଗାଧର ଜେସିବିରେ ବସି ଖୁବ୍ ମଜା ଉଠାଇଥିଲେ। ଏପରି କି ଅଧିକାଂଶ ସମୟରେ ଜେସିବି ଚାଳକ ଜେସିବି କ୍ୟାବିନ୍‌କୁ ଉପର ତଳ କରୁଥିଲେ। ଏପରି ଏକ ନିଆରା ଶୋଭାଯାତ୍ରା ଦେଖିବାକୁ ଗାଁ ଦାଣ୍ଡରେ ଭିଡ଼ ଜମିଥିଲା। ଶେଷରେ କନ୍ୟା ଘର ସମ୍ମୁଖରେ ବରଯାତ୍ରୀ ପହଞ୍ଚିବା ପରେ ସଂପୃକ୍ତ ଗ୍ରାମର ସମୀର ବେହେରାଙ୍କ ଝିଅ ସରସ୍ୱତୀଙ୍କ ସହ ବୈଦିକ ରୀତିନୀତିରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା।





ମୃତ କଳା ମହାବଳବାଘ

# ଶିମିଳିପାଳରେ କଳା ମହାବଳର ମୃତ୍ୟୁ

ବାରିପଦା ଅଫିସ, ୨।୫

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏକ କଳା ମହାବଳ ବାଘର ମୃତଦେହକୁ ବନ ବିଭାଗ ଜବତ କରିଛି। ଏନେଇ ପିସିସିଏଫ୍ ସୁଶୀଲ କୁମାର ପୋପଲିଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ଟାସ୍କଫୋର୍ସ ଟିମ୍ ଶିମିଳିପାଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁଇ ମହାବଳ ବାଘ ମଧ୍ୟରେ ଲଢ଼େଇ କାରଣରୁ କଳା ବାଘର ମୃତ୍ୟୁ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ (ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ଦକ୍ଷିଣ ଡିଭିଜନ ନଅାଁଣା ରେଞ୍ଜ ବଡ଼ ମକାବାଡ଼ି-୨ ବିଟ୍ ଅଞ୍ଚଳରେ ଏକ କଳା ମହାବଳ ବାଘର ମୃତଦେହ ବନ କର୍ମଚାରୀମାନେ ଠାବ କରିଥିଲେ। ଖବରପାଇ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ର ସଦସ୍ୟ, ଯୁଗ୍ମ ଟାସ୍କଫୋର୍ସ, ଆର୍‌ସିସିଏଫ୍ ଡ. ଗୋଗନେନି, ଉପନିର୍ଦ୍ଦେଶକ ସମ୍ରାଟ ଗୌଡା, ୩ଜଣ ଏସିଏଫ, ପ୍ରାଣୀ ଚିକିତ୍ସକ ଡା.ପୀୟୂଷ ସୋରେନ ଓ ବିଭୁପ୍ରସାଦ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବାଘଟି ଅଣ୍ଡିରା ଓ ଏହାର ବୟସ ସାଢ଼େ ୩ବର୍ଷ ହୋଇଥିବା ଅନୁମାନ କରାଯାଉଛି। ☞ପୃଷ୍ଠା-୨

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩ ମେ’, ୨୦୨୩

**ଆଜିର ମନ୍ତବ୍ୟ**

“ବୁକର ପୁରସ୍କାର ବିଜେତା ସଲମାନ ରଶ୍‌ଦି ‘ବର୍ତ୍ତମାନର ମହାନ୍ ଭାରତୀୟ ପ୍ରାବନ୍ଧିକ’। ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବା ବହୁ ବିଳମ୍ବିତ ହେଲାଣି। ଏହାକୁ ଅଧିକ ଦିନ ସ୍ଥଗିତ ରଖାଯିବା ଉଚିତ ନୁହେଁ।

– ଶଶୀ ଥରୁର, କଂଗ୍ରେସ ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଡ଼ାକେ ମରି କଡ଼ାକେ ତରି,**
**କଡ଼ାକେ ଘର ଦୁଆର କରି।**

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ। ଜଞ୍ଜାଳକୁ ଡରି ନ ଯାଇ ଯିଏ ଦୃଢ ଭାବେ ମୁକାବିଲା କରେ ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇଦିଏ ସେ ହିଁ ପ୍ରଂଶସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୋଳରେ ଶୁଏ, କାନରେ କୁହେ,**
**ତା’ କଥା କି ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା’ର ଇପ୍‌ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ’ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ୍ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାୟ ଉପରେ ସ୍ଥଗିତାଦେଶ ଦେଲେନି ହାଇକୋର୍ଟ

## ରାହୁଲ ଗାନ୍ଧୀ ମାନହାନି ମାମଲା



**ନୂଆଦିଲ୍ଲୀ,୨।୫:** ମାନହାନି ମାମଲାରେ ରାହୁଲ ଗାନ୍ଧୀ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବାରୁ ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ୨୦୧୯ରେ ନିର୍ବାଚନ ପ୍ରଚାର ବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ମନ୍ତବ୍ୟ ଦେଇଥିବାରୁ ରାହୁଲଙ୍କୁ ସୁରଟର ଏକ ଅଦାଲତ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଫଳରେ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଥିଲା। ଦଣ୍ଡ ଉପରେ ସ୍ଥଗିତାଦେଶ ପାଇଁ ସୁରଟ ସେସନ୍ସ କୋର୍ଟ ମନା କରିଦେବା ପରେ ସେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରୀଷ୍ମାବକାଶ ପରେ ଅର୍ଥାତ୍ ଜୁନ୍‌ରେ ରାହୁଲଙ୍କ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ନେଇ ବିଚାର କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ମେ’ ୫ ରୁ ଜୁନ୍ ୪ ପର୍ଯ୍ୟନ୍ତ ଗ୍ରୀଷ୍ମାବକାଶ ରହିଥିବାରୁ ଜୁନ୍ ୫ରେ କୋର୍ଟ ଖୋଲିବ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ମାଓବାଦୀ ନିହତ

**ରାଇଘର/ନବରଙ୍ଗପୁର, ୨।୫(ଡି.ଏନ୍.ଏ./ବି.ପ୍ର.):** ଛତିଶଗଡ଼ ପୋଲିସକୁ ମିଳିଛି ବଡ଼ ସଫଳତା। ଦାନ୍ତେୱାଡା ବିସ୍ଫୋରଣର କଡ଼ା ଜବାବ ଦେଇଛି ଗରିଆବନ୍ଧ ପୋଲିସ। ଛତିଶଗଡ଼ ଜୁଗାଡ଼ ଥାନା ଅଧୀନ କର୍ଲାଜହର ଅଞ୍ଚଳର କ୍ୟାଡର ମାଓବାଦୀ ନନ୍ଦଲାଲ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ନନ୍ଦଲାଲଙ୍କ ପାଇଁ ଛତିଶଗଡ଼ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ସୂଚନାନୁଯାୟୀ, ଓଡ଼ିଶା ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ଅଞ୍ଚଳରେ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନ ୨୦୭ ଏବଂ ସ୍ଥାନୀୟ ପୋଲିସ ଫୋର୍ସ ମିଳିତଭାବେ ମଙ୍ଗଳବାର ସକାଳେ ଏନ୍‌କାଉଣ୍ଟର କରିଥିଲେ। ଏଥିରେ କ୍ୟାଡର ମାଓବାଦୀ ନନ୍ଦଲାଲଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ନିକଟରୁ ୩ ନଟ୍, ୩ ବନ୍ଧୁକ ଜବତ କରାଯାଇଛି। ଏଥିସହିତ ଅନେକ ମାଓବାଦୀ ସାମଗ୍ରୀ ମିଳିଥିବା ଜଣାପଡ଼ିଛି।





ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସରେ ମଙ୍ଗଳବାର ରାଉରକେଲା ହକର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ସଭାରେ ଯୋଗଦେଇଥିବା ବିଭିନ୍ନ ଖବରକାଗଜର ଅଧିକାରୀ ଏବଂ ଶ୍ରମିକ ନେତା।

# ‘ଗଣମାଧ୍ୟମର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରାଯାଉଛି’

## ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ଚକ୍ର

## ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ଭାରତରେ ୧୭୭୯ରେ କୋଲକାତାଠାରେ ‘ଦି ବେଙ୍ଗଲ୍ ଗେଜେଟ୍’ ଖବରକାଗଜ ପ୍ରକାଶିତ ହୋଇଥିଲା। ୧୮୬୬ ଅଗଷ୍ଟ ୪ରେ ଓଡ଼ିଶାର କଟକରେ ଗୌରୀଶଙ୍କର ରାୟ ଏବଂ ବାବୁ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ‘ଉତ୍କଳ ଦୀପିକା’ ପ୍ରକାଶିତ ହୋଇଥିଲା। ଖବରକାଗଜ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସତ୍ୟ, ନିରପେକ୍ଷ ଖବର ପ୍ରକାଶ କରି ଜନଗଣଙ୍କ ସେବା କରିବା ଖବରକାଗଜର ମୁଖ୍ୟ ଦାୟିତ୍ୱ। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ବିଭିନ୍ନ ବାଟରେ ହସ୍ତକ୍ଷେପ କରାଯାଉଛି। ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶ କରୁଥିବା ଗଣମାଧ୍ୟମକୁ ବନ୍ଦ କରିବା ପାଇଁ ପ୍ରକାଶକ ଓ ସମ୍ପାଦକଙ୍କ ଉପରେ ବେଆଇନ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖବରକାଗଜ ସ୍ୱାଧୀନତା ତାଲିକାରେ ବିଶ୍ୱରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦ରେ ରହିଛି ବୋଲି ମତ ପ୍ରକାଶ ପାଇଛି। ରାଉରକେଲା ହକର୍ସ ଆସୋସିଏଶନ୍ ପକ୍ଷରୁ ମଙ୍ଗଳବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ‘ଓଡ଼ିଶାରେ ଖବରକାଗଜ ପ୍ରସାରଣ ଓ ବିକ୍ରେତାଙ୍କ ପାଇଁ ସାମାଜିକ ସୁରକ୍ଷା’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍‌ର ସଭାପତି ବିଷ୍ଣୁଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲୋକସେବକ ମଣ୍ଡଳ ଓ ସମାଜର ସମ୍ପାଦକ ନିରଞ୍ଜନ ରଥ, ଧରିତ୍ରୀର ଫାଇନାନ୍ସ ମୁଖ୍ୟ ପ୍ରତାପ ଚନ୍ଦ୍ର ବେହେରା, ସମ୍ବାଦର ସିଇଓ କମଳାକାନ୍ତ ମହାପାତ୍ର, ସକାଳର ପରିଚାଳକ ସୁବ୍ରତ ଦାସ, ପ୍ରମେୟର ସମ୍ପାଦକ ଗୋପାଳ ମହାପାତ୍ର, ପରିଚାଳକ ଗଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ସ୍ଥିତି, ଖବରକାଗଜ ବିକ୍ରେତାମାନଙ୍କର ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆସୋସିଏଶନ ପକ୍ଷରୁ ହକରମାନଙ୍କ ନିମନ୍ତେ ସରକାରଙ୍କ ନିକଟରେ ୧୦ଟି ଦାବି ଉପସ୍ଥାପନ କରାଯାଇଥିଲା। ରାଜ୍ୟର ସମସ୍ତ ହକରଙ୍କୁ ପରିଚୟ ପତ୍ର ପ୍ରଦାନ କରିବା, ଗୋଷ୍ଠୀ ବୀମା ଜରିଆରେ ସେମାନଙ୍କୁ ୧୦ଲକ୍ଷ ଟଙ୍କା ପ୍ରଦାନ କରିବା, ନିର୍ମାଣ ଶ୍ରମିକଙ୍କ ଭଳି ସାଧାରଣ ମୃତ୍ୟୁରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା, ସାଇକେଲ ଏବଂ ସମସ୍ତ ସେଫ୍ଟି କିଟ୍‌ସ ଓ ପୋଷାକ ଦେବା, ଦୁର୍ଘଟଣାଜନିତ କ୍ଷତିପୂରଣ ୪ଲକ୍ଷ ଟଙ୍କା ପ୍ରଦାନ କରିବା, ହକରମାନଙ୍କ ଝିଅ ବାହାଘର ପାଇଁ ୧ଲକ୍ଷ ଟଙ୍କା ଦେବା, ସମସ୍ତ ହକରଙ୍କୁ ସ୍ୱାସ୍ଥ୍ୟକାର୍ଡରେ ମାଗଣା ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ବିମାନ ମାଇତି ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେବେ’

## ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ

**ପୁରୀ ଅଫିସ,୨।୫**

ଶ୍ରୀମନ୍ଦିର ନୂତନ ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୦୭ ବ୍ୟାଚର ଆଇଏଏସ୍ ରଞ୍ଜନ କୁମାର ଦାସ। ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ବୀର ବିକ୍ରମ ଯାଦବଙ୍କଠାରୁ ବିଧିବଦ୍ଧ ଭାବେ ନୂତନ ପ୍ରଶାସକ ଦାସ ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ଶ୍ରୀମନ୍ଦିର ନୀତି ପ୍ରଶାସକ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। କିଭଳି ମହାପ୍ରଭୁଙ୍କ ସବୁ କାର୍ଯ୍ୟ ସୁରୁଖୁରୁରେ ହେବ ସେ ନେଇ ପ୍ରାର୍ଥନା କରିଥିଲେ। ଏ ନେଇ ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ସେ ଅତି ନିକଟରୁ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଦର୍ଶନ କରି ଭାଗ୍ୟବାନ ମନେ କରୁଛି। ତେବେ ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଏକ ବଡ଼ ଆହ୍ୱାନ ରହିଛି। ମହାପ୍ରଭୁଙ୍କ ଆଶୀର୍ବାଦରେ ଚଳିତ ବର୍ଷର ରଥଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ସେ ଆଶା ରଖିଛନ୍ତି। ସେବାୟତ, ପ୍ରଶାସନିକ ଅଧିକାରୀ, ଭକ୍ତଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟ ହେବ। ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ବଡ଼ ଚାଲେଞ୍ଜ। କାର୍ଯ୍ୟର ଅଗ୍ରଗତି ଚାଲିଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ହେବ। ସମସ୍ତଙ୍କ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟ ରଥଯାତ୍ରା ପୂର୍ବରୁ ଶେଷ ହେବ ବୋଲି ଦାଶ କହିଛନ୍ତି। ସେହିପରି ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ନେବେ ବୋଲି ସେ କହିଛନ୍ତି। ଅନ୍ୟାନ୍ୟ କାର୍ଯ୍ୟ ନେଇ ସେ ସମୀକ୍ଷା କରିବେ। ସେହିପରି ସବୁ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଶେଷ କରିବା ପାଇଁ ସେ ଉଦ୍ୟମ କରିବେ। ଶ୍ରଦ୍ଧାଳୁ ଯେଭଳି ଦର୍ଶନ ସହ ପୁରୀରୁ ଏକ ସୁଖଦ ଅନୁଭୂତି ନେଇ ଫେରିବା ତାହା ସମସ୍ତଙ୍କ ମୂଳ ଲକ୍ଷ୍ୟ ରହିବ। ଏଥିସହ ସେବାୟତଙ୍କ ପିଲାଙ୍କ ପାଇଁ ହେଉଥିବା ଗୁରୁକୁଳ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହେଉଥିବା ସମସ୍ତ ପ୍ରକଳ୍ପ ନେଇ ସେ ଖୁବ୍‌ଶୀଘ୍ର ବୈଠକ କରିବେ।

ପ୍ରଥମ ପୃଷ୍ଠାରୁ...

## କମ୍ପାନୀ କବଳରେ...

ଖର୍ଚ୍ଚ ପାଇଁ ସେ ବ୍ୟାଙ୍କରୁ ୨୦୨୦ରେ ସାଢ଼େ ୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଅନୁସୂଚିତ ଜାତି ପାଇଁ ରିହାତି ୫୦ ପ୍ରତିଶତ ଥିବାବେଳେ ସାଧାରଣ ବର୍ଗହେତୁ ୪୦ ପ୍ରତିଶତ ରିହାତି ମିଳିଲା। ତେବେ ଚିଆଁରୁ ବିକ୍ରି ପର୍ଯ୍ୟନ୍ତ କମ୍ପାନୀ ଅଧୀନରେ ରହିବାକୁ ପଡୁଛି। ଚୁକ୍ତି ମୁତାବକ କୁକୁଡ଼ା ପାଳନ ବ୍ୟତୀତ ବିକ୍ରି ସୁବିଧା ନାହିଁ। ପ୍ରଥମ ବର୍ଷ ପାଳନ ସମୟରେ ଅଭିଜ୍ଞତା ନ ଥିବାରୁ କେତେକ ଚିଆଁ ମରିଥିଲେ। ଏଥିରେ କମ୍ପାନୀ ପକ୍ଷରୁ ଅଧିକ କ୍ଷତି ଭରଣା ହୋଇଥିଲା। ଲାଭ ନ ହେବାରୁ ସେ କୁକୁଡ଼ା ପାଳନ କେନ୍ଦ୍ରକୁ ବନ୍ଦ କରିଦେଇଥିବା କହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚିଆଁ ଉତ୍ପାଦନ ଓ ଦାନା ବ୍ୟବସ୍ଥା ହେଲେ ଯୁବୋଦ୍ୟୋଗୀ କୁକୁଡ଼ା ଚାଷରେ ସଫଳ ହେବେ ବୋଲି ସାମନ୍ତରାୟ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାରେ ଅଣ୍ଡା ଓ କୁକୁଡ଼ା ମାଂସ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଚିଆଁ ଉତ୍ପାଦନ କେନ୍ଦ୍ର ୧୧ ବର୍ଷ ପୂର୍ବେ ଖୋଲାଯାଇଥିଲା। ଏହି ପ୍ରକଳ୍ପରେ ପ୍ରାୟ କୋଟିଏ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କୁକୁଡ଼ା ଚାଷୀଙ୍କୁ ଟଙ୍କାଟିଏ ଲାଭ ମିଳୁନାହିଁ। ଉକ୍ତ କେନ୍ଦ୍ରରେ ଥରେ ମାତ୍ର ଚିଆଁ ଉତ୍ପାଦନ ହେବାପରେ ତାହା ବନ୍ଦ ହୋଇରହିଛି। ବଜାରରେ କୁକୁଡ଼ା ମାଂସ ଚାହିଦା ଦ୍ରୁତଗତିରେ ବଢୁଥିବାବେଳେ ଚାଷୀ ତା’ର ଫାଇଦା ପାଉନାହିଁ। ଏ ସମ୍ପର୍କରେ ସିଡିଭିଓ (ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ) ଦୀପ୍ତିମୟୀ ମହାପାତ୍ରଙ୍କୁ ପଚାରିବାରେ କୁକୁଡ଼ା ଚାଷୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ରିହାତି ଯୋଜନା କରାଯାଇଛି। ଯୋଜନାରେ ସାମିଲ ହୋଇ ଚାଷୀ ଏହାର ଫାଇଦା ନେଇପାରିବ। ବାହାର ଓ ରାଜ୍ୟ ମଧ୍ୟରେ ଥିବା କମ୍ପାନୀ ସହ ଚାଷୀ ଚୁକ୍ତିବଦ୍ଧ ହେଉଥିବାରୁ ଆଇନଗତ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନେଇହେବ ନାହିଁ। ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ମଧ୍ୟରେ ଥିବା ଚିଆଁ ଉତ୍ପାଦନ କେନ୍ଦ୍ରକୁ ସଚଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ପରୀକ୍ଷାମୂଳକ ଭାବେ କେତେଗୋଟି ଅଣ୍ଡାରୁ ଚିଆଁ ଉତ୍ପାଦନ କରାଯାଇଥିଲା। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ କର୍ମଚାରୀ ନିଯୁକ୍ତି ସହ ଅନ୍ୟ କେତେକ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ଏନ୍‌ସିପି ଅଧ୍ୟକ୍ଷ...

୧୯୬୦ ମେ’ ୧ରେ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ ହୋଇଥିଲା। ବିଭିନ୍ନ ପଦପଦବୀରେ ରହି ମହାରାଷ୍ଟ୍ର ଓ ଭାରତର ସେବାରେ ସେ ଅନବରତ ଭାବେ ୬୩ ବର୍ଷ ବିତାଇଦେଇଛନ୍ତି। ରାଜ୍ୟ ସଭାରେ ତାଙ୍କ ସଦସ୍ୟତା ଆଉ ୩ ବର୍ଷ ବାକି ଅଛି। ଏହି ଅବଧି ମଧ୍ୟରେ ସେ ରାଜ୍ୟ ତଥା ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଉଠାଇ ଚାଲିଥିବେ। ଏତେ ଦିନର ସାଧାରଣ ଜୀବନ ପରେ ସେ ଏନ୍‌ସିପି ଅଧ୍ୟକ୍ଷ ପଦରେ ରହିବାକୁ ଚାହୁଁ ନାହାନ୍ତି। କିନ୍ତୁ ଦଳ ପାଇଁ କାମ କରୁଥିବେ। ନୂଆ ଏନ୍‌ସିପି ଅଧ୍ୟକ୍ଷ ନିର୍ବାଚନ ଲାଗି ଏକ କମିଟି ଗଠନ କରାଯାଉ। ଉକ୍ତ କମିଟିରେ ପ୍ରଫୁଲ ପଟେଲ, ସୁନୀଲ ଟାଟକ୍‌ରେ, କେ.କେ. ଶର୍ମା, ପି.ସି. ଚାକୋ, ଅଜିତ ପାୱାର, ସୁପ୍ରିୟା ସୁଲେ, ଛଗନ ଭୁଜବଲ, ଦିଲୀପ ୱାଲ୍‌ସେ ପାଟିଲ, ଅନିଲ ଦେଶମୁଖ, ରାଜେଶ ଟୋପେ, ଜିତେନ୍ଦ୍ର ଅୱହାଦ, ହାସନ ମୁଶ୍ରିଫ୍, ଧନଞ୍ଜୟ ମୁଣ୍ଡେ ଏବଂ ଜୟଦେବ ଗାଇକ୍‌ୱାଡ୍ ରହିବେ ବୋଲି ପାୱାର ସ୍ପଷ୍ଟ କରିଛନ୍ତି। ଏକ୍ସ-ଅଫିସିଓ ମେମ୍ବର ଭାବେ ଜାତୀୟତାବାଦୀ ମହିଳା କଂଗ୍ରେସ ଅଧ୍ୟକ୍ଷା ଫଉଜିଆ ଖାନ୍, ଜାତୀୟତାବାଦୀ ଯୁବ କଂଗ୍ରେସ ଅଧ୍ୟକ୍ଷ ଧୀରଜ ଶର୍ମା, ଜାତୀୟତାବାଦୀ ଛାତ୍ର କଂଗ୍ରେସ ଅଧ୍ୟକ୍ଷ ସୋନିଆ ଦୁହାନ୍‌ଙ୍କୁ ରଖାଯାଇଛି। ମୁଁ ଆପଣମାନଙ୍କ ସହ ଅଛି, କିନ୍ତୁ ଏନ୍‌ସିପି ଅଧ୍ୟକ୍ଷ ରୂପେ ନୁହେଁ ବୋଲି ଆବେଗଭରା କଣ୍ଠରେ ଦଳୀୟ କର୍ମୀମାନଙ୍କୁ ପାୱାର କହିଥିଲେ। ତାଙ୍କ ନିକଟରେ ସ୍ତ୍ରୀ ପ୍ରତିଭା ପାୱାର ବସିଥିଲେ।

୮୨ ବର୍ଷୀୟ ପାୱାରଙ୍କୁ ଏନ୍‌ସିପି ନେତାମାନେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ନିବେଦନ କରିଛନ୍ତି। ମହାରାଷ୍ଟ୍ର ଏନ୍‌ସିପି ସଭାପତି ଜୟନ୍ତ ପାଟିଲ ଓ ନେତା ଜିତେନ୍ଦ୍ର ଅୱହାଦ ପାୱାରଙ୍କ ନିଷ୍ପତ୍ତିରେ ଭାଙ୍ଗିପଡ଼ିଥିବାବେଳେ ଏମ୍‌ପି ପ୍ରଫୁଲ ପଟେଲ ପୁନଃ ବିଚାର ପାଇଁ ଅନୁରୋଧ କରିଛନ୍ତି। ପ୍ରଫୁଲ କହିଛନ୍ତି, ପାୱାର ଇସ୍ତଫା ଘୋଷଣା କରିବା ପୂର୍ବରୁ କାହାକୁ ବିଶ୍ୱାସକୁ ନେଇନାହାନ୍ତି।

## ଶିମିଳିପାଳରେ କଳା...

ମୃତ ବାଘ ଦେହରେ ଥିବା କ୍ଷତଚିହ୍ନରୁ ଦୁଇ ବାଘ ମଧ୍ୟରେ ଲଢ଼େଇ ହେବା ଯୋଗୁ ଏହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ମୃତ ବାଘର ନମୁନା ସଂଗ୍ରହ କରାଯାଇ ଓ୍ୱାଇଏଲ୍‌ଆଇକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି। ପରେ ବାଘ ମୃତଦେହ ବ୍ୟବଚ୍ଛେଦ କରାଯାଇ ପୋଡ଼ି ଦିଆଯାଇଛି।

ଅନ୍ୟପକ୍ଷରେ ରବିବାର ରାତିରେ ଦକ୍ଷିଣ ଡିଭିଜନର କର୍ମଚାରୀମାନେ ନଅଁଣା ରେଞ୍ଜ ଧୁଡୁରୁଚମ୍ପା ଅଞ୍ଚଳରେ ଏକ ଦନ୍ତାହାତୀର ମୃତଦେହ ପଡ଼ିଥିବା ନେଇ ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟଙ୍କୁ ଜଣାଇଥିଲେ। ଶିକାରୀମାନେ ହାତୀର ଦାନ୍ତ କାଟି ନେଇଥିବା ଜଣାଇବା ପରେ ବନ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିଲା। କର୍ମଚାରୀଙ୍କ ପକ୍ଷରୁ ତଦନ୍ତ କରାଯିବା ପରେ ହାତୀ ମୃତ୍ୟୁର ସତ୍ୟତା ଜଣାପଡିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଥିଲେ। ମାତ୍ର ସୋମବାର ସକାଳେ କଳା ମହାବଳ ବାଘର ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ଦନ୍ତାହାତୀର ମୃତ୍ୟୁ ଅଦ୍ୟାବଧି ସନ୍ଦେହ ଘେରରେ ରହିଛି। ଏହାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ବୋଲି ଆଚାର୍ଯ୍ୟ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଆର୍‌ସିସିଏଫ୍ ଡ. ଗୋଗନେନି କୁହନ୍ତି, ଦନ୍ତାହାତୀ ମୃତ୍ୟୁ ସମ୍ପର୍କରେ ବନ ବିଭାଗର ନିକଟରେ କୌଣସି ସୂଚନା ନାହିଁ।

## ଆମେରିକାରେ ଫେକ୍...

(ମାରାଥନ୍ ଡିଜିଟାଲ ହୋଲ୍ଡିଙ୍ଗ୍‌ସ) ଦେଖାଉଛି। ଏହାକୁ ଆମେରିକାରେ ପ୍ରସ୍ତୁତ କରାଯାଇଥିବା ବେଳେ ଏବେ ହଂକଂରୁ ପରିଚାଳନା କରାଯାଉଛି। ଏହି ୱେବ୍‌ସାଇଟରେ ନିବେଶ ଦ୍ୱାରା ଅତିରିକ୍ତ ଆୟର ଲୋଭ ଦେଖାଇ ଦେଶବ୍ୟାପୀ ୩ ହଜାର ୭୦୦ ଲୋକ ଠକେଇର ଶିକାର ହୋଇଥିବା ଇଓଡବ୍ଲ୍ୟୁ ସନ୍ଦେହ କରୁଛି। ଗତ ୩ରୁ ୪ ମାସ ମଧ୍ୟରେ ଉକ୍ତ ୱେବ୍‌ସାଇଟ୍ ଦ୍ୱାରା ଲିଙ୍କ୍ ହୋଇଥିବା ୧୧ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ୩୯.୧୧ କୋଟି ଟଙ୍କା କାରବାର ହୋଇଛି। ଆକାଉଣ୍ଟରେ ବଳକା ଥିବା ୧୧.୯୧ କୋଟି ଟଙ୍କାକୁ ଇଓଡବ୍ଲ୍ୟୁ ପକ୍ଷରୁ ଫ୍ରିଜ୍ କରାଯାଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି।

ଇଓଡବ୍ଲ୍ୟୁର ସୂଚନା ଅନୁଯାୟୀ, ଉକ୍ତ ୱେବ୍‌ସାଇଟ୍‌କୁ ଆମେରିକାରେ ପ୍ରସ୍ତୁତ କରାଯାଇଛି। ମାତ୍ର ଏହା ଏବେ ହଂକଂରୁ ପରିଚାଳିତ ହେଉଛି। ୱେବ୍‌ସାଇଟ୍ ଦ୍ୱାରା ଅଧିକ ଲାଭ ଦେବାର ଲୋଭ ଦେଖାଇ ଲୋକଙ୍କୁ ଫସାଯାଇଥାଏ। ଏପରିକି ଏଥିପାଇଁ ବିଭିନ୍ନ ଟାସ୍କ ଦିଆଯାଇଥାଏ। ୧ ହଜାର ଟଙ୍କା ଜମା କଲେ କିଛି ନ କରି ୧୫୦ ଟଙ୍କାର କମିଶନ ଦେଇଥାଏ। ଏଥିସହ ୟୁଟ୍ୟୁବ ଭିଡିଓକୁ ଲାଇକ୍, ଏହାକୁ ସ୍କ୍ରିନଶଟ୍ ନେଇ ଟେଲିଗ୍ରାମ ଚାଟ୍‌ରେ ଶେୟାର କରିବା ଆଦି ଟାସ୍କ ଦିଆଯାଇଥାଏ। ପ୍ରତି ଟାସ୍କରେ ଅତି କମ୍‌ରେ ୟୁପିଆଇ ଦ୍ୱାରା ୧ ହଜାର ଲେଖାଏ ଜମା କରିବାକୁ କୁହାଯାଇଥାଏ। ପରେ ବିଭିନ୍ନ ପର୍ଯ୍ୟାୟରେ କମିଶନ ଦିଆଯାଇଥାଏ। ତେବେ ଏହି ୱେବ୍‌ସାଇଟ ଦ୍ୱାରା ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ବହୁତ ସେଲ୍ କମ୍ପାନୀ ଦ୍ୱାରା ପରିଚାଳନା କରାଯାଉଛି। ସେହିପରି ୱେବ୍‌ସାଇଟରୁ ଲିଙ୍କ୍ ଥିବା ଏକାଧିକ ଆକାଉଣ୍ଟରୁ ଏଚ୍‌ଡିଏଫ୍‌ସିର ୩ଟି ବ୍ୟାଙ୍କ୍ ଆକାଉଣ୍ଟକୁ ୮୫ ଲକ୍ଷ ଟଙ୍କା ଟ୍ରାଞ୍ଜାକସ୍‌ନ ହୋଇଛି। ଏହି ଟଙ୍କାରୁ ୪୧.୨୬ ଲକ୍ଷ ଦୁବାଇରୁ ଉଠାଯାଇଛି। ତେଣୁ ଏହି ଫେକ୍ ୱେବ୍‌ସାଇଟର ମାଷ୍ଟରମାଇଣ୍ଡ ଦୁବାଇରେ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଧରିବା ଇଓଡବ୍ଲ୍ୟୁ ପାଇଁ କାଠିକର ପାଠ ହୋଇଛି।

### ଠକେଇରେ ନ ପଡ଼ିବାକୁ ଇଓଡବ୍ଲ୍ୟୁର ପରାମର୍ଶ

ସାଇବର ଠକମାନେ ଟଙ୍କା ନିବେଶ ଦ୍ୱାରା ଅଧିକ ଲାଭ ଦେବାର ପ୍ରତିଶ୍ରୁତି ଦେଇ ଏଭଳି ଠକେଇ କରୁଛନ୍ତି। ତେଣୁ ସେମାନଙ୍କ ଜାଲରେ ନ ପଡ଼ିବାକୁ ଜନସାଧାରଣଙ୍କୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ଆୟର ଲୋଭ ଦେବା ପାଇଁ ଆସୁଥିବା ହ୍ୱାଟ୍‌ସଆପ୍ ମେସେଜକୁ ଉତ୍ତର ଦିଅନ୍ତୁ ନାହିଁ। ଏହି ହ୍ୱାଟ୍‌ସଆପ୍ ମେସେଜ୍ ସାଧାରଣତଃ ବିଦେଶୀ ନମ୍ବରରୁ ଆସୁଥାଏ। ଏପରିକି ସେମାନେ ସିଧା କଲ୍ ଦ୍ୱାରା କଥା ନ ହୋଇ ଟେଲିଗ୍ରାମ ଓ ହ୍ୱାଟ୍‌ସଆପ୍ ଚାଟ୍ ଦ୍ୱାରା ଫସାଇଥାନ୍ତି। ଏଭଳି ୱେବ୍‌ସାଇଟ ପ୍ରଥମେ କିଛି ଟଙ୍କା କମିଶନ ଦେଇ ବିଶ୍ୱାସ ସୃଷ୍ଟି କରିଥାନ୍ତି। ତେବେ ୨ରୁ ୩ ମାସ ମଧ୍ୟରେ ଉଠାଇବାକୁ ଥିବା ଟଙ୍କା ବ୍ଲକ ହୋଇଯାଇଥାଏ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

## ଖରାଛୁଟି ପାଠପଢ଼ା...

ବାଲେଶ୍ୱର ୧୮୦୦-୩୪୫-୬୮୧୦, ବରଗଡ଼ ୧୮୦୦-୩୪୫-୬୮୦୭, ଭଦ୍ରକ ୧୮୦୦-୩୪୫-୬୮୧୧, ବଲାଙ୍ଗୀର ୧୮୦୦-୩୪୫-୬୩୫୦, ବୌଦ୍ଧ ୧୮୦୦-୩୪୫-୩୧୪୪, କଟକ ୧୮୦୦-୩୪୫-୯୫୩୪, ଦେବଗଡ଼ ୧୮୦୦-୩୪୫-୬୮୦୬, ଢେଙ୍କାନାଳ ୧୮୦୦-୩୪୫-୭୫୨୨, ଗଜପତି ୧୮୦୦-୩୪୫-୨୩୮୭, ଗଞ୍ଜାମ ୧୮୦୦-୩୪୫-୨୩୮୬ ଏବଂ ୧୮୦୦-୩୪୫-୨୩୮୫ ନମ୍ବର ଜାରି ହୋଇଛି। ଜଗତ୍‌ସିଂହପୁର ୧୮୦୦-୩୪୫-୯୫୩୨, ଯାଜପୁର ୧୮୦୦-୩୪୫-୯୫୩୩, ଝାରସୁଗୁଡ଼ା ୧୮୦୦-୩୪୫-୬୮୨୦, କଳାହାଣ୍ଡି ୧୮୦୦-୩୪୫- ୭୯୮୨, କନ୍ଧମାଳ ୧୮୦୦-୩୪୫-୩୧୩୩, କେନ୍ଦ୍ରାପଡ଼ା ୧୮୦୦-୩୪୫-୯୫୩୧, କେନ୍ଦୁଝର ୧୮୦୦-୩୪୫-୮୨୮୫, ଖୋର୍ଦ୍ଧା ୧୮୦୦-୩୪୫-୭୬୬୨, କୋରାପୁଟ ୧୮୦୦- ୩୪୫-୧୭୦୭, ମାଲକାନଗିରି ୧୮୦୦-୩୪୫-୧୭୦୩, ମୟୂରଭଞ୍ଜ ୧୮୦୦-୩୪୫- ୭୫୬୩ ଏବଂ ୧୮୦୦-୩୪୫-୭୫୬୨ ନମ୍ବର ରହିଛି। ସେହିପରି ନବରଙ୍ଗପୁର ୧୮୦୦-୩୪୫-୧୭୧୦, ନୟାଗଡ଼ ୧୮୦୦-୩୪୫-୭୬୬୩, ନୂଆପଡ଼ା ୧୮୦୦-୩୪୫-୭୯୮୧, ପୁରୀ ୧୮୦୦-୩୪୫-୭୬୬୧, ରାୟଗଡ଼ା ୧୮୦୦-୩୪୫-୧୭୦୯, ସମ୍ବଲପୁର ୧୮୦୦-୩୪୫-୬୮୨୧, ସୁବର୍ଣ୍ଣପୁର ୧୮୦୦-୩୪୫- ୬୩୪୮, ସୁନ୍ଦରଗଡ଼ ଜିଲା ଲାଗି ୧୮୦୦-୩୪୫-୭୪୭୯ ଏବଂ ୧୮୦୦-୩୪୫-୭୪୮୦ ନମ୍ବର ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଶୁଭଚନ୍ଦ୍ର ଯୋଗୁ କାମଗୁଡ଼ିକ ସୁବିଧାରେ ଓ ସୁରୁଖୁରୁରେ ହୋଇଯିବ। ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**
ବନ୍ଧୁମାନଙ୍କ ସହ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣା ଯୋଗୁ ସାଧାରଣ ଘଟଣାକୁ ଦୁର୍ଘଟଣା ମନେକରିବେ ଓ ଚିନ୍ତିତ ରହିବେ।

**ମିଥୁନ**
ପାରିବାରିକଶାନ୍ତି ଏବଂ କାର୍ଯ୍ୟସିଦ୍ଧି ସକାଶେ ଚନ୍ଦ୍ରଙ୍କ କେନ୍ଦ୍ରସଂସ୍ଥାନ ସାହାଯ୍ୟ କରିବ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କଳା, ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ**
କର୍ମକ୍ଷେତ୍ରରେ ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ ଏବଂ କୌଣସି ନୂତନ କର୍ମାରମ୍ଭର ଯୋଜନା ମଧ୍ୟ କରିବେ। ଗୃହୋପଯୋଗୀ ଜମିଜମା ସମ୍ପର୍କିତ କଥାରେ ଅଗ୍ରଗତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୁଯୋଗ ପ୍ରାପ୍ତି ହେବ।

**ସିଂହ**
ଅନ୍ୟ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ବୁଝିବ। ପାରିବାରିକ ସ୍ତରରେ କିଛି ନା କିଛି ଅସୁବିଧା ସୃଷ୍ଟି ହୋଇପାରେ। ଉତ୍ତରା-ଫାଲଗୁନୀ ନକ୍ଷତ୍ରର ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ, ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆଜି ହିଁ ସମାଧାନ ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍ଭାବ ପ୍ରାୟତଃ ଅକ୍ଷୁଣ୍ଣ ରହିବ।

**ତୁଳା**
ଆଜି ବିଭିନ୍ନ ପ୍ରକାର କାମ ହାତକୁ ନେଇ ବିଶ୍ରାମହୀନ କାମ କରିବେ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ ସ୍ତରରେ କୌଣସି ଖବର ପାଇ ବହୁତ ଖୁସି ହୋଇଯିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନୁରାଧା ନକ୍ଷତ୍ର ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଅନ୍ୟମନସ୍କତା କିମ୍ବା ଅସାବଧାନ ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ।

**ଧନୁ**
ସ୍ଥଗିତକାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅଫିସିଆଲି କାମରେ ଟେନ୍‌ସନ୍ କିଛି ମାତ୍ରାରେ ବଢ଼ିଯିବ। ବିଭିନ୍ନ ପ୍ରକାରର ସମସ୍ୟା ରହିଥିବା କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ସାମାଜିକ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମକର**
ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ କୌଣସି ଜିନିଷ ହଜିଯାଇପାରେ। କ୍ରନିକ୍ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପରକ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ**
ପରିସ୍ଥିତିକୁ ସାମ୍ନା କରିବାରେ ଅଧୈର୍ଯ୍ୟ ହେବା ସହ ଅଯଥା ଗୁଡ଼ାଏ କଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅବଶ୍ୟ ସଭା ସମିତି,ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ**
ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଭୁଲ୍ ବୁଝାମଣା ଜନିତ ମତଭେଦ କାରଣରୁ ସାଧାରଣ କଥାରେ ବେଶି ବିବ୍ରତ ଅନୁଭବ କରିବେ।

ଆଜି ବୈଶାଖ ଶୁକ୍ଳ ତ୍ରୟୋଦଶୀ ବୁଧବାର, ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ। ରାଶିନକ୍ଷତ୍ର-ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୦ମି. ଗତେ ଘ.୦୭.୦୨ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

झारखण्ड सरकार
GOVERNMENT OF JHARKHAND

# झारखण्ड के इतिहास में पहली बार शिक्षा क्रांति में जुड़ा नया आयाम

# 80 उत्कृष्ट विद्यालय का हुआ शुभारंभ

**प्रवेश प्रारंभ**

325 प्रखण्ड स्तरीय आदर्श विद्यालय | 4,091 ग्राम पंचायत स्तरीय आदर्श विद्यालय

- अत्याधुनिक आधारभूत संरचना
- डिजिटल स्मार्ट क्लास
- CBSE मान्यता प्राप्त अंग्रेजी माध्यम स्कूल
- सूचना प्रौद्योगिकी का मजबूत ढांचा
- विज्ञान एवं भाषा लैब्स
- राष्ट्रीय स्तर का खेल प्रशिक्षण






हेमन्त सोरेन
मुख्यमंत्री, झारखण्ड

PR-296376 (IPRD) 2023-24

सूचना एवं जनसंपर्क विभाग, झारखण्ड सरकार

ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା



# କଳା ପାଇଁ ବିପତ୍ତି

କାଶ୍ମୀର ପଣ୍ଡିତମାନଙ୍କ ନିର୍ଯାତନା ଏବଂ ସେମାନଙ୍କ ସଂଘର୍ଷକୁ ନେଇ କଶ୍ମୀର ଫାଇଲ୍ସ ସିନେମା ପ୍ରସ୍ତୁତ ହୋଇଥିଲା ବୋଲି କୁହାଯାଉଛି। ବିବେକ ଅଗ୍ନିହୋତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିନେମା ଅତ୍ୟନ୍ତ ବିବାଦୀୟ ହୋଇଯାଇଥିଲା। ସମାଲୋଚକଙ୍କ ଅନୁସାରେ ଏହି ସିନେମା ଜନମତକୁ ପ୍ରଭାବିତ କରିବାର ମନ୍ଦ ଉଦ୍ଦେଶ୍ୟକୁ ନେଇ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଫିଲ୍ମର ଉଷ୍ଣତା ନ ଥମୁଣୁ ଏବେ 'ଦି କେରଲା ଷ୍ଟୋରି' ସିନେମା ପୁଣି ଗୋଟିଏ ଝଡ଼ ସୃଷ୍ଟି କରିଛି। ବିପୁଲ ଅମୃତଲାଲ ଶାହାଙ୍କ ପ୍ରଯୋଜିତ ଏବଂ ସୁଦିପ୍ତୋ ସେନଙ୍କ ନିର୍ଦ୍ଦେଶିତ ଉକ୍ତ ସିନେମା ମେ ୫ ରେ ପରଦାକୁ ଆସିବାକୁ ଅଛି। କିନ୍ତୁ ଏପ୍ରିଲ ୨୬ରେ ଦି କେରଲା ଷ୍ଟୋରିର ଟ୍ରେଲର ରିଲିଜ ହେବା ପରେ ଏହା ଉପରେ ନିଷେଧାଦେଶ ଜାରି କରିବାକୁ କଂଗ୍ରେସ, ସିପିଏମ୍ ଭଳି ରାଜନୈତିକ ଦଳଗୁଡ଼ିକ ଦାବି କରିଛନ୍ତି। ଏଥିରେ ମୁସଲମାନମାନଙ୍କୁ ନ୍ୟୂନ୍ କରି ଦେଖାଯାଇଥିବା ଅଭିଯୋଗ କରାଯାଇଛି। ସିନେମାରେ ଦର୍ଶାଯାଇଛି ଯେ, କେରଳରୁ '୩୨,୦୦୦' ହିନ୍ଦୁ ଓ ଖ୍ରୀଷ୍ଟିଆନ ଝିଅଙ୍କୁ ଧର୍ମାନ୍ତରିତ କରି ଇସ୍‌ଲାମିକ ଷ୍ଟେଟ (ଆଇଏସ୍‌ଆଇଏସ୍) ଦଖଲରେ ଥିବା ଅଞ୍ଚଳକୁ ପଠାଇ ଇରାକ ଓ ସିରିଆରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ କରାଯାଇଛି। ଏହିସବୁ ତଥ୍ୟର ସତ୍ୟାସତ୍ୟକୁ ନେଇ ପ୍ରଶ୍ନ ଉଠିଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଦି କେରଲା ଷ୍ଟୋରି ଫିଲ୍ମକୁ ସଂଘ ପରିବାରର ପ୍ରୋପାଗଣ୍ଡା ବୋଲି କହିଛନ୍ତି। ସେ ଏହାକୁ ମୁସଲମାନ ବିରୋଧୀ ଓ ସାମ୍ପ୍ରଦାୟିକ ଧ୍ରୁବୀକରଣର ଆଖ୍ୟା ଦେଇଛନ୍ତି। କଂଗ୍ରେସ ନେତା ତଥା ଥିରୁଭାନନ୍ତପୁରମ ସାଂସଦ ଶଶୀ ଥରୁର କହିଛନ୍ତି ଯେ, ଦି କେରଲା ଷ୍ଟୋରି ତୁମ ଷ୍ଟୋରି ହୋଇଥିବ, ଏହା ଆମ କେରଳର କାହାଣୀ ନୁହେଁ। ଉକ୍ତ ଫିଲ୍ମକୁ ନେଇ କେରଳରେ ତୀବ୍ର ପ୍ରତିବାଦ ଦେଖାଦେଇଥିବାବେଳେ ଏହାକୁ କଶ୍ମୀର ଫାଇଲ୍ସ ସହ ତୁଳନା କରାଯାଇଛି। ନବେ ଦଶକର ପ୍ରାରମ୍ଭରେ କଶ୍ମୀର ପଣ୍ଡିତମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ବିସ୍ଥାପନ ଘଟଣାର ୩ ଦଶନ୍ଧି ପରେ ଫିଲ୍ମ ମାଧ୍ୟମରେ ଉପସ୍ଥାପନ ସଂଖ୍ୟାଲଘୁଙ୍କ ପ୍ରତି ଘୃଣା ଭାବ ସୃଷ୍ଟି କରାଯିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ଉଠିଥିଲେ ମଧ୍ୟ ଶେଷରେ ତାହା ରିଲିଜ ହୋଇଥିଲା। ଏପରିକି ଭାଜପାର ଅନେକ ନେତା ବ୍ୟକ୍ତିଗତ ସ୍ତରରେ ସ୍ୱତନ୍ତ୍ର ସ୍କ୍ରିନିଂର ଆୟୋଜନ କରି ତାହାର ପ୍ରଚାରକ ପାଲଟିଥିଲେ।

ଦି କେରଲା ଷ୍ଟୋରି ରିଲିଜ ହେବାକୁ ଆଉ ଦୁଇ ଦିନ ବାକି ଅଛି। ତେବେ ଉକ୍ତ ଫିଲ୍ମ ଉପରେ ପ୍ରତିବନ୍ଧକ ଜାରି କରିବା ଲାଗି ସୁପ୍ରିମକୋର୍ଟରେ କରାଯାଇଥିବା ଆବେଦନର ତୁରନ୍ତ ଶୁଣାଣି କରିବାକୁ କୋର୍ଟ ମନା କରିଦେଇଛନ୍ତି। କଂଗ୍ରେସର ପୂର୍ବତନ ନେତା ତଥା ବରିଷ୍ଠ ଆଡଭୋକେଟ କପିଲ ସିବଲ ଏବଂ ଆଡଭୋକେଟ ନିଜାମ ପାଶା ସୁପ୍ରିମକୋର୍ଟରେ ଦି କେରଲା ଷ୍ଟୋରି ଉପରେ ପ୍ରତିବନ୍ଧକ ଲଗାଇବାକୁ ଅନୁରୋଧ କରି ଏହି ଚଳଚ୍ଚିତ୍ର ଘୃଣାର ବକ୍ତବ୍ୟକୁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ଆଣିଥିଲେ। ଏହା ଉପରେ କୋର୍ଟ ଉଭୟ ଓକିଲଙ୍କୁ କହିଛନ୍ତି ଯେ ଫିଲ୍ମ ସାର୍ଟିଫିକେଟ ପ୍ରକ୍ରିୟା ଦେଇ ଗତି କରିଛି। ଆମେ ଏହାକୁ ଘୃଣା ଭାଷଣର ଏକ ଅଂଶ ଭାବରେ ବିବେଚନା କରିପାରିବୁ ନାହିଁ। ଏଣୁ କଶ୍ମୀର ଫାଇଲ୍ସ ଭଳି ଦି କେରଲା ଷ୍ଟୋରି ରିଲିଜ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଉକ୍ତ ଫିଲ୍ମ ଉପରେ ରାଜନୈତିକ ପ୍ରତିକ୍ରିୟାଗୁଡ଼ିକ ସରକାରଙ୍କ ସଂଖ୍ୟାଲଘୁ କୈନ୍ଦ୍ରିକ ନକାରାତ୍ମକ ମନୋଭାବକୁ ପ୍ରକାଶ କରୁଥିବା ଜଣାପଡୁଛି। ଦେଶର ଅଭ୍ୟନ୍ତରୀଣ ସୁଧାର ଉପରେ ମନ ନ ଲଗାଇ ସଂଖ୍ୟାଲଘୁଙ୍କ ବିରୋଧରେ ମତ ସୃଷ୍ଟି କରିବା ଭାଜପାର ଏକ ନୀତି ହୋଇଯାଇଥିବା ଭଳି ମନେହେଉଛି। ନାଗରିକ ସଂଶୋଧନ ଆଇନ(ସିଏଏ)ଠାରୁ ଆରମ୍ଭ କରି ତଲାକ, ହିଜାବ ଓ ନମାଜ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବିଭାଜନକାରୀ ରାଜନୀତି ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ , ସିଏଏ ଲାଗୁ କରିବାରେ ସରକାର ବିଫଳ ହୋଇଥିଲେ ମଧ୍ୟ ସେ ସମୟରେ ଦେଶବ୍ୟାପୀ ପ୍ରତିବାଦରୁ କିଛି ଶିକ୍ଷା ଲାଭ କରିଥିବା ଭଳି ମନେହେଉନାହିଁ। ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ହୋଇଥିବା ଭାରତରେ ଏବେ ବେରୋଜଗାର ଅଧିକ ଥିବାବେଳେ ଆର୍ଥିକ ସଂସ୍କାର ବଦଳରେ ନାଗରିକ ପୃଥକୀକରଣ ଚିନ୍ତାଧାରା କ୍ଷତି ପହଞ୍ଚାଉଛି। ବିବିଧତା ଓ ଅଖଣ୍ଡତାର ମନ୍ତ୍ରକୁ ପାଥେୟ କରୁଥିବା ଭାରତ ଯଦି ତା'ର ନାଗରିକମାନଙ୍କୁ ସମାନ ଭାବେ ଦେଖି ନ ପାରିବ, ତେବେ ଗଣତନ୍ତ୍ରର ଅଧୋଗତି ହେବାର ଆଶଙ୍କା ଉପୁଜିବ। ବହୁ ସମୟରେ ଦେଶର ଏଭଳି ଚିନ୍ତାଧାରା ଓ କାର୍ଯ୍ୟକଳାପ ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ସ୍ୱର ଉଠିବା ଲକ୍ଷ୍ୟ କରାଯାଉଛି। ଏପରିକି ଭାରତ ଦ୍ୱାରା ଆୟୋଜିତ ୨୦୨୨ ଗୋଆ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ପ୍ରଦର୍ଶିତ ହୋଇଥିବା କଶ୍ମୀର ଫାଇଲ୍ସକୁ ତୀବ୍ର ଭାଷାରେ ନିନ୍ଦାକରି ଜୁରିର ଚେୟାରପର୍ସନ ତଥା ଇସ୍ରାଏଲର ଚଳଚ୍ଚିତ୍ର ନିର୍ମାତା ନଦାଭ ଲାପିଡ୍ ତାହାକୁ ଅଶ୍ଳୀଳ ଓ ପ୍ରଚାରଧର୍ମୀ ସିନେମା ବୋଲି କହିଥିଲେ। ଏହିମତ ସହ ଜୁରି ଏକମତ ହୋଇଥିଲେ। କୌତୂହଳର ବିଷୟ, ସେହି ଜୁରିର କେବଳ ମାତ୍ର ଜଣେ ଭାରତୀୟ ସିନେମା ନିର୍ଦ୍ଦେଶକ ସୁଦିପ୍ତୋ ସେନ୍ ଏହି ସମାଲୋଚନାକୁ ଲାପିଡ୍‌ଙ୍କର ବ୍ୟକ୍ତିଗତ ମତ ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ, ସେହି ସୁଦିପ୍ତୋ ସେନ ଏବକାର ବିବାଦୀୟ ଦି କେରଲା ଷ୍ଟୋରିର ନିର୍ଦ୍ଦେଶକ। ହିନ୍ଦୀ ସିନେମା ଜଗତକୁ ନିଜର ପ୍ରଚାର ପ୍ରସାର ପାଇଁ କାମରେ ଲଗାଇବା ମୋଦି ସରକାରଙ୍କର ଏକ ଅଘୋଷିତ କୌଶଳ ହୋଇଗଲାଣି। ନିକଟରେ ମୋଦିଙ୍କର ୧୦୦ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବଲିଉଡ୍‌ର ବହୁ କଳାକାର ଯୋଗଦେଇଥିଲେ। କେବଳ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ନିମନ୍ତ୍ରଣ ସତ୍ତ୍ୱେ ସେ ଯୋଗଦେଇ ନ ଥିବା କୁହାଯାଉଛି।

ସାଧାରଣରେ ଦେଖାଯାଇଥାଏ, ଏକଛତ୍ରବାଦୀ ନେତାମାନେ କଳା, ସଂସ୍କୃତି, ଶିକ୍ଷା ଓ ଗଣମାଧ୍ୟମକୁ ଆୟତ୍ତ କରି ତା' ମାଧ୍ୟମରେ ଏକଛତ୍ରବାଦ ଚିନ୍ତାଧାରାର ମଞ୍ଜି ଲୋକଙ୍କ ମନରେ ପୋତିଥାନ୍ତି। ଭାରତରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ହିନ୍ଦୀ ଚଳଚ୍ଚିତ୍ର ମାଧ୍ୟମରେ ତାହାର ସିଦ୍ଧାନ୍ତ ଓ ଉଦ୍ଦେଶ୍ୟକୁ ଆଗେଇନେବାର ଚେଷ୍ଟା ଚଳାଇଛି। ଏହିଭଳି ପ୍ରୟାସ ନା ଯେ କେବଳ ଗଣତନ୍ତ୍ର ପାଇଁ ବିପଜ୍ଜନକ, କଳାଜଗତ ଲାଗି ମଧ୍ୟ ଏକ ବିପତ୍ତିର ସଙ୍କେତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 5 |
| | | 1 | | | | | | |
| | | | 1 | | 8 | | | 9 |
| | 2 | | | 8 | 6 | | | |
| 6 | | | | 4 | | | 9 | 1 |
| | 4 | | | | | 7 | | |
| 4 | 9 | | 3 | | 7 | | | |
| | | 6 | | | | | | |
| | 3 | | 9 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 7 | 3 | 8 | 6 | 9 | 4 |
| 4 | 7 | 8 | 5 | 9 | 6 | 1 | 3 | 2 |
| 6 | 3 | 9 | 2 | 1 | 4 | 5 | 8 | 7 |
| 5 | 1 | 4 | 3 | 2 | 9 | 8 | 7 | 6 |
| 3 | 8 | 7 | 4 | 6 | 1 | 9 | 2 | 5 |
| 9 | 2 | 6 | 8 | 5 | 7 | 3 | 4 | 1 |
| 1 | 6 | 2 | 9 | 4 | 3 | 7 | 5 | 8 |
| 8 | 9 | 5 | 6 | 7 | 2 | 4 | 1 | 3 |
| 7 | 4 | 3 | 1 | 8 | 5 | 2 | 6 | 9 |

ଗତ ସଂସ୍କରଣର ଉତ୍ତର

# କୃତ୍ରିମ ବୁଦ୍ଧିର ଆତଙ୍କ ଅଯୌକ୍ତିକ



ସହଦେବ ସାହୁ

ଲୋକେ କହୁଛନ୍ତି କୃତ୍ରିମ ବୁଦ୍ଧି (କୃବୁ) (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ) ମଣିଷକୁ ଖତମ କରିଦେବ। କୃବୁ ଗବେଷଣାରେ ଲାଗିଥିବା କେତେକ ବୈଜ୍ଞାନିକ ବି ଏ ଆଶଙ୍କା କରୁଛନ୍ତି। ୧୯୫୦ ଦଶକରେ ଏ ପଦ ବା ଶବ୍ଦର ସୃଷ୍ଟି, ସେତେବେଳେ କମ୍ପ୍ୟୁଟରର ଜନ୍ମ ହେଉଥିଲା। ତା'ର କରାମତି ଏତେ ବଢ଼ିଯିବ ଯେ ମଣିଷ ସମାଜକୁ ସମ୍ପୂର୍ଣ୍ଣ ଧ୍ୱଂସ ନ କଲେ ବି ପ୍ରଭୂତ କ୍ଷତି କରିବ ବୋଲି ସେମାନେ କହୁଛନ୍ତି। କେମିତି ଘଟିବ ପଚାରିଲେ ସେମାନେ କହୁଛନ୍ତି, ପ୍ରଥମେ ଏହା ମଣିଷକୁ ପଙ୍ଗୁ (ପାରାଲିସିସ୍ ଭୋଗିଲା ଭଳି) କରିଦେବ। ଏତେଶୀଘ୍ର ବିକାଶ ଘଟିବ ଯେ ସୁଁ କରି ଆମ ପାଖ ଦେଇ ଚାଲିଯିବ, କ'ଣ ଘଟୁଛି ଆମେ ଜାଣିପାରିବା ନାହିଁ। ଏବେ ଏବେ ଜିପିଟି-୪ (GPT-4) ଭଳି ମଡେଲ୍ ଆସିଲା ପରେ ଲୋକେ ଡରିଗଲେଣି, କୃବୁ ଉପରେ ରୋକ୍ ଲଗାହେଉ ବୋଲି କେତେକ ବୈଜ୍ଞାନିକ ବି ଦାବି କଲେଣି। କେତେକ କହୁଛନ୍ତି କୃବୁ ମଣିଷ ସଭ୍ୟତାକୁ ଧ୍ୱଂସ କରିଦେବ।

କୃବୁ ନୂଆ ଟେକ (ଟେକ୍ନୋଲୋଜି) ନୁହେଁ। ଏ ସାମାଜିକ ସହାବସ୍ଥାନର ଏକ ଅଭାବନୀୟ ରୂପ। ଚାଟ୍-ଜିପିଟି-୪ ଆମ ଆଦେଶ ଅନୁଯାୟୀ ବାକ୍ୟ ଲେଖିପାରେ, ଅନ୍‌ଲାଇନ୍ ଛବି ବି ଆଣିପାରେ। ଉଭୟ କ୍ଷେତ୍ରରେ ଆଗରୁ ମଣିଷ ଏ ଲେଖା ଓ ଏ ଛବି ତିଆରି କରିସାରିଛି ଓ ଇଣ୍ଟରନେଟ୍‌ରେ ଛାଡ଼ିଛି, ଯାହାକୁ ଜିପିଟି-୪ ସଫ୍ଟୱେର୍ ଖୋଜି ବାହାରକରୁଛି ଓ କାମରେ ଲଗାଉଛି। ଯାହା ଇଣ୍ଟରନେଟ୍‌ରେ ନ ଥିବ ତାହା କୃବୁ ଆଣିପାରିବନାହିଁ (ଯେମିତି ସାଇବାବା ବିଷୟରେ ସମାଲୋଚକମାନେ କହୁଥିଲେ, ଯାହା ଦୁନିଆରେ ନାହିଁ କି ପଦାର୍ଥ ବିଦ୍ୟା ଦ୍ୱାରା ସମ୍ଭବ ନୁହେଁ ତାହା ତାଙ୍କ ହାତମୁଠାରୁ ବାହାରିବ ନାହିଁ)। ଯେଉଁ ପ୍ରୋଗ୍ରାମର୍ ମସ୍ତିଷ୍କରେ ଏ ନୂଆ ସଫ୍ଟୱେର୍ ବାହାରିଛି ସେ ଖୋଜାଖୋଜି କରି ସଜାଇବା କାମ କେମିତି ହେବ ତା'ର ଗାଣିତିକ ସୂତ୍ର ତିଆରି କରିଛି, ଏ ଏକ ନୂଆ ମସ୍ତିଷ୍କର କାମ ନୁହେଁ। ସାଧାରଣ ମଣିଷକୁ ଖୋଜିବାକୁ ଯାହା ସମୟ ନିଅନ୍ତା ତାହା ଏହି ସଫ୍ଟୱେର୍ ଆଖିପିଛୁଳାକେ କରିପକାଉଛି। ତା' ପୁଣି ମନଲୋଭା ଆକାରରେ!

ଏ ଏକ ନୂଆ ଟେକ୍(ଟେକ୍ନୋଲୋଜି) ନୁହେଁ କି କାହାରି ସାହାଯ୍ୟ ନ ନେଇ କାମ କରିପାରୁଥିବା ଜିନିଷ ନୁହେଁ। ଏଭଳି ଭାବିଲେ କୃବୁ ରହସ୍ୟମୟ ଲାଗିବ ନାହିଁ। ୯୦୦୦ ବା ତଦ୍ରୂପ କମାଣ୍ଡ୍‌ର ଡାଟା ମିଳିମିଶି କୃବୁ କାମ କରେ। ମିଳିମିଶି କାମ ନ କଲେ ଅଦ୍ଭୁତ ଫଳ ବାହାରିବ, ତେଣୁ ବିପଦପୂର୍ଣ୍ଣ ପରିସ୍ଥିତି ଆଣିପାରେ। କିନ୍ତୁ ଆମେ ସହଜରେ କହିପକାଉ– ନୂଆ ବ୍ୟବସ୍ଥାରେ ବୁଦ୍ଧି ଅଛି। ଏଥିରେ ନୂତନ ଅବସ୍ଥା ସହିତ ଖାପ ଖୁଆଇବାର ସାମର୍ଥ୍ୟ ଅଛି ଓ ଅନିଶ୍ଚିତତା ଅଛି। ପ୍ରକାଣ୍ଡକାୟ ପାଠ ଭିତରେ କେତେଗୁଡ଼ିଏ ଶବ୍ଦ କିପରି ଯୋଡ଼ି ହୋଇପାରେ ଓ ଆମ ମନକୁ ପାଉଥିବା ଅଥଚ ଆମେ ସହଜରେ ବା କମ୍ ସମୟରେ ଭାବିପାରୁ ନ ଥିବା ଶବ୍ଦସମୂହ ଦର୍ଶାଇପାରେ। ତାହା ଆମକୁ ଅଜବ ଲାଗେ, ଆମେ ଏକ ଅଶରୀରୀ ସୂତ୍ରରୁ କଥାଟା ଆସିଛି ବୋଲି ଭାବିନେଉ। ଗ୍ରନ୍ଥ ଆକାରର ପ୍ରକାଣ୍ଡ ତାଲିକାକରଣ, ଯେଉଁଥିରେ ବ୍ୟାକରଣଗତ ଓ ବାକ୍ୟ ଗଠନଗତ ସଂଯୋଜନା ସୁନ୍ଦର ଭାବେ ପ୍ରକାଶ ପାଏ, ଆମକୁ ଆଶ୍ଚର୍ଯ୍ୟ କରେ, ଆମେ ତାକୁ ମଣିଷ ବୁଦ୍ଧିର ବାହାରେ ବୋଲି ଭାବିନେଉ। କିନ୍ତୁ ପ୍ରକୃତରେ ତା' ମଣିଷ ବୁଦ୍ଧିରୁ ଜନ୍ମ ନେଇଛି। ରଚୟିତା ବା ପ୍ରାବନ୍ଧିକର ଶୈଳୀ ଏମିତି ଦେଖାଏ ଯେ ତା' ଆମକୁ ଅଜବ ଲାଗେ। ତୁମେ ଯେତେବେଳେ କେତେଗୁଡ଼ିଏ ଶବ୍ଦକୁ ଏକ ନିର୍ଦ୍ଦିଷ୍ଟ କ୍ରମରେ ସଜେଇ କମ୍ପ୍ୟୁଟରରେ ପୂରାଅ ଓ କମ୍ପ୍ୟୁଟରଠାରୁ ଉତ୍ତର ଚାହଁ, କୃବୁ କମ୍ପ୍ୟୁଟରରେ ଥିବା କୋଟି କୋଟି ମଡେଲ ଭିତରୁ ଖୋଜି ବାହାରକରେ– ପ୍ରତିଥର ଖୋଜିବା ବେଳେ ନୂଆ ନୂଆ ଉତ୍ତର ଆସେ– ଯେଉଁ କାମଟା ଜଣେ ମଣିଷକୁ ସପ୍ତାହ ସପ୍ତାହ କି ବର୍ଷ ବର୍ଷ ଲାଗିପାରେ। ପୁଣି ପ୍ରତିଥର ନୂଆ କହିବ, ରିପିଟ୍ କରିବନି – ତା' ଜୀବନ୍ତ ଲାଗେ। ତୁମେ ଯେତେବେଳେ ନୂଆ ଛବିଟିଏ ଏକ କୃବୁ ସହ ମିଶାଅ ତୁମକୁ ପୁଞ୍ଜାଏ ସମଭାବର ବିକଳ୍ପ ମିଳିପାରେ, ଯହିଁରୁ ତୁମେ ପସନ୍ଦ ଅନୁଯାୟୀ ବାଛିପାର। ତୁମେ ଯଦି ଆଇନ ଛାତ୍ର ହୋଇଥିବ ତ ଗୋଟିଏ ଭଲ ପ୍ରବନ୍ଧ ବାଛିପାର। ତୁମ ପ୍ରଫେସର ତୁମର ଅରିଜିନାଲିଟି ଦେଖି ଭଲ ମାର୍କ ଦେଇପାରେ – ଅର୍ଥାତ୍ ତୁମେ ଠକିପାର। ରିପିଟ୍ ହେଉ ନ ଥିବାରୁ ତୁମ ପ୍ରଫେସରଙ୍କୁ ନୂଆ ବା ଅରିଜିନାଲ୍ ଲାଗିପାରେ। ଏଥିରେ ତୁମର ମୁଣ୍ଡ ଖର୍ଚ୍ଚ ଖୁବ୍‌କମ୍।



ଡାକ୍ତର ପାଖରେ ଥିବା ଲୋକ ତୁମ ପାଇଁ କି ଔଷଧ ଦେବ ଭାବିପାରୁନାହିଁ, କିନ୍ତୁ କମ୍ପ୍ୟୁଟର କହିଦେବ। ଦେଖୁଥିବା ମଣିଷଟା କମ୍ପ୍ୟୁଟରର ଚାକର ହୋଇଯିବ। ଅନ୍ଧାରକଣା ପାଇଁ ରଙ୍ଗ ବାଛିବା କଷ୍ଟକର, କିନ୍ତୁ କୃବୁ ବାଛିଦେବ। ବରପାଲିର ବୁଣାକାରକୁ ନୂଆ ଡିଜାଇନ୍ ଦର୍ଶାଇପାରିବ। ଆମ ଓଡ଼ିଆର ଅନୁବାଦ ଗୁଗଲ୍ କରୁଛି କିପରି ଭାବିଛନ୍ତି କି? ଓଡ଼ିଆ ଭାଷାରେ ଲେଖା ହୋଇଥିବା ପୁସ୍ତକ ଓ ପତ୍ରିକା ସହ ସେଗୁଡ଼ିକର ଯାହାକିଛି ଇଂଲିଶ୍ ଅନୁବାଦ ଇଣ୍ଟରନେଟ୍‌ରେ ଅଛି ସେଗୁଡିକୁ କୃବୁ ଖୋଜି ଖୋଜି କେଉଁ ଓଡ଼ିଆ ଶବ୍ଦର କି ଇଂଲିଶ୍ ଶବ୍ଦ ହୋଇଛି ତାହା ଆଖିପିଛୁଳାକେ ଖୋଜି ପକାଉଛି ଓ ତହିଁରୁ ଯାହା ଯଥା ବୋଲି ଭାବୁଛି/ମନେକରୁଛି ତାକୁ ବସାଇ ଦେଉଛି। ଏବେ ତୁମେ ଫେସ୍‌ବୁକ୍‌ରେ ତୁମକୁ ଶୁଭେଚ୍ଛା ଜଣାଉଥିବା ଇଂଲିଶ୍ ମେସେଜ୍‌କୁ ଇଂଲିଶ୍‌ରେ ଦେଖ ଅଥବା ଇଂଲିଶ୍‌ରେ ପାଇଥିବା ଶୁଭେଚ୍ଛାକୁ ଓଡ଼ିଆରେ ଅନୁବାଦ କରିବାକୁ ଗୁଗଲ୍‌କୁ କୁହ, ତାହା ଯେପରି ବାହାରିବ ତହିଁରେ ଯେଉଁ ଭୁଲ୍ ଥିବ ତାହା ଇଣ୍ଟରନେଟ୍‌ରେ ଓଡ଼ିଆ ଅନୁବାଦ ସଂଖ୍ୟା ଉପରେ ନିର୍ଭର କରେ। କମ୍‌ସଂଖ୍ୟକ ଅନୁବାଦ ଥିଲେ ଫେସ୍‌ବୁକ୍, ଟୁଇଟର ବା ଲିଙ୍କ୍‌ଡ ଇନ୍ ବା ଆଉ ଯେତେ ସୋସିଆଲ୍ ମିଡିଆ ଅଛି ସବୁଥିରେ ପ୍ରମାଦପୂର୍ଣ୍ଣ ଅନୁବାଦ ବାହାରିବ। ଭିନ୍ନ ଭିନ୍ନ ସୂତ୍ରରୁ ଖୋଜି ଗୁଗଲ୍ ଶବ୍ଦ ବାଛେ, ଯଦି ବାଛିବାର ଭଣ୍ଡାର କମ୍ ତେବେ ପୂର୍ଣ୍ଣତା ପ୍ରାପ୍ତି ହେବନାହିଁ।

ଏ ପ୍ରକାରର ସମ୍ଭାବ୍ୟ ଓଲଟପାଲଟ ସତ୍ତ୍ୱେ ଆମେ ଏ ଯାଏ ବୁଝି ନାହୁଁ ଏ ନୂଆ କୃବୁ ଟେକ୍ନୋଲଜି କୁଆଡେ ନେବ। ସେଥିଲାଗି ଆମ ଭିତରୁ ଅନେକ ଚାହୁଁଛନ୍ତି କୃବୁ କାମରେ ରୋକ ଲଗାଯାଉ। ଧାରଣା ଯେ ରୋକ ଲଗାଯାଇଥିବା ସମୟରେ କିଛି ନୀତି ନିର୍ଦ୍ଧାରଣ କରିହେବ। ରୋକ ସମୟ କେତେ ଦୀର୍ଘ ହେବ। ଏଥିରେ ସବୁ ବୈଜ୍ଞାନିକ ସମ୍ମତ ନୁହନ୍ତି। ଏ ସବୁ ଚେଷ୍ଟା ନିରର୍ଥକ। କମ୍ପ୍ୟୁଟର ଆମକୁ ମାନିପୁଲେଟ୍ କରୁ ତା ଆମେ ଚାହୁଁ ନାହୁଁ। ଖରାପ କୃବୁ ବାୟାସ୍‌ରେ କାମ ନ କରୁ, ଏ ବାୟାସ୍ ତ ପ୍ରୋଗ୍ରାମର୍‌ର ମାନସିକ ସ୍ଥିତିରୁ ଆସିଥାଏ। ନିରପେକ୍ଷ ପ୍ରୋଗ୍ରାମର୍ ବା ସାଧୁପ୍ରତିମ ପ୍ରୋଗ୍ରାମର୍ ପାଇବା ଅସମ୍ଭବ। ଦ୍ୱିତୀୟ କଥା ସେଫ୍ଟି ବା ନିରାପତ୍ତା – ତୃତୀୟ ହେଉଛି ନ୍ୟାୟପୂର୍ଣ୍ଣ (ଫେଆର୍‌ନେସ୍) ସଫ୍ଟୱୟାର୍। ଲାଭ ମନୋବୃତ୍ତି ବା କମ୍ପାନୀମାଲିକର ଠକିବା ମନୋବୃତ୍ତି କୃବୁକୁ ଭୁଲ ବାଟରେ ନେଇପାରେ। କୃବୁରେ ଚାଳିତ ରୋବଟ୍‌କୁ ଜଣେ ମାନିଆକ୍ କଣ୍ଟ୍ରୋଲ କରିପାରେ, ଆତତାୟୀ ହାତରେ ବା ତାଲିବାନ ହାତରେ କୃବୁ ପରିଚାଳିତ ରୋବଟ୍ ପଡ଼ିପାରେ – ଯେପରି ପରମାଣୁ ଅସ୍ତ୍ର। ଚାଟ୍ ଗୋଟିଏ ବ୍ୟୁରୋକ୍ରାଟ୍ ଭଳି କାମ କରିବ – ଫର୍ମାଲ୍। ଯାହା ଶିଖିଥିବ ତା କରିବ, କମ୍ପ୍ୟୁଟର ଭିତରୁ ବାହାରକୁ ଡେଇଁ ପଡିବ ନାହିଁ, ତେଣୁ ସାମନାରେ ଥିବା ମଣିଷକୁ ଧରି ପକାଇବାର ବା ବିଶ୍ୱସାରା ମାଡ଼ିଯିବାର ଭୟ ନାହିଁ। ମଣିଷ ଯନ୍ତ୍ରକୁ ଅଫ୍ କରିଦେଲେ ସବୁ ବନ୍ଦ ହୋଇଯିବ – ଏ କଥା ଆମେ କମ୍ପ୍ୟୁଟର ବାହାରିବା ଦିନଠାରୁ ଜାଣିଛୁ।

sahadevas@yahoo.com

# ସମୁଦ୍ର ମାଡ଼ିଆସିବ



ନରେନ୍ଦ୍ର ସେଠୀ

'ବାଇଶି ପାହାଚେ ଖେଳିବ ମୀନ' ଏକଥା ମାଳିକାରେ ଲେଖା ଅଛି। ଅର୍ଥାତ୍ ଶ୍ରୀମନ୍ଦିର ଭିତର ଯାଏ ସମୁଦ୍ର ପାଣି ମାଡ଼ି ଆସିବ ବୋଲି ମାଳିକାରେ ବର୍ଣ୍ଣନା ଅଛି। ଏହା ଏକ ଭବିଷ୍ୟତ ବାଣୀ ହୋଇପାରେ। ପାଞ୍ଚଶହ ବର୍ଷ ପୂର୍ବରୁ ଏପରି ଭବିଷ୍ୟତ ବାଣୀ କରିଥିବା ଓ ସେହି ଯୁଗପୁରୁଷମାନେ କେତେ ସତ କହିଛନ୍ତି ତାହାକୁ ବିଜ୍ଞାନର ନିକିତିରେ ତଉଲି ଦେଖିବାର ବେଳ ଆସିଛି। ଏହି ବାଣୀ ଅନୁସାରେ ସମୁଦ୍ର ପାଣି ଦିନେ ମାଡ଼ି ଆସିବ ଓ ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହୋଇଯିବ ଏହା କେତେଦୂର ସତ୍ୟ ଆସନ୍ତୁ ତର୍ଜମା କରିବା। ସମୁଦ୍ରରେ ପାଣିର ସ୍ତର ବଢ଼ିଲେ ଏହା କୂଳ ଲଘଂନ କରିବ, ତା'ମାନେ ସମୁଦ୍ରରେ ବର୍ତ୍ତମାନ ଗଚ୍ଛିତ ପାଣିର ମାତ୍ରା ବଢ଼ିଲେ ହିଁ ଏହା କୂଳ ଲଘଂନ କରିବ। ସମୁଦ୍ରରେ ଥିବା ଜଳର ସ୍ତର ସେତିକିବେଳେ ବଢ଼ିବ ଯେତେବେଳେ ଗ୍ଲେସିୟରରେ ଥିବା ବରଫଗୁଡ଼ିକ ତରଳିବ। ଅର୍ଥାତ୍ ଗ୍ଲେସିୟର ତରଳିବା ହିଁ ଉପକୂଳବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବାର ମୁଖ୍ୟ କାରଣ। ତେବେ ଗ୍ଲେସିୟର ତରଳିବାର ମୁଖ୍ୟ କାରଣ ହେଲା ବିଶ୍ୱ ତାପମାତ୍ରାରେ ବୃଦ୍ଧି ପାଇବା ବା ପୃଥିବୀ ଉତ୍ତପ୍ତ ହେବା। ପୃଥିବୀ ଇତିହାସରେ ସମୟ ସହିତ ଏହା ଅନେକ ଥର ଉତ୍ତପ୍ତ ଓ ଶୀତଳ ହେବାର ଦେଖାଦେଇଛି। ନିଜ ଅକ୍ଷ ଚାରିପଟେ ବୁଲିବା ବେଳେ ସାମାନ୍ୟ ବ୍ୟତିକ୍ରମ ଯୋଗୁ କିମ୍ବା ସୂର୍ଯ୍ୟଠାରୁ ଗ୍ରହଣ କରୁଥିବା ସୌରଶକ୍ତିର ମାତ୍ରାରେ ଅଧିକ ହେଲେ ପୃଥିବୀ ଜଳବାୟୁରେ ସାମାନ୍ୟ ପରିବର୍ତ୍ତନ ହୁଏ। କିନ୍ତୁ ବିଗତ କେତୋଟି ଶତାବ୍ଦୀରେ ଆଉ ଏକ କାରଣ ପୃଥିବୀର ତାପମାତ୍ରା ବଢ଼ିବାରେ ଲାଗିଛି। ତାହା ହେଲା ମାନବ ଜାତିର ଉତ୍‌ଥାନ। ନିଜ ସୁଖ ସୁବିଧା ପାଇଁ ଗଢ଼ି ତୋଳିଥିବା କଳକାରଖାନା ଓ ଜୀବାଶ୍ମ ଜାଳେଣିର ବ୍ୟବହାର ଏହାର ମୁଖ୍ୟ କାରଣ। କଥା ବେଶିଦିନ ତଳର ନୁହଁ। ୨୦୦୦ ରେ ଯେତେବେଳେ ବାଣୀବିହାରରେ ସ୍ନାତକୋତ୍ତର ପଢୁଥିବା ବେଳେ ଭୁବନେଶ୍ୱରର ଜଳବାୟୁ ଅତି ଉପଭୋଗ୍ୟ ଥିଲା। ଅଂଶୁଘାତ କ'ଣ ଲୋକେ ଜାଣି ନ ଥିଲେ। ଖରାବେଳେ ବରମୁଣ୍ଡାରୁ ସାଇକେଲ ଚଳେଇ ବାଣୀବିହାର ଯିବା ଆସିବାରେ କିଛି ଅସୁବିଧା ନ ଥିଲା। କିନ୍ତୁ ଦିନେ ଖରାରେ ବୁଲିଲେ ଲୋକେ ମରିବେ ଏକଥା କେହି କଳ୍ପନା କରି ନ ଥିଲେ। ଗ୍ରୀଷ୍ମଋତୁରେ ଭୁବନେଶ୍ୱରର ତାପମାତ୍ରା ବଢ଼ି ୪୫ ଡିଗ୍ରୀରେ ପହଞ୍ଚୁଛି। ଆମେରିକୀୟ ମହାକାଶ ସଂସ୍ଥା ନାଶା ଅନୁଯାୟୀ ବିଶ୍ୱର ତାପମାତ୍ରା ୧୯୦୬ରୁ ୨୦୦୫ ଭିତରେ ୦.୬ ରୁ ୦.୯ ଡିଗ୍ରୀ ସେଣ୍ଟିଗ୍ରେଡ୍ ବଢ଼ିଛି। କିନ୍ତୁ ବିଗତ ପଚାଶ ବର୍ଷ ଭିତରେ ତାପମାତ୍ରାରେ ବୃଦ୍ଧିପାଇବାର ବେଗ ଦୁଇଗୁଣ ବଢ଼ିଛି। ହଠାତ୍ ଏମିତି ଜଳବାୟୁରେ ପରିବର୍ତ୍ତନ ହୋଇ ତାପମାତ୍ରା ବୃଦ୍ଧି ହେବାକୁ ଗ୍ଲୋବାଲ ୱାର୍ମିଂ କୁହାଯାଏ। ଅର୍ଥାତ୍ ବିଶ୍ୱର ତାପମାତ୍ରା ବଢ଼ିବାରେ ଲାଗିଛି। ଏହାର ମୁଖ୍ୟ କାରଣ ହେଲା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷକର ବୃଦ୍ଧି। ଏହି ପ୍ରଦୂଷିତ ଗ୍ୟାସ ସୂର୍ଯ୍ୟର ତାପମାତ୍ରାକୁ ଧରି ରଖିବା ସଙ୍ଗେ ସଙ୍ଗେ ପୃଥିବୀ ଉପରୁ ବାହାରି ଯାଉଥିବା ତାପମାତ୍ରାକୁ ମଧ୍ୟ ଶୋଷଣ କରି ନିଜ ଭିତରେ ରଖନ୍ତି ; ଯାହା ଫଳରେ ପୃଥିବୀ ପୃଷ୍ଠର ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଏଇ କିଛି ବର୍ଷ ପୂର୍ବରୁ ଜାପାନରେ ହୋଇଯାଇଥିବା ଜି-



୨୦ ବୈଠକରେ ମୁଖ୍ୟ ବିଷୟ ଗ୍ଲୋବାଲ ୱାର୍ମିଂ ଥିଲା। କେମିତି କାର୍ବନ ଉତ୍ସର୍ଜନକୁ କମ କରାଯାଇପାରିବ ଏଥିପାଇଁ ରାଷ୍ଟ୍ର ମୁଖ୍ୟମାନେ ଆଲୋଚନା କରିଥିଲେ। ଗ୍ଲୋବାଲ ୱାର୍ମିଂ ପାଇଁ ମୁଖ୍ୟତଃ ଫସିଲ ଫୁଏଲର ବ୍ୟବହାର ଓ ଜଙ୍ଗଲ ଅବକ୍ଷୟ ଦାୟୀ। ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବର୍ଷକୁ ୧.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୁଏ। ଗ୍ଲୋବାଲ ୱାର୍ମିଂ ଯୋଗୁ ମେରୁ ଅଞ୍ଚଳର ବରଫ ତରଳିବାରେ ଲାଗିଛି। ଗ୍ଲେସିୟରରେ ଲକ୍ଷ ଲକ୍ଷ ବର୍ଷ ଧରି ଥିବା ବରଫ ଖଣ୍ଡ ତରଳି ସମୁଦ୍ରରେ ପଶୁଛି। ଫଳରେ ମାଳଦ୍ୱୀପ ପ୍ରଥମ ଦେଶ ଭାବରେ ଜଳମଗ୍ନ ହେବାର ସମ୍ଭାବନା ଅଛି। ଗ୍ଲୋବାଲ ୱାର୍ମିଂ ଏବେ ବିଶ୍ୱର ଅସ୍ତିତ୍ୱ ଉପରେ ପ୍ରଶ୍ନଚିହ୍ନ ଛିଡ଼ା କରିଛି। ଚାଇନା, ଆମେରିକା ଓ ରୁଷ ଭଳି ଶିଳ୍ପସମୃଦ୍ଧ ଦେଶ ବିଶ୍ୱର ସର୍ବାଧିକ କାର୍ବନ ଏମିଶନ କରୁଥିବା ଦେଶ ଭାବରେ ଆଗରେ ଅଛନ୍ତି। ଏହି ସବୁ ଦେଶଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ନିଜ ନିଜର କାର୍ବନ ଏମିଶନ କମ୍ କରିବାକୁ ଆଗେଇ ଆସିବା ଦରକାର। ଦିନକୁ ଦିନ କମି ଯାଉଥିବା ଜଙ୍ଗଲ ମଧ୍ୟ ଏକ ଚିନ୍ତାର ବିଷୟ। ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଆମାଜନ ରେନ ଫରେଷ୍ଟରେ ନିଆଁ ତଥା ଅନ୍ୟାନ୍ୟ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ଅବକ୍ଷୟ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ବିଗତ କେଇ ଦଶନ୍ଧି ଭିତରେ ପୃଥିବୀର ତାପମାତ୍ରା ଏକ ଡିଗ୍ରୀ ବଢ଼ିଛି। ଗ୍ଲେସିୟର ବରଫ ତରଳିବାରେ ଲାଗିଛି। ସମୁଦ୍ର ପତନ ବଢୁଛି। ଫଳରେ ମାଳଦ୍ୱୀପ, ମରିସସ, ଭାରତ, ଶ୍ରୀଲଙ୍କା ପ୍ରଭୃତି ଦେଶର ଉପକୂଳ ଅଞ୍ଚଳ ଜଳମଗ୍ନ ହେବାର ଭୟ ସୃଷ୍ଟି ହୋଇଛି। ସେଥିପାଇଁ ବିକାଶଶୀଳ ଦେଶଗୁଡ଼ିକ ନିଜ ନିଜର କାର୍ବନ ଫୁଟ ପ୍ରିଣ୍ଟ କମେଇବାକୁ ପଡ଼ିବ। ୨୦୫୦ ସୁଦ୍ଧା ତିରିଶ କୋଟି ଲୋକ ସମୁଦ୍ର ଜଳରେ ଭାସିଯିବାର ଆଶଙ୍କା ପ୍ରକାଶ କରିଛନ୍ତି ଆସିଆନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଜାତିସଂଘର ମହାସଚିବ ଆଣ୍ଟୋନିୟୋ ଗୁଟେରସ। ଚାଇନା, ଭାରତ, ଶ୍ରୀଲଙ୍କା ଓ ବାଂଲାଦେଶ ଭଳି ଦେଶ ସମୁଦ୍ର ପତନ ବଢ଼ିବାରୁ ଅଧିକ ବିପଦର ସମ୍ମୁଖୀନ ହେବାର ଭୟ ରହିଛି। ନିକଟରେ ନେଚର କମ୍ୟୁନିକେଶନରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ତାପମାତ୍ରା ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ୧.୫ ଡିଗ୍ରୀ ବଢ଼ି ଯାଇପାରେ। ଏହାର ମୁକାବିଲା କରିବା ପାଇଁ ବିଶ୍ୱର ଅଙ୍ଗାରକାମ୍ଳ ନିର୍ଗମନକୁ ଶତକଡ଼ା ୪୫ ଭାଗ କମେଇବାକୁ ପଡ଼ିବ। ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଖାଦ୍ୟ ରୂପେ ବ୍ୟବହାର କରି ଅମ୍ଳଜାନ ଦେଉଥିବା ଏକମାତ୍ର ଗଛ ଉପରେ ସବୁ ନିର୍ଭର କରେ। ଆମକୁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ହେବ। ବ୍ୟାଟେରି ଚାଳିତ କାର ଓ ମୋଟର ସାଇକେଲର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ନ ହେଲେ ଭବିଷ୍ୟତ ପିଢ଼ି ଚରମ ବିପଦର ସମ୍ମୁଖୀନ ହେବ ଏଥିରେ ସନ୍ଦେହ ନାହିଁ। 'ବାଇଶି ପାହାଚେ ଖେଳିବ ମୀନ' ଏକଥା ମାଳିକାର ଭବିଷ୍ୟତବାଣୀ ହୋଇପାରେ। ଅର୍ଥାତ୍ ଶ୍ରୀମନ୍ଦିର ଭିତର ଯାଏ ସମୁଦ୍ର ପାଣି ମାଡ଼ି ଆସିବ ବୋଲି ମାଳିକାରେ ବର୍ଣ୍ଣନା ଅଛି। କିନ୍ତୁ ଗ୍ଲୋବାଲ ୱାର୍ମିଂ ଭଳି ପରିପ୍ରେକ୍ଷୀରେ ଏହା ଯେ ଏକ ନିରାଟ ସତ କଥା ତାହା ଗ୍ରହଣ କରିବାର ସମୟ ଆସି ପହଞ୍ଚିଛି।

ମୋ:୭୦୦୪୦୬୮୧୧୦

## ଏଇ ଭାରତରେ

ବିହାରର ସମସ୍ତିପୁରରେ ଭାଇ ଏବଂ ଭଉଣୀ ମଧ୍ୟରେ ଥିବା ନିବିଡ଼ ସ୍ନେହର ଏହା ଏକ ଉଦାହରଣ ପାଲଟିଛି। ସାତ ଫେରା ନେବା ପରେ ମଧ୍ୟ ଭଉଣୀ ଶାଶୁ ଘରକୁ ଯିବାକୁ ମନା କରିଦେଇଛନ୍ତି। ଏହି ଘଟଣା ସମସ୍ତିପୁର ଜିଲାର ମୁଫାସିଲ ପୋଲିସ ଷ୍ଟେଶନ ଅଞ୍ଚଳର ବେଝାଡିହ ଲାଗୁନିଆରେ ଘଟିଛି। ବିବାହ ପରେ କନ୍ୟାଙ୍କୁ ବିଦାୟ ଦିଆଯାଇଥିଲା। ଅଳ୍ପ ଦୂର ଯିବା ପରେ ସେ ତାଙ୍କ ସାନ ଭାଇଙ୍କ ସହ ଫୋନରେ କଥାବାର୍ତ୍ତା କରିବାକୁ ଜିଦ୍ ଧରିଥିଲେ। କିନ୍ତୁ ବର ତାଙ୍କୁ ଫୋନରେ କଥାବାର୍ତ୍ତା ହେବାକୁ ଅନୁମତି ଦେଇ ନ ଥିଲେ। ଫଳରେ କନ୍ୟା ବରଙ୍କ ସହ ଯିବାକୁ ମନା କରିଥିଲେ। କୁହାଯାଉଛି ଯେ, ସମସ୍ତିପୁର ଜିଲାର ଅଙ୍ଗର ଘାଟ ପୋଲିସ ଷ୍ଟେଶନ ଅଞ୍ଚଳରୁ ବିବାହ ଶୋଭାଯାତ୍ରା ଶୁକ୍ରବାର ବେଝାଡିହର ଲାଗୁନିଆ ଗ୍ରାମକୁ ଆସିଥିଲା। ବିବାହ ପରେ ଝିଅ ବିଦା କରାଯାଇଥିଲା। କିନ୍ତୁ କନ୍ୟା ଘରଠାରୁ ୩ କିଲୋମିଟର ଯିବା ପରେ ସେ ଗୁରୁତର ଅସୁସ୍ଥ ଥିବା ତାଙ୍କ ସାନ ଭାଇଙ୍କ ସହିତ ଫୋନରେ କଥା ହେବାକୁ ଜିଦ୍ ଧରିଥିଲେ। ମାତ୍ର ବର ଅନୁମତି ନ ଦେବାରୁ ସେ ହୋହଲ୍ଲା କରି କାନ୍ଦିବା ଆରମ୍ଭ କରି ଦେଇଥିଲେ। ଏହା ଦେଖି ସ୍ଥାନୀୟ ଗ୍ରାମବାସୀ ସେଠାରେ ଜମିଥିଲା। ଲୋକମାନେ ବହୁ ବୁଝାଇବା ପରେ ମଧ୍ୟ କନ୍ୟା ତାଙ୍କ ଶାଶୁ ଘରକୁ ଯିବାକୁ ମନା କରିଦେଇଥିଲେ। ପରେ କନ୍ୟା ଶାଶୁ ଘରକୁ ଯିବାକୁ ପ୍ରସ୍ତୁତ ନ ଥିବା ଜାଣି ମାତାପିତା ତାଙ୍କୁ ସାଙ୍ଗରେ ନେଇ ଘରକୁ ଫେରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୩ ମେ ୧୯୯୮

- ଚିତ୍ରୋତ୍ପଳା ନଦୀରେ ଏକ ନୌକା ଭାରସାମ୍ୟ ହରାଇ ବୁଡ଼ିଯିବା ଫଳରେ ୧୯ ଜଣଙ୍କ ମୃତ୍ୟୁ ଆଶଙ୍କା।
- ଉତ୍ତରପ୍ରଦେଶର କୁଶୀନଗର ଜିଲାରେ ବିଷାକ୍ତ ମଦ ପିଇ ୬୦ ମୃତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଜବାହରଲାଲ ନେହେରୁଙ୍କ ଘନିଷ୍ଠ ସହଯୋଗୀ ପୁରୁଷୋତ୍ତମ କାକୋଦୋରଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାମାନେ ଖେଳକୁଦ ପ୍ରତି ଆଗ୍ରହୀ ହୁଅନ୍ତୁ

ମହାଶୟ,

ଭାରତରେ ପିଲାମାନେ କମ ସମୟ ଖେଳକୁଦ କରନ୍ତି। ଏକ ସର୍ବେକ୍ଷଣ ଅନୁସାରେ ଭାରତୀୟ ପିଲାମାନେ ସପ୍ତାହରେ ମାତ୍ର ୮୬ ମିନିଟ ଖେଳକୁଦ ଓ ବ୍ୟାୟାମରେ କଟାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶ ଅନୁସାରେ ପିଲାମାନେ ସପ୍ତାହକୁ ୪୨୦ ମିନିଟ୍ ବା ତା'ଠାରୁ ଅଧିକ ସମୟ ଖେଳକୁଦ କରିବା ଦରକାର। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁସାରେ ଯୁବଗୋଷ୍ଠୀ ମଧ୍ୟରୁ ମାତ୍ର ୨୦ ପ୍ରତିଶତ ସପ୍ତାହରେ ୧୫୦ ମିନିଟ୍‌ରୁ ୩୮୦ ମିନିଟ୍ ପର୍ଯ୍ୟନ୍ତ ଖେଳକୁଦ କରିଥାଆନ୍ତି। ଅନ୍ୟମାନେ ମାତ୍ର ୧୦୧ ମିନିଟ୍ ଖେଳକୁଦ କରିଥାନ୍ତି। ପାଠପଢ଼ାରେ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଅନ୍‌ଲାଇନରେ ସମୟ କଟାଇବା ଏହାର ମୁଖ୍ୟ କାରଣ। ଖେଳକୁଦ ବା ବ୍ୟାୟାମ ଶାରୀରିକ ଦକ୍ଷତା ବଢ଼ାଇବା ସହ ଭାବ ପ୍ରବଣତା ଦକ୍ଷତା ବୃଦ୍ଧି ବଢ଼ାଇବା ଓ ଏହାଦ୍ୱାରା ଜୀବନର ମୂଲ୍ୟ ବୁଝିବା ସହଜ ହୋଇଥାଏ। ଏହା ମଧ୍ୟ ପିଲାମାନଙ୍କ ପାଠପଢ଼ାରେ ଉନ୍ନତି ଆଣେ। ଏଣୁ ପିତାମାତା ଓ ଅଭିଭାବକମାନେ ପିଲାମାନଙ୍କୁ ଅଧିକ ସମୟ ଖେଳକୁଦ ଓ ବ୍ୟାୟାମ କରିବା ପାଇଁ ପ୍ରବର୍ତ୍ତାଇବା ଆବଶ୍ୟକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**୨ କରୋନା ପଜିଟିଭ ଚିହ୍ନଟ**

ଗୋଲାମୁଣ୍ଡା,(ଡି.ଏନ୍.ଏ. ): ଦୀର୍ଘ ଦିନପରେ ଗୋଲାମୁଣ୍ଡା ବ୍ଲକରେ ୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଧାମନପୁର ପଞ୍ଚାୟତର ୨ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ବେଳେ ତାଙ୍କଠାରେ କରୋନା ଲକ୍ଷଣ ଦେଖା ଦେଇଥିଲା। ଡାକ୍ତର ତାଙ୍କୁ ତୁରନ୍ତ କରୋନା ପରୀକ୍ଷା କରାଇବାକୁ କହିଥିଲେ। ପରେ ଦୁହେଁ ପଜିଟିଭ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ସରକାରୀ ରାସ୍ତାରେ ଗୃହ ନିର୍ମାଣକୁ ବିରୋଧ

**କର୍ଲାମୁଣ୍ଡା,୨।୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ତେରେସିଙ୍ଗା ପଞ୍ଚାୟତ ବିନ୍ଧାଣିଠାରୁ ସାନଡୁଙ୍ଗୁରିଗୁଡ଼ା ଗ୍ରାମକୁ ଯାଇଥିବା ସରକାରୀ ରାସ୍ତା (ବିନ୍ଧାଣି ଛକ) ଉପରେ ଗ୍ରାମର ୩ ବ୍ୟକ୍ତି ଗୃହ ନିର୍ମାଣ କରୁଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ସୋମବାର ବିଡିଓ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେହି ଗ୍ରାମର ୩ ବ୍ୟକ୍ତି ପ୍ଲଟକୁ ନିଜର ବୋଲି ଦାବି କରି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ବହୁ ବର୍ଷ ପୂର୍ବରୁ ଉକ୍ତ ରାସ୍ତା ଦେଇ ସାନ ଡୁଙ୍ଗୁରିଗୁଡ଼ା ଗ୍ରାମବାସୀ ବିନ୍ଧାଣି ଛକକୁ ଯିବା ଆସିବା କରିଥାନ୍ତି। ଘର ନିର୍ମାଣ ହେବା ଫଳରେ ରାସ୍ତା ଅବରୋଧ ହୋଇଯିବ। ଫଳରେ ଗ୍ରାମବାସୀ, ଛାତ୍ରୀଛାତ୍ରମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେବେ। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୂତନ ଅଧ୍ୟକ୍ଷଭାବେ ଦାୟିତ୍ୱ ନେଲେ ପୁଷ୍ପରାଜ ମେହେର



**କୋକସରା,୨।୫(ଡି.ଏନ୍.ଏ.):** କୋକସରା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପୁଷ୍ପରାଜ ମେହେର। ସେ ପୂର୍ବରୁ ସେହି ମହାବିଦ୍ୟାଳୟରେ ଅଧ୍ୟାପକଭାବେ କାର୍ଯ୍ୟକରୁଥିଲେ। ତାଙ୍କୁ ଯେଉଁଭଳିଭାବେ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅଞ୍ଚଳରେ କେବେ କେଉଁଠି ଏମିତି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ କରିବା ନଜରକୁ ଆସିନାହିଁ। ପୂଜାର୍ଚ୍ଚନାପରେ ଅଧ୍ୟକ୍ଷ ମୁଣ୍ଡରେ ମୁକୁଟ ପିନ୍ଧି କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ଗୁଣାକାର ପଣ୍ଡା, ଅଧ୍ୟାପକ ଅଇରୀ ନାଶନ ଚିନ୍ଦା, ସୁବ୍ରତ କୁମାର ବେହେରା, ଜଗନ ଚାନ୍ଦାନି, ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପିକା କନକ ମଞ୍ଜରି ବେହେରା, ପୂଜକ ଅଶୋକ ଦାସ ଓ ମହାବିଦ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଶ୍ରମିକ ଦିବସ

**କୋକସରା,୨।୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ୍ କାଉଡୋଲା ଧାନ ମଣ୍ଡି ପରିସରରେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ କର୍ମଚାରୀ ଏବଂ ଏଆଇଟିୟୁଟ ସଂସ୍ଥାର କର୍ମଚାରୀ ଉପସ୍ଥିତ ରହି ଶ୍ରମିକଙ୍କ ଅଧିକାର ବିଷୟରେ ଆଲୋଚନା କରିଥିଲେ। ଶ୍ରମିକଙ୍କୁ ଯେପରି ଶୋଷଣ ଓ ଅତ୍ୟାଚର ହେଉଛି ତାର ପ୍ରତିବାଦ ସ୍ୱରୂପ ସମସ୍ତେ ଏକଜୁଟ ହୋଇ ସମସ୍ତ ଶ୍ରମିକ ଐକ୍ୟବଦ୍ଧ ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଅକ୍ଷୟ କୁମାର ମେହେର ଯୋଗ ଦେଇ ଶ୍ରମିକ ଦିବସ ବିଷୟରେ ଅଲୋକପାତ କରିବା ସହ ଶ୍ରମିକ ସଂଘର ଇତିହାସ ଓ ବିଶ୍ୱ ଶ୍ରମିକଙ୍କ ଲଢ଼ାଇର ଲକ୍ଷ୍ୟ, ଆଦର୍ଶ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ଉତ୍ସବରେ ରିକିରାମ ଭାଟି, ସେବତୀ ତାଣ୍ଡି, ଡାଲିମ୍ବ ଲହଜଲ, ହେମ ନାୟକ, ଜହ୍ନବି ଭୋଇ ଉପସ୍ଥିତ ରହି ନିଜର ମନ୍ତବ୍ୟ ଦେଇ ସଂଘଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ରଘୁ ମାଝି, ସଜମନି ମାଝି, ମହେନ୍ଦ୍ର ବାଗ ସହଯୋଗ କରିଥିଲେ।

### ବିଭିନ୍ନ ସ୍ଥାନରେ ବିରାଟ ପର୍ବ



**କର୍ଲାମୁଣ୍ଡା,୨।୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ବିରାଟ ପର୍ବ ନାଟ୍ୟ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ରିଷିଡ଼ା, କନ୍ଧପଡ଼ା, ତେରେସିଙ୍ଗା, ବିରାଟପଡ଼ା ,ତେରେସିଙ୍ଗା, ରାଧବଲ୍ଲବ ପଡ଼ା, ବାଞ୍ଜିପଦର, ଭାଲୁପିଆ, ଗୋଇନ୍ଦମୁଣ୍ଡା, ରେଙ୍ଗାଲି, ଟକାରୁମାଲ, ସାପଲହରା, ବ୍ରାହ୍ମଣୀମୁଣ୍ଡା ଗ୍ରାମରେ ଆୟୋଜିତ ନାଟ୍ୟ ଉତ୍ସବର ବିଭିନ୍ନ ରଜନୀରେ ପଞ୍ଚୁପାଣ୍ଡବଙ୍କ ଅଜ୍ଞାତବାସ, ଚନ୍ଦନ ଯାତ୍ରା, କୀଚକ ବଧ, ଗୋଧନହରଣ ଆଦି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରାୟ ୨୮ ଗ୍ରାମରେ ରାମଲୀଳା ଏବଂ ୧୨ରୁ ଊର୍ଦ୍ଧ୍ୱ ଗ୍ରାମରେ ବିରାଟ ପର୍ବ ପାଳନ ହୋଇଥାଏ।

# ବିଲ୍ ଉଠିଛି, ଶ୍ରମିକ ପାଇନାହାନ୍ତି

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଅଭିଯୋଗ**

ଲାଞ୍ଜିଗଡ଼,୨।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ଘାଟିକୁଣ୍ଡରୁ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମହାଦୁର୍ନୀତି ଏବଂ ମାସ ମାସ ଧରି ଶ୍ରମିକଙ୍କୁ ପାରିଶ୍ରମିକ ରାଶି ମିଳୁ ନ ଥିବା ଅଭିଯୋଗ ହୋଇଛି । କେନ୍ଦ୍ର ସରକାର ଗରିବ ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରୀ କରିଛନ୍ତି ସତ ହେଲେ ଯୋଜନା ଠିକ ଭାବେ ପରିଚାଳନା ହେଉ ନ ଥିବା କୁହାଯାଉଛି। ଶ୍ରମିକମାନେ କାମକରି ମଧ୍ୟ ସେମାନଙ୍କ ପାରିଶ୍ରମିକ ପାଇ ପାରୁନାହାନ୍ତି। ଏହି ଗାଁରେ ୨୦୧୮/୧୯ ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ମୁଖ୍ୟ ରାସ୍ତାଠାରୁ ଗାଁକୁ ମାଟି ରାସ୍ତା ପାଇଁ ୩ ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ବର୍ତ୍ତମାନ କାମ ବନ୍ଦ ହେବା ସହ ରାସ୍ତା କାମ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ହେଲେ କାମ ବନ୍ଦ ଥିବା ସତ୍ତ୍ୱେ ମଧ୍ୟ କାମ ନ କରିଥିବା ୪୦ ଜଣଙ୍କ ବ୍ୟାଙ୍କ ଖାତାରେ ଅର୍ଥରାଶି ଜମା କରି ୨ ଲକ୍ଷ ୩୦ ହଜାର ଅର୍ଥ ରାଶି ହଡପ କରୁଥିବା ଅଭିଯୋଗ ହେଉଛି। ଯେଉଁ ଶ୍ରମିକ କାମ କରିଛନ୍ତି ସେମାନଙ୍କ ବ୍ୟାଙ୍କ ଖାତାରେ ଅର୍ଥ ରାଶି ଜମା ହେଉ ନ ଥିବା ଚର୍ଚ୍ଚା ହେଉଛି। ଏହି ରାସ୍ତା କାମରେ ଗାଁର ଅନେକ ଶ୍ରମିକ ନିୟୋଜିତ ହୋଇ କାମ କରିଛନ୍ତି। ହେଲେ ମାସ ମାସ ଧରି ଶ୍ରମିକମାନେ ପାରିଶ୍ରମିକ ପାଇନାହାଁନ୍ତି। ଅନ୍ୟ ପଟେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିୟମ ଅନୁଯାୟୀ ଶ୍ରମିକ ପରିଶ୍ରମ ଅର୍ଥ ୧୫ ଦିନ ଭିତରେ ବ୍ୟାଙ୍କ ଖାତାରେ ଜମା ହେବା ବ୍ୟବସ୍ଥା ରହିଛି। କିନ୍ତୁ ମାସ ମାସ ଧରି ଶ୍ରମିକ ସେମାନଙ୍କ ପାରିଶ୍ରମିକ ଅର୍ଥ ପାଇ ନାହାନ୍ତି। ପ୍ରଶାସନ ଆନ୍ତରିକତା ଅଭାବ ଯୋଗୁ ମନରେଗାରେ ଠିକ ସମୟରେ ପାରିଶ୍ରମିକ ନ ମିଳିବା, ଯୋଜନା ନାଁରେ ରଫା ଦଫା କରି ଅର୍ଥ ହଡପ କରାଯାଉଛି ବୋଲି ଅଞ୍ଚଳବାସୀ କହିଛନ୍ତି। ତେବେ ଶ୍ରମିକଙ୍କୁ କେମିତି ପାରିଶ୍ରମିକ ଅର୍ଥରାଶି ମିଳିବ ଏଥି ପ୍ରତି ଜିଲାପାଳ ତୁରନ୍ତ ଦୃଷ୍ଟି ଦେବାକୁ ବ୍ରିଟିଶ କୁମାର, ସାନ ମାଝୀ, ଶ୍ରାବୁଣୁ ମାଝୀ, ରାମତୁ ମାଝୀ, ନର୍ସିଂ ମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏ ବିଷୟରେ ବ୍ଲକ ଏପିଓ ସଙ୍ଗୀତ ପରିଡାଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ କିଛି ଜାଣିନାହିଁ, କିନ୍ତୁ ସେ ପ୍ରୋଜେକ୍ଟ ବନ୍ଦ ହୋଇନାହିଁ। ଅନ୍‌ଲାଇନରେ ଚେକ୍ କଲେ ତାହାର ଡିଟେଲ ମିଳିବ। ମୁଁ ମେଡିକାଲ କାମରେ ଛୁଟିରେ ଥିବା ହେତୁ ତାହା ଦେଖିବା ସମ୍ଭବ ନୁହଁ। ତେଣୁ ମୁଁ ଅଫିସ ଗଲେ ଡିଟେଲ ଚେକ୍ କରି କହିପାରିବି ବୋଲି କହିଥିଲେ।



ଘାଟିକୁଣ୍ଡ ଗାଁକୁ ଯାଇଥିବା ରାସ୍ତା।

## କୋଣାର୍କ ସୂତାକଳରେ ଶ୍ରମିକ ଦିବସ



ସୂତାକଳ ସମ୍ମୁଖରେ ଉପସ୍ଥିତ ଥିବା ଶ୍ରମିକ ଓ କର୍ମଚାରୀ ସଂଘ।

କେସିଙ୍ଗା,୨।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା କୋଣାର୍କ ସୂତାକଳ ପରିସରରେ ଶ୍ରମିକ ଓ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲିଙ୍ଗରାଜ ଆଜାଦ, ଉପସଭାପତି ସୁରେଶ ରାଓ, ସେକ୍ରେଟାରୀ ଜନାର୍ଦ୍ଦନ ନାୟକ, ସଂଯୁକ୍ତ ନାୟକ, ଅମର ସେଠୀ, ଉଦ୍ଧବ ଗୌଡ଼ ଯୋଗଦେଇଥିଲେ। କୋଣାର୍କ ସୂତାକଳକୁ ଚଲାଇବାକୁ ବହୁ ଦିନରୁ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ ହୋଇ ଆସୁଛି। କପା କ୍ରୟ କରି ଚାଷୀଙ୍କୁ ଉଚିତ ପାଉଣା ଦେବା ସହ ସୂତାକଳକୁ ରାଜ୍ୟ ସରକାର ମରାମତି କରି ଅଞ୍ଚଳର ଶ୍ରମିକଙ୍କୁ ନିଯୁକ୍ତି ଦେବା ପାଇଁ ସଭାପତି ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ। ଯଦି ସରକାର ଏହି ସୂତାକଳକୁ ତୁରନ୍ତ ମରାମତି ନ କରନ୍ତି ତେବେ ଆଗାମୀ ଦିନରେ ଗଣଆନ୍ଦୋଳନ କରାଯିବ ବୋଲି ସଭାପତି ଓ ସମ୍ପାଦକ ଚେତାବନୀ ଦେଇଛନ୍ତି।

# ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ

ନୂଆପଡା ଅଫିସ, ୨।୫୫

ନୂଆପଡା ପୋଲିସ ପଡିଆସ୍ଥିତ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲାଶ୍ରମ ଅଧିକାରୀ ରବିନ୍ଦ୍ର ବର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ଏମ୍‌ପି ପ୍ରତିନିଧି କମଲେଶ ଦୀକ୍ଷିତ, ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଜିଲାଶ୍ରମ ଅଧିକାରୀ ବାର୍ଲା ଜିଲାରେ ୨୦୨୨-୨୩ ପର୍ଯ୍ୟନ୍ତ ଶ୍ରମିକ ମାନଙ୍କୁ ଦିଆଯାଇଥିବା ସହାୟତା ଉପରେ ଅବଗତ କରିଥିଲେ । ଜିଲାରେ ବିବାହ ସହାୟତା ୧୦୬ଜଣଙ୍କୁ ୫୨ ଲକ୍ଷ ୭୫ ହଜାର ଟଙ୍କା ଦିଆ ଯାଇଥିବା ବେଳେ ପ୍ରସବକାଳୀନ ସହାୟତା ୨ ଜଣଙ୍କୁ ୨୦ ହଜାର ଟଙ୍କା ଦିଆ ଯାଇଛି। ସେହିପରି ମୃତ୍ୟୁକାଳୀନ ସହାୟତା ୫୧ ଜଣଙ୍କୁ ୧ କୋଟି ୧ ଲକ୍ଷ ଟଙ୍କା, ଶବ ସତ୍କାର ପାଇଁ ୨୪ ଜଣଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଶିକ୍ଷା ସହାୟତା ପାଇଁ ୨ ଜଣଙ୍କୁ ୭ ହଜାର ୨ ଶହ ଟଙ୍କା ଦିଆଯାଇଛି । ମୋଟ ୧୮୫ ଜଣଙ୍କୁ ୧ କୋଟି ୫୫ ଲକ୍ଷ ୨୨ ହଜାର ୨ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରା ଯାଇଛି । ବିବାହ କାଳୀନ ସହାୟତା ବାବଦକୁ କୁନି ରାଉତ, ରେମତି ସଲମା, ରତ୍ନେଦେଇ ପଟେଲ, ପାରେଶ୍ୱର ମେହେର, ସଦାନ କତା, ଚିନ୍ତା ନାଗ, ନୂଆଦେଇ ହଂସ, ତ୍ରିଲୋଚନ ରଣା ପ୍ରମୁଖଙ୍କୁ ୫୦ ହଜାର ଲେଖାଏ ପ୍ରଦାନ କରା ଯାଇଥିଲା। ସେହିପରି ମୃତ୍ୟୁକାଳୀନ ସହାୟତା ବାବଦକୁ ୨ଲକ୍ଷ ଲେଖାଏର ଚେକ ଭୂମି ନାଗ, ତିରଥିନ ନାଗ, ଦଶନୁ ନିଆଲ, ନୀଳ ମାଝି, ଅଜିତ ଜଗତଙ୍କୁ ପ୍ରଦାନ କରା ଯାଇଥିଲା।



ଶ୍ରମିକ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

## ଲଡୁଗାଁରେ ଆମ୍ବେଡ୍‌କରଙ୍କ ୧୩୨ତମ ଜୟନ୍ତୀ

କୋକସରା,୨।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ମିନିଷ୍ଟାଡିୟମରେ ରବିବାର ଡ. ଆମ୍ବେଦକରଙ୍କ ୧୩୨ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।ଏଥିରେ ଶତାଧିକ ଆମ୍ବେଡ୍‌କର ପ୍ରେମୀ, ଯୁବତୀଯୁବକ, କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଜୟ ଭୀମ ନାରା ନେଇ ଶୋଭାଯାତ୍ରା ନଗର ପରିକ୍ରମା କରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ପରେ ଲଡୁଗାଁ ଆମ୍ବେଡ୍‌କର ଜନ୍ମ ଜୟନ୍ତୀ ପାଳନ କମିଟି ଆବାହକ ଗରୁଡ଼ ବାଗଙ୍କ ସଭାପତିତ୍ୱରେ ଅତିଥିମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ରାୟଗଡା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ମୁଖ୍ୟ ବକ୍ତା ଆମ୍ବେଡକର ବାଦୀ ନେତା ଭୋଦେବ ମହାନନ୍ଦିଆ, ବିଶିଷ୍ଟ ଅତିଥି ବହୁଜନ ସମାଜ ସଂଗଠକ ସରୋଜ କୁମାର ନାୟକ, ସମ୍ମାନିତ ଅତିଥି ରମଣୀ ଦୁରିଆ, ସୁଗ୍ରୀବ ଦୀପ, ଅବସରପ୍ରାପ୍ତ ଅଧ୍ୟକ୍ଷ କୋକସରା ପଞ୍ଚାୟତ ସମିତି କଲେଜ ଗୋବର୍ଦ୍ଧନ ବାଗ, ଆଇନଜୀବୀ ତଥା ଯୁବନେତା ଦିଗାମ୍ବର ଦୁରିଆ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଉପଦେଷ୍ଟା ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ବିଶ୍ୱନାଥ କର, ଧନଞ୍ଜୟ ଦୀପ, ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଦେବାନନ୍ଦ ନାୟକ, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ସଭାପତି କୋକସରା ବ୍ଲକ କ୍ଷୀରସିନ୍ଧୁ ବୋଡ଼କିଆ, ଆଇନଜୀବୀ ଛବିଲାଲ ନାୟକ, ପୂର୍ବତନ ମହା ସଚିବ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଯତୀନ୍ଦ୍ର କର, ସମ୍ପାଦିକା ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ଅଶୋକା ନାୟକ, ସାମାଜିକ ମୁଖ୍ୟ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ଧବଳେଶ୍ୱର ନାଗ, ସମ୍ପାଦକ କୌଶିକ ଦୁରିଆ, ସଙ୍ଗଠନ ସମ୍ପାଦକ ତେଜରାଜ ଦୁରିଆ, ଉପ ସଭାପତି ରତ୍ନାକର ନାୟକ, ରତ୍ନାକର ନିଆଲ, କୋଷାଧ୍ୟକ୍ଷ ଦିବାକର ଦୁର୍ଗା, ଭୁବନେଶ୍ୱର ଦୁର୍ଗା ଓ ଆମ୍ବେଡକର ପ୍ରେମୀମାନେ ଯୋଗଦେଇଥିଲେ।

## ମା' ପେଣ୍ଡ୍ରାଣୀଙ୍କ ମଣ୍ଡେଇ ଯାତ୍ରା

କୋକସରା,୨।୫(ଡି.ଏନ୍.ଏ.)

କୋକସରା ବ୍ଲକ ମହିମା ପଞ୍ଚାୟତ ମାଲପଡ଼ା ଗ୍ରାମର ପ୍ରତ୍ୟକ୍ଷ୍ୟ ଅଧିଷ୍ଠାତ୍ରୀ ଦେବୀ ମା'ପେଣ୍ଡ୍ରାଣୀଙ୍କ ମଣ୍ଡେଇ ଯାତ୍ରା ପାଳନ ହୋଇଛି। ଶନିବାର ଅଧିବାସ ସହ ରବିବାର ଦେବୀଙ୍କ ମଣ୍ଡେଇ ଯାତ୍ରା ଓ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ଦେବୀଙ୍କ ପ୍ରତି ଭକ୍ତଙ୍କ ଅଗାଢ଼ ବିଶ୍ୱାସ ଓ ଶ୍ରଦ୍ଧା ରହିଥିବା ବେଳେ ମଣ୍ଡେଇ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମା ପେଣ୍ଡ୍ରାଣୀଙ୍କ ମୁଖ୍ୟ ପୀଠ ନବରଙ୍ଗପୁର ଜିଲାର ଥାଟବେଡ଼ା ହୋଇଥିବା ବେଳେ ସେଠାରୁ ଦେବୀଙ୍କୁ ଆଣି ମାଲପଡ଼ା ଗ୍ରାମରେ ପ୍ରତିଷ୍ଠା କରାଯାଇଛି। ଦେବୀଙ୍କ ମୁଖ୍ୟ ପୂଜକ ଭଗବାନ ଧ. ମାଝୀ ଏହି ମଣ୍ଡେଇ ଯାତ୍ରାର ମୁଖ୍ୟ ପୁରୋଧା। ଏହି ମଣ୍ଡେଇ ଯାତ୍ରାରେ ଜିଲା ତଥା ଜିଲା ବାହାରୁ ପ୍ରାୟ ୨୦୦ ଖଣ୍ଡ ଗ୍ରାମରୁ ନିମନ୍ତ୍ରିତ ଦେବାଦେବୀଙ୍କ ଲାଠିକୁର୍ଚ୍ଚି ଆସି ଏକତ୍ରିତ ହୋଇଥିଲେ। ମା' ପେଣ୍ଡ୍ରାଣୀ ଦେବୀଙ୍କ ମହିମା ଅପାର। ବିଭିନ୍ନ କ୍ଲେଶ, ଦୁଃଖ, ରୋଗରେ ପୀଡ଼ିତ ବ୍ୟକ୍ତି ଦେବୀଙ୍କ କରୁଣାରୁ ଆରୋଗ୍ୟ ଲାଭ କରଥାନ୍ତି। ଦେବୀଙ୍କ ମଣ୍ଡେଇ ଯାତ୍ରା ସମୟରେ ମାନସିକ ପୂରଣ ପାଇଁ ଜିଲା ତଥା ଜିଲାରୁ ଏମିତିକି ସୁଦୂର ମହାରାଷ୍ଟ୍ର ରାଜ୍ୟରୁ ବହୁ ସଂଖ୍ୟକ ମାନସିକ ଧାରୀ ଦେବୀଙ୍କ ଶରଣାପନ୍ନ ହୋଇଥାନ୍ତି। ସୋମବାର ଦେବୀଙ୍କ ମଣ୍ଡେଇ ଯାତ୍ରା ସମାପନ ହୋଇଛି। ଶ୍ରଦ୍ଧାଳୁ ଦେବୀଙ୍କ ନିକଟରେ ଶୁକ୍ଳ ଭୋଗ ସହ ମାନସିକଧାରୀ ମା'ଙ୍କ ନିକଟରେ ରକ୍ତ ଭୋଗ ମଧ୍ୟ ଅର୍ପଣ କରନ୍ତି। ଏଥିରେ ଗ୍ରାମ୍ୟ ପୂଜା କମିଟି ସଭାପତି ଧନବଲ ବାଣୁଆ, କାର୍ଯ୍ୟକାରୀ ସଭାପତି ଗରୁଡ଼ ଧ୍ୱଜ ମାଝୀ, ଉପ ସଭାପତି ଭଗବାନ ଧ. ମାଝୀ, ସମ୍ପାଦକ ଥବିର ପ୍ରସାଦ ବାଣୁଆ, ଦେବୀଙ୍କ ମୁଖ୍ୟ ପୂଜକ ପବିତ୍ର ଧ. ମାଝୀ, ଶିରା କେଶରୀ ଧ. ମାଝୀ ଓ ମହିମା ପଞ୍ଚାୟତ ମାଲପଡ଼ା ଅଞ୍ଚଳର ଗ୍ରାମବାସୀ ସହଯୋଗ କରିଥିଲେ।

## ବାଘର ଚିକିତ୍ସା ପାଇଁ ପହଞ୍ଚିଲା ଓୟୁଏଟି ଡାକ୍ତରୀ ଦଳ



ବାଘର ଚିକିତ୍ସା ପାଇଁ ଉପସ୍ଥିତ ବିଶେଷଜ୍ଞ ଓ ଅନ୍ୟମାନେ।

ନୂଆପଡା ଅଫିସ, ୨।୫

ନୂଆପଡା ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା କଲରାପତରିଆ ବାଘ ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସାଧୀନ ଅଛି। ବାଘର ଉପଯୁକ୍ତ ଚିକିତ୍ସା ପାଇଁ ସୋମବାର ଭୁବନେଶ୍ୱର ଓୟୁଏଟି ଅଧିନ ବନ୍ୟପ୍ରାଣୀ ଚିକିତ୍ସା କେନ୍ଦ୍ର ବିଶେଷଜ୍ଞ ଡାକ୍ତରୀ ଦଳ ନୂଆପଡାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି । ଓୟୁଏଟି ବନ୍ୟପ୍ରାଣୀ ଚିକିତ୍ସା କେନ୍ଦ୍ର ସଂଯୋଜକ ପ୍ରଫେସର ଇନ୍ଦ୍ରମଣି ନାଥଙ୍କ ନେତୃତ୍ୱରେ ରିସର୍ଚ୍ଚ ସ୍କୋଲାର ସୌରଭ ସଠୁଆ ବାଘର ଚିକିତ୍ସା ଆରମ୍ଭ କରିଛନ୍ତି । ଏକ ସପ୍ତାହ ଚିକିତ୍ସା ପରେ ବାଘର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବ ଏବଂ ଏହାପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଶେଷଜ୍ଞ ନାଥ ସୂଚନା ଦେଇଛନ୍ତି। ଖଡିଆଳ ଡିଏଫଓ ଶୁଶୀଲ କୁମାର ତ୍ରିପାଠୀ,ଏସିଏଫ ମହମ୍ମ ସାହେଲ, ନୂଆପଡା ରେଞ୍ଜର ବିନିତା ଭୋଇ ପ୍ରମୁଖ ବାଘର ଚିକିତ୍ସା ସମୟରେ ଉପସ୍ଥିତ ଥିଲେ। ଗତ ଏପ୍ରିଲ ୧୬ରେ ନୂଆପଡା ରେଞ୍ଜ ଧରମବନ୍ଧା ସେକସନ ସିଲିଆରିବାହାରା ଗାଁ ନିକଟସ୍ଥ ଆମକୋନା ଜଙ୍ଗଲରେ ଗୁରୁତର ଅବସ୍ଥାରେ ଏହି କଲରା ପତରିଆ ବାଘକୁ ବନ ବିଭାଗ ଉଦ୍ଧାର କରିଥିଲା। ନୂଆପଡା ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସା ଚାଲିଥିଲେ ହେଁ ବାଘ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁନାହିଁ।

# ଖଡ଼ିଆଳ ଚନ୍ଦନ ଯାତ୍ରା ଉଦ୍‌ଘାଟିତ

ଖଡ଼ିଆଳ, ୨।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳରେ ସୋମବାରଠାରୁ ଆରମ୍ଭ ହୋଇଛି ଚନ୍ଦନ ଯାତ୍ରା। ଏହା ପାଞ୍ଚଦିନ ଧରି ଚାଲିବ ଓ ପାଞ୍ଚ ତାରିଖରେ ଉଦ୍‌ଯାପିତ ହେବ। ଏଥିପାଇଁ ନିଲଜି ବନ୍ଧ(ପୋଖରୀ)ରେ ଦେବାଦେବୀଙ୍କ ନୌକା ବିହାରର ବ୍ୟବସ୍ଥା କରାଯାଇଛି। ଖଡ଼ିଆଳଠାରେ ଥିବା ସାତଟି ମନ୍ଦିର ଯଥା ବଡ଼ ଦଧିବାମନ ମନ୍ଦିର, ସାନ ଦଧିବାମନ ମନ୍ଦିର, ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଧବଳେଶ୍ୱର ମନ୍ଦିର ଓ ହରଗୌରୀ ମନ୍ଦିରର ଦେବାଦେବୀ ବିମାନରେ ଆସି ଆଜାଦ ଛକ ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ଶଙ୍ଖ ଘଣ୍ଟ ଧ୍ୱନି ସହ ସମସ୍ତଙ୍କୁ ପାଛୋଟି ଅଣାଯାଇଥିଲା। ସେଠାରେ ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କରି ନିଲଜି ବନ୍ଧକୁ ଚାପ ଖେଳିବା ପାଇଁ ନିଆଯାଇଥିଲା। ଠାକୁରମାନଙ୍କ ଚାପ ଖେଳ ଦେଖିବା ପାଇଁ ଲୋକଙ୍କ ପ୍ରବଳ ଭିଡ ହୋଇଥିଲା। ପରେ ସତ୍‌ସଙ୍ଗ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା ପାଇଁ ବନ୍ଦ ଥିବା ଯାତ୍ରା ଚଳିତ ବର୍ଷ ପୁଣିଥରେ ଆରମ୍ଭ ହୋଇଥିବା କମିଟି ସଭାପତି ସନ୍ତୋଷ ବାରିକ, ଉପସଭାପତି ଅଜୟ ସେବକ, କୋଷାଧ୍ୟକ୍ଷ ରତନ ସୋନୀ, ସମ୍ପାଦକ ରଶ୍ମି ପାଣିଗ୍ରାହୀ, ସହ ସମ୍ପାଦକ ହୃଷୀକେଶ ସାହୁ, ସଦସ୍ୟା ସୁବର୍ଣ୍ଣା ଖମାରୀ, ଦର୍ଶୀକାରଞ୍ଜନ ବେହେରା, ଦାମୋଦର ନାଏକ, ତାରାକାନ୍ତ ଆଚାର୍ଯ୍ୟ, ମିଲିନ୍ଦ ଖମାରୀ ସମେତ ଚନ୍ଦନ ଯାତ୍ରା କମିଟିର ସମସ୍ତେ ପ୍ରକାଶ କରିଛନ୍ତି।



ଦେବଦେବୀଙ୍କୁ ନିଲଜି ବନ୍ଧକୁ ଚାପ ଖେଳିବା ପାଇଁ ନିଆଯାଉଛି।

# ପ୍ରଥମରୁ ଦଶମ ଶ୍ରେଣୀ ଶିକ୍ଷାର୍ଥୀଙ୍କ ପାଇଁ ଗୃହ କାର୍ଯ୍ୟପାଠ ସହାୟତା କେନ୍ଦ୍ର

ଭବାନୀପାଟଣା,୨।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ପ୍ରଥମ ରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଗୃହକାର୍ଯ୍ୟ ପାଠ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣାରେ ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ସୋମବାରଠାରୁ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି। ଯୋଗାଯୋଗ ପାଇଁ ଏକ ଦେୟମୁକ୍ତ ଟୋଲ ଫ୍ରୀ ନଂ ୧୮୦୦୩୪୫୬୭୯୮୨ ଜାରି କରାଯାଇଛି। ପ୍ରତ୍ୟେକ ଦିନ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନେ ଉପରୋକ୍ତ ଟୋଲ ଫ୍ରି ନଂରେ ଯୋଗାଯୋଗ କରିପାରିବେ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଶିକ୍ଷାର୍ଥୀଙ୍କ ଦକ୍ଷତା ଓ କୌଶଳର ଅଭିବୃଦ୍ଧିକୁ ଲକ୍ଷ୍ୟରେ ରଖି ଏହି ସହାୟତା କେନ୍ଦ୍ର ଜିଲା ପ୍ରକଳ୍ପ କାର୍ଯ୍ୟାଳୟ (ପୁରୁଣା ଡିପିସି ଅଫିସ) ମଧ୍ୟରେ ଖୋଲାଯାଇଛି। ଏହି ଗୃହକାର୍ଯ୍ୟ ଦ୍ୱାରା ଶିକ୍ଷାର୍ଥୀ ପୂର୍ବଶ୍ରେଣୀର ଧାରଣାଗୁଡ଼ିକ ଦ୍ରୁତ କରିପାରିବେ। ଗ୍ରୀଷ୍ମଛୁଟି ପରେ ଏହା ନୂତନ ଶ୍ରେଣୀର ପାଠକୁ ସହାୟକ ହୋଇପାରିବ ବୋଲି ଜିଲା ଶିକ୍ଷା ପ୍ରକଳ୍ପ ସଂଯୋଜକ ତଥା ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର କହିଛନ୍ତି। ଏହି ପାଠ୍ୟକ୍ରମ ସମ୍ବନ୍ଧୀୟ ଅନୁଭୂତ ସମସ୍ୟାର ସରଳ ସମାଧାନ ଓ ସ୍ପଷ୍ଟୀକରଣ ନିମନ୍ତେ ୧୪ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି।

# ଏସ୍‌ଇବିସି ଜନଗଣନାରେ ସାମିଲ କରନି

- ଜିଲାପାଳଙ୍କୁ କହିଲେ ପରିଷଦ କର୍ମଚାରୀ
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦେଲେ ଧାରଣା

ନୂଆପଡା ଅଫିସ, ୨।୫

ନୂଆପଡା ଜିଲା ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଏସଇବିସି ଜନଗଣନାରେ ସାମିଲ କରାଯାଇଛି। ଏଥିଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜଛି। କର୍ମଚାରୀମାନେ ଜନଗଣନା କାମରେ ନିୟୋଜିତ ହେଉଥିବାରୁ ପରିଷଦକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନଙ୍କ ନେତୃତ୍ୱରେ ମଙ୍ଗଳବାର ପରିଷଦ ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଗୋଳଡି ଅଗ୍ରୱାଲ, ୧୯ୱାର୍ଡର କାଉନସିଲର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅନ୍ୟ ସ୍ଥାନମାନଙ୍କରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ମିଶନ ଶକ୍ତି ମହିଳାମାନେ ଏସଇବିସି ଜନ ଗଣନାରେ ସାମିଲ ହୋଇ କାର୍ଯ୍ୟ କରୁଛନ୍ତି। ହେଲେ ଏଠାରେ ପରିଷଦର ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏଣୁ ପରିଷଦ କର୍ମଚାରୀଙ୍କୁ ବାଦ୍ ଦେଇ ଅଙ୍ଗନୱାଡି କର୍ମୀ, ଶିକ୍ଷକ ଓ ମିଶନଶକ୍ତି ମା'ଙ୍କୁ ଏସଇବିସି ଜନଗଣନାରେ ସାମିଲ କରାଯାଉ ବୋଲି କାଉନସିଲର ବେଣୁ ଦୀପ, ମୋହନ ଚେଲକ, ପୁରୁଷୋତମ ଜାଲ, ପ୍ରିତି ସୋନି, ପ୍ରିତି ସାହୁ, କୈଳାଥ ବାନୋ, ରୀତା କେଶରୱାନୀ, ଝୁନକି କେଉଟ, ଗୌରୀ ଶଙ୍କର ପଟେଲ, ସରୋଜିନୀ ଭୋଇ ପ୍ରମୁଖ ଦାବି କରିଛନ୍ତି ।ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କୁ ଧାରଣାକାରୀ ସାକ୍ଷାତ୍ କରି ବିଜ୍ଞାପିତ ପରିଷଦର କର୍ମଚାରୀଙ୍କୁ ଏସଇବିସି ଜନ ଗଣନାରେ ସାମିଲ ନ କରିବା ପାଇଁ ଦାବି କରିଥିଲେ। ନିର୍ବାହୀ ଅଧିକାରୀଙ୍କ ସହିତ କଥା ହୋଇ ପଦକ୍ଷେପ ନିଆଯିବ ବୋଲି ପ୍ରଧାନ କହିଥିଲେ।



ଜିଲାପାଳ ଅଫିସ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଏନଏସି ଅଧ୍ୟକ୍ଷା ଓ କାଉନସିଲମାନେ।

## ଚକ୍ଷୁ ପରୀକ୍ଷା ଶିବିର

ଡୁଙ୍ଗୁରିପାଲି,(ଡି.ଏନ.ଏ.):ଏସ୍‌ବିଆଇ ଡୁଙ୍ଗୁରିପାଲି ଶାଖା ଓ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବ୍ୟାଙ୍କ ପରିସରରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଅଶ୍ୱିନୀ କୁମାର ସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନବୀନ କୁମାର ତ୍ରିପାଠୀ ପ୍ରଥମେ ଚକ୍ଷୁ ପରୀକ୍ଷା କରିଥିଲେ। ସମ୍ମାନିତ ଅତିଥି ବ୍ୟାଙ୍କ ଉପଶାଖା ପ୍ରବନ୍ଧକ ଶୁଭଶ୍ରୀ ପାଣିଗ୍ରାହୀ, ଉପପ୍ରବନ୍ଧକ ବାଳଗୋପାଳ ସେଠ ଯୋଗ ଦେଇଥିଲେ । ଡା.ପ୍ରଶାନ୍ତ କୁମାର ଦାସ ଓ ଟିମ୍ ଯୋଗଦେଇଥିଲେ । ୧୦୦ ଜଣରୁ ଊର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷା କରିଥିଲେ ।

## ସଂକ୍ଷେପରେ

### ସିନିୟର ଷ୍ଟେନୋ ନିଲମ୍ବିତ

ବୌଦ୍ଧ,୨।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟରତ ସିନିୟର ଷ୍ଟେନୋ ରମେଶ ଚନ୍ଦ୍ର ଦୀପଙ୍କୁ କାର୍ଯ୍ୟରେ ଅବହେଳା ଓ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଶୋଭନୀୟ ବ୍ୟବହାର ଯୋଗୁ ମଙ୍ଗଳବାର ଜିଲାପାଳ ସତ୍ୟରଞ୍ଜନ ସାହୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଷ୍ଟେନୋ ଦୀପ ନିଲମ୍ବନ ପରେ କନ୍ଧମାଳ ବ୍ଲକ କାର୍ଯ୍ୟାଳୟରେ ରହିବେ ଓ ଆଦେଶ ନ ଆସିବା ପର୍ଯ୍ୟନ୍ତ କନ୍ଧମାଳ ବ୍ଲକ କାର୍ଯ୍ୟାଳୟ ଛାଡିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଛି। ଜିଲାପାଳଙ୍କ ପତ୍ରସଂଖ୍ୟା ୧୦୮୪/ତା୨।୫।୨୩ରେ ତାଙ୍କୁ ନିଲମ୍ବନ କରାଯାଇଛି ।

### ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨।୫(ସ୍ୱ.ପ୍ର.): ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ଚାରିଛକ କୋର୍ଟ ପରିସରରେ ବିଶ୍ୱ ଶ୍ରମିକ ଦିବସରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲୁକ ଆଇନସେବା କମିଟି ଅଧକ୍ଷ୍ୟା ସୋମ୍ୟା ରାଓ ଏଥିରେ ଅଧକ୍ଷତା କରି ଶ୍ରମିକ ଦିବସ ଉପରେ ଆଲୋଚନା କରିବା ସହ ଶ୍ରମିକମାନଙ୍କ ପାଇଁ ଥିବା ଆଇନର ବିଭିନ୍ନ ଦିଗ ଉପରେ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଥିବା ନିୟମ ଯଥା ସର୍ବନିମ୍ନ ମଜୁରି ଅଧିନିୟମ, ୧୯୪୮, ଶିଶୁ ଶ୍ରମ (ନିଷେଧ ଏବଂ ନୀୟମାବଳୀ) ଆଇନ, ୧୯୮୬, କାରଖାନା ଅଧିନିୟମ, ୧୯୪୮, ଶିଳ୍ପ ବିବାଦ ଆଇନ, ୧୯୪୭ ଇତ୍ୟାଦି ଉପରେ ବୁଝାଯାଇଥିଲା। ସରକାରୀ ଓକିଲ ଅଜିତ ପରିଡା, ଆଇନଜୀବୀ ବନମାଳି ଦାସ, ରଞ୍ଜିତ ପ୍ରଧାନ, ଦିଲୀପ ପଲିଆ, କୋର୍ଟ କର୍ମଚାରୀ ସଞ୍ଜୀବ କୁମାର ବାଗ, ସୁମନ୍ତ ପ୍ରଧାନ, ପ୍ରବିଣ ସାହୁ, ରମାକାନ୍ତ ମିର୍ଦ୍ଧା ଉପସ୍ଥିତ ଥିଲେ।

### ବୌଦ୍ଧରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ

ବୌଦ୍ଧ,୨।୫(ସ୍ୱ.ପ୍ର.): ବୌଦ୍ଧ ଜିଲା ଶ୍ରମ ବିଭାଗ ପକ୍ଷରୁ ଟାଉନହଲଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା, ଶ୍ରମିକମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନ, ଟ୍ରେନିଂ ଅଫିସର ସୁମନ ରାଜା ମହାନ୍ତି ଓ ଜିଲା ଶ୍ରମ ଅଧିକାରୀ ସୁଶାନ୍ତ କୁମାର ପାଇକରାୟ ଯୋଗଦେଇ ଶ୍ରମିକ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସହକାରୀ ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ ଅତିଥିଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ। ଏହି ଅବସରରେ ୨୬ ଜଣ ହିତାଧିକାରୀଙ୍କୁ ଶ୍ରମ କାର୍ଡ ବଣ୍ଟନ କରାଯାଇଥିବାବେଳେ ୧୦ ଜଣଙ୍କୁ ୫୦ ହଜାର ଲେଖାଏ ଚେକ ପ୍ରଦାନ କରାଯାଇଥିଲା। ଜିଲାରେ ୬୧୯ ଜଣଙ୍କୁ ବିବାହ ସହାୟତା, ୮ଜଣକୁ ମୃତ୍ୟୁକାଳୀନ ସହାୟତା ଓ ୭ ଜଣକୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୫୪୪୬୪ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇଥିବାବେଳେ ଗତବର୍ଷ ସୁଦ୍ଧା ୫୦୯୬୯ ଏବଂ ନୂତନ ଭାବରେ ୩୪୯୫ ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି।

# ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କର

**ସୁବର୍ଣ୍ଣପୁରରେ ଦିଶା ବୈଠକ**

- ଏନ୍‌ଏଚ୍ ବାଇପାସ୍ ରାସ୍ତା ଚୂଡାନ୍ତ ପାଇଁ ଏମ୍‌ପିଙ୍କ ପରାମର୍ଶ
- ବିଧାୟକ, ଜିଲା ପରିଷଦ ଅଧକ୍ଷା, ୬ ପଞ୍ଚାୟତ ସମିତି ଅଧକ୍ଷ ଅନୁପସ୍ଥିତ

ସୋନପୁର,୨।୫(ନି.ପ୍ର.)



ବୈଠକରେ ଉପସ୍ଥିତ ଏମ୍‌ପି, ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ।

ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କୋଅର୍ଡିନେଶନ ଏଣ୍ଡ ମୋନିଟରିଂ କମିଟି(ଦିଶା)ର ତ୍ରୟୋମାସିକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏଥିରେ ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ସହରର ଜନସଂଖ୍ୟା ବୃଦ୍ଧି ଓ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଯାନବାହାନ ବୃଦ୍ଧିକୁ ଦୃଷ୍ଟିରେ ରଖି ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପରିକଳ୍ପନା ରହିଛି। ଏହି ରାସ୍ତା ସହର ବାହାର ଦେଇଯିବ ଓ ତେଲ ନଦୀର ପ୍ରସ୍ତାବିତ ଦ୍ୱିତୀୟ ସେତୁକୁ ସଂଯୋଗ କରିବ। ଜାତୀୟ ରାଜପଥ ବିଭାଗ ପକ୍ଷରୁ ୩ଟି ରାସ୍ତା ପାଇଁ ସର୍ଭେ ହୋଇଛି। ତେଣୁ ବାଇପାସ ରାସ୍ତା ପାଇଁ ଚୂଡାନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ଶୀଘ୍ର ପଠାଇବାକୁ ଏମ୍‌ପି ସିଂହଦେଓ ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ୪୧ଟି ଯୋଜନାର ରୂପାୟନ ନେଇ ଏମ୍‌ପି ସମୀକ୍ଷା କରିଥିଲେ। ଉନ୍ନୟନମୂଳକ କାର୍ଯ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବା ସହ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିବାକୁ କହିଥିଲେ। ଏମ୍‌ପି ଲ୍ୟାଡ୍ ପ୍ରଦତ୍ତ ପ୍ରକଳ୍ପ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ କରିବାକୁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପାଇପ ଯୋଗେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଓ ଜମିକୁ ଜଳସେଚନ ପାଇଁ କେନ୍ଦ୍ର ସରକାର ବ୍ୟାପକ ଅନୁଦାନ ଯୋଗାଇ ଦେଉଛନ୍ତି। ସୁବର୍ଣ୍ଣପୁର ଜିଲାରେ ଅନେକ ନଦୀ, ନାଳ ପ୍ରବାହିତ ହେଉଥିବାରୁ ଜଳର ସୁବିନିଯୋଗ କରିବା ଉପରେ ଏମ୍‌ପି ସିଂହଦେଓ ଗୁରୁତ୍ୱ ଦେଇଥିଲେ। ଅନୁସୂଚିତ ଜାତି ବର୍ଗର ଲୋକସଂଖ୍ୟା ୫୦%ରୁ ଅଧିକ ଥିବା ଜିଲାର ୨୪ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ଆଦର୍ଶ ଗ୍ରାମଗୁଡିକର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏମ୍‌ପି କହିଥିଲେ। ତେବେ କେତେଜଣ ଅଧିକାରୀ ପୂର୍ବ ପ୍ରସ୍ତୁତି ନ କରି କୌଣସି ତଥ୍ୟ ଆଣି ବୈଠକକୁ ଆସୁଥିବାରୁ ଏମ୍‌ପି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅଧିକ ଶ୍ରମ ଦିବସ ସୃଷ୍ଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଦୀନଦୟାଲ ଅର୍ନ୍ତୋଦ୍ୟୋୟ ଯୋଜନା(ଏନଆରଏଲଏମ), ଦୀନ ଦୟାଲ ଉପାଧାୟ ଗ୍ରାମୀଣ କୌଶଲ୍ୟ ଯୋଜନା(ଡିଡିୟୁ-ଜିକେୱାଇ)ରେ ଜିଲାର କୁଶଳୀ କାରିଗରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନଏସଏପି), ସମନ୍ୱିତ ଶିଶୁ ଉନ୍ନୟନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ସମନ୍ୱିତ ଜଳବିଭାଜିକା ପରିଚାଳନା ଯୋଜନା, ଦୀନ ଦୟାଲ ଉପାଧାୟ ଗ୍ରାମ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସମଗ୍ର ଶିକ୍ଷା ଅଭିଯାନ, ମଧ୍ୟାହ୍ନ ଭୋଜନ ଯୋଜନା ସମେତ ଜାତୀୟ ରାଜପଥ, ପୂର୍ତ୍ତ ଓ ଗୃହ ନିର୍ମାଣ, ଜଙ୍ଗଲ, ଯୋଗାଣ, ସମବାୟ, ପ୍ରାଣୀସମ୍ପଦ, ଶ୍ରମ ବିଭାଗ, ଜଳସେଚନ ଓ କୃଷି ବିଭାଗ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାର ଦୁଇ ଜଣ ବିଧାୟକ, ଜିଲା ପରିଷଦ ଅଧକ୍ଷା, ୬ଟି ଯାକ ପଞ୍ଚାୟତ ସମିତିର ଅଧକ୍ଷା ଅଧକ୍ଷ ଅନୁପସ୍ଥିତ ଥିଲେ । ଜିଲାପାଳ ତଥା ଦିଶା କମିଟିର ମେମ୍ବର ସେକ୍ରେଟାରୀ ସୂର୍ଯ୍ୟ ନାରାୟଣ ଦାଶ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଯୁଗ୍ମ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଚତୁର୍ଭୁଜ ସାହୁ, ଜିଲା ଶିକ୍ଷାଅଧିକାରୀ ଲକ୍ଷ୍ମଣ ଭୋଇ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ବଲାଙ୍ଗୀର ଜାତୀୟ ରାଜପଥ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜୟନ୍ତ ନାୟକ, ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର କୁମାର ପାଢୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅନନ୍ତ ପ୍ରସାଦ ପଣ୍ଡା ଓ ଜିଲାର ସମସ୍ତ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ବିଶ୍ୱ ଶ୍ରମିକ ଦିବସ ପାଳିତ

ବିନିକା,୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହାଦେବପାଲି ଦୁର୍ଗାମଣ୍ଡପ ଠାରେ ସୋମବାର ସନ୍ଧ୍ୟାରେ କେ.କେ. ଆଶୀର୍ବାଦ ଶ୍ରମିକ ସଂଘ ଆନୁକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରମିକ ସଂଘ ସଭାପତି ବ୍ରହ୍ମାନନ୍ଦ ପୂଜାହାରୀଙ୍କ ଅଧକ୍ଷତାରେ ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡୋଲେଶ୍ୱର ଖାଖା, ସ୍ୱତନ୍ତ୍ର ଅତିଥି ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ଗୋବିନ୍ଦ ମହାରଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୀନା ମହାରଣା, ଲକ୍ଷ୍ମୀପ୍ରସାଦ ଫାଉଣ୍ଡେଶନର ସଭାପତି ସଂଗ୍ରାମ କେଶରୀ ନାୟକ, ମହାଦେବପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବରାମ ମିଶ୍ର, ରଘୁନାଥ ଯୁବକ ସଭାପତି ପବିତ୍ର ମୋହନ , ଦୁର୍ଗାପୂଜା କମିଟି ସଭାପତି ଅଶ୍ୱିନୀ କୁମାର ନାୟକ ଯୋଗଦେଇ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ସଚେତନ କରିଥିଲେ । ସଂଘ ସଂପାଦକ ଶୁରୁ ନାଏକ ବିବରଣୀ ପ୍ରଦାନ କରିଥିବା ବେଳେ ସଂଗ୍ରାମକେଶରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ଉଲୁଣ୍ଡା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଅମରପାଲି/ଉଲୁଣ୍ଡା,୨।୫(ଡି.ଏନ.ଏ.)

**କଳାବ୍ୟାଜ୍ ପିନ୍ଧି କେନ୍ଦୁପତ୍ର ଶ୍ରମିକ,ସାମୟିକ କର୍ମଚାରୀଙ୍କ ପ୍ରତିବାଦ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀଙ୍କୁ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସ୍ଥାନୀୟ ଶାଖା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହାସହିତ ସଂଘର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଜିଲାର ଉଲୁଣ୍ଡା, ସିଣ୍ଡୋଲ ଓ ଯାଲୋଏ ଶାଖାର ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଧାରଣା ଦେବା ସହ ୭ ଦଫା ସମ୍ବଳିତ ଦାବିପତ୍ର ଉଲୁଣ୍ଡା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସୁରଜିତ କୁମାର ବେହେରାଙ୍କୁ ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ସମ୍ବଲପୁରଙ୍କ ଜରିଆରେ ପ୍ରଦାନ କରିଛନ୍ତି। କେନ୍ଦୁପତ୍ର କେରିର ମୂଲ୍ୟ ବୃଦ୍ଧି, ବୋନସ ପ୍ରଦାନ, ସାମୟିକ କର୍ମଚାରୀଙ୍କ ଦରମା ବୃଦ୍ଧି ସହ ଚାକିରି ସର୍ତ୍ତାବଳି ଲାଗୁ କରିବା, ଛାତ୍ର ବୃତ୍ତି, କନ୍ୟା ବିବାହ ସହାୟତା ପ୍ରଦାନ, କେନ୍ଦୁପତ୍ରକୁ ଜିଏସଟି ମୁକ୍ତ, ଓଏଫଡିସି ନେଉଥିବା ଶତକଡା ଅର୍ଥରାଶି ଫେରସ୍ତ ସହ ତୁରନ୍ତ କେଏଲଡ଼ିବି ବୈଠକ ବସିବା ପାଇଁ ସଂଘ ଦାବି କରିଛି । ଦାବିପତ୍ର ପ୍ରଦାନ ସମୟରେ ସଂଘର ଉଲୁଣ୍ଡା ଶାଖା ସମ୍ପାଦକ ହିମାଂଶୁ ପୁରୋହିତ, ସିଣ୍ଡୋଲ ଶାଖା ସମ୍ପାଦକ ରମେଶ ମାହାର, ଯାଲୋଇ ଶାଖା ସମ୍ପାଦକ ଚୈତନ୍ୟ ହୋତା, ହିମାଂଶୁ ସେଠୀ, ଅଜିତ ଗାଈଗାରିଆ, ସତ୍ୟଜିତ ଗଡ୍ଡୁଆ, ମାର୍କଣ୍ଡ ପଧାନ, ଶତାଧିକ ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସମସ୍ତ ତୋଳାଳି, ବନ୍ଧେଇ ଶ୍ରମିକ ଓ ସାମୟିକ କର୍ମଚାରୀମାନେ ଶ୍ରମିକ ଦିବସଠାରୁ ପ୍ରତିବାଦ ସ୍ୱରୂପ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରେ ରହିବାର ନିଷ୍ପତ୍ତି ହୋଇଛି। ଯଦି ଦାବି ପୂରଣ ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନ ନେବେ ତାହାଲେ ଆଗାମୀ ଦିନରେ ଆନ୍ଦୋଳନ ସହ ରାସ୍ତାରୋକୋ କରିବାର ଚେତାବନୀ ଦିଆଯାଇଛି।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଲୋଚନାଚକ୍ର

ଅମରପାଲି,୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବ୍ଲକ ସଭାଗୃହରେ ପ୍ରଶାସନିକ ଅଧିକାରୀ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ନୂଆଦିଲ୍ଲୀସ୍ଥିତ ସେବାକେନ୍ଦ୍ରର ଭଉଣୀ ବି. କେ ଶତୋ ଯୋଗଦେଇ ଜୀବନଚର୍ଯ୍ୟାରେ ଆଧାତ୍ମିକ ମୂଲ୍ୟବୋଧର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପରମାତ୍ମାଙ୍କୁ ପାଇବା ପାଇଁ ହେଲେ ଆମକୁ ରାଜଯୋଗ କରିବାକୁ ପଡିବ ବୋଲି ସମ୍ବଲପୁରସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ବି. କେ ଜ୍ୟୋତି ପ୍ରକାଶ କରିଥିଲେ। ଏଥିପାଇଁ ପ୍ରତ୍ୟହ ଶୋଇବା ପୂର୍ବରୁ ଓ ଉଠିବା ପରେ ମେଡ଼ିଟେସନ ର ଆବଶ୍ୟକ ରହିଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡ ବିଚାରପତି ବି.କେ. ସରୋଜିନୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆ, ବୀରମହାରାଜପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର, ଆଇନଜୀବୀ ଯତୀନ ପାଣିଗ୍ରାହୀ,ବଳଦେବ ପ୍ରସାଦ ବେଦବାକ,ଶ୍ରୀଧର ଦାଶ, ପ୍ରଦୀପ ମିଶ୍ର, ବାସୁଦେବ ପଣ୍ଡା, ସଞ୍ଜୀବ ପଧାନ, ହିମାଂଶୁ ସାହୁ, ବିକେ ମଧୁସୂଦନ ପଧାନ, ବି. କେ ରାଜୁ, ବିକେ ଇନ୍ଦ୍ର, ବିକେ ଗୋପାଳ, ବି କେ ସୁଦାମ,ବିକେ ଯଜ୍ଞ, ବିକେ ସୁରେଶ, ବିକେ କନକ ପ୍ରମୁଖ ଯୋଗ ଦେଇଥିଲେ। ବୀରମହାରାଜପୁର କେନ୍ଦ୍ରର ଭଉଣୀ ସୁମନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଶୁଭେଚ୍ଛୁ।

ସୋନପୁର,୨।୫(ନି.ପ୍ର.)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ(ସାଧାରଣ ପ୍ରଶାସନ)ଙ୍କ ଷ୍ଟେନୋ ସାନନ୍ଦ ବାରିକ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ଅତିଥି ଭାବରେ ଯୋଗଦେଇ ବାରିକ୍‌ଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସେହିପରି ଶନିବାର ବାରିକ୍‌ଙ୍କୁ ଶୁଭେଚ୍ଛୁଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତାଧିକ ଶୁଭେଚ୍ଛୁ ଓ ପରିବାରବର୍ଗ ତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ପଛୋଟି ନେଇଥିଲେ। ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷ ଆନନ୍ଦ ବାରିକ୍, ଜନମୁରା ସରପଞ୍ଚ ଦମୟନ୍ତୀ ବାରିକ୍, କଳାପଥର ସମିତି ସଭ୍ୟ ଅରବିନ୍ଦ ବାରିକ୍, ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ, କାଉନସିଲର ସୁକାନ୍ତ କୁମାର ସାହୁ, ଗଙ୍ଗାଧର ତରିଆ, ହିମାଂଶୁ ଗଡତିଆ ଓ ସହରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରି ତାଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସାନନ୍ଦ ପ୍ରଥମେ ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନରେ ଚାକିରି ଜୀବନ ଆରମ୍ଭ କରିଥିଲେ। ୧୯୯୫ରେ କନିଷ୍ଠ ଷ୍ଟେନୋଗ୍ରାଫର ଚାକିରି ପାଇ ସୁବର୍ଣ୍ଣପୁର ଜିଲାରେ କାମ ଆରମ୍ଭ କରିଥିଲେ।

## ସମିତିସଭ୍ୟ ଉପନିର୍ବାଚନ

ତରଭା,୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କଟାପାଲି ଗ୍ରାମପଞ୍ଚାୟତ ସମିତି ସଭ୍ୟ ଉପ ନିର୍ବାଚନ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ଏହି ନିର୍ବାଚନରେ ୭୭.୪୮% ଭୋଟର ମତଦାନ କରିଥିବା ଜଣାଯାଇଛି। ୧୧ ଗୋଟି ୱାର୍ଡ ବିଶିଷ୍ଟ କଟାପାଲି ପଞ୍ଚାୟତରେ ସର୍ବମୋଟ ୨୦୬୫ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧୦୪୮ ହୋଇଥିବା ବେଳେ ମହିଳା ଭୋଟର ସଂଖ୍ୟା ୧୦୧୭। ନିର୍ବାଚନରେ ସର୍ବମୋଟ ୧୬୦୦ ଭୋଟର ମତଦାନ କରିଛନ୍ତି । ଏହି ନିର୍ବାଚନରେ ସମିତି ସଭ୍ୟ ପ୍ରାର୍ଥୀ ଭାବେ କୃପାନିଧି ମିଶ୍ର ଓ ମନୋଜ ପଣ୍ଡାଙ୍କ ମଧ୍ୟରେ ଲଢେଇ ଜୋର ଧରିଥିଲା। ଦିନ ଗୋଟାଏ ପର୍ଯ୍ୟନ୍ତ ମତଦାନ ଜାରି ରହିଥିଲା। ଆସନ୍ତା ୪ ତାରିଖରେ ଭୋଟଗଣତି ହେବାର ଅଛି। ସମସ୍ତ ଭୋଟ ବାକ୍ସଗୁଡ଼ିକୁ ବ୍ଲକ ଷ୍ଟ୍ରଙ୍ଗରୁମରେ କଡା ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଥିବା ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ।

## ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ପରିସରରେ ଶ୍ରମିକ ଦିବସ ପାଳନ

ଅମରପାଲି,୨।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ପରିସରରେ ଶ୍ରମିକ ଦିବସ ପାଳନ ହୋଇଯାଇଛି। ବୀରମହାରାଜପୁର ତାଲୁକ ଆଇନ ସେବା ସମିତି ଓ ଏକତା ଗ୍ରୁପ କଦଳୀପାଲି ଛକର ମିଳିତ ଉଦ୍ୟମରେ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଏକତା ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପାଣିନି ପ୍ରାଞ୍ଜ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ତାଲୁକ ଆଇନ ସେବା ସମିତିର ଅଧକ୍ଷା ସରୋଜିନୀ ସାହୁ, ବୀରମହାରାଜପୁର ଥାନା ଅଧିକାରୀ ପଦ୍ମାସିନୀ ମେହେର, ବରିଷ୍ଠ ଆଇନଜୀବୀ କୁନ୍ଦନ ପ୍ରଧାନ, ସନ୍ତୋଷ ଚାନ୍ଦ, ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସ ପଳନର ଉଦ୍ଦେଶ୍ୟ ଉପରେ ମତପ୍ରକାଶ କରିଥିଲେ। ଏହାସହିତ ଶ୍ରମିକଙ୍କ ଅଧିକାର ଓ ସରକାରଙ୍କ ଶ୍ରମିକଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସାହାଯ୍ୟ ସହଯୋଗ, ଶ୍ରମିକଙ୍କ ପାଇଁ ରହିଥିବା ନୀତି ନିୟମ ଉପରେ ସୂଚନା ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସସ୍ମିତା ଦୀପ, ସମିତି ସଭ୍ୟା ସୁଷମା ସେଠୀ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ସ୍ଥାନୀୟ ମିଶନ ଶକ୍ତି, ଏସ.ଏଜ.ଜି ମହିଳା, ଶ୍ରମିକ ତଥା ଏକତା ଗ୍ରୁପର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। କ୍ଷୀରସିନ୍ଧୁ ପଧାନ, ଅଶୋକ ସାହୁ, ଦୁର୍ବାଦଳ ସାହୁ, ପବିତ୍ର ସାହୁ , ପଲସ୍ତି ଖୁଣ୍ଟିଆ, କନ୍ଦର୍ପ ପଧାନ, ଲାଲାଜୀ ବେହେରା, ଶୁଭ ବିଶାଳ, ଆଲୋକ ପଧାନ, ଓକିଲ ବିଶାଳ, ସିଦ୍ଧାନ୍ତ ନାୟକ, ବିଜୟ ବଗର୍ତ୍ତି, କୁନାଲ ମିଶ୍ର, ହେମାନନ୍ଦ ପଧାନ, ପ୍ରକାଶ ପଧାନ, ସୁରୁବାବୁ କୁଦେଇ, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କେନଝିରିଆପାଲି ହାଇସ୍କୁଲରେ ଶ୍ରମିକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ଦେଶର ପ୍ରଗତିରେ ଶ୍ରମିକଙ୍କ ଭୂମିକା ଅତୁଳନୀୟ

**ସୁବର୍ଣ୍ଣପୁରରେ ବିଶ୍ୱ ଶ୍ରମିକ ଦିବସ**

ସୋନପୁର,୨।୫(ନି.ପ୍ର.)


ଜିଲାସ୍ତରୀୟ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ ।

ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଅନ୍ତର୍ଜାତିକ ଶ୍ରମିକ ଦିବସ ସମାରୋହ ନୂତନ ଟାଉନହଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦେଶର ପ୍ରଗତି ସାଧନରେ ଶ୍ରମିକମାନଙ୍କର ଅତୁଳନୀୟ ଭୂମିକା ରହିଛି ବୋଲି କହିଥିଲେ। ସୁବର୍ଣ୍ଣପୁରର ଏସ୍‌ପି ଅମରେଶ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କୁ ଆଇନଗତ ଓ ସାମାଜିକ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦୁନୀ ମୁଦୁଲି, ଇଣ୍ଟରନ୍ୟାଶନାଲ ଜଷ୍ଟିସ ମିଶନ ସଂସ୍ଥାର ଏବନେଜର ଦୀପ ଓ ସୋନପୁର ଟ୍ରେଡ୍ ୟୁନିଅନ ସମନ୍ୱୟ ସମିତିର ଅଧକ୍ଷ ଗୋବିନ୍ଦ ମହାରଣା ଯୋଗଦାନ କରି ଦେଶର ଅର୍ଥନୈତିକ ବିକାଶରେ ଶ୍ରମଜୀବୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଶ୍ରମ ବିଭାଗ ଓ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶ୍ରମିକଙ୍କୁ ସେମାନଙ୍କ ଅଧିକାର କିଭଳି ମିଳିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଦିବସ ପାଳନ ଅବସରରେ ଶତାଧିକ ଶ୍ରମିକ ଯୋଗଦାନ କରିଥିଲେ। ଏହି ଅବସରରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହାୟତା, ୨୦୦ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ବିବାହ ସହାୟତା, ୩୬ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରସବ କାଳୀନ ସହାୟତା ଏବଂ ୫୦ ଜଣ ହିତାଧିକାରୀଙ୍କ ପରିବାରବର୍ଗଙ୍କୁ ୨ ଲକ୍ଷ ଲେଖାଏ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସହକାରୀ ଶ୍ରମ ଅଧିକାରିଣୀ ସବିତା ନାୟକ, ଶ୍ରମ କାର୍ଯ୍ୟାଳୟ ମଙ୍ଗଳ ସଂଯୋଜିକା ଅନିତା ନାଗ, ବାଙ୍କବିହାରୀ ମହଲା ଓ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ଏବଂ ଜିଲା ଆଇନ ସେବା ପ୍ରାଧିକରଣର କେଶବ ଗୁରୁ ଓ ବିନ୍ଦୁସାର ମହାପାତ୍ର ସହଯୋଗ କରିଥିଲେ।

## ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ:** ରାଉରକେଲା ରେଳ ଷ୍ଟେଶନ ଟିକେଟ କାଉଣ୍ଟର ନିକଟରେ ଜିଆରପି ପୋଲିସ ଜଣେ ଅଜଣା ବୃଦ୍ଧଙ୍କ ମୃତଦେହକୁ ସୋମବାର ଜବତ କରିଛି। ମୃତ ବୃଦ୍ଧଙ୍କ ବୟସ ପ୍ରାୟ ୭୦ ବର୍ଷ ହେବ। ରିପୋର୍ଟ ଲେଖିବା ସୁଦ୍ଧା (ରାତି ୮ଟା) ମୃତକଙ୍କ କୌଣସି ପରିଚୟ ମିଳିନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୨।୨୩) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବୃଦ୍ଧାଙ୍କୁ ଆକ୍ରମଣ, ମହିଳା ଗିରଫ

**ରାଉରକେଲା ଅଫିସ,୨।୫:** ବନ୍ଧମୁଣ୍ଡା ଥାନା ଅଧୀନ ଏ ସେକ୍ଟର ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ବନ୍ଧମୁଣ୍ଡା 'ବି' ସେକ୍ଟରର କଟା ମୁଖୀ(୩୮)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୪।୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡା ଏ ସେକ୍ଟରର ସୁନିତା ଦେବୀ(୬୫) ବହୁ ବର୍ଷ ତଳେ ଅଭିଯୁକ୍ତା ମହିଳାଙ୍କଠାରୁ କିଛି ଟଙ୍କା ନେଇଥିଲେ। ସେଥିରୁ ବୃଦ୍ଧା ଜଣଙ୍କ କିଛି ଟଙ୍କା ଫେରସ୍ତ କରିଥିବାବେଳେ ଆଉ କିଛି ଟଙ୍କା ଦେବାକୁ ଥିଲା। ମହିଳା ଜଣଙ୍କ ବୃଦ୍ଧାଙ୍କୁ ମାଗିଥିଲେ ମଧ ସେ ଦେଇପାରି ନ ଥିଲେ। ଫଳରେ ମହିଳା ଜଣଙ୍କ ରାଗିଯାଇ ସୋମବାର ଉକ୍ତ ବୃଦ୍ଧାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ବୃଦ୍ଧା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତାଙ୍କୁ ଗିରଫ କରିଥିଲା।

### ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

**ବ୍ରାହ୍ମଣୀ ନଦୀରୁ ମୃତଦେହ ଜବତ ଘଟଣା**

**ରାଉରକେଲା ଅଫିସ,୨।୫:** ଗତ ଏପ୍ରିଲ ୨୭ରେ ବ୍ରାହ୍ମଣୀ ନଦୀରୁ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଥଲା। ମଙ୍ଗଳବାର ଉକ୍ତ ଯୁବକଙ୍କ ପରିଚୟ ମିଳିଛି। ମୃତ ଯୁବକ ଜଣଙ୍କ ଗୋପବନ୍ଧୁପାଲି ଅଞ୍ଚଳର ଛବିଲାଲ ହେମରମ୍(୩୮) ବୋଲି ଜଣାପଡିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଗୋପବନ୍ଧୁପାଲି ଅଞ୍ଚଳର ଛବିଲାଲ ରାଉରକେଲା ବାଲୁଘାଟ ଛକ ନିକଟରେ ଏକ ଗ୍ୟାରେଜ କରିଥିଲେ। ଗତ ଏପ୍ରିଲ ୨୭ର ବ୍ରାହ୍ମଣୀ ନଦୀରେ ଭାସୁଥିବା ବେଳେ ତାଙ୍କ ମୃତଦେହକୁ ପୋଲିସ ଗର୍ଜନ ଅଞ୍ଚଳରୁ ଜବତ କରିଥିଲା। ଅନ୍ୟପଟେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ବଡଭାଇ କାର୍ତ୍ତିକ ରଘୁନାଥପାଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୨।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବଣଭୋଜି ସ୍ଥଳ ସଫେଇ

**ବେଲପାହାଡ,୨।୫(ଡି.ଏନ.ଏ.):** ବେଲପାହାଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଷ୍ଟେସନ ୱିଥ ଫିଟନେଶ (ଏମ୍‌ପିଏଫ୍) ଦ୍ୱାରା ଲଖନପୁର ବ୍ଲକର ବଣଭୋଜି ସ୍ଥଳ ଲାଲ ପଥରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏମ୍‌ପିଏଫ୍‌ର ୪୦ ଜଣ ସଦସ୍ୟ ଏଣେତେଣେ ଫିଙ୍ଗାଯାଇଥିବା ଖଲି ଦନା, ପେପର, ପ୍ଲାଷ୍ଟିକ ବୋତଲ, କାଚ ବୋତଲ ଓ ପଲିଥିନ ଇତ୍ୟାଦି ସଂଗ୍ରହ କରି ସଫାସୁତୁରା କରିଥିଲେ। ଅନୁଷ୍ଠାନର ମୁଖ୍ୟ ହମିଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଡ. ସନ୍ତୋଷ ମିଶ୍ର, ଏମ୍‌ପିଏଫ୍ ସଭାପତି ଆଶିଷ କୁମାର ଦାଶ, ବରିଷ୍ଠ ସଦସ୍ୟ କିଶୋର କୁମାର ପଣ୍ଡା, ସୁନନ୍ତ କୁମାର ପଣ୍ଡା, ଯୁବରାଜ ସିଂ, ମନୋଜ ବିନ୍ଧାଣୀ, ସ୍ମୃତି ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଆଖପାଖ ବଣଭୋଜି ସ୍ଥଳ ଓ ଐତିହାସିକ ସ୍ଥଳୀ ସଫେଇ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ରାଷ୍ଟ୍ର ନିର୍ମାଣରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ

**ରାଉରକେଲା ଅଫିସ,୨।୫**




ଅତିଥିମାନେ ମହିଳା ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା ସିଭିକ୍ ସେଣ୍ଟରରେ ଜିଲା ଶ୍ରମ ବିଭାଗ ତଥା ଓଡ଼ିଶା କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ୍. ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଶ୍ରମିକ ନିଜର ମୌଳିକ ଅଧିକାର ଏବଂ ଶ୍ରମ ଆଇନ ବିଷୟରେ ଜାଣିବା ଦରକାର। ସରକାର ଶ୍ରମିକଙ୍କ ସାମାଜିକ, ଅର୍ଥନୈତିକ ବିକାଶ ନିମନ୍ତେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରସୂତି, ମୃତ୍ୟୁକାଳୀନ, ବିବାହକାଳୀନ ଆଦି ଅନେକ ଯୋଜନା କରିଛନ୍ତି। ଏଣୁ ସମସ୍ତ ଯୋଜନାର ସୁବିଧା ଉଠାଇବା ପାଇଁ ଶ୍ରମିକମାନେ ବିଜ୍ଞ ହେବା ଜରୁରି ବୋଲି ସେ କହିଥିଲେ। ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ସିଆଇଟିୟୁ ଉପସଭାପତି ବିଷ୍ଣୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ନିର୍ମାଣରେ ଶ୍ରମିକଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୧୭୬ ହିତାଧିକାରୀଙ୍କୁ ଶିକ୍ଷା, ୬୦ଜଣଙ୍କୁ ବିବାହ କାଳୀନ, ୩୮ଜଣଙ୍କୁ ପ୍ରସୂତିକାଳୀନ, ୧୩୫ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଅର୍ଥ ପ୍ରଦାନ କରାଯାଇଥିଲା। ଏଥିସହ ୧୦୮୩ଜଣଙ୍କୁ ଶ୍ରମିକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଓଡିଶା ଅଣସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୫ଜଣଙ୍କୁ ମୃତ୍ୟୁକାଳୀନ ଓ ୫୦ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏନଟିୟୁସି ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ହିନ୍ଦ୍ ମଜଦୁର ସଭା ରାଜ୍ୟ ଉପସଭାପତି ବୈଦନାମ ଦାସ, ଷ୍ଟିଲ ମଜଦୁର ୟୁନିୟନ ସଭାପତି ପଶୁପତିନାଥ ଚାଟାର୍ଜୀ, ଏଆଇୟୁଟିୟୁସି ଜିଲା ସଚିବ ଅଜିତ ନାୟକ, ସଦାନନ୍ଦ ସାହୁ, ସିଆଇଟିୟୁ ଜିଲା ସଚିବ ବିମାନ ମାଇତି ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ଶ୍ରମିକ ଦିବସ ପାଳନ

**ଦେବଗଡ଼,୨।୫(ଡି.ଏନ.ଏ.)**

ଦେବଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନର ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ସଂଗ୍ରାମ କେଶରୀ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌରାଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ଶିଳା ପ୍ରିୟଦର୍ଶିନୀ ପା ଓ ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ପ୍ରସନ୍ନ କୁମାର ସିଂହ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଶ୍ରମିକ ଦିବସ ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ସମୀର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୬୬ଜଣ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷା, ୩୧୬ ଜଣଙ୍କୁ ବିବାହ, ୯୨ ଜଣଙ୍କୁ ମୃତ୍ୟୁକାଳୀନ ଓ ୮୬ଜଣଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ନିର୍ମାଣ ଶ୍ରମିକ ଯୋଗଦାନ କରିଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟ ତରଫରୁ କଲ୍ୟାଣ ସଂଯୋଜକ ରତନ ରାୟ, ଅମିତ ନାଏକ, ସଜ୍ଞା ସାଗରିକା ସାହୁ, ଶେଖ୍ ରୁକସାର, ସିପୁନ ସାହୁ ଓ ବିଭିନ୍ନ ଶ୍ରମିକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ରିଜର୍ଭ ପୋଲିସର ଉତ୍ସର୍ଗୀକୃତ ଜୀବନ ସଦା ସ୍ମରଣୀୟ



କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ଅଧିକାରୀଗଣ।

**ରାଉରକେଲା ଅଫିସ,୨।୫**

**୫୬ତମ ସ୍ଥାପନା ଦିବସରେ ମତପ୍ରକାଶ**

ରାଉରକେଲା କମାଣ୍ଡାଣ୍ଟ-୧୯ ବାଟାଲିୟନ ଫୋର୍ସ କାର୍ଯ୍ୟାଳୟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ୫୬ତମ ସ୍ଥାପନା ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଏଚ୍ ଦ୍ୱିତୀୟ କମାଣ୍ଡ ଅଧିକାରୀ ଦାଉ ଇକ୍ରନ କିଣ୍ଡୋ ମୁଖ୍ୟଅତିଥି, ଆସିଷ୍ଟାଣ୍ଟ କମାଣ୍ଡୋ ଐଶ୍ୱର୍ଯ୍ୟା ଜୋୟ ଏମ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ତଥା ୧୯-ବାଟାଲିୟନ ଫୋର୍ସ ଅଧିକାରୀମାନ, ଯବାନ ଏବଂ ତାଙ୍କ ପରିବାର ଲୋକେ ସାମିଲ ହୋଇଥିଲେ। ୨ଶହ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ପରେଡ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ,୧୯୬୭ରୁ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଦେଶର ମାଓବାଦୀ ଓ ଆତଙ୍କବାଦ ପ୍ରଭାବିତ ଅଞ୍ଚଳରେ ନିଷ୍ଠାର ସହ କର୍ତ୍ତବ୍ୟ ତୁଲାଇ ଆସୁଛି। ମୁଖ୍ୟତଃ ଦେଶର ଆସାମ, ମିଜୋରାମ, ମେଘାଳୟ, ତ୍ରିପୁରା, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, ବିହାର, ପଞ୍ଜାବ, ଜମ୍ମୁ-କାଶ୍ମୀର, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ଓ ଓଡିଶାରେ ମାଓବାଦୀ ଓ ଆତଙ୍କବାଦୀମାନଙ୍କୁ ଦମନ କରିବାରେ ଏହି ବାହିନୀ ପ୍ରମୁଖ ଭୂମିକା ତୁଲାଇ ଆସୁଛି। ଆବଶ୍ୟକ ସ୍ଥଳେ ଦେଶର ସୁରକ୍ଷା ପାଇଁ ଜୀବନ ବଳିଦାନ ଦେବାରେ ମଧ ଏହି ଫୋର୍ସର ଅନେକ କିର୍ତ୍ତୀ ଓ ଗାଥା ରହିଛି। ଉକ୍ତ ବାହିନୀର ଉତ୍ସର୍ଗୀକୃତ ଜୀବନ ଦେଶବାସୀଙ୍କ ପାଇଁ ସର୍ବଦା ସ୍ମରଣୀୟ ରହିବ ବୋଲି ମୁଖ୍ୟଅତିଥି କହିଥିଲେ। ଏହାପରେ ସମସ୍ତ ଅଧିକାରୀ ଓ ଯବାନମାନେ ଶହୀଦମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବେଲପାହାଡ଼ରେ ଚନ୍ଦନ ଯାତ୍ରା

**ବେଲପାହାଡ,୨।୫(ଡି.ଏନ.ଏ.):**

ବେଲପାହାଡ଼ ମାଳିପଡ଼ାସ୍ଥିତ ବଡ଼କଁଟା (ପୋଖରୀ)ଠାରେ ମହାପ୍ରଭୁ ଆର୍ତ୍ତତ୍ରାଣଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଜଗନ୍ନାଥ ସଂସ୍କୃତୀର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଏହି ଚନ୍ଦନ ଯାତ୍ରା ଓ ନୌକା ବିହାର ପ୍ରଥମଥର ପାଇଁ ହୋଇଥିବା ଆୟୋଜକ କମିଟି ପ୍ରକାଶ କରିଛି । ରବିବାର ବୈଶାଖ ଶୁକ୍ଳପକ୍ଷ ଦଶମୀ ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ଶୁକ୍ରବାର ସମାପନ ହେବ। ରବିବାର ଗୁମାଡେରା ଆର୍ତ୍ତତ୍ରାଣ କ୍ଷେତ୍ରରୁ ମହାପ୍ରଭୁ ମଦନମୋହନଙ୍କ ଆଜ୍ଞାମାଳ ନିଆଯାଇ ଅଧିବାସ ଓ ମଙ୍ଗଳ ଆଳତି ପୂଜା କରାଯାଇଥିଲା। ସୋମବାର ଭଜନ କୀର୍ତ୍ତନ ସହ ମହାପ୍ରଭୁ ମଦନମୋହନଙ୍କୁ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ବଡ଼କଟା (ପୋଖରୀ)ଠାରେ ନରେନ୍ଦ୍ର ପୋଖରୀରେ ନୌକା ବିହାର ତଥା ଚାପଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁମାଡେରା ମାଳିପଡ଼ା ଓ ଜାହାଜପଡ଼ା ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ଥିଲେ। ମହାପ୍ରଭୁଙ୍କ ଚାପ ଖେଳ ଦୃଶ୍ୟ ଉପଭୋଗ କରିବା ପାଇଁ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ପୂଜକ ବ୍ରଜସୁନ୍ଦର ଶତପଥୀ ଓ ମହେନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା କରୁଥିବା ବେଳେ ଝାଙ୍କର ଚନ୍ଦ୍ରଭାନୁ ଭୋଇ, ନାରାୟଣ ପଣ୍ଡା, ଉପେନ୍ଦ୍ର ଭଇଁଶାଳ, ସହଯୋଗ କରୁଛନ୍ତି। ପୌର କେଉନସିଲର କହ୍ନେଇ ଚରଣ ସେଠଙ୍କ ସହ ଆୟୋଜକ ଚନ୍ଦନ ଯାତ୍ରା କମିଟିର ଅକୁଳମଣି ବଗାର, ସୁବ୍ରତ ମହାପାତ୍ର, ରଞ୍ଜିତା ବିଶାଳ, ଅମିତାଭ କଉଡ଼ି, ଭୀମସେନ ସେଠ, ଦୀପକ ସିଂଦେଓ, ସୁନିଲ ସାଙ୍କ ସମେତ ସହରବାସୀ ଯାତ୍ରା ଆୟୋଜନରେ ସହଯୋଗ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଆୟୋଜକ କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି।

## କେନ୍ଦୁପତ୍ର କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବେଲପାହାଡ,୨।୫(ଡି.ଏନ.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଡିଭିଜନ ବେଲପାହାଡ ରେଞ୍ଜର କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜନାଲ କର୍ମଚାରୀ ଝାରସୁଗୁଡ଼ା ଡିଏଫ୍‌ଓଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ସମସ୍ୟାକୁ ଅଣଦେଖା କରାଯାଉଥିବାରୁ ବିଶ୍ୱ ଶ୍ରମିକ ଦିବସ ଅବସରରେ ସମସ୍ତେ କଳାବ୍ୟାଜ୍ ପରିଧାନ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ତୋଳାଳୀ, ବନ୍ଧାଳୀ ଏବଂ ସିଜନାଲ କର୍ମଚାରୀଙ୍କୁ ୨୦୨୨ ମସିହାର ବୋନସ ପ୍ରଦାନ, ତୋଳାଳୀଙ୍କ ଖରିଦି ଦର ବୃଦ୍ଧି, ସିଜନାଲ କର୍ମଚାରୀଙ୍କ ଦରମା ଓ ଗସ୍ତ ଖର୍ଚ୍ଚ ବୃଦ୍ଧି ସହ ଚାକିରୀ ସର୍ତ୍ତାବଲୀ ଲାଗୁ କରିବା, କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ଆଦି ଅନ୍ୟତମ।

## ଅବକାଶକାଳୀନ ପାଠପଢ଼ା ସହାୟତା କେନ୍ଦ୍ର ଖୋଲିଲା




ପାଠପଢା ପାଇଁ ହେଲ୍ପ ଡେସ୍କ ଖୋଲାଯାଇଛି।

**ଦେବଗଡ଼,୨।୫(ଡି.ଏନ.ଏ.)**

ଦେବଗଡ଼ ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଗ୍ରୀଷ୍ମ ଅବକାଶକାଳୀନ ପାଠପଢାକୁ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଗୃହ କାର୍ଯ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ନିମନ୍ତେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର-୧୮୦୦୩୪୫୬୮୦୬ ଜାରି କରାଯାଇଛି। ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏଥିରେ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉକ୍ତ ହେଲ୍ପ ଡେକ୍ସ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପରିଚାଳନା ନିମନ୍ତେ ଏଡିଇଓ ବିନୋଦ ସିଂ, ସମଗ୍ର ଶିକ୍ଷାର ଶୈକ୍ଷିକ ସଂଯୋଜିକା ଜୟଶ୍ରୀ ଅମାତ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଦୁର୍ଘଟଣାରୁ ବର୍ତ୍ତିଲା ଉତ୍କଳ ଏକ୍ସପ୍ରେସ

**ରାଉରକେଲା ଅଫିସ,୨।୫**

ଦକ୍ଷିଣ-ପୂର୍ବ ରେଲୱେର ଚକ୍ରଧରପୁର ରେଳ ମଣ୍ଡଳ ଅନ୍ତର୍ଗତ ଜରେଇକେଲା ଷ୍ଟେଶନ ନିକଟ ସୋନୁଆ-ଚୁନିଆ ରେଳମାର୍ଗରେ ଉତ୍କଳ ଏକ୍ସପ୍ରେସ ମଙ୍ଗଳବାର ସକାଳେ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ରେଳ ଲାଇନରେ ଫାଟ ଯୋଗୁ ଉକ୍ତ ଟ୍ରେନ୍ ସୋନିଆ-ଚୁନିଆ ରେଳମାର୍ଗରେ ଅଟକିଥିଲା। ଉତ୍କଳ ଏକ୍ସପ୍ରେସ (ପୁରୀ-ଋଷିକେଶ) ସକାଳ ୮ଟା ସମୟରେ ରାଉରକେଲା ଷ୍ଟେଶନରେ ପହଞ୍ଚିବାର ଥିଲା। କିନ୍ତୁ ଏହା ପୂର୍ବରୁ ଜରେଇକେଲା ଷ୍ଟେଶନ ନିକଟ ସୋନୁଆ-ଚୁନିଆଠାରେ ଟ୍ରେନ୍ ଦୀର୍ଘ ସମୟ ଧରି ଅଟକିଥିଲା। ଯାତ୍ରୀମାନେ ଏହାର କାରଣ ଜାଣିବାକୁ ରେଳ କର୍ମଚାରୀଙ୍କୁ ପଚାରିବାରୁ ତାହା ସ୍ପଷ୍ଟ ହୋଇଥିଲା। ରେଳ ଲାଇନରେ ଫାଟର କାରଣ ଜାଣିବାକୁ ରାଉରକେଲା ରେଳ ବିଭାଗ ଉଚ୍ଚସ୍ତରୀୟ ତଦନ୍ତ କରୁଥିବା ଜଣାପଡିଛି।

# ବେଆଇନ ଗୋରୁ ଚାଲାଣ, ୬ ଗିରଫ

**ଦେବଗଡ଼,୨।୫(ଡି.ଏନ.ଏ.)**



ବେଆଇନ ଗୋଚାଲାଣ ଅଭିଯୋଗରେ ଗିରଫ ଅଭିଯୁକ୍ତମାନେ।

ବେଆଇନ ଗୋରୁ ଚାଲାଣ ବେଳେ ବିଜୟନଗର ଗ୍ରାମ ନିକଟରୁ ଦେବଗଡ ଥାନା ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ ଥାନା ବିଜୟନଗର ଗ୍ରାମର ଦୁଃଖୁନୁ ଗୁମାନସିଂ, ନଳବନ୍ଧ ଗ୍ରାମର ବିନୋଦ ପରିଡା, ଭୀମ ସାହୁ, ଚମ୍ପୁଆ ଥାନା ଅଞ୍ଚଳର ବାସୁଦେବ ଗିରି, ମଙ୍ଗଳ ନାୟକ, ବାରିଆ ଥାନା ଅଞ୍ଚଳର ପଦ ମୁଣ୍ଡା। ଅଭିଯୁକ୍ତମାନଙ୍କଠାରୁ ୨୮ଟି ଗାଈଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁସାରେ, ସୋମବାର ବଳମ ଗ୍ରାମ ପଟୁ ବାରକୋଟ ଅଭିମୁଖେ ୧୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଚଲାଇ ଚଲାଇ କିଛି ଲୋକ ନେଉଥିବା ବେଳେ ବିଜୟନଗର ସରପଞ୍ଚ ଦୀପକ ନାୟକ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାମାନଙ୍କୁ ଏ ନେଇ ସୂଚନା ଦେଇଥିଲେ। ଖବର ପାଇ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ମାର୍ଗଦର୍ଶକ ବ୍ରହ୍ମଚାରୀ ଅଭୟ ଚୈତନ୍ୟ ଜି, ସମ୍ପାଦକ ପବିତ୍ର ପୂଜାରୀ, ସୁଧୀର ବ୍ରହ୍ମା, ଆଲୋକ ଦ୍ୱିବେଦୀ ଏବଂ ରେଙ୍ଗାଲବେଡା ସେବାଧାମ ଗୋ ରକ୍ଷକ ବିଭୂତି ସାହୁ, ବିଜୟନଗର ଗ୍ରାମର ମାନସ ରଞ୍ଜନ ସାମଲ, ଅମିତ ଦେହୁରୀ, ଅଶୋକ ସାହୁ, ଗଗନ ପ୍ରଧାନ, ପୁଲସ୍ତି ଉଦାବର ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦେବଗଡ ଥାନାକୁ ସୂଚନା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨୮ଟି ଗାଇ ଉଦ୍ଧାର କରିଥିଲା। ସମସ୍ତ ଗାଈକୁ ବିଜୟନଗର ଗ୍ରାମର ହିରାଧର ସାହୁଙ୍କ ଗୋଶାଳାରେ ରଖାଯାଇଛି।

# ଚାରା ଉତ୍ପାଦନରେ ପଛୁଆ

**ରାଉରକେଲା ଅଫିସ,୨।୫**

ରାଉରକେଲା ପାନପୋଷ ମଣି କଲୋନୀରେ ଉଦ୍ୟାନ କୃଷି ବିଭାଗ ଅଧୀନରେ ଥିବା ଚାରା ଉତ୍ପାଦନ ଫାର୍ମକୁ ଆବଶ୍ୟକ ଆର୍ଥିକ ଅନୁଦାନ ମିଳୁନାହିଁ। ଫଳରେ ଫାର୍ମରେ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ଚାରା ଉତ୍ପାଦନ ହୋଇପାରୁନାହିଁ।

ସୂଚନା ଅନୁସାରେ, ପାନପୋଷ ମଣି କଲୋନୀରେ ରାଉରକେଲା ସହକାରୀ ଉଦ୍ୟାନ କୃଷି ବିଭାଗ ଅଧୀନ ୩୦ ଏକର ଜମି ପରିମିତ ଏକ ଫାର୍ମ ରହିଛି। ଫାର୍ମରେ ଆମ୍ବ, ଲେମ୍ବୁ, ଅମୃତଭଣ୍ଡା, ସଜନା, ପିଜୁଳି ଆଦି ବୃକ୍ଷ ଚାରା କରାଯାଉଛି। ମାତ୍ର ଅନୁଦାନ ଅଭାବରୁ ୨ବର୍ଷ ହେଲା ଫାର୍ମରେ ଥିବା ପଲିହାଉସ, ୱାର୍କି ସେଡ୍ ଏବଂ ସେଡ୍ ନେଟ୍ ଆଦିର ଉନ୍ନତୀକରଣ ହୋଇପାରୁନାହିଁ। ଫଳରେ ସରକାରଙ୍କ ନିର୍ଦ୍ଧାରିତ ଚାରା ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ସମୟରେ ପୂରଣ କରିପାରୁନି ଏହି ବିଭାଗ। ରାଉରକେଲା ସହକାରୀ ଉଦ୍ୟାନ କୃଷି ବିଭାଗ ଅଧୀନରେ ରାଉରକେଲା, ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା ଏବଂ ଲାଠିକଟା ଆଦି ୫ଟି ଉଦ୍ୟାନ କୃଷି ଫାର୍ମ ରହିଛି। ତେବେ ଆର୍ଥିକ ଅନୁଦାନ ମିଳୁ ନ ଥିବାରୁ ଏହି ସବୁ ଫାର୍ମ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଭାଗୀୟ ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ଫାର୍ମରେ ୮୧୦ ଆମ୍ବ, ୨୭୫ ପିଜୁଳି ଓ ୧୦ ଲିଚୁ ଗଛ ଲଗାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଉରକେଲା ସହକାରୀ ଉଦ୍ୟାନ ବିଭାଗକୁ ୬୦ହଜାର ଆମ୍ବ ଚାରା, ୩୮ହଜାର ଲେଖାଏ ଅମୃତଭଣ୍ଡା, ସଜନା ଓ ଲେମ୍ବୁ ଚାରା ପ୍ରସ୍ତୁତ କରିବା ପାଇଁ ଟାର୍ଗେଟ ମିଳିଛି। ଏଯାଏ ୧୫ ହଜାର ଲେଖାଏ ଲେମ୍ବୁ, ଅମୃତଭଣ୍ଡା, ସଜନା ଏବଂ ୪୦ହଜାର ଆମ୍ବଚାରା ପ୍ରସ୍ତୁତ ହୋଇପାରିଛି। ଏଣୁ ଆର୍ଥିକ ଅନୁଦାନ ମିଳିଲେ ଧାର୍ଯ୍ୟ ସମୟରେ ବିଭିନ୍ନ ଚାରା ପ୍ରସ୍ତୁତୀକରଣ ଓ ସଂରକ୍ଷଣ କରାଯାଇପାରିବ। ଏ ନେଇ ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏହି ସମସ୍ୟାର ସମାଧାନ ପାଇଁ ପ୍ରୟାସ ଚାଲିଛି। ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବ୍ୟୟବରାଦ ରାଶି ଅନୁମୋଦନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନୁଦାନ ମିଳିଲେ ପୁନରୁଦ୍ଧାର କାମ ଶୀଘ୍ର ହେବ ବୋଲି ବେହେରା କହିଥିଲେ।

**ପାନପୋଷ ଉଦ୍ୟାନ କୃଷି ବିଭାଗ**





ପଲିହାଉସ୍, ୱାର୍କି ଶେଡ୍ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି ।

## ସଡକ ଦୁର୍ଘଟଣା, ଯୁବକ ମୃତ

ନୂଆପଡା ଅଫିସ: ନୂଆପଡା ଜିଲା ୩୫୩ ନମ୍ବର ରାଜ୍ୟ ରାଜପଥର କୋମନା ବିଜାଖମନ ନିକଟରେ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତଙ୍କ କୋମନା ଜୁନାଗଡ ପଡାର ତାରିଖ୍ ନିଆଲ(୨୬)ବୋଲି ଜଣାପଡିଛି। ସୋମବାର ବିଳମ୍ବିତ ରାତିରେ ତାରିଖ୍ ବିଲେଇଅଞ୍ଚର ପଟୁ ଏକ ବାଇକରେ କୋମନା ଫେରୁଥିଲେ। ଏକ ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିବା ଅନୁମାନ କରାଯାଉଛି । ମଙ୍ଗଳବାର ସକାଳେ କୋମନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ବାଇକ ଜବତ ହୋଇଛି।

## ସଂକ୍ଷେପରେ

### କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

**ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ**

**ବେଲପଡା,୨।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଶ୍ରମିକମାନେ କାମ କରିଥିଲେ। ହେଲେ ସେମାନଙ୍କୁ ତାଙ୍କ ପ୍ରାପ୍ୟ ମିଳିନାହିଁ। ସୋମବାର ଶ୍ରମିକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୭ଦିନ ଭିତରେ ପ୍ରାପ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଧାରଣାରୁ ଉଠିଥିଲେ। ଏହି ଆନ୍ଦୋଳନରେ ଶ୍ରମିକ ମକଧ୍ୱଜ ହଂସ, ଅକ୍ଷୟ ବାଗ, କମଲ ବିରିହା, ଦୁର୍ଯ୍ୟୋଧନ ଗହିର, ମଦନ ବରିହା, ପୁସ୍ତମ ଗୌନ୍ତିଆ, ରୁଦ୍ରମଣି ମାଝି, ଦେବରାଜ ମାଝି, ଡମ୍ବରୁ ମାଝି, ସନମତ ମାଝି, ଦେବରାଜ ମାଝି ସାମିଲ ଥିଲେ ।

### ଶ୍ରମ ଆଇନ ବିଷୟରେ ସଚେତନ ହୁଅନ୍ତୁ ଶ୍ରମିକ

**କଣ୍ଟାବାଞ୍ଜି,୨।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ପ୍ରାଧିକରଣ କମିଟି ସୋମବାର ତୁରେକେଲା ବ୍ଲକ ବିର୍ଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରିଛି । କଣ୍ଟାବାଞ୍ଜି ସିଭିଲ କୋର୍ଟ ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନ ପ୍ରାଧିକରଣ କମିଟି ଚେୟାରମ୍ୟାନ ହିଂମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥି, ସବ୍‌ଜଜ୍ ପରିତୋଷ ସେଠୀ, ଜେଏମ୍‌ଏଫସି ଶାଶ୍ୱତୀ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଦିବସ ପାଳନ ଅବସରରେ ବରିଷ୍ଠ ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା, ଦୁଃଖିଶ୍ୟାମ ଗୁରୁ, ପାରା ଲିଗାଲ ଭୋଲେଣ୍ଟିୟର ସଞ୍ଜୟ କୁମାର ମିଶ୍ର, କାହ୍ନୁ ଚରଣ ମିଶ୍ର ଯୋଗଦେଇ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଆଇନ ଉପରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ନିର୍ମାଣ ଶ୍ରମିକ, ଗ୍ରାମାଞ୍ଚଳ ଶ୍ରମିକ ଏବଂ ଦାଦନ ଶ୍ରମିକମାନେ ଯୋଗଦେଇଥିଲେ।

### କୋର୍ଟ ପାଇଁ ସମୀକ୍ଷା କଲେ ବିଧାୟକ

**ନର୍ଲା,୨।୫(ଡ.ଏନ୍.ଏ.):** ନର୍ଲାରେ ହେବାକୁ ଥିବା ଜଏମ୍‌ଏଫ୍‌ସି ଏବଂ ନୂତନ ବସଷ୍ଟାଣ୍ଡ ପାଇଁ ଭିତ୍ତିଭୂମି ପରଖିବା ସହ ସମୀକ୍ଷା କରିଛନ୍ତି ବିଧାୟକ ଭୂପିନ୍ଦର ସିଂ। ଏଥିସହ ମ ରାମପୁରରେ କାର୍ଯ୍ୟ କରୁଥିବା ରେଞ୍ଜ ଅଫିସ ନର୍ଲାକୁ ସ୍ଥାନାନ୍ତରିତ କରିବା ଏବଂ ଶବ ବ୍ୟବଚ୍ଛେଦ ଗୃହ ପାଇଁ ବିଧାୟକ ତହସିଲଦାରଙ୍କ ସହିତ ଆଲୋଚନା କରିଥିଲେ। ବିଧାୟକଙ୍କୁ ସ୍ଥାନୀୟ ତହସିଲଦାର ଶଙ୍କର ବାଗ, ଓକିଲ ସଂଘ ସଭାପତି ଚନ୍ଦ୍ର ଶେଖର ଚାନ୍ଦ ଓ ସଂଘ କର୍ମକର୍ତ୍ତା, ଅଞ୍ଚଳର ବୁଦ୍ଧିଜିବୀ ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ ସମର୍ଦ୍ଧନା କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଅଫିସ୍ କାର୍ଯ୍ୟାଳୟ ତ୍ୱରାନ୍ୱିତ କରିବା ପାଇଁ ଅଞ୍ଚଳରେ ଦାବି ହେଉଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

**ଖଡ଼ିଆଳ,୨।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁମେରବାହାଲ ଗ୍ରାମର ଦେବରାଜ ତାଣ୍ଡି(୩୨)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମିଶନ ହସ୍ପିଟାଲରେ ଭର୍ତି କରାଯାଇଛି। ଅଭିଯୁକ୍ତ ଯୁବକ ଅନନ୍ତ ଚିନ୍ଦା (୪୭)ଙ୍କୁ ଖଡ଼ିଆଳ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଚିତ୍ତରଞ୍ଜନ ତାଣ୍ଡି ତାଙ୍କ ପୁଅ ଦେବରାଜ ତାଣ୍ଡି ରବିବାର ସକାଳେ କୌଣସି କାମରେ ଠେଲୋକୋଡୁଙ୍ଗୁରୀ ଯାଉଥିବା ବେଳେ ଗ୍ରାମର ଅନନ୍ତ ଚିନ୍ଦାଙ୍କ ସହିତ ସେମାନଙ୍କର ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅନନ୍ତ ଚିନ୍ଦା ଓ ତାଙ୍କ ସ୍ତ୍ରୀ ଆସୁମତି ଚିନ୍ଦା ଟାଙ୍ଗିଆ ଓ ଠେଙ୍ଗାରେ ଦେବରାଜଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା(୧୪୩/୨୩)ରୁଜୁ କରି ଅଭିଯୁକ୍ତ ଅନନ୍ତ ଚିନ୍ଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଖଡ଼ିଆଳ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି। କିନ୍ତୁ ଆକ୍ରମଣର ଶିକାର ଦେବରାଜଙ୍କ ପରିବାର ଲୋକେ ଅନନ୍ତ ଚିନ୍ଦାଙ୍କ ସ୍ତ୍ରୀଙ୍କୁ ମଧ ଗିରଫ କରିବାକୁ ଦାବି କରିଛନ୍ତି।

# ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଦ୍‌ଘାଟିତ

**ଖପ୍ରାଖୋଲ, ୨।୫(ଡି.ଏନ.ଏ.)**



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି । ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପାପନାଶିନୀ ଝରଣରୁ ଶ୍ରଦ୍ଧାଳୁମାନେ ପବିତ୍ର ବେଦମନ୍ତ୍ର ସହ ଗଙ୍ଗା ଆବାହନ ସହ ଘଣ୍ଟ ଘଣ୍ଟାର ତାନେତାନେ ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ଯଜ୍ଞ ମୁଖ୍ୟକର୍ତ୍ତା ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ ଓ ପବିତ୍ର ପଟେଲ କାର୍ଯ୍ୟ ସମ୍ପାଦନା କରିଥିଲେ। କନ୍ଦର୍ପ ସୁଆର, ସାନନ୍ଦ ଠାକୁର, ପଞ୍ଚାନନ ଯୋଶୀ ସପତ୍ନିକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଭୂଲିସା ସମାଜ ଓ ଯୁବ କୁଲୁତା ସମାଜ ଦ୍ୱାରା ମାଗଣା ଅନ୍ନଛାତ୍ର ଉଦ୍‌ଘାଟିତ ହୋଇଥିଲା। ସନ୍ଧ୍ୟାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ମନ୍ଦିର ସମ୍ମୁଖ ସଂସ୍କୃତିକ ମଞ୍ଚରେ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ବିଜୟା ନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଲମ୍ବୋଦର ଧାରୁଆ ମହୋତ୍ସମବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଟିଟିଲାଗଡ ଉପଜଲାପାଳ ଦୟାମୟ ପାଢ଼ୀ, ସହକାରୀ ଉପ ଜିଲପାଳ ହିମାଂଶୁ ଶେଖର ସାମଲ, ପାଟଣାଗଡ ଏନଏସି ଅଧକ୍ଷା ମାନସୀ ବିଶାଳ, ଏନଏସି ଉପାଧକ୍ଷ ପ୍ରଫୁଲ୍ଲ କୁମାର ମେହେର, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ପଟେଲ, ଉପାଧକ୍ଷ ଶୁଖିରାମ ସାଣ୍ଡ, ବେଲପଡ଼ା ବ୍ଲକ ଅଧକ୍ଷା ଟିନା କୁମ୍ଭାର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧାପକ ବଳଭଦ୍ର ଦାସ ପରିଚାଳନା କରିଥିବା ବେଳେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ନାଚଗୀତରେ ଝୁମିଲେ ଦର୍ଶକ

ଉଦଘାଟନୀ ଉତ୍ସବ ପରେ ପ୍ରଥମ ମଞ୍ଚରେ ପାଟଣାଗଡର ଭଜନ ଓ ନୃତ୍ୟ ସୁରସନ୍ଧ୍ୟା ଓ ଫୁଲୁକିମୁଣ୍ଡାର ସୌଖିନ କଳପରିଷଦ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦ୍ୱିତୀୟ ମଞ୍ଚରେ ଟିଟିଲାଗଡର ଡାପ ନୃତ୍ୟ, ବଲାଙ୍ଗୀର କୋଶଳ ଫୋକ ଏକାଡେମୀ ଓ ପାଟଣାଗଡ ଝଙ୍କାର ମ୍ୟୁଜିକ କଳାକାରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମି ଥିଲେ। ଏହି ଅବସରରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ବିଭାଗ ଦାରା ପ୍ରଦର୍ଶିତ ପ୍ରଦର୍ଶନୀ ପଡିଆ ଉଦ୍‌ଘାଟିତ ହୋଇଥିଲା। ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ବିଏଓ ସୁଜିତ କୁମାର ଭୋଇ, ବିଡ଼ିଓ ବିଜୟ କୁମାର ଶତପଥୀଙ୍କ ସମେତ ଦେବୋତ୍ତର କମିଟି ସଦସ୍ୟ, ସବ କମିଟି ସଦସ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳାର ଦ୍ୱିତୀୟ ଦିବସ ସଭାରେ ପାଟଣାଗଡ଼ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ସାଂସ୍କୃତିକ ମଞ୍ଚରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ପ୍ରମିଳା ପାଥର, କସ୍ତୁରୀ ସେଠ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରୀ ପୂଝାରୀ, ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ମହୋତ୍ସବର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଓଡିଶୀ ନୃତ୍ୟ, ପାଟଣାଗଡ଼ ସାଂସ୍କୃତିକ କଳା ପରିଷଦ, ଖପ୍ରାଖୋଲର ଫିଲ ମାଇଁ ଦିଲ ଓ ବୁଢ଼ୀବହାଲର ସମେଲେଶ୍ୱରୀ ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦାରା ପରିବେସିତ ହୋଇଥିଲା। ଦ୍ୱିତୀୟ ମଞ୍ଚରେ ଲୋଇସିଂହାର ସଙ୍ଗୀତ ସାଧନା ଲୋକ ନୃତ୍ୟ, ପୁଇଁତଲାର ଢୋଲ ମହୁରୀ କଳାପରିଷଦ ଓ ଘୁଙ୍ଗୁର କଳା ପରିଷଦ କଳାକାରଙ୍କ ଦାରା ପରିବେଷିତ ହୋଇଥିଲା।

# ଅବ୍ୟବସ୍ଥାରେ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର

**ଲାଠୋର, ୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ୮ଟି ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ନାନା ଅବ୍ୟବସ୍ଥାରେ ଚାଲିଛି। ଫଳରେ ଏଠାରେ ରହୁଥିବା ଦାଦନ ଶ୍ରମିକ ପରିବାରର ଶିଶୁମାନେ ସମସ୍ୟାରେ ରହିଥିବା ଅଭିଯୋଗ ହୋଇଛି। ଦାଦନ ପରିବାରର ୬ରୁ ୧୪ ବର୍ଷର ଶିଶୁଙ୍କ ପାଠ ପଢାରେ ଯେପରି ବ୍ୟତିକ୍ରମ ନଘଟେ ସେଥିପାଇଁ ଗ୍ରାମ୍ୟ ବିଦ୍ୟାଳୟମାନଙ୍କୁ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ର ଖୋଲି ସେଠାରେ ଶିଶୁଙ୍କୁ ରଖାଯାଇଛି। ଖାଦ୍ୟପେୟ ବାବଦକୁ ପ୍ରତି ପିଲା ପିଛା ୬ ମାସ ପାଇଁ ୧୦ ହଜାର ଟଙ୍କା ଲେଖାଏ ସରକାର ପ୍ରଦାନ କରୁଛନ୍ତି। ସେହିକ୍ରମରେ ଲାଠୋର ଅଞ୍ଚଳର ମସିଣା, ସାନଗୁର୍ଜିଭଟା, ଚାଉଲଡ଼ିଆ, ଚୋରମୁଣ୍ଡା, ପତ୍ରାପାଲି, ସୁନାମୁଦି, ଭରୁଆମୁଣ୍ଡା ଏବଂ ସିନ୍ଦବାହାଲି ଗ୍ରାମ୍ୟ ବିଦ୍ୟାଳୟରେ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରମାନ ଗତ ନଭେମ୍ବର ୨୦୨୨ରୁ ଖୋଲାଯାଇଛି। ମୋଟ ୮ କେନ୍ଦ୍ରରେ ୩୭୬ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଥମ କିସ୍ତିରେ ଖାଦ୍ୟପେୟ ତଥା ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୫୦ ପ୍ରତିଶତ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ କିସ୍ତି ଟଙ୍କା ବର୍ତ୍ତମାନ ଯାଏ ପ୍ରଦାନ କରାଯାଇ ନାହିଁ। ଦାୟିତ୍ୱରେ ଥିବା ଶିକ୍ଷକମାନେ ଟଙ୍କା ପ୍ରଦାନ ପାଇଁ ଅନୁରୋଧ କରୁଥିଲେ ମଧ ସମୟ ଗଡ଼ି ଚାଲିଛି। ଫଳରେ ଶିକ୍ଷକମାନେ ପିଲାଙ୍କ ଖାଦ୍ୟା ତଥା ଅନ୍ୟାନ୍ୟ ସାମଗ୍ରୀ ଧାରରେ ଆଣି କେନ୍ଦ୍ର ଚଳାଉଛନ୍ତି। ସମୟରେ ପ୍ରଦାନ କରାଯାଉ ନ ଥଇବାରୁ ବ୍ୟବସାୟୀମାନେ ଧାରରେ ସାମଗ୍ରୀ ଦେବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏନେଇ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନକେତନ ବରିହାଙ୍କୁ ପଚାରିବାରେ ଟଙ୍କା ପ୍ରଦାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଛୁ। ଖୁବ୍‌ଶୀଘ୍ର ଟଙ୍କା ପ୍ରଦାନ କରାଯିବ ବୋଲି ଆଶା କରାଯାଉଛି ବୋଲି ସେ କହଛନ୍ତି।

### ତାଲା ଭାଙ୍ଗି ଘରୁ ଟଙ୍କା ଓ ସୁନା ଗହଣା ଚୋରି

**ଦେଓଗାଁ,୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କନ୍ଧପାଲିପଡାରେ ଜନୈକ ବ୍ୟକ୍ତିଙ୍କ ଘରୁ ଟଙ୍କା ଓ ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି । କନ୍ଧପାଲିପଡାର ଚୈତନ୍ୟ ସାହୁ ପରିବାର ସହ କଲିକତା ଯାଇଥିବା ବେଳେ ଘରେ କେହି ନଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ଲାଗିଥିବା ସିସି କ୍ୟାମେରା ତାର କାଟିଦେଇଥିଲେ। ପରେ ଘର ମୁଖ୍ୟ କବାଟ ତାଲା କାଟି ଭିତରକୁ ପଶି ଟଙ୍କା ଓ ସୁନା ଗହଣା ଚୋରି କରିନେଇଛନ୍ତି।

### ୧୦ଲକ୍ଷ ଟଙ୍କାର ଜାଲ ନୋଟ ଜବତ, ୪ଗିରଫ


ପୋଲିସ ଅଭିଯୁକ୍ତଙ୍କୁ ଖବରଦାତା ସମ୍ମିଳନୀରେ ହାଜର କରି ସୂଚନା ଦେଉଛି।

**ଟିଟିଲାଗଡ, ୨।୫(ଡି.ଏନ.ଏ .)**

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ନାରେନ ଗ୍ରାମର ଦୁର୍ଗା ମନ୍ଦିର ପଛପଟେ ଚଢାଉ କରି ୧୦ଲକ୍ଷଟଙ୍କାର ଜାଲ ନୋଟ ଜବତ କରିଛି। ନକଲି ନୋଟ କାରବାର କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମୁରିବାହାଲ ସିଲେଟ ପଡ଼ାର ଖିରୋଦ ରଣା, କଳାହାଣ୍ଡି ଜିଲା କେଗାଁର ଛବିଲାଲ ବାଗ କେଶବ ଭୋଇ, ତୁର୍ପି ଗ୍ରାମର ତୁରାଙ୍ଗ ବାଗ। ସେମାନଙ୍କଠାରୁ ୧୦ ଲକ୍ଷରୁ ଅଧିକ ଜାଲନୋଟ, ୪ଟିମୋବାଇଲ ଓ ୩ଟି ବାଇକ ଜବତ ହୋଇଛି। ଏ ନେଇ ସୋମବାର ଟିଟିଲାଗଡ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଜାଲ୍ ନୋଟ କାରବାରରେ ଆଉ କିଏ ସାମିଲ ଅଛନ୍ତି, ଏହି ଟଙ୍କା କେଉଁଠୁ ଆସୁଥିଲା ଓ କାହାପାଖକୁ ଯାଉଥିଲା ତାହାର ତଦନ୍ତ ଜାରି ରହିଥିବା ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ସୂଚନା ଦେଇଛନ୍ତି। ଅଞ୍ଚଳରେ ଜାଲ୍‌ନୋଟ କାରବାର ଚାଲିଥିବା ଖବର ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟିଟିଲାଗଡ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଥାନାଧିକାରୀ ରଞ୍ଜନ କୁମାର ବରିହାଙ୍କୁ ଅବଗତ କରିବା ପରେ ଏକ ସତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ଚଡାଉ କରାଥିଲା।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମ ଦିବସ

**ଭବାନୀପାଟଣା,୨।୫(ସ୍ୱ.ପ୍ର.)**



ପଞ୍ଜିକୃତ ଶ୍ରମିକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସୋମବାର ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଦିବସ ପାଳନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂ, ସମ୍ମାନିତ ଅତିଥିଭାବେ ପୌର ଅଧକ୍ଷା ସଂଯୁକ୍ତା ବେହେରା, ଶ୍ରମ ବିଭାଗ କମିଶନର ନରେନ୍ଦ୍ର ରାଇକା ପ୍ରମୁଖ ଯୋଗଦେଇଥିଲେ। ପରେ ଜିଲାର ୬୮ ପଞ୍ଜିକୃତ ଶ୍ରମିକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ବାବଦକୁ ୧ କୋଟି ୩୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବିବାହ ସହାୟତା ବାବଦକୁ ୩୪୬ ଜଣ ଶ୍ରମିକଙ୍କୁ ୧ କୋଟି ୫୫ ଲକ୍ଷ ଟଙ୍କା, ମାତୃତ୍ୱ ସହାୟତା ବାବଦକୁ ୧୭ ଜଣ ଶ୍ରମିକଙ୍କୁ ୧ ଲକ୍ଷ ୬୮ ହଜାର ଟଙ୍କା, ୧୮୦ ଜଣ ଶ୍ରମିକଙ୍କୁ ୮ ଲକ୍ଷ ୬୬ ହଜାର ଟଙ୍କା ଶିକ୍ଷା ସହାୟତା ବାବଦକୁ ପ୍ରଦାନ କରାଯାଇଛି। ଏହାସହ ଅନ୍ତିମ ସଂସ୍କାର ସହାୟତା ବାବଦକୁ ୫୭ ଜଣ ଶ୍ରମିକଙ୍କୁ ୨ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ ସହ ୮୦ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଶ୍ରମିକମାନେ କିଭଳି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣି ପାରିବେ ଏବଂ ସମସ୍ତ ସୁବିଧା ସୁଯୋଗର ଲାଭ ଉଠାଇ ପାରିବେ ସେନେଇ ଉପସ୍ଥିତ ଅତିଥିମାନେ ଶ୍ରମିକଙ୍କୁ ସଚେତନ କରିଥିଲେ। ଜିଲାର ୧୩ ବ୍ଲକରୁ ପ୍ରତ୍ୟେକ ଦିନ ଅନେକ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି। ଅନେକ ସମୟରେ ଦାଦନ ସର୍ଦାରର ପ୍ରଲୋଭନର ଶିକାର ହୋଇ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ସମସ୍ତ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯିବା ସମୟରେ ଶ୍ରମବିଭାଗ ନିକଟରେ ପଞ୍ଜିକରଣ କରି ଯିବାକୁ ଶ୍ରମ ବିଭାଗ ଅନୁରୋଧ କରିଛି। ଆସନ୍ତା ଦିନରେ ଦାଦନ ଶ୍ରମିକଙ୍କ ପାଇଁ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲ ବିଭାଗ କହିଛି।

### ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ସିନାପାଲ, ୨।୫(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଟିମନପୁରସ୍ଥିତ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାମଦେବ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଏବିଇଓ ଆଦିତ୍ୟ କୁମାର ବନ୍ଦିଛୋର, ସିଆରସିସି ଅତୁଲ କୁମାର ସୁପକାର, ସିନାପାଲି ନୋଡାଲ ଉଚ୍ଚବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀ ଯୋଗଦେଇଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କ କର୍ତ୍ତବ୍ୟନିଷ୍ଠାକୁ ଅତିଥି, ଛାତ୍ରୀଛାତ୍ର ସ୍ମରଣ କରିଥିଲେ। ସଭାରେ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଆରସିସି ବୋଲଧର ନାଗ, ରାଜାରାମ କଟା, ମନୋରଞ୍ଜନ ମେହେର, କୂଳମଣୀ ନାଏକ, ଶୁଭନାରାୟଣ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅଣସଂଗଠିତ ଶ୍ରମିକଙ୍କ ସମାବେଶ

**କଣ୍ଟାବାଞ୍ଜି, ୨।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଝଲପ ପଞ୍ଚାୟତ ଭୁଷଲାଡ ସାପ୍ତାହିକ ବଜାର ପରିସରରେ ଅଣସଂଗଠିତ ଶ୍ରମିକମାନଙ୍କ ଦ୍ୱାରା ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବଙ୍ଗୋମୁଣ୍ଡା ଗରିବ ସେନା ଦ୍ୱାରା ଦିବସ ପାଳନ ଅବସରରେ ଶ୍ରମିକମାନଙ୍କ ବିଭିନ୍ନ ଅଧିକାର ଉପରେ ସଚେତନତା ସମାବେଶ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା ଯୋଗଦେଇ ଶ୍ରମ ଆଇନ ଉପରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଧା ଦାସ, ଝଲପ ପଞ୍ଚାୟତ ସରପଞ୍ଚ ଗୋବିନ୍ଦ ପୁଟେଲ, ମାନବ ଅଧିକାରୀ ପରିଷଦ ସଭ୍ୟ ଜୟନ୍ତ ସାହୁ, ଗରିବ ସେନା ସଭାପତି ଦିନେଶ ତାଣ୍ଡି, ଉପସଭାପତି ଯୁବରାଜ ମାଝି, ନାଏବ ସରପଞ୍ଚ ଝସକେତନ ବାରିକ, ସମ୍ପାଦକ କୋଦଣ୍ଡ ସୁନା ମଞ୍ଚାସୀନ ଥିଲେ। ପଞ୍ଚାୟତସ୍ତରରେ ଥିବା ଶ୍ରମିକମାନେ ଦାଦନ ଖଟିଯିବା ପୂର୍ବରୁ ନିଜ ନାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବା, ନିର୍ମାଣ ଶ୍ରମିକ ମାନଙ୍କ ଅଧିକାର,ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କ ଖାଉଟି ଫୋରମ ଗଠନ କରିବା ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା।


ଝଲପ ପଞ୍ଚାୟତରେ ଅନୁଷ୍ଠିତ ଶ୍ରମିକ ଦିବସ ସଭାରେ ମଞ୍ଚାସୀନ ଅତିଥି।

# ପ୍ରତିଶ୍ରୁତି ଦେଇ ଭୁଲି ଗଲେ ରାଜ୍ୟ ସରକାର

**ଭବାନୀପାଟଣା,୨।୫(ସ୍ୱ.ପ୍ର.)**



ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ଦେବାକୁ ଆସିଥିବା ହାଇସ୍କୁଲ ଶିକ୍ଷକ।

ସ୍ଥାୟୀ ନିଯୁକ୍ତି ପାଇଁ ରାଜ୍ୟ ସରକାର ଘୋଷଣା କଲେ। ମାତ୍ର ଏଯାଏଁ ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜଧାନୀରେ ସରକାରୀ ହାଇସ୍କୁଲ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଠିକା ନିଯୁକ୍ତି ହଟାଯିବାକୁ ଘୋଷଣା ହୋଇଥିଲେ ସୁଦ୍ଧା ଆଜି ଯାଏଁ କଳାହାଣ୍ଡି ସରକାରୀ ହାଇସ୍କୁଲ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ ଉପକୃତ ହୋଇନାହାନ୍ତି। ଏହାକୁ ନେଇ ସୋମବାର ଜିଲା ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ହାଇସ୍କୁଲ ଶିକ୍ଷକ ସଂଘ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଛି। ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଚୁକ୍ତିଭିତ୍ତିକ ପ୍ରଥା ହଟାଇବା ଘୋଷଣାର ୭ ମାସ ପରେ ମଧ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ କରାଯାଇନାହିଁ। ଏହାର ପ୍ରତିବାଦରେ ରାଜ୍ୟ ସଂଘ ଏପ୍ରିଲ ୧ରୁ ୧୩ ଯାଏଁ ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲା। ଦୀର୍ଘ ୧୩ ଦିନର ଧାରଣା ପରେ ଏପ୍ରିଲ ୧୩ ତାରିଖରେ

**ଆନ୍ଦୋଳନ ଚେତାବନୀ ଦେଲା ହାଇସ୍କୁଲ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଯୁକ୍ତି ନିୟମିତ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅନୁରୂପ ଭାବେ ବିଭାଗୀୟ ମନ୍ତ୍ରୀ ସାମାଜିକ ଗଣମାଧମ ସମ୍ମୁଖରେ ୧୮୦୦୦ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଓଡ଼ିଆ ନବବର୍ଷ ଭେଟି ଦେଲେ ବୋଲି କହିଥିଲେ। ଏହା ପରେ ବିଭାଗୀୟ ଅଧିକାରୀଙ୍କ ଉପରେ ଆସ୍ଥା ରଖି ରାଜ୍ୟ ସଂଘ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲା। ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିବାର ୧୭ ଦିନ ବିତିଯାଇଥିଲେ ମଧ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କିମ୍ବା ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ପ୍ରେରଣ କଲେ ନାହିଁ। ଚିଠି କେବଳ ନିଜ ବିଭାଗରେ ସୀମିତ ରହିଛି। ଫଳରେ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକ ନିୟମିତ ହେବାରୁ ବଞ୍ଚିତ ରହିଛନ୍ତି। ଶିକ୍ଷୟିତ୍ରୀଶିକ୍ଷକଙ୍କ ନିୟମିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କଳାହାଣ୍ଡି ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ସମେତ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୫ ଦିନ ଭିତରେ ଶିକ୍ଷକଙ୍କୁ ନିୟମିତ ନ କଲେ ରାଜଧାନୀର ପୁଣି ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଘ ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଅକ୍ଷୟ କୁମାର ସତନାମୀ ସମେତ ସମ୍ପାଦିକା ସରସ୍ୱତୀ ସାହୁ, କୋଷାଧ୍ୟକ୍ଷ ଯୁବକଲାଲ ଶବର, ଉପସଭାପତି ହୃଦାନନ୍ଦ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହୁଲ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ପଦ୍ମପୁର,୨।୫(ଡି.ଏନ.ଏ.): ବରଗଡ଼ ଜିଲା ଅବକାରୀ ବିଭାଗର ଏକ ଟିମ୍ ଲଉଡିହର୍ହା ଓ ସତୀଭଟାରେ ଚଢ଼ାଉ କରି ପ୍ରାୟ ୨୫୬ କୁଇଣ୍ଟାଲ ମହୁଲ ବୋଝେଇ ୨ଟି ଟ୍ରକ୍‌କୁ ଜବତ କରିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଡଗାଁର ହରୁଶ୍ଚନ୍ଦ୍ର କୈବର୍ତ୍ତ ଓ ଲରମ୍ବା ଥାନା ହିଲ୍ଲୀର ହେମକିଶୋର ସାହୁ। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଯାଞ୍ଚ ବେଳେ ଟ୍ରକ୍ (ନଂ.ସିଜି୦୪ଏଲଡବ୍ଲ୍ୟୁ/୯୦୧୧)ରୁ ୧୮୦ କୁଇଣ୍ଟାଲ ୨୫ କେଜି ଏବଂ ଏକ ମିନିଟ୍ରକ୍ (ନଂ.ଓଡି୧୭ଏଲ/୨୦୮୩)ରୁ ୭୬ କୁଇଣ୍ଟାଲ ୨୨ କେଜି ମହୁଲ ରହିଥିବା ଜଣାପଡିଛି। ଜିଲା ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ ଅବକାରୀ ଇନ୍ସପେକ୍ଟର ରଶ୍ମିତା ଲାକ୍ରା ଓ ପଦ୍ମପୁର ଅବକାରୀ ଥାନାଧିକାରୀ ଏଚ୍. ଜଗାରାଓଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢ଼ାଉ କରିଥିଲା।

### ନିଶା ସାମଗ୍ରୀ ଜବତ, ଜଣେ ଗିରଫ

ଅତାବିରା/ସରଣ୍ଡା,୨।୫(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ଥାନା ପୋଲିସ ନିଶା କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋଡ଼ଭଗା ଅନ୍ଧାରୀପତରାର ଗଣେଶ ଜୁଆଡ଼ି(୨୨)। ଚକୁଲିଫାର୍ମ ପାଖରେ ଅଭିଯୁକ୍ତ ଜଣକ କଫ ସିରପ, ଟାବଲେଟ୍ ଅପମିଶ୍ରିତ ନିଶା ବିକ୍ରି କରୁଥିବା ଖବର ପାଇ ଅତାବିରା ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ତାଙ୍କ ପାଖରୁ ୪ବୋତଲ କଫ ସିରପ୍, ୨୦ଲିଟର ଅପମିଶ୍ରିତ ସାମଗ୍ରୀ, ୩ଖାଲି ବୋତଲ କଫ ସିରପ, ନିଶା ବଟିକା ଜବତ ହୋଇଥିଲା। ଏ ନେଇ ଅତାବିରା ଥାନା ପୋଲିସ ଏକ ମାମଲା (ନଂ.୧୬୮/୨୩) ରୁଜୁ କରି ଅଧିକ ତଦନ୍ତ କରୁଛି ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୨।୫(ଡି.ଏନ.ଏ.) : ପାଇକମାଲ ବ୍ଲକ ଟେମେରି ସରକାରୀ ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୈତାରି ସାହୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି କ୍ରମରେ ସ୍କୁଲର ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ସଦସ୍ୟ, ଗ୍ରାମର ଭଦ୍ରବ୍ୟକ୍ତିମାନେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ପଦ୍ମପୁର ଜ୍ୟୋତି ନଗର ସ୍ଥିତ ବାସଭବନ ପର୍ଯ୍ୟନ୍ତ ନେଇଥିଲେ। ସେଠାରେ ଜ୍ୟୋତିନଗର ନାଗରିକମାନଙ୍କ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୨।୫: ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ସ୍ଥାନୀୟ ନଦୀଖଣ୍ଡି ବସ୍ତିରେ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ଏବଂ ପତ୍ରପତ୍ରିକା ପଠନ ପାଇଁ ଦିଆଯାଇଥିଲା। ବରଗଡ଼ ଜିଲା ରଜକ ସଭାପତି ଅର୍ଜୁନ ସେଠ ମୁଖ୍ୟ ଅତିଥି, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ବାସମତୀ ବନଛୋର, ରାଜକୁମାର ବନଛୋର, ସରୋଜ ମହଲା, ସବିତା ମହଲାଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁଶ୍ରୀର ଆବାହକ ଡଃ ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଧାନ କିଣାବିକା ନେଇ ଆଲୋଚନା

ବରଗଡ଼ ଅଫିସ୍,୨।୫

ବରଗଡ଼ ଜିଲାରେ ଆସନ୍ତା ୬ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି) ଅଧୀନ ମଣ୍ଡିରୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରାଯିବ। ଏହି ପ୍ରକ୍ରିୟାରେ ଚାଷୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଆଗୁଆ ପଦକ୍ଷେପ ନେବାକୁ ବରଗଡ଼ ଜିଲା ଚାଷୀ ସଙ୍ଗଠନ, ଅତାବିରା ଶାଖାର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କ ସହ ଆଲୋଚନା କରିଛନ୍ତି। ମଣ୍ଡିରେ ଚାଷୀଙ୍କୁ ହଇରାଣ କରା ନ ଯିବା, ମଣ୍ଡିରେ ଓଜନ, ଧାନର ଗୁଣମାନ ନିର୍ଣ୍ଣୟ କରାଯିବା, ଧାନର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା, କଟନୀଛଟନୀ ବନ୍ଦ କରିବା ଆଦି ଦାବି ନେଇ ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ଦଳରେ ଚାଷୀନେତା ରବିନ୍ଦ୍ର ବିଶି, ରମଣୀ ଦନ୍ତା, ଚୈତନ୍ୟ କର୍ଣ୍ଣ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଆସନ୍ତା ୫ତାରିଖରେ ପତ୍ରାପାଲି ଗ୍ରାମରେ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା।



ଜିଲାପାଳଙ୍କ ସହିତ ଚାଷୀ ପ୍ରତିନିଧିଙ୍କ ଆଲୋଚନା ।

# ଦାବି ପୂରଣ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ଜାବ୍

ସରଣ୍ଡା,୨।୫(ଡି.ଏନ.ଏ.)

ଜର୍ନାଲିଷ୍ଟ ଆସୋସିଏଶନ ଅଫ୍ ବରଗଡ (ଜାବ୍) ପକ୍ଷରୁ ସୋମବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କରି ସଂଘ ପକ୍ଷରୁ ବିଭିନ୍ନ ଦାବିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ବରଗଡ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଜାବ୍ ସଭାପତି ରବି ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତାବିରା ବ୍ଲକ ସଂଯୋଜକ କୀର୍ତ୍ତନ ବିଶାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ସୁରେଶ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟସିଂ ପ୍ରଧାନ ଗତ ରାଜ୍ୟ କାର୍ଯ୍ୟକାରିଣୀର ବିବରଣୀ ପ୍ରଦାନ କରିଥିଲେ। ସୁରେନ୍ଦ୍ର କଠାର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ନରେନ୍ଦ୍ର ଦାଶ, ହେମନ୍ତ ପ୍ରଧାନ, ସତ୍ୟଜିତ ପ୍ରଧାନ, ଜ୍ୟୋତିରଞ୍ଜନ ମହାପାତ୍ର, ହେମନ୍ତ ନାୟକ, ମୁକୁନ୍ଦ ଷଡ଼ଙ୍ଗୀ, ଅଶ୍ୱିନୀ ପାତ୍ର, ସରୋଜ ଷଡ଼ଙ୍ଗୀ, ବଳରାମ ବାଗ, ବିଜୟ କର୍ଣ୍ଣ, ହୀରା ମହକୁର, ରଞ୍ଜିତ ଦାଶ, ଝସକେତନ ସାହୁ, ସୁନିଲ ମିଶ୍ର, ରିଙ୍କୁ ସାହୁ, ଶିବଶଙ୍କର ବିଶାଳ, ସୁଦନ ମହାକୁର, ନେପାଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ଶିଶୁ ପ୍ରତିଯୋଗିତା, ରକ୍ତଦାନ ଶିବିର

ବରଗଡ଼ ଅଫିସ୍,୨।୫

ବରଗଡ଼ର ବିକାଶ ପ୍ରେକ୍ଷାଳୟଠାରେ ସୁସ୍ଥ ଶିଶୁ ପ୍ରତିଯୋଗିତା ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁରଲିକ୍ରୀଷ୍ଣା ଫାଉଣ୍ଡେଶନ ଏବଂ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଉଦ୍‌ଘାଟନ କରିଥିଲେ। ୧ବର୍ଷରୁ କମ୍ ବୟସର ୪୧ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ବିକାଶ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଶତପଥି, ଡା. ନୀଳମଣି ପାତ୍ର ସ୍କ୍ରିନିଂ କରିଥିଲେ। ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନେ ପୁଷ୍ଟିକର ଖାଦ୍ୟ ଏବଂ ଅଭିବୃଦ୍ଧି ସମୟରେ ଶିଶୁମାନଙ୍କ କିଭଳି ଯତ୍ନ ନେବା ଉଚିତ, ସେ ସମ୍ପର୍କରେ ଅଭିଭାବକଙ୍କୁ ବୁଝାଇଥିଲେ। ପ୍ରତିଯୋଗିତା ନିର୍ଦ୍ଦେଶାବଳୀ, ପାରାମିଟର ଅନୁଯାୟୀ ଶିଶୁ ଓ ସେମାନଙ୍କ ମାତାପିତାଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ରକ୍ତଦାନ ଶିବିରରେ ୫୩ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଚେକୁରି ରବିକୁମାର, ମେଡ଼ିକାଲ ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



ସୁସ୍ଥ ଶିଶୁ ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁମାନେ ।

## ଧାନ ସଂଗ୍ରହ ସଚେତନତା ଶିବିର ପାଇଁ ଦାବିପତ୍ର

ସରଣ୍ଡା, ୨।୫(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆସନ୍ତା ୬ତାରିଖରୁ ମଣ୍ଡି ଖୋଲିବ। ଏଥିପାଇଁ ଚାଷୀଙ୍କୁ ସଚେତନ କରିବାକୁ ଏକ ସଚେତନତା ଶିବିର କରିବାକୁ ସୋମବାର ଚାଷୀ ସଙ୍ଗଠନ ପକ୍ଷରୁ ଅତାବିରା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ ଚାଷୀ ସଙ୍ଗଠନର କର୍ମକର୍ତ୍ତାଗଣ। ଦାବିପତ୍ରରେ ଚଳିତ ରବିଋତୁର ଧାନ ସଂଗ୍ରହ ବାବଦରେ ଚାଷୀମାନଙ୍କ ପାଇଁ ମେ ୫ ତାରିଖ ସକାଳ ୯ଟାରେ ପତ୍ରାପାଲି ୟାର୍ଡରେ ଏକ ସଚେତନତା କାର୍ଯ୍ୟକ୍ରମ କରିବା ଲାଗି ଅନୁରୋଧ କରାଯାଇଛି। ସଙ୍ଗଠନ ସମ୍ପାଦକ ରମଣୀ ଦନ୍ତା, କୋଷାଧ୍ୟକ୍ଷ ଚୈତନ୍ୟ କର୍ଣ୍ଣ, ରାମରତ୍ନାକର ପ୍ରଧାନ, ରବିନ୍ଦ୍ର ବିଶି, ଟଙ୍କଧର ପ୍ରଧାନ, ଜି. ରମେଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିୟୁଟି ପ୍ରତିଯୋଗିତାରେ ରନର୍ସ ଅପ୍



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ବରଗଡ଼ ଅଫିସ୍,୨।୫

ଗ୍ଲାମର ଅଫ୍ ଓଡ଼ିଶା, ଅନୁଗୁଳଠାରେ ଆୟୋଜିତ ବିୟୁଟି ପ୍ରତିଯୋଗିତାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଆଲିଶା ଅଗ୍ରୱାଲ ପ୍ରଥମ ରନର୍ସ ଅପ୍ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଆଲିଶାଙ୍କ ଏହି କୃତିତ୍ୱ ପାଇଁ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି । ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ କୃତୀ ଛାତ୍ରୀ ଆଲିଶାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ




ଗ୍ରୀଷ୍ମ ଶିବିରରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀବୃନ୍ଦ ।

ବରଗଡ଼ ଅଫିସ୍,୨।୫

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ମଙ୍ଗଳବାରଠାରୁ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ ହୋଇଛି। ଶିବିରରେ ୫ ବିଦ୍ୟାଳୟରୁ ୮୮ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଶିବିରରେ ଯୋଗ, ସନ୍ତରଣ, ଆତ୍ମରକ୍ଷା କଳା, ନୃତ୍ୟ, ଗୀତ, କ୍ରିକେଟ, ଫୁଟବଲ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଦର୍ଶନୀୟ ସ୍ଥାନ ପରିଭ୍ରମଣ, ଲାଇଫ ସ୍କିଲ, ପ୍ରେରଣାଦାୟକ ବକ୍ତବ୍ୟ, ଦୁଃସାହସିକ କାର୍ଯ୍ୟକ୍ରମ ଆଦି ୧୨ବିଭାଗର କାର୍ଯ୍ୟକ୍ରମ ଚାଲିଛି। ବିକାଶ କ୍ରୀଡ଼ା ଏବଂ ସିସିଏ ବିଭାଗ ସହଯୋଗରେ ସଂଯୋଜକ ପିତାମ୍ବର ପ୍ରଧାନ ଶିବିର ପରିଚାଳନା କରୁଛନ୍ତି। ପ୍ରାରମ୍ଭରେ ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତ ରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ପ୍ରମୁଖ ଯୋଗଦେଇ ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଆସନ୍ତା ୧୨ତାରିଖରେ ଶିବିର ଉଦ୍‌ଯାପିତ ହେବ ବୋଲି ସୂଚନା ଦିଆଯାଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା ଉକ୍ତ ଶିବିର ପାଇଁ କାର୍ଯ୍ୟ କରୁଥିବା କ୍ରୀଡ଼ା ଓ ସିସିଏ ବିଭାଗର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶଂସା କରିବା ସହିତ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ଅଭିଭାବକଙ୍କୁ ସାଧୁବାଦ ଜଣାଇଥିଲେ ।

## ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୨।୫(ଡି.ଏନ୍.ଏ.)

ପଦ୍ମପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁରେଶ ଚନ୍ଦ୍ର ଚୌହାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳବାର ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ପାଇକମାଳ ବିଇଓ ଚୂଡ଼ାମଣି ବାରିକ ସ୍ୱତନ୍ତ୍ର ଅତିଥି, ବରଗଡ଼ ବିଇଓ ସେବାଶ୍ରୀ ଭୋଇ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ମାନିତ କରିଥିଲେ। ସୁରେନ୍ଦ୍ର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ମାନସ ରଞ୍ଜନ ଶତପଥୀଙ୍କ ସମ୍ପାଦନାରେ ତ୍ରୈମାସିକ ପତ୍ରିକା ଉନ୍ମୋଚିତ ହୋଇଥିଲା। ବିଜ୍ଞାନ ପ୍ରାଚୀର ପତ୍ରିକା ମୁଖ୍ୟ ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚତମ ଶିବ ମନ୍ଦିର ଦର୍ଶନ କଲେ ଛାତ୍ରୀଛାତ୍ର




ଉଚ୍ଚତମ ଶିବ ମନ୍ଦିର ତୁଙ୍ଗନାଥ ମନ୍ଦିରରେ ବିକାଶ ଛାତ୍ରୀଛାତ୍ର ।

ବରଗଡ଼ ଅଫିସ୍,୨।୫

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୭ ଛାତ୍ରୀଛାତ୍ର, ୫ ଜଣ ଗାଇଡ୍ ଶିକ୍ଷକ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣାଙ୍କ ସହ ବିମାନ ଯୋଗେ ରାୟପୁରରୁ ବାହାରି ବିଶ୍ୱର ବିଭିନ୍ନ ଉଚ୍ଚତମ ସ୍ଥାନରେ ଅବସ୍ଥିତ ଶିବ ମନ୍ଦିରକୁ ଯାତ୍ରା କରି ଫେରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତ ରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସଫଳ ଯାତ୍ରାର ଶୁଭକାମନା ଜଣାଇଥିଲେ। ଯାତ୍ରାର ପ୍ରଥମ ପର୍ଯ୍ୟାୟରେ ଛାତ୍ରୀଛାତ୍ର ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କ୍ରୀଷ୍ଣାଙ୍କ ସହ ରିଷିକେଶ ସ୍ଥିତ ଗଙ୍ଗାନଦୀରେ ରାଫ୍ଟିଂ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଉଚ୍ଚତମ ଶିବ ମନ୍ଦିର ତୁଙ୍ଗନାଥ ମନ୍ଦିରକୁ ଯାତ୍ରା କରିଥିଲେ। ଏହାସହ ବରଫ ଆଚ୍ଛାଦିତ ତୁଙ୍ଗନାଥ ଶୃଙ୍ଗକୁ ପରିଭ୍ରମଣରେ ଯାଇଥିଲେ। ସେହିପରି ଚୋପତାଲ ସ୍ଥିତ ଦେଓରିଆ ତାଲ୍, ଉତ୍ତରାଖଣ୍ଡର ଧାରୀମାତା ମନ୍ଦିର, ଦେବପ୍ରୟାଗ ପରିଦର୍ଶନ ସହ ଯନ୍ତ୍ରଚାଳିତ ବୋଟ୍‌ରେ ପବିତ୍ର ଗଙ୍ଗା ଆରତୀ, ଗଙ୍ଗାନଦୀରେ ଲକ୍ଷ୍ମଣ ଝୁଲା ଏବଂ ରାମଝୁଲାରେ ପଦଯାତ୍ରା କରି ଛାତ୍ରୀଛାତ୍ର ଉଲ୍ଲସିତ ହୋଇଥିଲେ।

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କଲେ କେନ୍ଦୁପତ୍ର ଶ୍ରମିକ

ପଦ୍ମପୁର,୨।୫ (ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୨ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀଙ୍କୁ ନାନା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅଦ୍ୟାବଧି କୌଣସି ପ୍ରତିଶ୍ରୁତି ରାଜ୍ୟ ସରକାର ପୂରଣ କରି ନ ଥିବାରୁ ଶ୍ରମିକ ଦିବସରେ ରାଜ୍ୟର ସମସ୍ତ କେନ୍ଦୁପତ୍ର କର୍ମଚାରୀ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆହ୍ୱାନକ୍ରମେ ରାଜ୍ୟର ୧୮ଟି କେନ୍ଦୁପତ୍ର ଡିଭିଜନରେ ଆନ୍ଦୋଳନ କରାଯାଇଛି। ଏହି କ୍ରମରେ ପଦ୍ମପୁର କେନ୍ଦୁପତ୍ର ଡିଭିଜନ ଅଧୀନ ପାଇକମାଳ କେନ୍ଦୁପତ୍ର ରେଞ୍ଜ୍‌ରେ ଶତାଧିକ କର୍ମଚାରୀ ଆନ୍ଦୋଳନ କରିଛନ୍ତି। କେନ୍ଦୁପତ୍ର କର୍ମଚାରୀ ସଂଘ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପଦ୍ମପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କର୍ମଚାରୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କେବେ ପୂରଣ ହେବ ବୋଲି ପୁରୋହିତ ପ୍ରଶ୍ନ କରିଛନ୍ତି।

# ବିକାଶ ଲ’ ସ୍କୁଲରେ ଆନ୍ତର୍ଜାତିକ ଶ୍ରମିକ ଦିବସ

ବରଗଡ଼ ଅଫିସ୍,୨।୫

ବରଗଡ଼ ବିକାଶ ଲ ସ୍କୁଲରେ ସୋମବାର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଲ ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଶ୍ରମିକମାନଙ୍କ ପ୍ରତି ସମସ୍ତଙ୍କ କର୍ତ୍ତବ୍ୟ ରହିଛି ଏବଂ ସମସ୍ତେ ତାହା ପାଳନ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଜୈମିନି କୁମାର ସାହୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଶ୍ରମିକମାନଙ୍କ ଅଧିକାର ଏବଂ ତାକୁ ସୁରକ୍ଷିତ ରଖିବା ପାଇଁ ରହିଥିବା ଆଇନ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଚତୁର୍ଥ ବର୍ଷ ଛାତ୍ରୀ ସ୍ୱୟଂଶ୍ରୀ ରଥ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରଶଂସା କରିଥିଲେ। ସଂଯୋଜକ ଶିବାନନ୍ଦ ସାହୁ, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ଅଭିନବ ସ୍ୱାଇଁ, ଅଧ୍ୟାପିକା ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ, ରୋଜି ମେହେର, ରଜତ ବରିହା ସହଯୋଗ କରିଥିଲେ ।



ବିକାଶ ଲ’ ସ୍କୁଲରେ ଆନ୍ତର୍ଜାତିକ ଶ୍ରମିକ ଦିବସ ବୈଠକରେ ମଞ୍ଚାସୀନ ଅତିଥିଗଣ ।

# ରାସ୍ତାକାମ ସମ୍ପୂର୍ଣ୍ଣ ଦାବିରେ ଫେରାଦ

ବରଗଡ଼ ଅଫିସ୍,୨।୫

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ମୁଖ୍ୟରାସ୍ତା ନିର୍ମାଣ କାର୍ଯ୍ୟ ପ୍ରଶସ୍ତୀକରଣ ସହିତ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ସୋମବାର ରେମଣ୍ଡା ଗ୍ରାମର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ରେମଣ୍ଡା ଗ୍ରାମର ଜନସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ହେବ। ବରଗଡ଼ ସଦର ମହକୁମା ତଥା ବ୍ଲକ ମୁଖ୍ୟାଳୟକୁ ସଂଯୋଗ ପାଇଁ ରେମଣ୍ଡା ଦେଇ ୨ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ପୂର୍ତ୍ତ ବିଭାଗ ଅଧୀନରେ ଏକ ଠିକାସଂସ୍ଥା ଏହି କାମ କରୁଥିବାବେଳେ ଏବେ ରେମଣ୍ଡା ବସ୍ତି ଭିତର ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। କିନ୍ତୁ ବସ୍ତି ଭିତର ରାସ୍ତାକୁ ୨ଥାକିଆ ତଥା ପ୍ରଶସ୍ତ କରା ନ ଯାଇ ଆଗରୁ ଯେଭଳି ଥିଲା ସେଭଳି ରାସ୍ତାକାମ ସାରି ଦେବାକୁ ଉଦ୍ୟମ ଚାଲିଛି । ବସ୍ତି ଭିତର ରାସ୍ତା ଅଣଓସାରିଆ ଭାବେ ନିର୍ମାଣ ହେଲେ ପୁଣି ପୂର୍ବ ସମସ୍ୟା ଲାଗି ରହିବ। ଫଳରେ ସୀମା ଚିହ୍ନଟ କରି ବସ୍ତି ଭିତର ରାସ୍ତାକୁ ମଧ୍ୟ ୨ଥାକିଆ ଭାବେ ନିର୍ମାଣ କରିବାକୁ ଗ୍ରାମର ସୁଶିଲ କୁମାର ଭୁଏ, ଧର୍ମେନ୍ଦ୍ର ମେହେର, ମଘୁ ଭୁଏ ପ୍ରମୁଖ ଦାବି କରିଛନ୍ତି।



ଅତିରିକ୍ତ ଜିଲାପାଳଙ୍କୁ ଗ୍ରାମବାସୀ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

**ନାକଟିଦେଉଳ (ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶନ୍ନ କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବଳମ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନାଦିଆଯାଇଛି। ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।



## ସଂକ୍ଷେପରେ

### ଉନ୍ନତ ଶାସନ ପାଇଁ ମୂଲ୍ୟବୋଧ ଓ ଆଧ୍ୟାତ୍ମିକତା ଶୀର୍ଷକ କାର୍ଯ୍ୟକ୍ରମ



**ସମ୍ବଲପୁର,୨।୫(ବ୍ୟୁରୋ):** ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ଆୟୋଜନରେ ଉନ୍ନତ ଶାସନ ପାଇଁ ମୂଲ୍ୟବୋଧ ଓ ଆଧ୍ୟାତ୍ମିକତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଲୁପାଲି ଛକ ନିକଟ ରୟାଲ ରିଟ୍ରିଟ ସଭାକକ୍ଷଠାରେ ସମ୍ବଲପୁର ଉପକେନ୍ଦ୍ର ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, କୁଳପତି, ସମ୍ବଲପୁର ଡିଆର୍‌ଏସ୍ ବିନିତ ସିଂ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର କୁଳପତି ଏନ୍ ନାଗାରାଜୁ, ଆଇଆଇଏମ୍ ସମ୍ବଲପୁର ଡାଇରେକ୍ଟର ପ୍ରଫେସର ମହାଦେଓ ଜୟସ୍ୱାଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାର ସୀତାରାମ ମୀନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବ୍ରହ୍ମକୁମାରୀ ବିଧାତ୍ରୀ ଯୋଗଦେଇ ଶିକ୍ଷା ଓ ସାମର୍ଥ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁମାରୀ ସିଦ୍ଧି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

### ବେଲପାହାଡ଼ରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ

**ବେଲପାହାଡ,୨।୫(ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରସ୍ଥିତ ଟିଆର୍‌ଏଲ୍ କ୍ରୋସାକୀ ରିଫ୍ରାକ୍ଟୋରିଜ ଶ୍ରମିକ ସଂଘ ଓ ମଜଦୁର ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଜୁବୁଲି ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ଓ ଶ୍ରମିକ ସଂଘର ଅବଦାନ ପାଇଁ କମ୍ପାନୀ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୨୦୫ କୋଟି ଟଙ୍କାର ରାଜସ୍ୱ ମୁନାଫା ହୋଇଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ କମ୍ପାନୀର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ହିର୍ଦ୍ଦେଶ ସେହେଗଲ, ପ୍ରଶାନ୍ତ ନାଏକ, ହିରୋଶି ନାଗାତା, ଶ୍ରମିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ରାଜକିଶୋର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସଭାପତି ତ୍ରିପାଠୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସେହିପରି ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ମଜଦୁର ସଂଗଠନ ପକ୍ଷରୁ ଗୁମାଡେରା ମୁଖ୍ୟ ବଜାରସ୍ଥିତ ସଂଗଠନର କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଓ ସ୍ୱେଚ୍ଛାସେବୀ ଆଲୋକ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ବିକାଶ ପାଇଁ ଯେଉଁଭଳି ମୋର ସ୍ୱାମୀ କିଶୋର ମହାନ୍ତି କାର୍ଯ୍ୟ କରୁଥିଲେ ମୁଁ ମଧ ସେଭଳି କାର୍ଯ୍ୟ କରିବି ବୋଲି ବିଧାୟିକା ମହାନ୍ତି ପ୍ରକାଶ କରିଥିଲେ। ସଦସ୍ୟ ସୌଦାଗର ସାହୁ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଯାତିତ ପରିବାର ଉପଜିଲାପାଳଙ୍କ ଦ୍ୱାରସ୍ଥ

**କୁଚିଣ୍ଡା,୨।୫(ଡି.ଏନ.ଏ.)**



ଦାବିପତ୍ର ପ୍ରଦାନ କରୁଛନ୍ତି ନିର୍ଯାତିତ ପରିବାର।

ବାମରା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ପଣ୍ଡରିପଥର ଗ୍ରାମର ୧୫ ଆଦିବାସୀ ପରିବାରଙ୍କ ପ୍ରତି କେତେଜଣ ସବର୍ଣ୍ଣ ଶ୍ରେଣୀର ଲୋକ ଦୀର୍ଘଦିନ ହେବ ନିର୍ଯାତନା ଦେଉଥିବା କୁଚିଣ୍ଡା ଉପଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ପଣ୍ଡରିପଥର ଗ୍ରାମର ଏହି ୧୫ ନିର୍ଯାତିତ ପରିବାର ୨୦୧୦ରେ ଜନୈକ ବ୍ୟକ୍ତିଙ୍କଠାରୁ ଜମିକିଣି ଘରନିର୍ମାଣ କରି ବସବାସ କରୁଛନ୍ତି। ମାତ୍ର ପ୍ରାୟ ୪ମାସ ହେବ କେତେଜଣ ସବର୍ଣ୍ଣ ଲୋକ ଏହି ଆଦିବାସୀ ପରିବାର ରହୁଥିବା ସାହି ନଳକୂପ ରାସ୍ତାରେ ତାର ବାଡଦେଇ ବନ୍ଦ କରିଦେଇଥିବା ବେଳେ ଏବେ ପୁଣି ଯାତାୟାତ କରୁଥିବା ସର୍ବସାଧାରଣ ରାସ୍ତା ଉପରେ ନିଅଁ ଖୋଳି ରାସ୍ତା ଅବରୋଧ କରିଛନ୍ତି। ତାଙ୍କ ନାମରେ ଜମିପଟ୍ଟା ରହିଥିଲେ ହେଁ ଆକ୍ରୋଶ ମୂଳକ ଭାବେ ହଇରାଣ କରିଛନ୍ତି । ପ୍ରକାଶଥାଉ କି,ଏ ସମ୍ପର୍କରେ ପୀଡିତ ପରିବାରଙ୍କ ପକ୍ଷରୁ ବାମରା ତହସିଲଦାରଙ୍କଠାରେ ଅଭିଯୋଗ କରାଯାଇଥିଲା। ତହସିଲ ପକ୍ଷରୁ ଉଭୟ ପକ୍ଷଙ୍କୁ ନୋଟିସ କରଯାଇ ଅତିରିକ୍ତ ତହସିଲଦାର ସୁଜୟ ପଣ୍ଡା ଶୁଣାଣି କରିଥିଲେ। ପ୍ରଥମ ପକ୍ଷ ତଥା ପୀଡିତ ଆଦିବାସୀ ପରିବାର ବସବାସ କରୁଥିବା ଜାଗାର ଜମିପଟ୍ଟା ଦେଖାଇଥିବା ବେଳେ ଦ୍ୱିତୀୟ ପକ୍ଷ ଅର୍ଥାତ୍ ସବର୍ଣ୍ଣ ଶ୍ରେଣୀର ଲୋକମାନେ ନିଜ ସପକ୍ଷଭୁକ୍ତ କୌଣସି ତଥ୍ୟ ପ୍ରମାଣ ଉପସ୍ଥାପନ କରିପାରି ନ ଥିଲେ। ତେଣୁ ଅନ୍ୟ ଶୁଣାଣି ପର୍ଯ୍ୟନ୍ତ ନିଅଁଖୋଳାକୁ ବନ୍ଦ ରଖିବାକୁ ଅତିରିକ୍ତ ତହସିଲଦାର ପଣ୍ଡା ଆଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ତହସିଲ ପକ୍ଷରୁ ରାଜସ୍ୱ ସୁପରଭାଇଜର ସତ୍ୟନାରାୟଣ ଦାସ, ଗୋବିନ୍ଦପୁର ଆର୍‌ଆଇ ତ୍ରିଷ୍ଣା ଓରାମ, ବିଭୀଷଣ ସାହୁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଜମି ଚିହ୍ନଟ କରିଥିବା ଜଣାଯାଇଛି । ଏହା ସତ୍ତ୍ୱେ ବି ସମ୍ପୃକ୍ତ ସବର୍ଣ୍ଣ ବ୍ୟକ୍ତିଙ୍କ ଧମକଚମକ ଜାରି ରହିଥିବାରୁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଆଦିବାସୀ ପରିବାର ସଦସ୍ୟ କହିଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୀଡିତ ପରିବାର ପକ୍ଷରୁ ନାଏମନ ହେମ୍ବ୍ରମ, ଲଲେନ ଟପ୍ପୋ, ସାରାନି ହାଁସଦା, ସିଲୁ ହାଁସଦା, ଶୁଶିଲ ନାଗ, ଜିଲାନି ସାମାଦ, ସୁନିଲ ନାଗ, ବାଲ୍ମାଦିନା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରମିକ ଦିବସରେ କେନ୍ଦୁପତ୍ର କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ




ସମ୍ବଲପୁର କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ।

**ସମ୍ବଲପୁର,୨।୫(ବ୍ୟୁରୋ)**

ଆନ୍ତର୍ଜାତିକ ଶ୍ରମିକ ଦିବସରେ ସମ୍ବଲପୁର, ଝୁଝୁମୁରା, ଧମା ରେଞ୍ଜର ଶତାଧିକ ତୋଳାଳୀ, ସିଜନାଲ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ବନ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। କେନ୍ଦୁପତ୍ର ସଂଗ୍ରହ ଦରବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କ ଦରମା ବୃଦ୍ଧି, ଚାକିରୀ ସର୍ତ୍ତାବଳୀ ପ୍ରଣୟନ, ବୋନସ ପ୍ରଦାନ, ସର୍ବନିମ୍ନ ମଜୁରି ବୃଦ୍ଧି ଆଦି ଦାବି କରାଯାଇଥିଲା। ସମ୍ବଲପୁରଠାରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି, ଡିଭିଜନ ସମ୍ପାଦକ ଗୋକୁଳ ମେହେର, ରେଞ୍ଜ ସମ୍ପାଦକ ଭକ୍ତବନ୍ଧୁ ମାଝି, ଅନାଦି ମିର୍ଦ୍ଧା, ଧମା ରେଞ୍ଜ ସହ ସମ୍ପାଦକ ପ୍ରଶାନ୍ତ ଦୀପ, ନିରବାନି ଭୋଇ, ରୁକ୍ମଣୀ ଭୋଇ, ବିଦେଶିନି ଭୋଇ, ଦହନା ମାଝି, ବସନ୍ତଦୁଲା ବିଶି, ଦୁଳନା ବାଗ, ନେପୁର ବାଗ ଓ ସୁମିତ୍ରା ଭୋଇ ପ୍ରମୁଖ ସାମିଲ ଥିଲେ ।

# ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କୁଚିଣ୍ଡା/ପଡିଆବାହାଲ,୨।୫(ଡି.ଏନ.ଏ.)**

ସାମ୍ବାଦିକ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅବହେଳା ପ୍ରତିବାଦରେ କୁଚିଣ୍ଡା ସାମ୍ବାଦିକ ସଂଘ ଓ ସମ୍ବଲପୁର ଓୟୁଜେ ପକ୍ଷରୁ ସୋମବାର ଶ୍ରମିକ ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍ଜାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଚିଣ୍ଡା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହିପରି ସମ୍ବଲପୁର ଓୟୁଜେ ପକ୍ଷରୁ ଉପସଭାପତି ଦିନେଶ ମହାରଣା, ୱେଲଫେୟାର ଚେୟାରମ୍ୟାନ ରାଧାମୋହନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରଦତ୍ତ ଦାବିପତ୍ରରେ ସାମ୍ବାଦିକଙ୍କ ପାଇଁ ପ୍ରଚଳିତ ବୀମାରାଶି ପରିମାଣକୁ ୨ରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ମାସିକ ୧୫ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଦୀର୍ଘଦିନ ଧରି ଅଚଳ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ଏବଂ ମହାରାଷ୍ଟ୍ର ଓ ଛତିଶଗଡ ଢାଞ୍ଚାରେ ଓଡିଶାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ଉଲ୍ଲେଖ କରାଯାଇଛି। କୁଚିଣ୍ଡାଠାରେ ଦାବିପତ୍ର ପ୍ରଦାନ ସମୟରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, କୁଚିଣ୍ଡା ସଂଘର ସାଧାରଣ ସମ୍ପାଦକ ତନୟ ମହାପାତ୍ର, ସଦସ୍ୟ ସୁଧିର ମହାନ୍ତି, ସଞ୍ଜୟ ମିଶ୍ରଙ୍କ ସମେତ ବାମରା ସାମ୍ବାଦିକ ୟୁନିୟନର ସଭାପତି ଉଦୟ ଶଙ୍କର ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଲୋଚନ ଶବର ଦାବିପତ୍ର ଗ୍ରହଣ କରିଥିଲେ।

## ଶ୍ରମିକମାନେ ଏକାଠି ହେବାକୁ ଆହ୍ୱାନ

**କୁଚିଣ୍ଡା,୨।୫(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁ. ଜମନକିରା ପଞ୍ଚାୟତ କୁକମ ଗ୍ରାମରେ ସୋମବାର ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଶ୍ରମିକ ସଂଗଠନ ପକ୍ଷରୁ ପାଳିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ ସଭାପତିତ୍ୱ କରି ଶ୍ରମିକ ମାନେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ଓ ରୋପ ନିର୍ଦ୍ଦେଶକ ପ୍ରଦୀପ ମହାକୁଳ ଯୋଗ ଦେଇ ଏହି ଦିବସର ମହତ୍ତ୍ୱ ଓ ଶ୍ରମିକ ସମାଜର ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ଆଦିବାସୀ ବହୁଳ କୁଚିଣ୍ଡା ଅଞ୍ଚଳରେ ଶ୍ରମିକମାନେ ସରକାରୀ ଅବହେଳାର ଶିକାର ହେଉଥିବା ଏବଂ ବହୁ ସଂଖ୍ୟକ ଶ୍ରମିକଙ୍କ ସରକାରୀ ପଞ୍ଜିକରଣ ହୋଇପାରୁ ନ ଥିବାରୁ ସେମାନେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଜୟପ୍ରକାଶ ନାଏକ, ଏମବିକେ ରଞ୍ଜିତା ରଣା, ଜୟପ୍ରକାଶ ନାୟକ, ହରି କିଷାନ, ଅଙ୍ଗନୱାଡି କର୍ମୀ ରଞ୍ଜିତା ରଣା, ନିରାକାର କାଲୋ, ଚନ୍ଦ୍ରାବତି କିଷାନ, ରଶ୍ମି ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

# ବିକାଶ ସ୍କୁଲର ୨୨ତମ ପ୍ରତିଷ୍ଠା ଦିବସ



ବିକାଶ ସ୍କୁଲର ପ୍ରତିଷ୍ଠା ଦିବସରେ ଅତିଥିମାନେ।

**ସମ୍ବଲପୁର,୨।୫(ବ୍ୟୁରୋ)**

ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ସ୍କୁଲର ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିକାଶ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଉତ୍ସବ ଉଦ୍‌ଘାଟନ କରି କହିଥିଲେ, ସମସ୍ତଙ୍କର ନିଷ୍ଠାପର କର୍ତ୍ତବ୍ୟ ଦ୍ୱାରା ବିକାଶ ଗ୍ରୁପ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ରିଏଲ୍ ଇଷ୍ଟେଟ୍ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଗ୍ରୁପ୍ ଏକାଡେମିକ୍ ଡାଇରେକ୍ଟର ଜି. ରାମକୃଷ୍ଣ ମୂଲ୍ୟବୋଧ ଭିତ୍ତିକ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ବିକାଶ ବିଦ୍ୟାଳୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ପରେ ବିକାଶ ଫାଷ୍ଟ ଷ୍ଟେପ୍, ବିକାଶ କନ୍‌ସେପ୍ଟ ସ୍କୁଲ ଓ ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ତରଫରୁ ଆକର୍ଷଣୀୟ ଗୀତ ଓ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ବିକାଶ ହସ୍ପିଟାଲର ନିର୍ଦ୍ଦେଶକ ଅରୁଣ ପଟୱାରୀ, ସିଇଓ ଡ. ପରମହଂସ ମିଶ୍ର, ମାନବ ସମ୍ବଳ ଅଧିକାରୀ ଡ. ଦିଲୀପ ପଣ୍ଡା, ସିନିୟର ଆଡ୍‌ମିନିଷ୍ଟ୍ରେଟର୍ ଡ. ଦିଲୀପ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ଗାଙ୍ଗୁଲି ଓ ଅଧ୍ୟାପିକା ଶୁଭଶ୍ରୀ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଲବ ଭୂୟାଁ, ନବ କୁମାର ଦାଶ, ପ୍ରୀତମ କୁମ୍ଭାର, ଚିତ୍ତରଞ୍ଜନ ପ୍ରଧାନ, ପବିତ୍ର କୁମାର ବେରିହା, ପ୍ରଭୁଦୟାଲ ତିର୍କୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ରେଳବାଇ ମହିଳା କଲ୍ୟାଣ ସଂଗଠନର ପୁରସ୍କାର ବିତରଣ ସମାରୋହ

**ସମ୍ବଲପୁର,୨।୫(ବ୍ୟୁରୋ)**



ପୁରସ୍କୃତ କର୍ମଚାରୀଙ୍କ ସହ ରେଳବାଇ ମହିଳା କଲ୍ୟାଣ ସଂଗଠନ କର୍ମକର୍ତ୍ତା।

ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ସମ୍ବଲପୁରର ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ ଦ୍ୱାରା ଏକ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା। ୧୪ଜଣ କର୍ମଚାରୀଙ୍କୁ ସେମାନଙ୍କର ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁରର ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ସଭାପତି ଅଞ୍ଜାନୀ ସିଂ ସମାବେଶକୁ ସମ୍ବୋଧିତ କରିବା ସହ ସମାଜରେ ଶ୍ରମିକଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉପକୂଳ ରେଳବାଇ ମହିଳା କଲ୍ୟାଣ ସଂଗଠନ ଉପାଧ୍ୟକ୍ଷ ରୁଚିକା ସିଂ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଚୋରି ଅଭିଯୋଗରେ ଜଣେ ଗିରଫ

**ବେଲପାହାଡ଼, ୨।୫ (ଡି.ଏନ.ଏ.)**

ବେଲପାହାଡ଼ ପୋଲିସ ସଟରିଂ ପ୍ଲେଟ ଚୋରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଝଣ୍ଡାପଡ଼ାର ଶୁକ୍ର ରାମ (୨୫)। ସୂଚନାମତେ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀ ବିଭିନ୍ନ କଲୋନୀରେ ହେଉଥିବା କାର୍ଯ୍ୟସ୍ଥଳିରୁ ପ୍ରାୟ ୪୦ଗୋଟି ସଟରିଂ ପ୍ଲେଟ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲା। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଗିରଫ ଶୁକ୍ରଙ୍କଠାରୁ ୨୩ ସଟରିଂ ପ୍ଲେଟ ଜବତ ହୋଇଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଶୀଘ୍ର ଗିରଫ କରିବା ପାଇଁ ପ୍ରୟାସ ଚଳାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

# ଭାଗଚାଷୀଙ୍କୁ ଋଣ ପ୍ରଦାନ ନେଇ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

**ଜମନକିରା,୨।୫(ଡି.ଏନ.ଏ.)**

ଜମନକିରା ବ୍ଲକ କନ୍‌ଫରେନ୍ସ ହଲ୍‌ରେ ମଙ୍ଗଳବାର ବଳରାମ ଯୋଜନାରେ ଭୂମିହୀନ ଭାଗଚାଷୀଙ୍କୁ ଋଣ ପ୍ରଦାନ ନେଇ ଏକ କର୍ମଶାଳା ବିଡ଼ିଓ ପ୍ରସନ୍ନ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜମନକିରା ଷ୍ଟେଟ ବ୍ୟାଙ୍କ ପରିଚାଳକ ଶ୍ରୀନିବାସ ଦଳବେହେରା, ବଡରମା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପରିଚାଳକ ଗୁରୁଚରଣ ମଲ୍ଲିକ, ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ସମଶେର ଆଲମ, ସମବାୟ ବ୍ୟାଙ୍କ ପରିଚାଳକ ଅନୁପମ ଦାଶଙ୍କ ସମେତ କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମିଶନ ଶକ୍ତି, ମତ୍ସ୍ୟ, ଜୀବିକା ମିଶନ ଏବଂ ବିଭିନ୍ନ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ କିପରି ଭାଗ ଚାଷୀଙ୍କୁ ଋଣ ପ୍ରଦାନ କରାଯିବ ସେ ଉପରେ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ଲୋଚନ ମାଝି ପରିଚାଳନା କରିଥିବା ବେଳେ ଆକାଶ ରଞ୍ଜନ ଓ ସୁଭଜିତ ବେହେରା ସହଯୋଗ କରିଥିଲେ।

# ପୋଲିସ, ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ରକ୍ତଦାନ ଶିବିର

**ସମ୍ବଲପୁର,୨।୫(ବ୍ୟୁରୋ)**

ସମ୍ପ୍ରତିଗ୍ରୀଷ୍ମପ୍ରବାହଯୋଗୁବୁର୍ଲା ଓ ସମ୍ବଲପୁର ଜିଲା ଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ପୋଲିସ ଓ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ମିଳିତ ଉଦ୍ୟମରେ ଠେଲକୋଲୋଇସ୍ଥିତ ଅକୁପେସନାଲ ହେଲଥ୍ ସେଣ୍ଟରଠାରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମିଳିତ ଭାବେ ଜୟ ପ୍ରକାଶ ସିଂ (ଭି ପି ଏଚଆର ଆଣ୍ଡ ଆଡମିନ) ଓ ଠେଲକୋଲୋଇ ଆଇଆଇସି ବିଭୂତି ଭୂଷଣ ଦଳେଇ ଉଦ୍‌ଘାଟନ କରିଥିଲେ। ଡା. ସୁଧାମୟ ନାୟକ, ଏଜିଏମ୍ ଶ୍ରେୟଂଶ ଝା, ଡା. ରବିଶଙ୍କର ଚୌଧୁରୀ, ଡା. ଅଖିଳ ମିଶ୍ର, ଡା. ଟେକଚାନ୍ଦ ପଟେଲ, ଶିବ ସିଂହ ରାଓ୍ୱତ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, ଲାଲୁ ବିଶ୍ୱାସ, ପଦ୍ମିନୀ ଶତପଥୀ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ କରାଯାଇଥିଲା। ରକ୍ତଦାତାମାନଙ୍କୁ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା।

# ଗାନ୍ଧୀବାଦର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର,୨।୫(ବ୍ୟୁରୋ)**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

ଗାନ୍ଧୀବାଦର ବ୍ୟବହାରିକ ଦିଗକୁ ଶିକ୍ଷା, ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ ପ୍ରୟୋଗର ଯଥେଷ୍ଟ ଆବଶ୍ୟକତା ରହିଛି। ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ସମାଜରେ ଗାନ୍ଧୀବାଦର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇ ଆଇଆଇଏମ୍‌ର ସହକାରୀ ପ୍ରଫେସର ଡ. ସୁଜିତ କୁମାର ପୃଷ୍ଟେଠ ଏହା କହିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧିବାଦର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି। ଗାନ୍ଧୀବାଦକୁ ଅନୁସରଣ କଲେ ବ୍ୟକ୍ତିଗତ, ଦେଶ ଓ ମାନବ ସମାଜର ସମସ୍ୟା ସମାଧାନ ହୋଇପାରିବ। ଗାନ୍ଧୀଜୀଙ୍କ ଜୀବନଯାତ୍ରା ମଧ ଅନନ୍ୟ ଥିଲା। ତାଙ୍କ ଦ୍ୱାରା ଦକ୍ଷିଣ ଆଫ୍ରିକାରେ ତିନୋଟି ଫୁଟ୍‌ବଲ୍ କ୍ଲବର ସ୍ଥାପନା, ଦେଶ ଦ୍ରୋହ ମାମଲାରେ ତାଙ୍କ କାଳଜୟୀ ବକ୍ତବ୍ୟ ତଥା ଆର୍ଥିକ ବୈଷମ୍ୟ ଉପରେ ତାଙ୍କର ଆଲୋଚନା ପ୍ରାସଙ୍ଗିକ ବୋଲି ଡ. ପୃଷ୍ଟେଠ କହିଥିଲେ। ସ୍ମୃତି ସମିତି ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ପ୍ରମୁଖ ଗାନ୍ଧୀଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ୮ ଗିରଫ

**ନାକଟିଦେଉଳ,୨।୫(ଡ଼ି.ଏନ.ଏ.)**



ଗିରଫ ଅଭିଯୁକ୍ତମାନେ।

ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧୀନ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କାଟୁଥିବା ବେଳେ ବନ ବିଭାଗ ୮ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬ଖଣ୍ଡ ଶାଳ ଗଣ୍ଡି, ୩ ସାଇକେଲ, ୪ ଟାଙ୍ଗିଆ, ୩ ମୋବାଇଲ ଓ ୨ ମୋଟରସାଇକେଲ ଜବତ କରାଯାଇଛି। ଗିରଫମାନେ ହେଲେ ନାକଟିଦେଉଳ ଥାନା ମାରୁଆଡ଼ିମୁଣ୍ଡା ଗ୍ରାମର ନୀଳମଣୀ ମୁଣ୍ଡା, କାଳନ୍ଦୀ ଚରଣ ମୁଣ୍ଡା, ଜିତେନ୍ଦ୍ର ମୁଣ୍ଡା, ଉପେନ୍ଦ୍ର ମୁଣ୍ଡା, ଚନ୍ଦ୍ରପୁର ଗ୍ରାମର ଗୁରୁଚରଣ ମୁଣ୍ଡା, କିସିଣ୍ଡା ଥାନା କଞ୍ଚନପୁର ଗ୍ରାମର ବିଶିକେଶନ କିଷାନ, ଲିଙ୍ଗରାଜ କିଷାନ ଓ ଭାସ୍କର କିଷାନ। ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରବୀଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ହୀରାଲୋଇ ଫରେଷ୍ଟ ଗାର୍ଡ଼ ଅନୀଲ କୁମାର ନାଏକ, ଫରେଷ୍ଟ ୱାଚର ହୃଷୀକେଶ ବିଶି ଏବଂ ପ୍ରଶାନ୍ତ କୁମାର ପ୍ରଧାନ ଲଣ୍ଡାକୋଟ ସଂରକ୍ଷିତ ମଧରେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତମାନେ ଶାଳଗଛ କାଟୁଥିବା ଦେଖି ସେମାନଙ୍କୁ କାବୁ କରିଥିଲେ। ଏ ସମ୍ପର୍କରେ ଗିରିଶ୍ଚନ୍ଦ୍ରପୁର ବନ ବିଭାଗ ଏକ ମାମଲା ରୁଜୁ କରି ଗିରଫ ସମସ୍ତ ୮ଜଣଙ୍କୁ ମଙ୍ଗଳବାର ରେଢାଖୋଲ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ବେଲପଡା, ୨ା୫(ଡି.ଏନ.ଏ.)
ବରଗଡ ଜିଲା ପାଟଣାଗଡ଼ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ବାହାଲଭଟଲି ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତା ମହିଳା ହେଲେ ପ୍ରିୟଙ୍କା ସୁନା (୩୦)। ମୃତାଙ୍କ ବାପା ଶୁକସାନ୍ତ ସୁନା ତାଙ୍କ ଝିଅକୁ ଯୌତୁକପାଇଁ ହତ୍ୟା କରାଯାଇଥିବା ଲରମ୍ବା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରିୟଙ୍କାଙ୍କ ସ୍ୱାମୀ ତାପସ ରଞ୍ଜନ ସିକାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ପଦ୍ମପୁର ଥାନା ଅନ୍ତର୍ଗତ ରଜାପଡାର ଶୁକସାନ୍ତ ସୁନାଙ୍କ ଝିଅ ପ୍ରିୟଙ୍କ ୪ବର୍ଷ ତଳେ ଲରମ୍ବା ଥାନା ବାହାଲଭଟଲି ଗାଁର ତାପସରଞ୍ଜନଙ୍କୁ ପ୍ରେମବିବାହ କରିଥିଲେ। ବିବାହ ସମୟରେ ନିଜ ସାଧମତେ ଯୌତୁକ ଦିଆଯାଇଥିଲା। ତାପସ ବେରୋଜଗାର ଥିବାରୁ ଏକ ଦୋକାନ ଖୋଲିବା ପାଇଁ ବୋହୁକୁ ଲକ୍ଷାଧିକ ଟଙ୍କା ଆଣିବାକୁ ଶଶୁର ଘର ଲୋକେ କହିଥିଲେ । ବାପଘର ଲୋକେ ଟଙ୍କା ଦେବାକୁ ଅସମର୍ଥ ହେବାରୁ ଶାଶୁ ଘର ଲୋକେ ଝିଅକୁ ନର୍ଯାତନା ଦେଇଆସୁଥିଲେ । ଏହି କଥାକୁ ନେଇ ଘରେ ସବୁବେଳେ ଝଗଡା ଲାଗି ରହୁଥିଲା। କିଛି ମାସ ତଳେ ଶୁକସାନ୍ତ ଝିଅକୁ ତାଙ୍କ ଘରକୁ ନେଇ ଯାଇଥିଲେ। ସେଠାରେ କିଛି ଦିନ ରହିବା ପରେ ସ୍ୱାମୀ ଓ ତାର ପରିବାରବର୍ଗ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଝିଅକୁ ନେଇଯାଇଥିଲେ। ଝିଅ ଶାଶୁ ଘରକୁ ଯିବାର କିଛିଦିନପରେ ଏହି ଘଟଣା ଘଟିଛି । ଝିଅକୁ ସ୍ୱାମୀ ଓ ତାଙ୍କ ଘର ଲୋକେ ଗତ ରବିବାର ରାତିରେ ହତ୍ୟା କରବା ପରେ ଘରଠାରୁ ୨୦୦ ମିଟର ଦୂରରେ ଥିବା ଏକ ମହୁଲ ଗଛରେ ଝୁଲାଇ ଆତ୍ମହତ୍ୟା ରୂପଦେଇଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି । ଏତଲା ଆଧାରରେ ପୋଲିସ ଏସ୍‌ଡିପିଓ ଜ୍ୟୋର୍ତିମୟ ଭୁକ୍ତା ସାଇଣ୍ଟିଫିକ ଟିମ ସହାୟତା ନେଇ ମୃତଦେହ ଜବତ କରି ବ୍ୟଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଗାଡ଼ିମୋଟର ଯାଞ୍ଚ କଡ଼ାକଡି

■୩ନାବାଳକ ଚାଳକଙ୍କୁ ୨୬ହଜାର ଲେଖାଏ ଫାଇନ
■ନିଶା ସେବନ କରି ଗାଡି ଚାଳନା କରି ୪ଗିରଫ

ଖଡ଼ିଆଳ,୨ା୫(ଡି.ଏନ.ଏ): ନୂଆପଡ଼ା ଜିଲା ଖଡ଼ିଆଳ ଥାନା ପୋଲିସ ମଙ୍ଗଳବାର ଅମ୍ବେଦକର ଛକରେ ଗାଡ଼ି ଯାଞ୍ଚ କରି ୫୦,୧୦୦ ହଜାର ଟଙ୍କା ଜରିମାନା ଆଦାୟ କରିଛି। ନିଶା ସେବନ କରି ଗାଡି ଚାଳନା କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଗାଡି ଚାଳନା କରୁଥିବା ତିନି ଜଣ ନବଳକଙ୍କୁ ୨୬ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିବା ବେଳେ ସେମାନଙ୍କ ବାପା ମାନଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଞ୍ଚଳିକ ପରିବହନ ବିଭାଗ ନୂଆପଡା ସୂତ୍ରରୁ ଜଣାପଡିଛି। ପରିବହନ ବିଭାଗ ଅଧିକାରୀ ବିଜୟ କୁମାର ବେଉରା ଓ ତାଙ୍କ ଅନ୍ୟାନ୍ୟ କର୍ମଚାରୀ ଯାଞ୍ଚରେ ସାମିଲ ଥିଲେ। ଖଡ଼ିଆଳ ପୋଲିସ ପକ୍ଷରୁ କରାଯାଇଥିବା ଗାଡିମୋଟର ଯାଞ୍ଚରେ ଏସଆଇ ରାଜେଶ ଅଗସ୍ତି, ଏସଆଇ ଦେବେନ୍ଦ୍ର ବିନ୍ଧାଣି, ଦୁର୍ଗା ପ୍ରଶାଦ ସାହୁ, ଏଏସ ଆଇ ରେବତୀ ଦୁର୍ଗା ସାମିଲ ହୋଇଥିଲେ ।

### ସରପଞ୍ଚଙ୍କଠାରୁ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଭବାନୀପାଟଣା,୨ା୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ବାଲପଦର ଗ୍ରାମ ନିକଟରେ ମଙ୍ଗଳବାର ଜଣେ ସରପଞ୍ଚଙ୍କୁ ମାରଣାସ୍ତ୍ର ଦେଖାଇ ୩ ଦୁର୍ବୃତ୍ତ ୯୫ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ସେ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଜାମଖୁଟା ସରପଞ୍ଚ ବେହେରା ଚାନ୍ଦତରା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରପଞ୍ଚ ଏସବିଆଇରୁ ୯୫ ହଜାର ଟଙ୍କା ଉଠାଇ ବାଲପଦର ଗ୍ରାମ ଆଡ଼କୁ ଯାଉଥିବାବେଳେ ୩ ଦୁର୍ବୃତ୍ତ ତାଙ୍କୁ ପିଛା କରି ବାଟରେ ଅଟକାଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ୯୫ହଜାର ଟଙ୍କା ଲୁଟିନେଇ ସେଠାରୁ ଫେରାର ହୋଇଯାଇଥିଲେ।

# ପୁରୁଣା ଡ୍ରେନ୍ ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡିଲେ

■ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ମାପୁଚୁପ ହେଲା
■ଉଚ୍ଛେଦ ପାଇଁ ନୋଟିସ୍ ହେବ: ଅତିରିକ୍ତ ତହସିଲଦାର

ଲୋଇସିଂହା, ୨ା୫ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ପାରମ୍ପରିକ ଡ୍ରେନକୁ ଅବରୋଧ କରି କେତେକ ପରିବାର ଘର ନିର୍ମାଣ କରିଛନ୍ତି। ଏଥିଯୋଗୁ ଏବେ ପ୍ରଧାନମନ୍ତ୍ରୀ ରାସ୍ତା ଏବଂ ରାସ୍ତା ପାର୍ଶ୍ୱଡ୍ରେନ ନିର୍ମାଣରେ ସମସ୍ୟା ଉପୁଜିଛି। ଅପରପକ୍ଷେ କେତେକ ପରିବାର ଡ୍ରେନ ନିର୍ମାଣକୁ ବିରୋଧ କରିଥିଲେ । ଫଳରେ ଡ୍ରେନ କାମ ବନ୍ଦ କରିଥିଲେ ଠିକାଦାର। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏବେ ପାରମ୍ପରିକ ଡ୍ରେନ ଉଦ୍ଧାର ଏବଂ ଡ୍ରେନ ନିର୍ମାଣ ପାଇଁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି। ସୋମବାର ପୋଲିସ ଉପସ୍ଥିତିରେ ଆଗଲପୁର ରାଜସ୍ୱ ବିଭାଗ ପକ୍ଷରୁ ଜମି ମାପଚୁପ କରାଯାଇଥିଲା । ଡ୍ରେନ ନିର୍ମାଣ ଲାଗି ସୀମା ନିର୍ଦ୍ଧାରଣ କରାଯାଇଥିଲା। ସରକାରୀ ଜମି ଜବର ଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ୍ ଦିଆଯିବ ବୋଲି କହିଥିଲେ ଅତିରିକ୍ତ ତହସିଲଦାର ପ୍ରଭାକର ପଧାନ। ଏହାପରେ ଗାଁରେ ପରିସ୍ଥିତି ଶାନ୍ତ ପଡିଥିଲା ।


ରାଜସ୍ୱ ବିଭାଗ ପକ୍ଷରୁ ଜମି ମାପ କରାଯାଉଛି।

ସୂଚନା ଅନୁଯାୟୀ, ୨୬ ନଂ ଜାତୀୟ ରାଜପଥ ବୁର୍ଡାରୁ ଭାୟା ନଅଗାଁ(ଖ) ଦେଇ ବଡଟିକାକୁ ପ୍ରଧାନମନ୍ତ୍ରୀ ସଡକ କାମ ଚାଲିଛି । ୨୦୨୨ ସେପ୍ଟେମ୍ବରରୁ ରାସ୍ତା କାମ ଅବଧି ସରିଲାଣି ।ହେଲେ ବିଭାଗୀୟ ଅବହେଳାରୁ ଏଯାଏ କାମ ସରି ପାରିନାହିଁ । ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ତତ୍ପରତା ଦେଖାଇ କାମକୁ ତ୍ୱରାନ୍ୱିତ କରିଛି । ଅପରପକ୍ଷେ ନଅଗାଁ(ଖ) ହାଇସ୍କୁଲ ଛକରେ ବୁର୍ଡା ରାସ୍ତାରେ ଜବରଦଖଲ ଯୋଗୁ ରାସ୍ତା ଏବଂ ଡ୍ରେନ ନିର୍ମାଣରେ ବାଧକ ସାଜିଛି । ଗ୍ରାମରେ ପୂର୍ବରୁ ଥିବା ନାଳକୁ କେତେକ ଅବରୋଧ କରି ଘର ନିର୍ମାଣ କରିଛନ୍ତି। ଏବେ ସେମାନେ ଡ୍ରେନ ନିର୍ମାଣକୁ ବିରୋଧ କରି କାମ ବନ୍ଦ କରିଥିଲେ । ଅପରପକ୍ଷରେ ରାସ୍ତା ପ୍ରଶସ୍ତ ବଦଳରେ ସଂକୀର୍ଣ୍ଣ ହେବା ସହ ପାରମ୍ପରିକ ନାଳ ବନ୍ଦ ହେଉଥିବାରୁ ଗ୍ରାମବାସୀ ଚିନ୍ତାବ୍ୟକ୍ତ କରିଥିଲେ। ବର୍ଷାଦନେ ପଥରଗଡ ଡ୍ୟାମର ଉଦବୃତ୍ତ ବର୍ଷାଜଳ ଉକ୍ତ ନାଳରେ ଆସି ଗ୍ରାମର ପୋଖରୀ, କଟାଁରେ ଭର୍ତ୍ତି ହୋଇଥାଏ । ଗ୍ରାମବାସୀ ବର୍ଷ ତମାମ ପୋଖରୀରେ ସ୍ନାନଶୌଚ ସହ ଚାଷ କାମରେ ପାଣି ବିନିୟୋଗ କରିଥାନ୍ତି। ହେଲେ ଜବରଦଖଲ ଯୋଗୁ ଏବେ ପରିସ୍ଥିତି ବଦଳି ଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ରବିବାର ରାତିରେ ଗ୍ରାମ୍ୟ କମିଟି ପକ୍ଷରୁ ଏନେଇ ଆଲୋଚନା କରାଯାଇଥିଲା। କ୍ଷେତ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ବାଟ ବାହାର କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ଆଗଲପୁର ରାଜସ୍ୱ ବିଭାଗ ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଉପସ୍ଥିତିରେ ରାଜସ୍ୱ କର୍ମଚାରୀ ଜମି ମାପଚୁପ କରିଥିଲେ। ଅପରପକ୍ଷେ ରାସ୍ତାର ଅପରପାର୍ଶ୍ୱରେ ବହୁ ପରିମାଣ ସରକାରୀ ଜମି ଜବରଦଖଲ ହୋଇଛି। ଏ ଦିଗରେ ରାଜସ୍ୱ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବଲାଙ୍ଗୀରରେ ପୁଣି ତଦନ୍ତ କଲା କ୍ରାଇମ୍‌ବ୍ରାଞ୍ଚ

## ଜାଲ୍ ସାର୍ଟିଫିକେଟ ମାମଲା

ବଲାଙ୍ଗୀର ଅଫିସ, ୨ା୫

ବହୁଚର୍ଚ୍ଚିତ ଜାଲ୍ ସାର୍ଟିଫିକେଟ୍ ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ପୁଣି ଥରେ ବଲାଙ୍ଗୀର ଆସି ତଦନ୍ତ ଆରମ୍ଭ କରିଛି। କ୍ରାଇମ୍‌ବ୍ରାଞ୍ଚର ତିନିଜଣିଆ ଟିମ୍ ସୋମବାର ବଲାଙ୍ଗୀର ପହଞ୍ଚିଥିଲା। ସ୍ଥାନୀୟ ଏନ୍‌ସିସି ଡାକବଙ୍ଗଳାରେ ରହି ଅତ୍ୟନ୍ତ ଗୋପନୀୟଭାବେ ଦ୍ୱିତୀୟ ପାଳି ଛାନଭିନ୍ ଆରମ୍ଭ କରିଥିବାରୁ ସେମାନେ ମଙ୍ଗଳବାର କୁଆଡେ ଯାଇ କ'ଣ କରିଛନ୍ତି ଜଣାପଡିନାହିଁ। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜାଲ୍ ସାର୍ଟିଫିକେଟ୍‌ରେ ସମ୍ପୃକ୍ତ କେତେଜଣ ଦଲାଲ ଏବଂ ଚାକିରିଆଙ୍କୁ ଗିରଫ କରିବେ ବୋଲି ଚର୍ଚ୍ଚାର ବିଷୟ ହୋଇଛି। କ୍ରାଇମବ୍ରାଞ୍ଚ ଅଧିକାରୀରମାନେ ବିଭିନ୍ନ କାଗଜପତ୍ର କାମରେ ବ୍ୟସ୍ତ ଥିବା ଜଣାପଡିଛି। ବଲାଙ୍ଗୀର ଡାକମଣ୍ଡଳରେ ଜାଲ୍ ସାର୍ଟିଫିକେଟ୍ ପର୍ଦ୍ଦାଫାଶ ଘଟଣାକୁ ଇତିମଧ୍ୟରେ ଏକ ମାସ ୮ ଦିନରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଗଲାଣି।

ଗତ ମାର୍ଚ୍ଚ ୨୩ ତାରିଖରେ ବଲାଙ୍ଗୀର ଡାକମଣ୍ଡଳ ଗ୍ରାମୀଣ ଡାକସେବକ ପଦ ପାଇଁ ସାର୍ଟିଫିକେଟ୍ ଭେରିଫିକେଶନ ବେଳେ ଜାଲ୍ ସାର୍ଟିଫିକେଟ୍ ଧରାପଡିଥିଲା। ଡାକ ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସ୍ଥାନୀୟ ଟାଉନ୍ ଥାନାରେ ରିପୋର୍ଟ କରିଥିଲେ। ଏହାପରେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୋଲିସ ଏନେଇ ମାମଲା ରୁଜୁ କରି ରିଲାଏନ୍ସ କୋଚିଂ ସେଣ୍ଟରରେ ଚଢ଼ାଉ କରି ବିପୁଳ ମାତ୍ରାରେ ଜାଲ୍ ସାର୍ଟିଫିକେଟ୍ ଜବତ କରିଥିଲା। ଏହି ମାମଲାରେ ପୋଲିସ ରିଲାଏନ୍ସ କୋଚିଂ ସେଣ୍ଟର ମାଲିକ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ରଞ୍ଜନ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଥିଲା। ଉକ୍ତ କୋଚିଂ ସେଣ୍ଟରୁ ଦେଶର ବିଭିନ୍ନ ପ୍ରଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମୋଲ୍ଲେଖ ଥିବା ୫ ହଜାରୁ ଉର୍ଦ୍ଧ୍ୱ ଜାଲ୍ ସାର୍ଟିଫିକେଟ ଜବତ ହୋଇଥିଲା। ଏହି ମାମଲାକୁ ନେଇ ସେତେବେଳେ ବିଧାନସଭା ହୁଲସ୍ଥୁଲ ହୋଇଥିଲା। ଜାଲ୍ ସାର୍ଟିଫିକେଟ କାରବାରର ଅଭିଯୁକ୍ତ ମନୋଜ ମିଶ୍ରଙ୍କ ସହ ଶାସକ ଦଳର କେତେକ ନେତାମନ୍ତ୍ରୀଙ୍କ ସମ୍ପୃକ୍ତି ବିଷୟରେ ଅଭିଯୋଗ ଓ ଚର୍ଚ୍ଚା ଉଠିବା ପରେ ସରକାର ତରବରିଆ ଭାବେ କ୍ରାଇମ୍‌ବ୍ରାଞ୍ଚକୁ ଏହି ମାମଲାରୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଗତ ୧ ତାରିଖ ଠାରୁ ଡିଏସପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୫ ଜଣିଆ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ଆସିଥିଲେ। ଅଭିଯୁକ୍ତ ମନୋଜ ମିଶ୍ର ଓ ଆଲୋକ ଉଦ୍‌ଗାତାଙ୍କ ସହ ଅନ୍ୟ ଦୁଇ ଅଭିଯୁକ୍ତ ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକଙ୍କୁ ୩ ଦିନଆ ରିମାଣ୍ଡରେ ଆଣି କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିଥିଲା। ତେବେ ୧୫ ତାରିଖ ଦିନ କ୍ରାଇମବ୍ରାଞ୍ଚ ଟିମ୍ କଟକ ଫେରିଯାଇଥିଲେ। ସୋମବାର ଦ୍ୱିତୀୟ ଥର ବଲାଙ୍ଗୀର ଫେରି କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛି। ଇତିମଧ୍ୟରେ ଜାଲ ସାର୍ଟିଫିକେଟ୍ ମାମଲାରେ ବିଭିନ୍ନ ଜିଲାରୁ ୫ ଜଣଙ୍କୁ କ୍ରାଇମବ୍ରାଞ୍ଚ ଉଠାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲ। ଏବେ ବଲାଙ୍ଗୀରରେ କ୍ରାଇମବ୍ରାଞ୍ଚ ଟିମ୍ ଅଧିକ ଗିରଫଦାରୀ କରିବ ବୋଲି ଚର୍ଚ୍ଚା ଜୋର ଧରିଛି।

## ଟୁଇଟରରେ ମୁଖ୍ୟ ଶାସନ ସଚିବଙ୍କ ହସ୍ତକ୍ଷେପ

### ଡିବିରି ଆଲୁଅରେ ଦିନ କାଟୁଛନ୍ତି ଗ୍ରାମବାସୀ ଘଟଣା

ଭବାନୀପାଟଣା,୨ା୫(ସ୍ୱ.ପ୍ର)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକର ବଣପାହାଡ଼ ଘେରା ଯୁଗସାଇପାଟଣା ପଞ୍ଚାୟତର ପ୍ରାୟ ୩୫ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଏଠାକାର ଗ୍ରାମବାସୀ ଡିବିରି ଆଲୁଅରେ ଦିନ କାଟୁଛନ୍ତି। ଏହି ଘଟଣାକୁ ନେଇ ସୋମବାର ଧରିତ୍ରୀରେ ଏକ ରିର୍ପୋଟ ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ନେଇ କଳାହାଣ୍ଡି ଜିଲାର ଟୁଇଟର ଏକ୍ଟିଭିଷ୍ଟ ସୁବ୍ରତ କୁମାର ସାହୁ ନିଜ ଟୁଇଟଜରେ ଏହା ପୋଷ୍ଟ କରିଥିଲେ। ଏହାକୁ ଦେଖି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପଶ୍ଚିମ ଓଡ଼ିଶା ଟିପିଡବ୍ଲୁଡିଏଲଙ୍କୁ ଶୀଘ୍ର ଗାଁ ଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡି ମଧ୍ୟ ଏହାରି ଉତ୍ତରରେ ଟିପିଡବ୍ଲୁଡିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏହାର ଯାଞ୍ଚ କରି ଶୀଘ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୦ବର୍ଷ ତଳେ ଅଞ୍ଚଳବାସୀଙ୍କ ଅନେକ ଆନ୍ଦୋଳନ ପରେ ଗାଁ ଗୁଡ଼ିକରେ ଟ୍ରାନ୍ସଫର୍ମର ବସିଥିଲା। ଏହାପରେ କେବୁଲ ଟଣାହେବା ସହ ଘରେ ଘରେ ମିଟର ମଧ୍ୟ ଲଗାଯାଇଥିଲା। ଏ ନେଇ ଲୋକେ ଖୁସି ହୋଇ ଟିଭି ସାଙ୍ଗକୁ ନାନାଦି ବିଦ୍ୟୁତ୍ ଉପକରଣ କିଣିଥିଲେ। ପ୍ରାୟ ୮ ଦିନ ଏଠାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ପରେ ଜଙ୍ଗଲୀ ଜନ୍ତୁଙ୍କ ଉପରେ ବିପଦ ଦର୍ଶାଇ ସଂଯୋଗକୁ ବନ୍ଦ କରିଦେଇଥିଲା ବିଦ୍ୟୁତ ବିଭାଗ। ସେହିଦିନ ଠାରୁ ପୂର୍ବଭଳି କିଟିମିଟି ଅନ୍ଧାର ଭିତରେ ଏଠାକାର ଲୋକେ ଦିନ କାଟୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଅରୁଣ


@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଷୋହଳ ପ୍ରହର ନାମଯଜ୍ଞ କଳସ ଶୋଭାଯାତ୍ରା


ନାମଯଜ୍ଞ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

ଲୋଇସିଂହା,୨ା୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସଂହା ବ୍ଲକ ବୁର୍ଡ଼ା ଉପରପଡ଼ା ମାଉସୀ ମନ୍ଦିର ସଂକୀର୍ତ୍ତନ ପାର୍ଟି ପକ୍ଷରୁ ନୃସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ବୁଧବାରରୁ ୨୫ତମ ଷୋହଳ ପହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଙ୍କୀର୍ତ୍ତନ ଦଳ ଏବଂ ଶ୍ରଦ୍ଧାଳୁ ପୂର୍ଣ୍ଣ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପ୍ରଶାନ୍ତ ଥନାପତି କର୍ତ୍ତା ଦାୟିତ୍ୱ ନିବାହ କରୁଛନ୍ତି। ବିରଞ୍ଚି ମିଶ୍ର ଓ ମୋହନ ମିଶ୍ର ପୂଜା କରୁଛନ୍ତି ବୋଲି ସଭାପତି ରାମ ଚନ୍ଦ୍ର ସାହୁ କହିଛନ୍ତି। ଆସନ୍ତା ୫ତାରିଖ ନାମଯଜ୍ଞ ଉଦ୍‌ଯାପିତ ହେବ।

# ଦାବି ହାସଲ ନ ହେବା ଯାଏ ଆନ୍ଦୋଳନ

## ଶ୍ରମିକ ଦିବସକୁ କଳା ଦିବସ ପାଳିଲା କେନ୍ଦୁପତ୍ର କର୍ମଚାରୀ ସଂଘ

ନୂଆପଡା ଅଫିସ, ୨ା୫

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ପକ୍ଷରୁ ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀ, ଜିଲାର ୩୨୩ ଫଡି ସ୍ତରରେ ଶ୍ରମିକ ଦିବସକୁ କଳା ଦିବସଭାବେ ପାଳନ କରିଥିଲେ। ପୂର୍ବରୁ ସମ୍ବଲପୁରଠାରେ ଅନୁଷ୍ଠିତ ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ନିଷ୍ପତ୍ତି ଓ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ କରିଥିଲେ। ସଂଘ ରାଜ୍ୟ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ପତ୍ରମୂଲ୍ୟ ବୃଦ୍ଧି, ସର୍ବନିମ୍ନ ମଜୁରି ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, ଗସ୍ତ ଖର୍ଚ୍ଚ ଆଲାଉନ୍ସ ବୃଦ୍ଧି, ବୋନସ ବୃଦ୍ଧି, ଜିଏସଟି ଉଚ୍ଛେଦ ଓ ଫେରସ୍ତ, ଚାକିରୀ ସର୍ତ୍ତାବଳୀ ଲାଗୁ, କନ୍ୟା ବିବାହ ସହାୟତା, ମୁନସି,ଚପ୍ରାସି ଓ ସମସ୍ତ ସିଜିନାଲ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ଆଦି ଦାବିକୁ ନେଇ ଏହି ଆନ୍ଦୋଳନ କରାଯାଇଥିଲା। ଆଗାମୀ ଦିନରେ ସରକାର ଏହି ଦାବିଗୁଡିକୁ ଉପେକ୍ଷା କଲେ ହକ୍ ହାସଲ ପାଇଁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ନୂଆପଡା ଅଫିସ, ୨ା୫

ଜିଲା ଆଇନସେବା ପ୍ରାଧିକରଣ ନୂଆପଡା ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଜିଲା ଅଦାଳତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆଇନ ସେବା ପ୍ରାଧିକରଣ ସଚିବ ଲୋପାମୁଦ୍ରା ମଲ୍ଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ଶ୍ରମବିଭାଗ ଇନ୍ସପେକ୍ଟର ଓ ଶ୍ରମିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଉପସ୍ଥିତ ଅତିଥିମାନେ ଶ୍ରମିକ ଦିବସର ମହତ୍ୱ ଓ ସେମାନଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ।

# 'ସଙ୍ଗଠିତ ଲଢ଼େଇ ଶ୍ରମିକଙ୍କ ହକ୍ ପାଇବା ବାଟ'

ବଲାଙ୍ଗୀର ଅଫିସ, ୨ା୫

ବଲାଙ୍ଗୀର ଟାଉନ ହଲ ଠାରେ ବଲାଙ୍ଗୀର ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ମେ ୧ ଶ୍ରମିକ ଦିବସ ପାଳନ କରାଯାଇଥିଲା। ସଙ୍ଗଠନ ସଭାପତି ଶମ୍ଭୁ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଗୌତମ କ୍ଷେତୀ ଓ ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଯୋଗ ଦେଇଥିଲେ। କାଉନସିଲର କିଶୋର କୁମ୍ଭାର, ଆୟୋଜକ କମିଟି ସଭାପତି ମୁରଲୀ ମହାକୁର ଓ ସଂଘ ସମ୍ପାଦକ ହରେକୃଷ୍ଣ ମହାନନ୍ଦ ମଞ୍ଚାସୀନ ହୋଇଥିଲେ। ସଭାରେ ମୁଖ୍ୟଅତିଥି ସାହୁ ବଲାଙ୍ଗୀରରେ ରାଜମିସ୍ତ୍ରୀ ସଙ୍ଗଠନ ଦିନକୁ ଦିନ ସୁଦୃଢ଼ ହେବାରେ ଲାଗିଛି ବୋଲି କହିଥିଲେ। ମୁଖ୍ୟବକ୍ତା କ୍ଷେତି ତାଙ୍କ ଅଭିଭାଷଣରେ ଶ୍ରମିକମାନେ ସେମାନଙ୍କ ଶ୍ରମର ମୂଲ୍ୟ ଓ ଅଧିକାର ପାଇଁ ସଙ୍ଗଠିତ ହୋଇ ଲଢେଇ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ପୌରାଧକ୍ଷା ସାହୁ ତାଙ୍କ ଅଭିଭାଷଣରେ ଶ୍ରମିକ ମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରିଥିଲେ। ଆଗାମୀ ଦିନରେ ଏକ ଶ୍ରମିକ ମଙ୍ଗଳ ଭବନ ପାଇଁ ଜମି ଅତିଶୀଘ୍ର ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ସଭାପତୀୟ ଅଭିଭାଷଣରେ ନାଗ ସଙ୍ଗଠିତ ହୋଇ ଲଢେଇ କରି ନ୍ୟାର୍ଯ୍ୟ ଅଧିକାର ହାସଲ ଉପରେ କହିଥିଲେ। ସଭା ପୂର୍ବରୁ ସ୍ଥାନୀୟ କୋଶଳ କଳା ମଣ୍ଡପ ପଡିଆରୁ ହଜାର ଶ୍ରମିକ ସହର ପରିକ୍ରମା କରିବା ପରେ ଟାଉନ ହଲ ଠାରେ ପହଞ୍ଚିଥିଲେ।


ଶ୍ରମିକ ଦିବସ ଅବସରରେ ବଲାଙ୍ଗୀରରେ ଅନୁଷ୍ଠିତ ରାଲି।

# ଗରିବଙ୍କ ଚାଉଳ ଖାଉଛନ୍ତି ଶାସକ ଦଳ: ନରସିଂହ

■ବଜେଟ ପାସ୍ ନ କରି ପୌର ପରିଷଦ ଅର୍ଥ ଖର୍ଚ୍ଚ କରିବା ବେଆଇନ
■୩ ଦିନ ଭିତରେ ତଦନ୍ତ ନ ହେଲେ କଂଗ୍ରେସ କରିବ ପ୍ରତିବାଦ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୨ା୫

ବିଧାନ ସଭା ହେଉ କି ଲୋକସଭା ମାର୍ଚ୍ଚ ୩୧ ସୁଦ୍ଧା ବଜେଟ୍ ପାସ୍ ନକଲେ ଆଗାମୀ ବର୍ଷ ପାଇଁ ଟଙ୍କା ଖର୍ଚ୍ଚ କରାଯାଇପାରିବ ନାହିଁ ଏହା ବିଧିବ୍ୟବସ୍ଥା ରହିଛି। ଯଦି ୩୧ ମାର୍ଚ୍ଚ ସୁଦ୍ଧା ବଜେଟ୍ ପାଶ୍ କରିପାରିବେ ନାହିଁ ତେବେ କେନ୍ଦ୍ର ହେଉକି ରାଜ୍ୟ ସରକାର ଇସ୍ତଫା ଦେବାକୁ ବାଧ। ଠିକ୍ ସେହିପରି ପୌର ପୌର ପରିଷଦରେ ମଧ୍ୟ ଏହି ନିୟମ ଲାଗୁ ହେବା କଥା। ମାତ୍ର ବଲାଙ୍ଗୀର ପୌର ପରିଷଦ ଗତ ୩୧ ମାର୍ଚ୍ଚ ସୁଦ୍ଧା ଚଳିତବର୍ଷର ବଜେଟ ପାସ୍ କରିନାହିଁ। ଏଣୁ ନିୟମତଃ ଏହି ପୌର ପରିଷଦ ୧ ଏପ୍ରିଲରୁ ଆଉ ଟଙ୍କା ଖର୍ଚ୍ଚ କରିପାରିବା କଥା ନୁହେଁ। ମାତ୍ର ବଲାଙ୍ଗୀର ପୌର ପରିଷଦ ବେଆଇନ ଭାବେ ଅର୍ଥ ଖର୍ଚ୍ଚ କରିଛି ଏବଂ ଏହା ଅସାମ୍ବିଧାନିକ ବୋଲି ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ଏକ ଘରୋଇ ହୋଟେଲରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ପୌର ପରିଷଦକୁ ବଜେଟ୍ ପାଶ୍ ପ୍ରସଙ୍ଗରେ ତାଗିଦ କରାଯାଇ ବାରମ୍ବାର ପ୍ରଶ୍ନ କରାଯାଇଥିଲେ ସୁଦ୍ଧା ଏହାକୁ ଅଣଦେଖା କରିଛି। ଏଣୁ ଚଳିତ ମାର୍ଚ୍ଚ ୩୧ ପରେ ଖର୍ଚ୍ଚ ହୋଇଥିବା ଅର୍ଥ ପୌର ପରିଷଦ କେଉଁଠାରୁ ଆଣିଛି ଓ କିପରି ଖର୍ଚ୍ଚ କରିଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କହିଥିଲେ। ବଲାଙ୍ଗୀର ପୌର ପରିଷଦ ଦୁର୍ନୀତିର ଗନ୍ଧାଘର ପାଲଟିଛି। ଗରିବଙ୍କ ଭତ୍ତାଟଙ୍କା ଆତ୍ମସାତ୍ କରି ପୌରସଂସ୍ଥାର ୫ ଜଣ କର୍ମଚାରୀ ଚାକିରୀରୁ ନିଲମ୍ବିତ ହୋଇଛନ୍ତି। ଗତ ୨୮ ତାରିଖ ପୌର ପରିଷଦ ବୈଠକ ଦିନ ଦୁଇ ବିଜେଡି କାଉନସିଲର ପିଡିଏସ୍ ଚାଉଳ ଦୁର୍ନୀତି କଥା ଉଠାଇ ପରସ୍ପରକୁ ଦୋଷାରୋପ କରିଥିଲେ। ଏହି ଚାଉଳ ଚୋରି ମାମଲାରେ ଖୋଦ୍ ଉପଜିଲାପାଳ ଟିପ୍ପଣୀ ଦେଇ ପୌର ପରିଷଦ ଅନ୍ତର୍ଗତ ପ୍ରାୟ ସବୁ ଏସ୍‌ଏଚ୍‌ଜି ଚାଉଳ ଦୁର୍ନୀତିରେ କମ୍‌ବେଶୀ ସମ୍ପୃକ୍ତ ଥିବା କହିଛନ୍ତି। ସରକାରୀ ଦଳର ଉଭୟ କାଉନସିଲରଙ୍କ ଲଢ଼େଇ ଏବଂ ଉପଜିଲାପାଳଙ୍କ ମନ୍ତବ୍ୟରୁ ମଧ୍ୟରେ ଗରିବଙ୍କ ଚାଉଳରେ କିଭଳି କୋଟି ଟଙ୍କାର କମିଶନ କାରବାର ଚାଲିଛି ତାହା ଲୋକଲୋଚକନୁ ଆସିଛି। ଏବେସବୁ ଘଟଣା ଗଣମାଧ୍ୟମରେ ଏବଂ ଲୋକଲୋଚନକୁ ଆସିବା ପରେ ମଧ୍ୟ ଜିଲା ପ୍ରଶାସନ ଏଦିଗରେ କାହିଁକି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ କରିନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଆସନ୍ତା ୯ ତାରିଖ ଦିନ ବିଧାନସଭା ଗୃହ କମିଟି ୬ରେ ବଲାଙ୍ଗୀରର ଏହି ଚାଉଳ ଦୁର୍ନୀତି ସଂକ୍ରାନ୍ତରେ ଆଲୋଚନା ହେବ ଏବଂ ଏହାର ଅନୁସନ୍ଧାନ କରାଯିବ ବୋଲି ବିଧାୟକ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଆଗାମୀ ୩ ଦିନ ମଧ୍ୟରେ ଜିଲା ପ୍ରଶାସନ ପୌର ସଂସ୍ଥାର ଚାଉଳ ଦୁର୍ନୀତି ଉପରେ ତଦନ୍ତ ନକଲେ କଂଗ୍ରେସ ଦଳ ଏହାର ଦୃଢ ପ୍ରତିବାଦ କରିବ ଏବଂ ପ୍ରତିବାଦ କରିବ ବୋଲି ବିଧାୟକ ମିଶ୍ର ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ବିଧାୟକଙ୍କ ପୌରପାଳିକା ପ୍ରତିନିଧି ଅଜୟ ବାଲି ମଞ୍ଚାସୀନ ଥିଲେ ।


ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ବିଭିନ୍ନ ଦାବି ନେଇ କେନ୍ଦୁପତ୍ର ଶ୍ରମିକଙ୍କ ପ୍ରତିବାଦ ସଭା**

ସୁନ୍ଦରଗଡ (ଡି.ଏନ.ଏ.): ବିଶ୍ୱ ଶ୍ରମିକ ଦିବସରେ ସୁନ୍ଦରଗଡ ଜିଲାରେ କେନ୍ଦୁପତ୍ର ତୋଳାଳି ଶ୍ରମିକମାନେ ନୂତନ ମଜୁରୀ, ନୂତନ ବୋନସ ସମେତ ବିଭିନ୍ନ ଦାବି ନେଇ ସୋମବାର ବିଭିନ୍ନ କେନ୍ଦୁପତ୍ର ରେଞ୍ଜ ଅଫିସ ଆଗରେ ପ୍ରତିବାଦ କରିଥିଲେ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରତିବାଦ ସଭାରେ ଶତାଧିକ କେନ୍ଦୁପତ୍ର ତୋଳାଳି,ବନ୍ଧେଇ ଶ୍ରମିକ, ସିଜନାଲ କର୍ମଚାରୀ ସାମିଲ ହୋଇଥିଲେ । ରାଉରକେଲା କେନ୍ଦୁପତ୍ର ଡିଭିଜନ ସମ୍ପାଦକ କ୍ଷେତ୍ରବାସୀ ବାରିକଙ୍କ ନେତୃତ୍ୱରେ ଜିଲାର କୁଲୁଙ୍ଗା କରମଡିହି, ବଡଗାଁ, ଉଜ୍ଜଳପୁର, ଲେଫ୍ରିପଡା, ବାଲିଶଙ୍କରା, ଖୁଣ୍ଟଗାଁ, ରାଜାମୁଣ୍ଡା ଆଦି ସ୍ଥାନରେ ପ୍ରତିବାଦ ସଭା ହୋଇଛି।

# ତୃତୀୟ ପର୍ଯ୍ୟାୟରେ ୪୯ ରୂପାନ୍ତରିତ ବିଦ୍ୟାଳୟ ଉଦ୍‌ଘାଟିତ

ସୁନ୍ଦରଗଡ଼,୨।୫(ଡି.ଏନ.ଏ.)


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ ।

୫-ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ତୃତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲାର ୪୯ଟି ରୂପାନ୍ତରିତ ସ୍କୁଲ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ମାଧ୍ୟମରେ ଏହି ରୂପାନ୍ତରିତ ସ୍କୁଲଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ଏହି ୪୯ ବିଦ୍ୟାଳୟ ମଧ୍ୟରେ ବାଲିଶଙ୍କରା ବ୍ଲକର ୩ ଟି ସ୍କୁଲ ଯଥା- ବୀରବର ଉଚ୍ଚ ବିଦ୍ୟାଳୟ, ତୁମୁଲିଆ , ଖମପୁର ଉଚ୍ଚ ବିଦ୍ୟାଳୟ ଓ ପ୍ରୋପଜଡ ବାଳିକା ଉଚ୍ଚ ବିଦ୍ୟାଳୟ, ଗଇକନପାଲି, ବଡ଼ଗାଁ ବ୍ଲକର ଦାଣ୍ଡଜମିରା ଉଚ୍ଚ ବିଦ୍ୟାଳୟ, ବିଶ୍ରା ବ୍ଲକ ଅନ୍ତର୍ଗତ ପ୍ରଗତି ବିଦ୍ୟାମନ୍ଦିର, ଜଗଦା, ବଣାଇ ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଭାଲୁପାଣି, ଗୁରୁଣ୍ଡିଆ ବ୍ଲକ ର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଚାନ୍ଦିପୋଷ, ସାଧୁ ସିଂ ଉଚ୍ଚ ବିଦ୍ୟାଳୟ, ତାମଡା, ଅବୋଧ କୁମାର ନୋଡାଲ ଉଚ୍ଚ ବିଦ୍ୟାଳୟ, ହେମଗିର ବ୍ଲକ ଅନ୍ତର୍ଗତ ୨ଟି ସ୍କୁଲ ଯଥା ଡୁଡୁକା ଉଚ୍ଚ ବିଦ୍ୟାଳୟ ଓ ଟପରିଆ ଉଚ୍ଚ ବିଦ୍ୟାଳୟ, କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ, ପଞ୍ଚରା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗୋଏରାବାହାଲ , ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ, କଟଙ୍ଗ, ବିଦ୍ୟାଜ୍ୟୋତି ବାଳିକା ଉଚ୍ଚ ବିଦ୍ୟାଳୟ, କହୁପାଣି ରହିଛି। ଏହାଛଡା ଲାଠିକଟା ବ୍ଲକର ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ, ଲେଫ୍ରିପଡ଼ା ବ୍ଲକର ଦୀପକ ଉଚ୍ଚ ବିଦ୍ୟାଳୟ, ଲକ୍ରାଜୋର, ଜେ.ରାଏବଗା ଉଚ୍ଚ ବିଦ୍ୟାଳୟ ଓ ଆଦିବାସୀ ଉଚ୍ଚ ବିଦ୍ୟାଳୟ, ଗୁଣ୍ଡିଆଡ଼ିହି, ନୂଆଗାଁ ବ୍ଲକ ଅନ୍ତର୍ଗତ ଗଜାଧର ମାଝୀ ଉଚ୍ଚ ବିଦ୍ୟାଳୟ, ଝାରବେଡା , ମୋହନ ମୁରଲୀ ଉଚ୍ଚ ବିଦ୍ୟାଳୟ, କରାଡେଗା ଓ ପୁରୁଣାପାଣି ଉଚ୍ଚ ବିଦ୍ୟାଳୟ, ରାଜଗାଙ୍ଗପୁର ବ୍ଲକ ର ଜରେଇକେଲା ଉଚ୍ଚ ବିଦ୍ୟାଳୟ ଓ ରାଜଗାଙ୍ଗପୁର ପୌରପାଳିକା ଅନ୍ତର୍ଗତ ଜି.ଇ.ଏଲ. ଚର୍ଚ୍ଚ ଉଚ୍ଚ ବିଦ୍ୟାଳୟ ରହିଛି । ସେହିପରି ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୧୭ ଟି ସ୍କୁଲ ରହିଛି । ସେଗୁଡିକ ହେଲା ଇରାକିୟା ଉର୍ଦ୍ଦୁ ବାଳିକା ଉଚ୍ଚ ବିଦ୍ୟାଳୟ,

## ସୁନ୍ଦରଗଡ଼ ଜିଲା

ଗୁରୁ ନାନକ ଖାଲସା ଉଚ୍ଚ ବିଦ୍ୟାଳୟ, ହମୀରପୁର ଉଚ୍ଚ ବିଦ୍ୟାଳୟ, ଓ.ଏସ. ଏ. ପି. ଉଚ୍ଚ ବିଦ୍ୟାଳୟ, ଆର୍.ଇ. ସି. କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟ, ରାଉରକେଲା ଉର୍ଦ୍ଦୁ ଉଚ୍ଚ ବିଦ୍ୟାଳୟ, ବିଦ୍ୟୁତ୍ କଲୋନୀ ଉଚ୍ଚ ବିଦ୍ୟାଳୟ, ଡି.ଏ.ଭି. ଉଚ୍ଚ ବିଦ୍ୟାଳୟ, ବିଶ୍ରା ରୋଡ, ଡିଭାଇନ ଲାଇଫ ଏକାଡେମୀ, ଏସ. ଆର୍. ଏମ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସେକ୍ଟର- ୨୦, ସେଣ୍ଟ ଜୋଶେଫ ବାଳିକା ମିଶନ ଉଚ୍ଚ ବିଦ୍ୟାଳୟ, ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ଛେଣ୍ଡ ହାଉସିଂ କଲୋନୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଡେଭେଲପଡ଼ ଏରିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ନିଉ ଏଲ.ଆଇ. ସି. କଲୋନୀ, ପାନପୋଷ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପୋଲିସ ଉଚ୍ଚ ବିଦ୍ୟାଳୟ । ସବଡେଗା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜାଇସର ଓ ଶ୍ରୀକୃଷ୍ଣ ଉଚ୍ଚ ବିଦ୍ୟାଳୟ, ରାଜପୁର, ସଦର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଭସ୍ମା ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଲେଡିମଙ୍ଗ , ସୁନ୍ଦରଗଡ଼ ପୌରପାଳିକା ଅନ୍ତର୍ଗତ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ଓ ପୋଲିସ ଉଚ୍ଚ ବିଦ୍ୟାଳୟ ଏବଂ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମଦନ ମୋହନ ଉଚ୍ଚ ବିଦ୍ୟାଳୟ, ସାନପତ୍ରାପାଲି ରହିଛି ।

ସୁନ୍ଦରଗଡ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ୫-ଟି ରୂପାନ୍ତରିତ ସ୍କୁଲଗୁଡ଼ିକର କାର୍ଯ୍ୟ ପ୍ରଣାଳୀ ଓ ଶିକ୍ଷାଦାନ ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ଡା. ପରାଗ ଗାଭାଲି, ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ରାଉରକେଲା ଅତିରିକ୍ତ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ବଡଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀ, ଜଗଦୀଶ ମହାନନ୍ଦିଆ, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

ପ୍ରକାଶଥାଉ କି ପ୍ରଥମ ପର୍ଯ୍ୟାୟରେ ଜିଲାର ୬୭ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୮୦ ସ୍କୁଲ ୫-ଟି କାର୍ଯ୍ୟକ୍ରମରେ ରୂପାନ୍ତରିତ ହୋଇଥିଲା । ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଅରୁଣ


@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଜୁଆ ଆଡ୍ଡା ଉପରେ ଚଢାଉ : ୩୬ ଗିରଫ

ରାଜଗାଙ୍ଗପୁର,୨।୫(ଡି.ଏନ.ଏ. ): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଲିଡିହି ଗ୍ରାମର ପାତ୍ରାପଡାଠାରେ ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୩୬ ଜଣଙ୍କୁ ଗିରଫ କରିଛି । ମାଲିଡିହି ଗ୍ରାମରେ କୁକୁଡା ଲଢେଇ ଓ ଜୁଆ ଖେଳ ଚାଲୁଥିବାର ଖବର ପାଇ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ରାଜଗାଙ୍ଗପୁର ଥାନାଧିକାରୀ ବିଭସ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ସାଧା ପୋଷାକରେ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢାଉ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ୩୬ ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିଲା । ଏଥିସହ ୨ଟି ଚାରିଚକିଆ ଯାନ, ୧୩ଟି ୨ ଚକିଆ ଯାନ, ୨୮ଟି ମୋବାଇଲ, ୬ଟି କୁକୁଡା, ୩୬,୧୦୦ ଟଙ୍କା ଓ କୁକୁଡା ଲଢେଇ ପାଇଁ ବ୍ୟବହୃତ ଧାରୁଆ କଣ୍ଟା ଜବତ କରାଯାଇଛି ।

### ଦକ୍ଷତା ବିକାଶ କେନ୍ଦ୍ରରେ ଶେଡ଼ ଉଦ୍‌ଘାଟନ

ରାଜଗାଙ୍ଗପୁର,୨।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ରାଣିବନ୍ଧଠାରେ ଦକ୍ଷତା ବିକାଶ କେନ୍ଦ୍ରର ଏକ ନୂତନ ଶେଡ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ସମଗ୍ର ବିକାଶ ସଂସ୍ଥା ଦ୍ୱାରା ପରିଚାଳିତ ଜନଜାତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେଏହି ସେଡ୍ ହୋଇଛି। ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସେ ଏହି କାର୍ଯ୍ୟ କରିଥିବା ସଂସ୍ଥା ସୂରଜ ପ୍ରଡକ୍ଟ ତଥା ଏହାର ନିର୍ଦ୍ଦେଶକ ଯୋଗେସ ଡାଲମିଆଙ୍କୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସୁରଜ ପ୍ରଡକ୍ଟ ଅଧିକାରୀ ଅଭିମନ୍ୟୁ ସାହୁ, ସୁନ୍ଦରଗଡ ଜିଲା ଯୁବକଂଗ୍ରେସ ସଭାପତି ଆଇନଜୀବୀ ଆଲର୍ବଟ କିଣ୍ଡୋ,ସମଗ୍ର ବିକାଶ ସଂସ୍ଥାର ନିର୍ଦ୍ଦେଶକ ଶିଷ୍ଟର ମଞ୍ଜୁଲା ବାରା, ୱାର୍ଡ କାଉନସିଲର ସୁସ୍ମିତା ଟିର୍କୁ, ପୱନ ଗାଡୋଡିଆ, ଅରୁଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୁତ୍ରା,୨।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁଙ୍କୁ ସୋମବାର ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭାର ଆୟୋଜନ କରାଯାଇ ବ୍ଲକସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ, ସିଡିପିଓ ଜୟଶ୍ରୀ ପଟ୍ଟନାୟକ, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀନାରାୟଣ, ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇଥିଲେ। ସାହୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଅନେକ ଭଲ କାର୍ଯ୍ୟ କରିଥିବା ନେଇ ଅତିଥିମାନେ କହିଥିଲେ । ଏହାସହିତ ଅବସର ନେଇଥିବା ବିଭିନ୍ନ ବିଦ୍ୟାଳୟର ୨୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏଲ. ଜାମୁଣ୍ଡା, ନିରଞ୍ଜନ ରାଉତ, ମିନାକୁମାରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ସଭା ପରିଚାଳନା କରିଥିଲେ।

# ଟ୍ରେଲର ଧକ୍କାରେ ୩ ମୃତ

ହେମଗିର,୨।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ବାଙ୍କିବାହାଲ-ଟପରିଆ ରାସ୍ତାର ଛତାବର ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଟ୍ରେଲର ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ମୃତକମାନଙ୍କ ମଧ୍ୟରେ ଏକ ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥାର ୨ଜଣ କର୍ମଚାରୀ ଓ ଅନ୍ୟ ଜଣକ ନିକଟସ୍ଥ ବଲିଙ୍ଗା ଗ୍ରାମର ବୁଢା ଟିର୍କି (୨୦)ବୋଲି ଜଣାପଡିଛି। ଠିକାସଂସ୍ଥାର ମୃତ ଦୁଇ କର୍ମଚାରୀ ହେଲେ ବରଗଡ଼ ଜିଲା ଭେଡେନ ଥାନା ମହୁଲପାଲି ଗାଁର ମାନସ କୁମାର ରଥ(୩୭) ଓ ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଉଡୁସୁ ଗାଁର ପ୍ରିନ୍ସ ନାଏକ (୨୫)। ପୋଲିସ କହିବା ଅନୁଯାୟୀ,

## ଦୁର୍ଘଟଣା ପରେ ଓଲଟିଲା ଟ୍ରେଲର

ବାଙ୍କିବାହାଲ-ଟପରିଆ ରାସ୍ତାର ନିକଟସ୍ଥ ଛତାବର ନିକଟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇ ପଡ଼ିଥିଲା । ଗତ ରାତିରେ ସେଥିରୁ ଟାୟାର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରିବା ଉଦ୍ଦେଶ୍ୟରେ ତିନି ଜଣ ବ୍ୟକ୍ତି ଏକ ଗାଡିରେ ସେଠାକୁ ଆସିଥିଲେ । କିନ୍ତୁ ସେଠାରେ ରାସ୍ତା ନିର୍ମାଣକାରୀ ସଂସ୍ଥାର ସିକ୍ୟୁରିଟି ଗାର୍ଡ ଦେଖି ଚୋରି କରିବା ଉଦ୍ଦେଶ୍ୟରେ ଆସିଥିବା ଏହି ବ୍ୟକ୍ତିମାନଙ୍କୁ ବାରଣ କରିଥିଲେ। ଯାହାକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଚୋରମାନେ ଦୌଡ଼ି ପଳାଉଥିବା ବେଳେ ସେମାନଙ୍କୁ ଉକ୍ତ ନିର୍ମାଣକାରୀ ସଂସ୍ଥାର ସୁପରଭାଇଜର ଏବଂ ସିକ୍ୟୁରିଟି ଗାର୍ଡ ଗୋଡାଇବା ବେଳେ ହଠାତ୍ ସାମ୍ନା ପଟରୁ ଆସୁଥିବା ଏକ ଟ୍ରଲର(ନଂ ଏମପି ୧୬ଏଚ ୩୭୪୪) ତିନି ଜଣଙ୍କୁ ଧକ୍କା ଦେଇଥିଲା। ଫଳରେ ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଧକ୍କା ଦେଲା ପରେ ଟ୍ରଲରଟି ଅଳ୍ପ ଦୂର ଯାଇ ଓଲଟି ପଡିଥିଲା । ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି । ଏଥିସହ ଦୁର୍ଘଟଣା ଗ୍ରସ୍ତ ଟ୍ରଲରକୁ ମଧ ଜବତ କରିଛି।

# କଳାକାର ମହାସଂଘର ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ହେମଗିର,୨।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକସ୍ଥିତ ମୁଣ୍ଡରଖେତଠାରେ ମା' ମାଣିକେଶ୍ୱରୀ କଳାକାର ମହାସଂଘର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାସଂଘର ସଭାପତି ରାଜେନ୍ଦ୍ର କୁମାର ହୋତା ଯୋଗଦେଇ ରବିନାରାୟଣ ପଣ୍ଡାଙ୍କ ରଚିତ କବିତା ମଝି ଗୁଡି ପାଠ କରିଥିଲେ। ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ ଜିଲା କଳାକାର ମହାସଂଘର ଉପସଭାପତି ସୁନୀଲ କୁମାର ମହାପାତ୍ର, ମୁଖ୍ୟବକ୍ତା ବିଜେଡିର ଉପ ସଭାପତି ସୁକାନ୍ତ ପତି, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ବଳରାମ ପଧାନ, ଗୋପାଳ ପଧାନ ଯୋଗଦାନ କରିଥିଲେ । ଏହି ଅବସରରେ ଜିଲା ତଥା ଜିଲା ବାହାରୁ କଳାକାରମାନେ ଯୋଗଦେଇ କଳା ପରିବେଷଣ କରିଥିଲେ। ଜଗନ୍ନାଥ ମିଶ୍ର, ହୁକୁମ ଲାଲ, ରାମ ସା, ଜୟରାମ ପଧାନ, ମନ୍ୟସି ବାଗ, ରାମପ୍ରସାଦ ପଧାନ, ଦେବାନନ୍ଦ ସା ପ୍ରମୁଖ ଉପସ୍ଥିତ ଥିଲେ ।

# ଖଣ୍ଡାଧାର ଜଳପ୍ରପାତ ଉପରୁ ପଡ଼ି ଯୁବକ ମୃତ

### ୪୦୦ ଫୁଟ ତଳୁ ମୃତଦେହ ଜବତ



ଟେନସା,୨।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଖଣ୍ଡାଧାର ଜଳପ୍ରପାତର ବରସୁଆଁ ପଟ ଉପର ଭାଗରେ ଅଘଟଣ ଘଟିଛି । ୪୦୦ ଫୁଟ ତଳକୁ ଖସି ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲେପା ମୁଣ୍ଡା(୧୮) । ଗତ ରବିବାର ଅପରାହ୍ନରେ କାଲଟା ଝିରପାଣିର ଦୁଇ ଜଣ ଯୁବକ ଜଳପ୍ରପାତର ଉପର ଭାଗରେ ଗାଧୋଉଥିବା ସମୟରେ ଲେପା ଅସାବଧାନତା ଯୋଗୁ ୪୦୦ ଫୁଟ ତଳକୁ ଖସି ପଡ଼ିଥିଲେ। ସେ ପଥରରେ ପିଟି ହୋଇ ମୃତ୍ୟୁବରଣ କରିଥିବା ବେଳେ ପଥର ଖୋଲରେ ଅଟକି ରହିଥିଲେ । ଖବର ପାଇ ଟେନସା ଫାଣ୍ଡି ଅଧିକାରୀ ଅଶୋକ ବେହେରା ଏବଂ ଅଗ୍ନିଶମ ବାହିନୀ ପ୍ରୟାସ ଜାରି ରଖିଥିଲେ ମଧ୍ୟ ମୃତଦେହ ଜବତ ହୋଇ ପାରି ନ ଥିଲା । ମଙ୍ଗଳବାର ରାଉରକେଲା ଓଡ୍ରାଫ ଟିମ୍ ଆସି ବହୁ ସଂଘର୍ଷ କରିବା ପରେ ମୃତଦେହ ଜବତ କରାଯାଇଛି । ଉଦ୍ଧାର କାର୍ଯ୍ୟରେ ମୃତକଙ୍କ ପରିବାର ବର୍ଗ , ଗ୍ରାମବାସୀ ଉପସ୍ଥିତ ରହି ସାହାଯ୍ୟ କରିଥିଲେ । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି ।

# ପାନୀୟ ଜଳ ସମସ୍ୟା: ଲୋକେ ହନ୍ତସନ୍ତ

ବଡ଼ଗାଁ, ୨।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରି ଗ୍ରାମରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଫଳରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ।

ପ୍ରକାଶ ଯେ, ଗ୍ରାମର ଦୁଇଟି ନଳକୂପ ଅଚଳ ଅବସ୍ଥାରେ ରହିଛି । ଏହାଛଡା ବଡ ପୋଖରୀ ଶୁଖିଲା ପଡିଛି । ଏନେଇ ଗ୍ରାମବାସୀ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କୁ ଜଣାଇଛନ୍ତି। ଗ୍ରାମର ମଣ୍ଡପ ନିକଟରେ ଥିବା ନଳକୂପରୁ ଗୋଟିଏ ବାଲଟି ପାଣି ବାହାରିଲା ପରେ ଆଉ ପାଣି ବାହାରୁନାହିଁ। ସେହିପରି ଖଡିଆପଡାଠାରେ ଥିବା ନଳକୂପ ଅଚଳ ଅବସ୍ଥାରେ ଅଛି। ନିକଟରେ ଗ୍ରାମର ରଞ୍ଜିନି ଖଡ଼ିଆ, ସାରଥୀ ଖଡ଼ିଆ, ଦଗାଏ କିସାନ, ଗୋଲାପି କିସାନ, ଫୁଲକି ଖଡିଆ, ବିଜୟ ଲକ୍ଷ୍ମୀ ବିଶି, କଳ୍ପନା ବିଶି, ଭାଗିରଥି ମାଝୀ, ବିରେନ୍ଦ୍ର କିସାନ, ପ୍ରଦୀପ କୁମାର ବିଶି, ପ୍ରଭାତ ବିଶି, କଳିଙ୍ଗ କେରକେଟା ପ୍ରମୁଖ ଜିଲା ପରିଷଦ ସଭ୍ୟଙ୍କୁ ଅଚଳ ନଳକୂପ ଦେଖାଇ ମରାମତି ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ । ଏହାଛଡା ଗ୍ରାମର ବୃହତ୍ ପୋଖରୀ ଖନନ ପାଇଁ ଦାବି କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଧାନ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କର୍ମଚାରୀଙ୍କୁ ନଳକୂପଗୁଡିକ ମରାମତି କରିବାକୁ ଜଣାଇଛନ୍ତି ।

# ଚତୁର୍ଥୀ ଭୋଜିରେ ନବ ବିବାହିତାଙ୍କୁ ହତ୍ୟା ଉଦ୍ୟମ: ଯୁବକ କୋର୍ଟ ଚାଲାଣ

କୁଆଁରମୁଣ୍ଡା,୨।୫(ଡି.ଏନ.ଏ.)

ବିବାହ ଭୋଜିରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇ କୋର୍ଟ ଚାଲାଣ ହୋଇଛନ୍ତି । ଏଭଳି ଘଟଣା ଘଟିଛି କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପସରା ଗ୍ରାମରେ । ଉକ୍ତ ଗ୍ରାମରେ ସୋମବାର ରାତିରେ ଅନୁଷ୍ଠିତ ହେଉଥିବା ଏକ ଚତୁର୍ଥୀ ଭୋଜିରେ ଗର୍ଜନ ଅଞ୍ଚଳର କାହ୍ନୁ ବାର୍ଲା(୩୬) ପହଞ୍ଚି ସେଠାରେ ନବ ବିବାହିତାଙ୍କୁ ଛୁରୀ ଭୁସି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ତେବେ ଛୁରୀ ମାରିବା ସମୟରେ ନବବିବାହିତା ଯୁବତୀ ଜଣକ ଘୁଞ୍ଚି ଯିବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲେ । ଅନ୍ୟପକ୍ଷରେ କାହ୍ନୁଙ୍କୁ ନବବିବାହିତାଙ୍କ ସ୍ୱାମୀଙ୍କ ପରିବାର ଓ ସମ୍ପର୍କୀୟମାନେ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ପୋଲିସ। ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ କାହ୍ନୁଙ୍କୁ ଗିରଫ କରିଥିଲେ । ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଥାନାରେ ଦଫା ୪୫୨,୩୦୭ରେ ଏକ ମାମଲା(୧୦୧/୨୩) ରୁଜୁ ହୋଇଥିବା ପୋଲିସ କହିଛି । ପ୍ରେମରେ ବିଫଳ ହୋଇ ଯୁବକ ଜଣକ ଏପରି କାଣ୍ଡ ଘଟାଇଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ନିଃଶୁଳ୍କ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ,୨।୫(ଡି.ଏନ.ଏ.)

ଗ୍ରୀଷ୍ମ ଅବକାଶ କାଳୀନ ଗୃହ କାର୍ଯ୍ୟ ପାଇଁ ସୁନ୍ଦରଗଡ ଜିଲା ଶିକ୍ଷା କାର୍ଯ୍ୟାଳୟରେ ନିଃଶୁଳ୍କ ସହାୟତା କେନ୍ଦ୍ର ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ଦ୍ୱାରା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସାରଙ୍ଗ ଧର ବରିହା, ଜିଲା ବିଜ୍ଞାନ ପରିଦର୍ଶକ ଚନ୍ଦ୍ରଶେଖର ସାହୁ, ଭାରପ୍ରାପ୍ତ ଶୈକ୍ଷିକ ଉନ୍ନୟନ ସଂଯୋଜକ ଅମାତ୍ୟ ପ୍ରଧାନ, ରାଜେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ,ସୁନ୍ଦରଗଡ ଜିଲା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଅନେକଗୁଡିଏ ଅଭିନବ ଓ ବଳିଷ୍ଠ ପଦକ୍ଷେପ ନିଆଯାଉଛି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଗ୍ରୀଷ୍ମ ଅବକାଶକାଳୀନ ଗୃହ କାର୍ଯ୍ୟ ଅନ୍ୟତମ । ଯାହାକି ମେ ୧ରୁ ଆରମ୍ଭ ହୋଇ ଗ୍ରୀଷ୍ମ ଅବକାଶ ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ସମଗ୍ର ଓଡ଼ିଶାରେ ଲାଗୁ ହେବ । କୋମଳମତି ଛାତ୍ରୀଛାତ୍ରମାନଙ୍କ ଉପରେ ଖରାର ପ୍ରଭାବକୁ ଆଖି ଆଗରେ ରଖି ଚଳିତବର୍ଷ ଗ୍ରୀଷ୍ମ ଅବକାଶକୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଘୋଷଣା କରାଗଲା । ଏହି ପରିପ୍ରେକ୍ଷୀରେ ନବମ ଦଶମ ଶ୍ରେଣୀର ଅସମ୍ପୂର୍ଣ୍ଣ ପାଠ୍ୟକ୍ରମ ଭରଣା କରିବା ତଥା ସମସ୍ତ ଶ୍ରେଣୀର ପିଲାମାନଙ୍କ ପାଠ୍ୟକ୍ରମରେ ନିରନ୍ତରତା ବଜାୟ ରଖିବା ସକାଶେ ଓଡିଶା ସରକାରଙ୍କ ତରଫରୁ ନିଆଯାଇଥିବା ଗ୍ରୀଷ୍ମ ଅବକାଶକାଳୀନ ଗୃହ କାର୍ଯ୍ୟ ଦ୍ୱାରା ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଲାଭାନ୍ୱିତ ହେବେ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଜିଲାସ୍ତରୀୟ ସହାୟତା କେନ୍ଦ୍ରରେ ବିଭିନ୍ନ ବିଷୟ ଉପରେ ଦକ୍ଷତା ଥିବା ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଓ ୧୨ଟାରୁ ୬ଟା ପର୍ଯ୍ୟନ୍ତ ଦୁଇଟି ପାଳିରେ କେନ୍ଦ୍ରର ପରିଚାଳନା ପାଇଁ କାର୍ଯ୍ୟରତ ରହିବେ ।

# ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

ଟେନସା,୨।୫(ଡି.ଏନ.ଏ.)



ଶ୍ରମିକ ଦିବସ ଅବସରରେ ଶୋଭାଯାତ୍ରା ।

ସିଆଇଟିୟୁ ଅନୁବନ୍ଧିତ ସୁନ୍ଦରଗଡ ମାଇନ୍ସ ଏଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ କୋଇଡା ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସିଆଇଟିୟୁ କୋଇଡା କାର୍ଯ୍ୟାଳୟଠାରୁ ସିଆଇଟିୟୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ଶ୍ରମିକ ଦିବସ ଉପଲକ୍ଷେ ହେବାକୁ ଥିବା ଉତ୍ସବସ୍ଥଳରେ ପହଞ୍ଚିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆଇଟିୟୁ ରାଷ୍ଟ୍ରୀୟ ଉପ ସଭାପତି ବିଷ୍ଣୁ ମହାନ୍ତି ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସହ ସମ୍ପାଦକ ପ୍ରଭାତ ପଣ୍ଡା, ଡିୱାଇଏଫଆଇ କୋଇଡା ସଭାପତି ବାଦଲ ବାରିକ, ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ବରିଷ୍ଠ ଅଧାପକ ପ୍ରଦୀପ କୁମାର ପଟ୍ଟନାୟକ, ଅଶୋକ ସାମଲ, ବାବୁଲି ମୁଣ୍ଡା, ହରିଶ ରାୟ, କୃଷ୍ଣଚନ୍ଦ୍ର ବାରିକ, ଗୋପୀନାଥ ମହାନ୍ତ, ସୁଦର୍ଶନ ପାତ୍ର, ଲକ୍ଷ୍ମଣ ମହାକୁଡ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ ଅଧିକାର ଉପରେ କହିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶ୍ରମିକ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ବିଭିନ୍ନ ଖଣିର ଶ୍ରେଷ୍ଠ ଶ୍ରମିକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପାଚିକା ମାନଙ୍କୁ ସମ୍ମାନିତ କରାଯାଇଥିଲା । ଜନ ଡୁଙ୍ଗଡୁଙ୍ଗ ଉତ୍ସବ ପରିଚାଳନା କରିଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ରାଜା
ପରିବାରବର୍ଗ


ରିଧି
ପରିବାରବର୍ଗ


ଟୁଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାତୀ ଆକ୍ରମଣରେ ୨ ମୃତ

ବାରିପଦା ଅଫିସ/ବେତନଟୀ/ବଡ଼ବିଲ,୨୧୫(ସ୍ୱ.ପ୍ର./ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବାରିପଦା ଓ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ବାରିପଦା ବ୍ଲକ ବଡ଼ଯୋଡ ପଞ୍ଚାୟତ ରଙ୍ଗମାଟିଆ-ଡାହିସାହି ଜଙ୍ଗଲରେ ଦନ୍ତାହାତୀ ଆକ୍ରମଣରେ ରାଣୀ ନାଏକ(୬୭) ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ଜଙ୍ଗଲକୁ ଶାଳପତ୍ର ଆଣିବାକୁ ଯାଇଥିବା ବେଳେ ଦନ୍ତାହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ଚୋରମାଲଦା ଅଞ୍ଚଳରେ ଜଣେ ବୃଦ୍ଧଙ୍କୁ ଏକ ହାତୀ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଚୋରମାଲଦା ଅଞ୍ଚଳର ଜୟା ମୁଣ୍ଡା (୭୦)। ସୋମବାର ସନ୍ଧ୍ୟାରେ ସେ ମାଲଦା ଅଞ୍ଚଳରୁ ନିଜ ଘର ଚୋରମାଲଦାକୁ ଫେରିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ମଙ୍ଗଳବାର ବନ ବିଭାଗର କର୍ମଚାରୀ ଏବଂ ଗୁରୁଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।


# Classified Everyday
0674-2580101, 2549949




## GROOM WANTED

Wanted a groom (preferred Doctor, CA, Aeronautical Engineer) for a girl, age 29+, Ht.- 5'6", fair complexion, doctor in AIIMS Bhubaneswar. With condition, no to (caste/religion/dowry/horoscope.). Contact: 9437012201, 9776350320. D-73762

60 ବୟସ୍କା Govt. ଚାକିରିଆ Retired ହୋଇଥିବା ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040184360 D-0219

Beautiful karan girl 1988, 5'3" MA., BED., Serving Teacher Govt. High School, "SUNASANSAR". 9937512659, 8249969649. D-74857

50 ବୟସ୍କା Divorced Bank Manager 60,000/- ଦରମା ପାଉଥିବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7606067313. D-0248

45 ବୟସ୍କା ସୁନ୍ଦର Divorced ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ବଣିଆ, ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8093860535. D-0250

54 ବୟସ୍କା ବିଧବା ସରକାରୀ ଚାକିରିଆ ନିଃସନ୍ତାନ, କରଣ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7326057574. D-0249




## SALE

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74678

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/ sqft. 9178727577, 7855816205. D-0235

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

1BHK flat for sale near Sundarpada, Bhubaneswar at minimum price- 9776088188. D-74856




Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206




Rent for small office at Tankapani Road 7077794875. D-0226




All types of professional body massage by professional therapy. 9556924059 / 7077933109. D-0202

SPA head to foot body point only massages best Therapist Gents & Lady Senior Citizen @799/- Bhubaneswar- 9337672475. D-0171

Newly open health benefits SPA special offer @ 799, Jaydev Vihar. 8018429809. D-75103

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Newly open SPA positively health benefit with expert. Contact: 7751083098. D-74537

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-74677

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଜନ୍ମଦିନ ଶୁଭେଚ୍ଛା



ଶାନଭି ମଲ୍ଲିକ (ରିଧି)
ହାଲ୍ ସୁନାବେଡ଼ା, କୋରାପୁଟ
ଆଜି ତୋର ଅଷ୍ଟମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରୀୟା, ବାପା: ସ୍ମୃତି, ମା: ଲୋପାମୁଦ୍ରା, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ଦାଦା: ସୌମ୍ୟ, ଖୁଡ଼ୀ: ସ୍ୱର୍ଣ୍ଣମୟୀ, ଭଉଣୀ: ଶୁଭି ଓ ସିଦ୍ଧି ଏବଂ ବନ୍ଧୁ ପ୍ରିୟଜନବର୍ଗ ।
ଧ-୦୨୫୨




ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224

## LOST

ନୋଟାରୀ ପବ୍ଲିକ୍, କଟକଙ୍କ ନିକଟରେ ସତ୍ୟପାଠ ପୂର୍ବକ ଆମ୍ଭେ ସରସ୍ୱତୀ ପଣ୍ଡା, କଦମଦଣ୍ଡି, ଶ୍ରୀରାମପୁର ପାଲପାଟଣା, କେନ୍ଦ୍ରାପଡ଼ା ଘୋଷଣା କରୁଅଛି କି ତା।୨୭।୦୪।୨୩ରିଖରେ ଓଲଟପୁରରୁ କଣ୍ଟାପଡ଼ା ତହସିଲ କାର୍ଯ୍ୟାଳୟ ଯିବାବେଳେ କୌଣସି ସ୍ଥାନରେ ବିକ୍ରୟ କବଲା ମୌଜା ଓଲଟପୁର କ୍ରମିକ ସଂଖ୍ୟା 10461501629 ହଜିଯାଇଛି। ତେଣୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅବଗତି ନିମନ୍ତେ ସୂଚନା ଦେଉଛି। ଧ-୦୨୪୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ନୋଟିସ୍
ମାନ୍ୟବର ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ପିପିଲି, ପୁରୀ
ଆଇ.ଏ. ନଂ-୨୬/୨୦୨୨
ଦେୱାନୀ ମକଦ୍ଦମା ନଂ- ୩୩/୨୦୨୨
ଅବଳୀ ବେହେରା ଓ ଓଗେର .......(ଆବେଦନକାରୀ)
ବନାମ
ଶ୍ରୀ ନାଥ ସାହୁ ଓ ଓଗେର .......(ଅପରପକ୍ଷମାନେ)
ଦେୱାନୀ କାର୍ଯ୍ୟବିଧି ଆଇନ ୧୯୦୮ର ଆଦେଶ ୫ ନିୟମ ୨୦ ମୁତାବକ
ପ୍ରାପ୍ତେଷୁ,
୧. ଶ୍ରୀ ନାଥ ସାହୁ, ପି- ନଟବର ସାହୁ, ସା/ପୋ- ରାଜଶ, ଥା- ବାଲିପାଟଣା, ଜି-ଖୋର୍ଦ୍ଧା
୨. ଅପର୍ତ୍ତି ସେଠୀ, ପି- ନଟ ସେଠୀ, ସା-ନୂଆଗାଁ, ପୋ-ଇଟିପୁର, ଥା-ଧଉଳି, ଭୁବନେଶ୍ୱର-୦୨, ଜି- ଖୋର୍ଦ୍ଧା
୩. ଲକ୍ଷ୍ମୀ ବେହୁରା, ସ୍ୱା- ଦିବାକର ବେହୁରା, ସା- ସିଉଳା ସାମିଲ ଗୁଡ଼ିଆପୋଖରୀ, ପୋ- ସଙ୍ଗଳାଇ ଶାସନ, ଥା- ପିପିଲି, ଜି- ପୁରୀ
୪. ସଖିଲତା ସାହୁ, ସ୍ୱା- ସୁଦର୍ଶନ ସାହୁ, ସା- ପ୍ଲଟ୍ ନଂ. ୧୮୧, ସାମନ୍ତରାୟପୁର, ଗେଟ୍ ଛକ ନିକଟ, ପୋ- ଓଲ୍ଡଟାଉନ, ଥା- ଲିଙ୍ଗରାଜ, ଭୁବନେଶ୍ୱର-୦୨, ଜି-ଖୋର୍ଦ୍ଧା
୫. ଅଚ୍ୟୁତ ବିଲ୍‌ଡର୍ସ ପ୍ରାଇଭେଟ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ଦାସ, ପି- ନୀଳମଣି ଦାସ, ସା- ପ୍ଲଟ୍ ନଂ-୨୩୫, ନୂଆଗାଁ ଛକ, ପୋ-ଶିଶୁପାଳଗଡ଼, ଥା-ଧଉଳି, ଭୁବନେଶ୍ୱର-୦୨, ଜି-ଖୋର୍ଦ୍ଧା
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଅବଳୀ ବେହେରା ଓ ଓଗେର ଆପଣଙ୍କ ନାମରେ ମୌଜା- ଏକଟାଲିଆ, ତହସିଲ-ପିପିଲି, ଜି- ପୁରୀ, ସ୍ଥିତିବାନ ଖାତା ନଂ- ୩୯୧, ପ୍ଲଟ୍ ନଂ-୨୭୪, ଚକ ନଂ- ୫୦, ଏରିଆ- ଏ ୩. ୪୦୦୦ ଡି, ଏବଂ ପ୍ଲଟ୍ ନଂ- ୨୮୧, ଏରିଆ- ଏ୦. ୯୪୦୦ଡି.ର ବିକ୍ରି ପତ୍ର ରଦ୍ଦ ଏବଂ ମାଲିକାନା ସ୍ୱତ୍ୱ ଘୋଷିତ କରିବା ପାଇଁ ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ପିପିଲି ପୁରୀଙ୍କ ଇଜିଲାସରେ ଏକ ଦେୱାନୀ ମକଦ୍ଦମା ନଂ- ୩୩/୨୦୨୨ ଏବଂ ଆଇ.ଏ. ନଂ- ୨୬/୨୦୨୨ ଦାଖଲ କରିଅଛନ୍ତି। ଏହି ମକଦ୍ଦମାର ନୋଟିସ୍ ଉଭୟ କୋର୍ଟ ପ୍ରୋସେସ୍ ଏବଂ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଆପଣଙ୍କ ସ୍ଥାୟୀଘର ଠିକଣାକୁ ବାରମ୍ବାର ଯାଇଥିଲେ ସୁଦ୍ଧା କୌଣସି କାରଣରୁ ଆପଣଙ୍କ ଉପରେ ଜାରି ହୋଇପାରୁନଥିବାରୁ କିମ୍ବା ଆପଣଙ୍କ ତରଫରୁ କୌଣସି ବ୍ୟକ୍ତି ଜାଣିଶୁଣି ତାକୁ ଗ୍ରହଣ କରୁନଥିବାରୁ ଏହା ଏକ ଦେୱାନୀ ମକଦ୍ଦମା ହୋଇଥିବାରୁ ମାନ୍ୟବର କୋର୍ଟ ଏହି ନୋଟିସ ମାଧ୍ୟମରେ ଆପଣଙ୍କୁ ଜଣାଇ ଦେଉଅଛନ୍ତି କି ଆପଣ ତା୧୦ରିଖ ମଇ ମାସ ୨୦୨୩ ବର୍ଷ ଘ୦୮.୩୦ମି ସମୟରେ ଆପଣ ନିଜେ ବା ଆପଣଙ୍କ ଓକିଲ ମାଧ୍ୟମରେ ଉପରୋକ୍ତ କୋର୍ଟରେ ଉପସ୍ଥିତ ହୋଇ ମକଦ୍ଦମାର ବିଷୟବସ୍ତୁ ଉପରେ ଆପଣଙ୍କର ଯାହା କାରଣ ଦର୍ଶାଇବାର ଥିବ ତାହା ଦର୍ଶାଇବେ। ଯଦି ଆପଣ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପରୋକ୍ତ କୋର୍ଟରେ ହାଜର ନ ହେବେ ତେବେ ଆଇନ ଅନୁଯାୟୀ ମକଦ୍ଦମା ଆପଣଙ୍କ ଅନୁପସ୍ଥିତିରେ ବିଚାର ହେବ।
ଅଦ୍ୟ ତା ୧୨ ରିଖ ୦୪ ମାସ ୨୦୨୩ ବର୍ଷ ଅଦାଲତର ମୋହର ଓ ଆମ୍ଭ ସ୍ୱାକ୍ଷରକ୍ରମେ ଜଣାଇ ଦିଆଗଲା।
ସ୍ୱା./- ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ପିପିଲି, ପୁରୀ
ଧ-୦୨୩୨

ନୋଟିସ୍
ମାନ୍ୟବର ଦେୱାନୀ ବିଚାରପତି ବରିଷ୍ଠ ବିଭାଗ, ପିପିଲି, ପୁରୀ
ଦେୱାନୀ ମକଦ୍ଦମା ନଂ- ୩୩/୨୦୨୨
ଅବଳୀ ବେହେରା ଓ ଓଗେର .......(ବାଦୀ)
ବନାମ
ଶ୍ରୀ ନାଥ ସାହୁ ଓ ଓଗେର .......(ପ୍ରତିବାଦୀ)
ଦେୱାନୀ କାର୍ଯ୍ୟବିଧି ଆଇନ ୧୯୦୮ର ଆଦେଶ ୫ ନିୟମ ୨୦ ମୁତାବକ
ପ୍ରାପ୍ତେଷୁ,
୧. ଅପର୍ତ୍ତି ସେଠୀ, ପି- ନଟ ସେଠୀ, ସା-ନୂଆଗାଁ, ପୋ-ଇଟିପୁର, ଥା-ଧଉଳି, ଭୁବନେଶ୍ୱର-୦୨, ଜି- ଖୋର୍ଦ୍ଧା
୨. ଲକ୍ଷ୍ମୀ ବେହୁରା, ସ୍ୱା- ଦିବାକର ବେହୁରା, ସା- ସିଉଳା ସାମିଲ ଗୁଡ଼ିଆପୋଖରୀ, ପୋ- ସଙ୍ଗଳାଇ ଶାସନ, ଥା- ପିପିଲି, ଜି- ପୁରୀ
୩. ଅଚ୍ୟୁତ ବିଲ୍‌ଡର୍ସ ପ୍ରାଇଭେଟ୍ ଲିମିଟେଡ୍ ମ୍ୟାନେଜିଂ ଡାଇରେକ୍ଟର ପ୍ରସନ୍ନ କୁମାର ଦାସ, ପି- ନୀଳମଣି ଦାସ, ସା- ପ୍ଲଟ୍ ନଂ-୨୩୫, ନୂଆଗାଁ ଛକ, ପୋ-ଶିଶୁପାଳଗଡ଼, ଥା-ଧଉଳି, ଭୁବନେଶ୍ୱର-୦୨, ଜି-ଖୋର୍ଦ୍ଧା
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଅବଳୀ ବେହେରା ଓ ଓଗେର ଆପଣଙ୍କ ନାମରେ ମୌଜା- ଏକଟାଲିଆ, ତହସିଲ-ପିପିଲି, ଜି- ପୁରୀ, ସ୍ଥିତିବାନ ଖାତା ନଂ- ୩୯୧, ପ୍ଲଟ୍ ନଂ-୨୭୪, ଚକ ନଂ- ୫୦, ଏରିଆ- ଏ ୩. ୪୦୦୦ ଡି, ଏବଂ ପ୍ଲଟ୍ ନଂ- ୨୮୧, ଏରିଆ- ଏ୦. ୯୪୦୦ଡି.ର ବିକ୍ରି ପତ୍ର ରଦ୍ଦ ଏବଂ ମାଲିକାନା ସ୍ୱତ୍ୱ ଘୋଷିତ କରିବା ପାଇଁ ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ପିପିଲି, ପୁରୀଙ୍କ ଇଜିଲାସରେ ଏକ ଦେୱାନୀ ମକଦ୍ଦମା ନଂ- ୩୩/୨୦୨୨ ଦାଖଲ କରିଅଛନ୍ତି। ଏହି ମକଦ୍ଦମାର ନୋଟିସ୍ ଉଭୟ କୋର୍ଟ ପ୍ରୋସେସ୍ ଏବଂ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଆପଣଙ୍କ ସ୍ଥାୟୀଘର ଠିକଣାକୁ ବାରମ୍ବାର ଯାଇଥିଲେ ସୁଦ୍ଧା କୌଣସି କାରଣରୁ ଆପଣଙ୍କ ଉପରେ ଜାରି ହୋଇପାରୁନଥିବାରୁ କିମ୍ବା ଆପଣଙ୍କ ତରଫରୁ କୌଣସି ବ୍ୟକ୍ତି ଜାଣିଶୁଣି ତାକୁ ଗ୍ରହଣ କରୁନଥିବାରୁ ଏହା ଏକ ଦେୱାନୀ ମକଦ୍ଦମା ହୋଇଥିବାରୁ ମାନ୍ୟବର କୋର୍ଟ ଏହି ନୋଟିସ ମାଧ୍ୟମରେ ଆପଣଙ୍କୁ ଜଣାଇ ଦେଉଅଛନ୍ତି କି ଆପଣ ତା୧୦ରିଖ ମଇ ମାସ ୨୦୨୩ ବର୍ଷ ଘ୦୮. ୩୦ମି ସମୟରେ ଆପଣ ନିଜେ ବା ଆପଣଙ୍କ ଓକିଲ ମାଧ୍ୟମରେ ଉପରୋକ୍ତ କୋର୍ଟରେ ଉପସ୍ଥିତ ହୋଇ ମକଦ୍ଦମାର ବିଷୟବସ୍ତୁ ଉପରେ ଆପଣଙ୍କର ଯାହା କାରଣ ଦର୍ଶାଇବାର ଥିବ ତାହା ଦର୍ଶାଇବେ। ଯଦି ଆପଣ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପରୋକ୍ତ କୋର୍ଟରେ ହାଜର ନ ହେବେ ତେବେ ଆଇନ ଅନୁଯାୟୀ ମକଦ୍ଦମା ଆପଣଙ୍କ ଅନୁପସ୍ଥିତିରେ ବିଚାର ହେବ।
ଅଦ୍ୟ ତା ୧୨ ରିଖ ୦୪ ମାସ ୨୦୨୩ ବର୍ଷ ଅଦାଲତର ମୋହର ଓ ଆମ୍ଭ ସ୍ୱାକ୍ଷରକ୍ରମେ ଜଣାଇ ଦିଆଗଲା।
ସ୍ୱା./-ଦେୱାନୀ ବିଚାରପତି, ବରିଷ୍ଠ ବିଭାଗ, ପିପିଲି, ପୁରୀ
ଧ-୦୨୩୩

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


# ଆତ୍ମ ସମର୍ପଣ କଲେ ମାଓବାଦୀ ମୋଟୁରାମ


ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି,୨୧୫(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁରରେ ପୋଲିସର ପୁନର୍ବାସ ନୀତିରେ ସାମିଲ ହୋଇ ଜଣେ ମାଓବାଦୀ ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ମୋଟୁରାମ ମାଣ୍ଡବୀ। ସେ ମାଓବାଦୀ ସଙ୍ଗଠନର କୁଟୁଲ କମିଟିର ଏଲ୍‌ଓଏସ୍ କମାଣ୍ଡର ଭାବରେ କାର୍ଯ୍ୟ କରୁଥିଲେ। ମୋଟୁରାମଙ୍କୁ ସରକାରଙ୍କ ପୁନର୍ବାସ ଯୋଜନାରେ ନାରାୟଣପୁର ପୋଲିସ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ସେହିପରି ଅନ୍ୟ ଏକ ଘଟଣାରେ ଛତିଶଗଡର ବିଜାପୁର ଜିଲାରେ ଜଣେ ବ୍ୟକ୍ତିଙ୍କୁ ମାଓବାଦୀମାନେ ଅପହରଣ କରି ହତ୍ୟା କରଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୃତ ଯୁବକ ଜଣକ କିଏ ଏବଂ କେଉଁ ଅଞ୍ଚଳର ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ୨୮୩୬ ମିନି ଅଙ୍ଗନୱାଡ଼ି କେନ୍ଦ୍ର ଉନ୍ନୀତ

ଭୁବନେଶ୍ୱର,୨୧୫(ବ୍ୟୁରୋ)

**ବାର୍ଷିକ ଅତିରିକ୍ତ ୧୮.୭୫ କୋଟି ଟଙ୍କା ବହନ କରିବେ ରାଜ୍ୟ ସରକାର**

ରାଜ୍ୟ ସରକାର ରାଜ୍ୟର ୨୮୩୬ ମିନି ଅଙ୍ଗନୱାଡ଼ିକୁ ଉନ୍ନୀତ କରି ଅଙ୍ଗନୱାଡ଼ି କେନ୍ଦ୍ରରେ ପରିଣତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ରାଜ୍ୟରେ ଶିଶୁ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ସଚେତନତା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି' ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ରାଜ୍ୟରେ ବର୍ତ୍ତମାନ ୭୪,୧୫୪ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୧୦,୪୧୬ ମିନି ଅଙ୍ଗନୱାଡ଼ି ଥିଲା । ସେଥିରୁ ୨୮୩୬କୁ ଏବେ ଉନ୍ନୀତ କରାଯାଇଛି। ଏଥିସହିତ ଏହି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ଯଥା ଔଷଧ, ଆସବାବପତ୍ର ଓ ପ୍ରଶାସନିକ ଖର୍ଚ୍ଚ ତୁଲାଇବା ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯିବ। ଏଥିପାଇଁ ସାରା ରାଜ୍ୟରେ ୧୧୪ଟି ସୁପରଭାଇଜର ପଦବୀ ସୃଷ୍ଟି କରାଯାଇଛି। ଏହି ଅପ୍‌ଗ୍ରେଡେଶନ ସହିତ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସହାୟତା କରିବା ପାଇଁ ଜଣେ ଜଣେ ସହାୟକ ନିଯୁକ୍ତ କରାଯିବ। ଏହିପରି ୨୮୩୬ ସହାୟକଙ୍କୁ ନିଯୁକ୍ତ କରାଯିବ ଏବଂ ଏଥିସହିତ ୨୮୩୬ ମିନି ଅଙ୍ଗନୱାଡ଼ି କର୍ମୀ ପଦବୀକୁ ଉନ୍ନୀତ କରାଯାଇ ଅଙ୍ଗନୱାଡ଼ି କର୍ମୀ ପଦବୀ ସୃଷ୍ଟି କରାଯିବ। ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୮,୭୫,୪୧,୪୪୦ ଟଙ୍କା ଖର୍ଚ୍ଚ କରିବେ ।

# ଖୋର୍ଦ୍ଧାରେ ଶିଳ୍ପାଞ୍ଚଳ ଥାନା, କେନ୍ଦୁଝର, ବଡ଼ବିଲରେ ଟ୍ରାଫିକ୍ ଥାନା ସ୍ଥାପନ

ଭୁବନେଶ୍ୱର,୨୧୫(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ସୃଷ୍ଟି ହେବ ୪୭ ନୂଆ ପଦବୀ**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସ ଆଉଟପୋଷ୍ଟକୁ ଶିଳ୍ପାଞ୍ଚଳ ଥାନାରେ ପରିଣତ କରାଯାଇଛି । ଏଥିପାଇଁ ୨୩ଟି ଅତିରିକ୍ତ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି । ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅନୁମୋଦନ କରିଛନ୍ତି । ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ ।
ଏହି ଥାନାରେ ସୃଷ୍ଟି ହୋଇଥିବା ୨୩ଟି ନୂତନ ପଦବୀ ମଧ୍ୟରେ ଗୋଟିଏ ଇନ୍ସପେକ୍ଟର, ୬ଟି ସବ୍‌ଇନ୍ସପେକ୍ଟର, ୩ଟି ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର, ୨ଟି ହାବିଲଦାର ଏବଂ ୧୧ଟି କନ୍‌ଷ୍ଟେବଲ ପଦବୀ ରହିଛି ।

ସେହିପରି ରାଜ୍ୟ ସରକାର କେନ୍ଦୁଝର ଓ ବଡ଼ବିଲ ସହରରେ ଦୁଇଟି ଟ୍ରାଫିକ୍ ଥାନା ମଧ୍ୟ ସୃଷ୍ଟି କରିଛନ୍ତି । ଏଥିପାଇଁ ୨୪ଟି ନୂତନ ପଦବୀ ମଞ୍ଜୁର କରାଯାଇଛି । ଏ ସମ୍ପର୍କିତ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିଛି। ଏହାଦ୍ୱାରା ଉକ୍ତ ଦୁଇଟି ସହରରେ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଦୁଇଟି ଟ୍ରାଫିକ୍ ପୋଲିସ ଷ୍ଟେଶନ ପାଇଁ ସୃଷ୍ଟି ହୋଇଥିବା ୨୪ଟି ପଦବୀ ମଧ୍ୟରେ ୨ଟି ଇନ୍ସପେକ୍ଟର, ୬ଟି ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଓ ୧୬ଟି କନ୍‌ଷ୍ଟେବଲ ପଦବୀ ରହିଛି।





ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତା୦୨।୦୫।୨୦୨୩



ଏରାଜ କିଶୋର ତ୍ରିପାଠୀ
କାଳିଆକୁପା, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୦୨।୦୨।୧୯୨୬
ତିରୋଧାନ:୧୧।୦୫।୨୦୧୪
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୦୨୩୦

# ଟେବୁଲ ଟପ୍ପରକୁ ହରାଇଲା ଦିଲ୍ଲୀ

**ଅହମଦାବାଦ,୨।୫**

ଅହମଦାବାଦର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ର ୪୪ତମ ମ୍ୟାଚ୍‌ରେ ଅମନ ହକିମ୍ ଖାନ୍‌ଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ବୋଲିଂ ବଳରେ ଟେବୁଲ ଟପର ଗୁଜରାଟ ଟାଇଟନ୍ସକୁ ୫ ରନରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୩୦ ରନ୍ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଜବାବରେ ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଶାମି ନିଜ ୪ ଓଭର ସ୍ପେଲରେ ୧୧ ରନ୍ ଦେଇ ୪ ଉଇକେଟ ନେବାରୁ ଦିଲ୍ଲୀ ୨୩ ରନ୍‌ରେ ୫ ଉଇକେଟ ହରାଇଥିଲା। ଷଷ୍ଠ ଉଇକେଟରେ ୫୦ ରନ୍ ଯୋଡିଥିଲେ ଅକ୍ଷର ପଟେଲ(୨୭) ଓ ଅମନ ହକିମ୍ ଖାନ(୫୧)। ସପ୍ତମ ଉଇକେଟରେ ରିପଲ ପଟେଲ ଅମନଙ୍କ ସହିତ ଯୋଗ ଦେଇ ୫୩ ରନ୍ ଯୋଡି ଦିଲ୍ଲୀକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଥିବା ଅମନଙ୍କ ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଅନ୍ୟ ପକ୍ଷରେ ରିପଲ ପଟେଲ ୧୩ ବଲ୍ ଖେଳି ୨ ଚୌକା ଓ ୧ ଛକା ସହିତ ୨୩ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ଶାମି ୪, ମୋହିତ ଶର୍ମା ଦୁଇଟି ଓ ରଶିଦ୍ ଖାନ ଗୋଟିଏ ଉଇକେଟ ନେଇଥିଲେ। ୧୩୧ ରନ୍ ଲକ୍ଷ୍ୟରେ ଖେଳିଥିବା ଗୁଜରାଟ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ୩୨ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ ଅଭିନବ ମନୋହର (୨୬) ଓ ହାର୍ଦ୍ଦିକ ପାଣ୍ଡ୍ୟା (୫୯*) ପଞ୍ଚମ ଉଇକେଟରେ ୬୩ ରନ୍ ଯୋଡିଥିଲେ। ୧୮ ତମ ଓଭରରେ ଖଲିଲ ଅହମଦ ଏହି ଯୋଡି ଭାଙ୍ଗିଥିଲେ। ଶେଷ ୨ ଓଭରରେ ୩୪ ରନ୍ ଆବଶ୍ୟକ ଥିବା ବେଳେ ୧୯ ତମ ଓଭରରୁ ହ୍ୟାଟ୍ରିକ୍ ଛକା ସହିତ ୨୧ ରନ୍ କରିଥିଲେ ରାହୁଲ ଟେୱଟିଆ। ଅନ୍ତିମ ଓଭରରେ ୧୩ ରନ୍ ଆବଶ୍ୟକ ଥିବା ବେଳେ ଇଶାନ୍ତ ଶର୍ମା ବୋଲିଂ କରିଥିବା ଓଭରରୁ ମାତ୍ର ୬ ରନ୍ ଆସିଥିଲା। କ୍ୟାପିଟାଲ୍ସ ପକ୍ଷରୁ ଇଶାନ୍ତ ଶର୍ମା ଓ ଖଲିଲ ଅହମଦ ଦୁଇଟି ଲେଖାଏ ଓ କୁଲଦୀପ ଯାଦବ ଓ ଆନରିଚ୍ ନର୍ଜେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




ମହମ୍ମଦ ଶାମି-୪/୧୧।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୦/୮ (ଅମନ ହକିମ୍ ଖାନ୍-୫୧, ଅକ୍ଷର ପଟେଲ-୨୭, ରିପଲ୍ ପଟେଲ-୨୩, ମହମ୍ମଦ ଶାମି-୪/୧୧, ମୋହିତ ଶର୍ମା-୨/୩୩, ରଶିଦ୍ ଖାନ୍-୧/୨୮)। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୧୨୫/୬(ହାର୍ଦ୍ଦିକ ପାଣ୍ଡ୍ୟା-୫୯*, ଅଭିନବ ମନୋହର-୨୬, ରାହୁଲ ଟେୱଟିଆ-୨୦, ଇଶାନ୍ତ ଶର୍ମା-୨/୨୩, ଖଲିଲ ଅହମଦ-୨/୨୪, କୁଲଦୀପ ଯାଦବ-୧/୧୫।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ଚେନ୍ନାଇ**
ସ୍ଥାନ:ଲକ୍ଷ୍ନୌ,
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ମୁମ୍ବାଇ**
ସ୍ଥାନ:ମୋହାଲି,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଥ୍‌ଲେଟଙ୍କୁ ନ୍ୟାୟ ମିଳିବା ଆବଶ୍ୟକ: ପ୍ରକାଶ

**ନୂଆଦିଲ୍ଲୀ,୨।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାରେ ଆଥ୍‌ଲେଟଙ୍କ ସମର୍ଥନରେ ବାହାରିଛନ୍ତି ଇଣ୍ଡିଆନ୍ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ)ର ପ୍ରକାଶ କର୍ହାନା। ଆଥ୍‌ଲେଟ୍ସ କମିଶନ ସଦସ୍ୟ ରହିଥିବା କର୍ହାନା କହିଛନ୍ତି, ଅଧିକାର ପାଇଁ ଲଢେଇ କରୁଥିବା ଆଥ୍‌ଲେଟମାନଙ୍କୁ ନ୍ୟାୟ ମିଳିବା ଆବଶ୍ୟକ। ଶଟପୁଟରେ ପୂର୍ବତନ ଜାତୀୟ ରେକର୍ଡର ଅଧିକାରୀ ତଥା ଏସିଆନ୍ ଚାମ୍ପିୟନ ୩୬ ବର୍ଷୀୟ କର୍ହାନା କହିଛନ୍ତି, ଖେଳାଳିଙ୍କୁ ନ୍ୟାୟ ନ ମିଳିଲେ ବ୍ୟବସ୍ଥା ଉପରୁ ସେମାନଙ୍କର ଭରସା ଉଠିଯିବ। ଆଥ୍‌ଲେଟ୍ସ କମିଶନର ସଦସ୍ୟ ଭାବରେ ନୁହେଁ ବରଂ ବ୍ୟକ୍ତିଗତ ଭାବରେ ମୁଁ ଏଭଳି ଅନୁଭବ କରୁଛି ବୋଲି ସେ କହିଛନ୍ତି। ଆଥ୍‌ଲେଟମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଦେଶବାସୀ ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି। ମହିଳା ଆଥ୍‌ଲେଟଙ୍କ ପ୍ରତି ହୋଇଥିବା ଅନ୍ୟାୟର ଏକ ସ୍ୱଚ୍ଛ ତଦନ୍ତ ଆବଶ୍ୟକ ବୋଲି ମଧ୍ୟ ସେ କହିଛନ୍ତି। ଅଭିଯୁକ୍ତ କିମ୍ବା ଅଭିଯୋଗକାରୀ କିଏ ମିଛ କହୁଛନ୍ତି ତାହା ସ୍ପଷ୍ଟ ହେବା ଦରକାର ବୋଲି ମଧ୍ୟ ସେ କହିଛନ୍ତି। ଆରମ୍ଭରୁ ଏଫ୍‌ଆଇଆର ଦାଖଲରେ ଦିଲ୍ଲୀ ପୋଲିସ ବିଳମ୍ବ କରିଥିଲା, ମାତ୍ର ବର୍ତ୍ତମାନ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ସ୍ୱଚ୍ଛତାର ସହ ତଦନ୍ତ ହେବା ଆବଶ୍ୟକ ବୋଲି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ପ୍ରକାଶ କହିଛନ୍ତି। ତୃତୀୟ ଭାରତୀୟ ଖେଳାଳି ଭାବରେ ୨୦ ମିଟର ଦୂରତ୍ୱ ଅତିକ୍ରମ କରିଥିବା ପ୍ରକାଶ କହିଛନ୍ତି, ମୁଁ ଏକ ନିପଟ ମଫସଲ ଅଞ୍ଚଳରୁ ଆସିଥିଲି। ଏବେ ବି ଗ୍ରାମାଞ୍ଚଳରେ କ୍ରୀଡାକୁ କ୍ୟାରିୟର ଭାବରେ ଗ୍ରହଣ କରିବାକୁ ଅନେକ କ୍ରୀଡାବିତ୍ ପଛଘୁଞ୍ଚା ଦେଇଥାନ୍ତି। ଏପରି ସ୍ଥଳେ ମହିଳା ଆଥ୍‌ଲେଟଙ୍କ ପ୍ରତି ଅନ୍ୟାୟ ହେଲେ ଗ୍ରାମାଞ୍ଚଳରେ ଏହାର ଏକ ଖରାପ ପ୍ରଭାବ ପଡିବ। ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହା ଦେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ସେ ମତ ରଖିଛନ୍ତି। ୧୦ ଜଣିଆ ଆଥ୍‌ଲେଟ୍ସ କମିଶନ ପକ୍ଷରୁ ଏଯାଏ କୌଣସି ବିଧିବଦ୍ଧ ବୟାନ ଆସି ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ବ୍ରିଜ୍‌ଭୂଷଣଙ୍କ ନାମରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଜଣେ ନାବାଳିକା ମହିଳା ଆଥ୍‌ଲେଟଙ୍କ ଅଭିଯୋଗ ଅନୁସାରେ ପୋକ୍ସୋ ଆକ୍ଟ ଆଧାରରେ ମାମଲା ରୁଜୁ କରାଯାଇଛି। ଅନ୍ୟ ମାମଲାଟି ଖେଳାଳିଙ୍କ ସମ୍ମାନ ହାନି କାରଣରୁ କରାଯାଇଥିଲା।



ପ୍ରକାଶ କର୍ହାନା

## ୪ ପଦକ ପକ୍କା କଲେ ଭାରତୀୟ ତୀରନ୍ଦାଜ

**ତାଶକେଣ୍ଟ, ୨।୫ (ପି.ଟି.)**

ଭାରତୀୟ ତୀରନ୍ଦାଜମାନେ ଏସିଆ କପ୍ ଷ୍ଟେଜ୍-୨ ବିଶ୍ୱ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଉତ୍ସାହଜନକ ଆରମ୍ଭ କରଛନ୍ତି। ମଙ୍ଗଳବାର ରିକର୍ଭ ଓ କମ୍ପାଉଣ୍ଡ ବିଭାଗର ୪ ଟିମ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରି ପଦକ ପକ୍କା କରିଛନ୍ତି। ମୃଣାଳ ଚୌହାନ, ତୁଷାର ଶେଲ୍‌କେ ଓ ଜୟନ୍ତ ତାଲୁକଦାରଙ୍କୁ ନେଇ ଟପ୍ ସିଡ୍ ଭାରତୀୟ ରିକର୍ଭ ଦଳ ସେମିଫାଇନାଲରେ ଆୟୋଜକ ଉଜ୍‌ବେକିସ୍ତାନର ଚେନ୍ ୟାଓ ୟୁଇ, ମିର୍ଜାଲଲ କାରୋରେଭା ଓ ଅମିରଖାନ୍ ସାଦିକୋଭ୍‌ଙ୍କୁ ୬-୦ (୫୬-୫୪, ୫୭-୫୪, ୫୬-୫୩)ରେ ହରାଇ ଦେଇଛନ୍ତି। ଏହାପୂର୍ବରୁ ସେମାନେ କିରଗିଜସ୍ତାନ ବିପକ୍ଷରେ ୬-୦ (୫୪-୪୯, ୫୮-୪୮, ୫୩-୪୫)ରେ ବିଜୟ ହାସଲ କରିଥିଲେ। ପୁରୁଷ ରିକର୍ଭ ଦଳ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଚାଇନାକୁ ଶୁକ୍ରବାର ଭେଟିବ। ସଙ୍ଗୀତା, ପ୍ରାଚୀ ସିଂ ଓ ତନିଶା ବର୍ମାଙ୍କୁ ନେଇ ମହିଳା ରିକର୍ଭ ଦଳ ଉଜ୍‌ବେକିସ୍ତାନ ଦଳକୁ ୫-୪ରେ ପରାଜିତ କରିଛନ୍ତି। ଦଳ ଫାଇନାଲରେ ଚାଇନା ସହ ମୁକାବିଲା କରିବ। ବାଏ ପାଇ ସେମିଫାଇନାଲରେ ପ୍ରବେଶ କରିଥିବା ଅଭିଷେକ ବର୍ମା, କୁଶାଲ ଦଲାଲ ଓ ଅମିତ୍‌ଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ସାଉଦି ଆରବକୁ ୨୩୬-୨୨୧ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ଶୁକ୍ରବାର ସ୍ୱର୍ଣ୍ଣ ପଦକ ପାଇଁ ହଂକଂ ବିପକ୍ଷରେ ଖେଳିବ। ସେହିପରି ପରନୀତ କୌର, ପ୍ରଗତି ରାଗିନି ମାର୍କୁଙ୍କୁ ନେଇ ମହିଳା କମ୍ପାଉଣ୍ଡ ଦଳ କ୍ୱାଲିଫାଇଂ ରାଉଣ୍ଡ ଶୀର୍ଷରେ ରହି ପୂର୍ବରୁ ଫାଇନାଲକୁ ଉନ୍ନୀତ ହୋଇସାରିଛନ୍ତି। ଟାଇଟଲ ମୁକାବିଲାରେ ସେମାନେ ହଂକଂଙ୍କୁ ଭେଟିବେ।



## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୧୨ | +୦.୫୩୨ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୩୨୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୪ | ୧୦ | -୦.୪୭୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୫୦୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

## ସାତ୍ତ୍ୱିକ-ଚିରାଗଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୨।୫ (ପି.ଟି.):** ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ଟାଇଟଲ ଜିତିବା ପରେ ଭାରତର ଷ୍ଟାର ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି, ସଦ୍ୟ ପ୍ରକାଶିତ ବିଡ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ) ର୍‍ୟାଙ୍କିଙ୍ଗ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଏଚ୍‌ଏସ୍ ପ୍ରଣୟ ପୂର୍ବଭଳି ୯ମ ସ୍ଥାନରେ ରହିଥିବା ବେଳେ କିଡାମ୍ବୀ ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ୍ ଗୋଟିଏ ଲେଖାଏଁ ସ୍ଥାନ ପଦୋନ୍ନତି ସହ ଯଥାକ୍ରମେ ୨୨ତମ ଓ ୨୩ ତମ ସ୍ଥାନରେ ଅଛନ୍ତି।

## ସ୍ୱାଗତିକା ରଥଙ୍କ ଅବସର

**ଭୁବନେଶ୍ୱର,୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଭାରତର ପ୍ରତିନିଧିତ୍ୱ କରିଥିବା ଓଡ଼ିଶା ଖେଳାଳି ସ୍ୱାଗତିକା ରଥ ଅବସର ଘୋଷଣା କରିଛନ୍ତି। ଓଡ଼ିଶା ଓ ରେଲୱେଜ୍ ପକ୍ଷରୁ ଘରୋଇ କ୍ରିକେଟ ଖେଳିଥିବା ସ୍ୱାଗତିକା ଭାରତ ପାଇଁ ଯଥାକ୍ରମେ ଦିନିକିଆ ଓ ଟି୨୦ରେ ୩ ଓ ୨ଟି ମ୍ୟାଚ୍ ଖେଳିଛନ୍ତି। ୨୦୦୭-୦୮ରୁ ୨୦୧୫-୧୬ ଯାଏ ସେ ଓଡ଼ିଶା ଓ ୨୦୧୬-୧୭ରୁ ୨୦୨୨-୨୩ ଯାଏ ରେଲୱେଜ ପାଇଁ ଖେଳିଥିଲେ। ଭଦ୍ରକର ଏହି ଖେଳାଳି ଜଣଙ୍କ ବାଂଲାଦେଶ ବିପକ୍ଷରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୪ ଏପ୍ରିଲ ୨୦୧୩ରେ ଟି୨୦ ଡେବ୍ୟୁ କରିଥିବା ବେଳେ ଏହାର ୪ ଦିନ ପରେ ସମାନ ଦଳ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ୩ ଦିନିକିଆରୁ ସେ ୫୮ ରନ୍ ସ୍କୋର କରିଥିବା ବେଳେ ୩ ଉଇକେଟ ମଧ୍ୟ ନେଇଛନ୍ତି। ଭାରତୀୟ ଦଳରେ ନିୟମିତ ସୁଯୋଗ ମିଳି ନ ଥିବା ବେଳେ ସ୍ୱାଗତିକା ମାତ୍ର ୨୮ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।




# ସମ୍ପୂର୍ଣ୍ଣ ମ୍ୟାଚ୍ ଫି ହରାଇଲେ ଗମ୍ଭୀର, କୋହଲି

**ଲକ୍ଷ୍ନୌ,୨।୫(ପି.ଟି.)**

ଭାରତୀୟ ଷ୍ଟାର ବ୍ୟାଟର ବିରାଟ କୋହଲି ଓ ପୂର୍ବତନ ଓପନିଙ୍ଗ ବ୍ୟାଟର ଗୌତମ ଗମ୍ଭୀରଙ୍କ ମଧ୍ୟରେ ଝଗଡା ଏକ ନୂଆ ରୂପ ନେଇଛି। ଆଇପିଏଲ ମ୍ୟାଚ୍ ସମୟରେ ଉଭୟ ଖେଳାଳିଙ୍କ କଜିଆ ପଦାରେ ପଡିଛି। ମ୍ୟାଚ୍ ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ ମ୍ୟାଚ୍ ଫି'ର ୧୦୦ ପ୍ରତିଶତ କଟାଯାଇଛି। ସୋମବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ଲୋ ସ୍କୋରିଂ ମ୍ୟାଚକୁ ୧୮ ରନ୍‌ରେ ଜିତି ନେଇଥିଲା ବିରାଟ କୋହଲିଙ୍କ ଦଳ। ଏହାପରେ ଉଭୟ ଖେଳାଳି ପରସ୍ପର ସହିତ ଯୁକ୍ତି ତର୍କ କରୁଥିବାର ଦେଖିବାକୁ ମିଳିଥିଲା। ଏଭଳି ଅଶୋଭନୀୟ ଆଚରଣ ପାଇଁ ମଙ୍ଗଳବାର ବିସିସିଆଇ ପକ୍ଷରୁ ଉଭୟ ଖେଳାଳିଙ୍କୁ ଦଣ୍ଡିତ କରାଯାଇଛି। ଉଭୟଙ୍କ ମ୍ୟାଚ୍ ଫି'ର ୧୦୦ ପ୍ରତିଶତ ଅର୍ଥ ଫାଇନ୍ ଆକାରରେ କାଟି ଦିଆଯାଇଛି। ଆଇପିଏଲ୍‌ର ଧାରା ୨.୨୧ ଆଧାରରେ ଉଭୟ ଖେଳାଳିଙ୍କ ବୟାନ କ୍ରୀଡା ଭାବନାକୁ ଆଘାତ ପହଞ୍ଚାଇଛି। ମ୍ୟାଚ ସମାପ୍ତ ହେବା ପରେ ଆର୍‌ସିବି ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓ ନିଆଁରେ ଘିଅ ଢାଳିବା ପରିସ୍ଥିତି ସୃଷ୍ଟି କରିଛି। କୋହଲି ଦଳର ସମସ୍ତ ଖେଳାଳିଙ୍କ ପାଇଁ ଦେଉଥିବା ଭାଷଣରେ ଲକ୍ଷ୍ନୌ ବିପକ୍ଷ ବିଜୟକୁ ମଧୁର ପ୍ରତିଶୋଧ ବୋଲି କହିଥିଲେ। ଗମ୍ଭୀରଙ୍କ ଉଦ୍ଦେଶ୍ୟରେ କୋହଲି କହିଥିଲେ, 'ଯଦି ତୁମେ କିଛି ଜିନିଷ ଦେଉଛ ସମାନ ଜିନିଷ ନେବାକୁ ପ୍ରସ୍ତୁତ ରୁହ, ଯଦି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ ତେବେ ଦେବାରୁ ବିରତ ରୁହନ୍ତୁ।' ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଏହାର ପୂର୍ବ ମ୍ୟାଚକୁ ଶେଷ ବଲରେ ଜିତିଥିଲା ଲକ୍ଷ୍ନୌ। ଏହା ପରେ ପାଟିରେ ଆଙ୍ଗୁଠି ଦେଇ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦର୍ଶକଙ୍କୁ ନୀରବ ରହିବାକୁ ଇସାରା କରିଥିଲେ ଗମ୍ଭୀର। ସୋମବାର ବିରାଟ କୋହଲି ସମାନ ଢଙ୍ଗରେ ଏକାନା ଷ୍ଟାଡିୟମରେ ଦର୍ଶକଙ୍କୁ ନୀରବ ରହିବାକୁ ଆଙ୍ଗୁଠି ଦେଖାଇଥିଲେ। ଏହା ସହିତ ଲକ୍ଷ୍ନୌ ପେସ୍ ବୋଲର ନବୀନ ଉଲ୍ ହକ୍ ଓ କୋହଲିଙ୍କ ମଧ୍ୟରେ କିଛି ଯୁକ୍ତିତର୍କ ହୋଇଥିଲା। ଏଥିପାଇଁ ନବୀନ ଉଲ୍ ହକଙ୍କ ମ୍ୟାଚ୍ ଫି'ର ୫୦ ପ୍ରତିଶତ କଟାଯାଇଥିଲା। ମ୍ୟାଚ୍ ସମୟରେ ହୋଇଥିବା ଯୁକ୍ତିତର୍କ ଅମ୍ପାୟର ଓ ଅମିତ ମିଶ୍ରଙ୍କ ହସ୍ତକ୍ଷେପ ପରେ ଶାନ୍ତ ପଡିଥିଲା। ଖେଳାଳିମାନେ ହାତ ମିଳାଉଥିବା ବେଳେ କୋହଲି ଓ ଗମ୍ଭୀରଙ୍କ ମଧ୍ୟରେ ଯୁକ୍ତିତର୍କ ବଢିଥିଲା। ଲକ୍ଷ୍ନୌର ଅମିତ ମିଶ୍ର, ଆରସିବି ଅଧିନାୟକ ଫାଫ୍ ଡୁ ପ୍ଲେସି ଓ ଲକ୍ଷ୍ନୌ ସହକାରୀ କୋଚ୍ ବିଜୟ ଦହିୟା ଉଭୟ ଖେଳାଳିଙ୍କୁ ଅଲଗା କରିବାକୁ ପ୍ରୟାସ କରିଥିଲେ। ଦିଲ୍ଲୀ ଓ ଭାରତୀୟ ଦଳରେ ଉଭୟ ଟିମ୍ ମେଟ୍ ଭାବରେ ଖେଳି ସାରିଛନ୍ତି। ଏପରିକି ୨୦୧୩ ମସିହାରେ ଉଭୟ ଖେଳାଳିଙ୍କ ମଧ୍ୟରେ ଏକ ଆଇପିଏଲ ମ୍ୟାଚରେ ଯୁକ୍ତିତର୍କ ହୋଇଥିଲା। ଆର୍‌ସିବି କ୍ରିକେଟ ନିର୍ଦ୍ଦେଶକ ମାଇକ୍ ହେସନ ଏହି ଘଟଣା ପାଇଁ ଚିନ୍ନାସ୍ୱାମୀ ମ୍ୟାଚ୍‌କୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଆର୍‌ସିବି ଅଧିନାୟକ ଫାଫ୍ ଡୁ ପ୍ଲେସି କୋହଲିଙ୍କ ଆଗ୍ରେସିଭ୍ ରୂପକୁ ପସନ୍ଦ କରିଛନ୍ତି। ଏହା ବିରାଟଙ୍କ ଶ୍ରେଷ୍ଠ ଭର୍ସନ ଏବଂ କ୍ରିକେଟ ଫ୍ୟାନ ଏହାକୁ ପସନ୍ଦ କରିଥାନ୍ତି ବୋଲି କହିଛନ୍ତି ଫାଫ୍। ପୂର୍ବତନ ଭାରତୀୟ ଅଧିନାୟକ ଅନିଲ କୁମ୍ବଲେ ଏହି ଘଟଣାକୁ ନିନ୍ଦା କରିଛନ୍ତି। କ୍ରିକେଟ ପଡିଆରେ ଏଭଳି ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଏକ ମ୍ୟାଚ୍ ଶେଷ ହେବା ପରେ ତୁମେ ପ୍ରତିପକ୍ଷ ଦଳକୁ ନୁହେଁ ବରଂ କ୍ରିକେଟକୁ ସମ୍ମାନ ଜଣାଇଥାଅ। ଉଭୟ ଖେଳାଳି ଏହାକୁ ଭୁଲି ଯାଇ ଯେଉଁଭଳି ଆଚରଣ କଲେ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କହିଥିଲେ। ଆଇପିଏଲ୍ ପକ୍ଷରୁ ଟୁଇଟ୍ କରାଯାଇ ୩ ଖେଳାଳିଙ୍କ ଫାଇନ୍ ସମ୍ପର୍କରେ ଘୋଷଣା କରାଯାଇଛି।




ବିରାଟ କୋହଲି ଓ ଗୌତମ ଗମ୍ଭୀର ମୁହାଁମୁହିଁ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୩/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, May 3/2023 | Page 20 | ₹ 7.00 | SAMBALPUR

DSPL-27

ଓଡ଼ିଶା ସରକାର

5T

## ଭୁବନେଶ୍ୱରରୁ ସିଧାସଳଖ ସିଙ୍ଗାପୁର ଏବଂ ବ୍ୟାଙ୍କକ୍ ସହର ପାଇଁ ବିମାନ ଚଳାଚଳର
## ଅଗ୍ରୀମ ଟିକେଟ ସେବା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା ଶୁଭାରମ୍ଭ

୩ ମେ ୨୦୨୩



| ସେକ୍ଟର | ପ୍ରସ୍ଥାନ | ଆଗମନ |
|---|---|---|
| ଭୁବନେଶ୍ୱର - ସିଙ୍ଗାପୁର | ୦୬:୨୫ | ୧୩:୦୫ |
| ସିଙ୍ଗାପୁର - ଭୁବନେଶ୍ୱର | ୧୪:୧୦ | ୧୫:୫୦ |
| ଭୁବନେଶ୍ୱର - ବ୍ୟାଙ୍କକ୍ | ୧୬:୫୦ | ୨୧:୧୦ |
| ବ୍ୟାଙ୍କକ୍ - ଭୁବନେଶ୍ୱର | ୨୨:୧୦ | ୨୩:୧୫ |

- ଇଣ୍ଡିଗୋ ଏହି ବିମାନ ସେବା ଆସନ୍ତା ୩ ଜୁନ ୨୦୨୩ ରୁ ଆରମ୍ଭ କରିବ ।
- ଏହି ଆନ୍ତର୍ଜାତୀୟ ବିମାନ ସେବା ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ସେବା ଅଟେ ।
- ଓଡ଼ିଶାବାସୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହି ବିମାନ ସେବା ଯୋଗାଇବା ପାଇଁ ପ୍ରାରମ୍ଭିକ ଭାବରେ ଏହି ଉଭୟ ସ୍ଥାନକୁ ଯିବା ଏବଂ ଆସିବା ପାଇଁ ୧୫୦୦୦/- ଟଙ୍କା ଟିକେଟ ମୂଲ୍ୟ ରଖା ଯାଇଛି ।






ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

OIPR-38001/13/0003/2324

# ସ୍ୱାଧୀନ ଗଣମାଧ୍ୟମ ଗଣତନ୍ତ୍ରର ଜୀବନ



ବିଚିତ୍ର ବିଶ୍ୱାଳ

ଆଧୁନିକ ଗଣତନ୍ତ୍ରର ଅସ୍ତିତ୍ୱର ପ୍ରମାଣ ଓ ପ୍ରତୀକ ହେଉଛି ସ୍ୱାଧୀନ ଓ ମୁକ୍ତ ଗଣମାଧ୍ୟମ। ଯେଉଁ ଦେଶର ଗଣମାଧ୍ୟମ ଯେତେ ମୁକ୍ତ ଓ ସ୍ୱାଧୀନ, ସେ ଦେଶର ଗଣତନ୍ତ୍ର ସେତେ ସମୃଦ୍ଧ। ସେହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ। ଆମ ଦେଶରେ ଗଣମାଧ୍ୟମର ଅବସ୍ଥାକୁ ଆକଳନ କରିବାକୁ ହେଲେ ଗଣମାଧ୍ୟମ ପାଇଁ ବ୍ୟବହାର କରାଯାଉଥିବା ଦୁଇଟି ପ୍ରତିଶବ୍ଦ ହିଁ ଯଥେଷ୍ଟ। ଗତ କିଛିବର୍ଷ ହେବ ଆମ ଦେଶରେ ଗଣମାଧ୍ୟମକୁ ଗଣିକାମାଧ୍ୟମ ନଚେତ୍ ଗୋଦି ମିଡିଆ ଭାବେ ପରିଭାଷିତ କରାଯାଉଛି। ଅନେକ ଗଣମାଧ୍ୟମ ଅନୁଷ୍ଠାନ ଖବରର ବିଶ୍ଳେଷଣ ନାମରେ ଯାହା ପ୍ରଚାର କରୁଛନ୍ତି ତାହା ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଜ୍ଞାପନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗଣମାଧ୍ୟମଗୁଡ଼ିକ ସଂପ୍ରତି ଭୟଙ୍କର ଭାବରେ ଉଦ୍ଦେଶ୍ୟହରା ହୋଇ କେବଳ ଏକ ଲାଭଜନକ ବ୍ୟବସାୟରେ ସୀମିତ ହୋଇଯାଇଛି। ସାଧାରଣ ଲୋକଙ୍କ ଭରସା ଓ ବିଶ୍ୱାସ ହରେଇ ବସିଛି ଆଜିର ଗଣମାଧ୍ୟମ। ମୁକ୍ତ ମତକୁ ପ୍ରସାର କରିବା ପାଇଁ ଅନେକ ସାମ୍ବାଦିକ ଓ ଅନୁଷ୍ଠାନ ଆଜି ସାମାଜିକ ଗଣମାଧ୍ୟମକୁ ଏକ ବିକଳ୍ପ ଭାବେ ଦେଖୁଛନ୍ତି। ଅପରପକ୍ଷରେ ଗଣମାଧ୍ୟମ ଅନୁଷ୍ଠାନଗୁଡ଼ିକୁ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିବା କ୍ଷମତାକେନ୍ଦ୍ର ସଂପ୍ରତି ସାମାଜିକ ଗଣମାଧ୍ୟମକୁ ବି ନିୟନ୍ତ୍ରଣ କରିବାକୁ ପାଗ ଭିଡୁଛି। ଫଳରେ ଆଜି ଗଣମାଧ୍ୟମର ସ୍ୱାଧୀନତା କେବଳ ଏକ ବିଶୁଦ୍ଧ କଳ୍ପନାରେ ସୀମିତ ହୋଇଗଲାଣି।

ଅନ୍ତର୍ଜାତୀୟ ସଂସ୍ଥା 'ରିପୋର୍ଟର୍ସ ୱିଦ୍‌ଆଉଟ୍ ବର୍ଡର' ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଉଥିବା 'ବିଶ୍ୱ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ-୨୦୨୨'ର ତାଲିକା ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୫୦। ଏହି ତାଲିକାରେ ଭାରତ ସହିତ ତଳ ଭାଗରେ ଥିବା ଦେଶଗୁଡ଼ିକ ହେଉଛି ଆଫ୍‌ଗାନିସ୍ତାନ, ସାଉଦି ଆରବ, ମ୍ୟାନ୍‌ମାର, ଉତ୍ତର କୋରିଆ ଆଦି, ଯେଉଁଠାରେ ପ୍ରାୟତଃ ଅଶାନ୍ତି ଓ ଗୃହଯୁଦ୍ଧ ଭଳି ପରିସ୍ଥିତି ଲାଗିରହିଛି। ପ୍ରଥମ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ୨୦୦୨ ମସିହାରେ ହୋଇଥିଲା, ଯେଉଁଥିରେ ଭାରତର ସ୍ଥାନ ଥିଲା ୮୦। ଅର୍ଥାତ୍ ଗତ ୨୦ବର୍ଷ ମଧ୍ୟରେ ଆମ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଦ୍ରୁତଗତିରେ ସଙ୍କୁଚିତ ହେବାରେ ଲାଗିଛି। ୨୦୧୪ରେ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତର ସ୍ଥାନ ୧୪୦ ଥିଲାବେଳେ, ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ଏହା ଆହୁରି ଦଶଟି ସ୍ଥାନ ତଳକୁ ଖସିଛି। ୨୦୨୨ର ତଥ୍ୟ ଅନୁସାରେ ଭାରତ ସାମ୍ବାଦିକମାନଙ୍କ ପାଇଁ ଏକ ବିପଜ୍ଜନକ ସ୍ଥାନର ତାଲିକାରେ ରହିଛି। ୟୁନେସ୍କୋର ଅଧ୍ୟୟନ ଅନୁସାରେ ୨୦୧୦ରୁ ୨୦୨୨ ମଧ୍ୟରେ ଭାରତରେ ୪୫ଜଣ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। 'ଫ୍ରି ସ୍ପିଚ୍ କଲେକ୍ଟିଭ୍'ର ରିପୋର୍ଟ କୁହେ ଯେ, ୨୦୨୦ରେ ଆମ ଦେଶରେ ୬୭ଜଣ ସାମ୍ବାଦିକଙ୍କ ବିରୁଦ୍ଧରେ ମକଦ୍ଦମା କରାଯାଇଛି। ଏହି ସବୁ ତଥ୍ୟ ଆମ ଦେଶରେ ଗଣମାଧ୍ୟମର ଦୟନୀୟ ପରିସ୍ଥିତିକୁ ବୟାନ କରୁଛି। ନିକଟ ଅତୀତରେ ଆମେ ଦେଖିଲେ ଯେ ବିବିସି ପରି ଗଣମାଧ୍ୟମ ଅନୁଷ୍ଠାନ କ୍ଷମତା କେନ୍ଦ୍ରର ଦୁର୍ବଳତାକୁ ପ୍ରକାଶ କରୁଥିବା ଏକ ବୃତ୍ତଚିତ୍ର ପାଇଁ କିପରି ଭାବେ ସରକାରୀ ଚଢ଼ାଉର ଶିକାର ହେଲା। ଏପରି କି ସେହି ବୃତ୍ତଚିତ୍ରକୁ ସାଧାରଣରେ ପ୍ରଦର୍ଶନକୁ ସରକାର ନିଷେଧ କରିଛନ୍ତି। ସେହିପରି ସରକାର ବିରୋଧୀ ମତ ପୋଷଣ କରୁଥିବା ଆମ୍ନେଷ୍ଟି ଇଣ୍ଟରନ୍ୟାସ୍‌ନାଲ ସଂସ୍ଥା ବି ସରକାରୀ ରୋଷର ଶିକାର ହୋଇ ୨୦୨୦ରୁ ବନ୍ଦ ହୋଇଯାଇଛି। ଏସବୁ ଘଟଣା ଗୋଟିଏ କଥା ପ୍ରମାଣ କରୁଛି, ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ସରକାରଙ୍କ ଗୁଣଗାନ କରିବାକୁ ହେବ ନଚେତ୍ ଚଢ଼ାଉକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ। ଗଣମାଧ୍ୟମର ସ୍ୱାଧୀନତା ଭାରତରେ ଏକ ପ୍ରହେଳିକାରେ ପରିଣତ ହୋଇଯାଇଛି। ସରକାର ପରୋକ୍ଷରେ କହୁଛନ୍ତି, ତୁମକୁ ସରକାରଙ୍କ ପାଖରେ ଆତ୍ମସମର୍ପଣ କରି ସରକାରଙ୍କ ମୁଖପାତ୍ର ବନିବାକୁ ପଡ଼ିବ। ସରକାରଙ୍କ ଦୋଷ ଦୁର୍ବଳତାକୁ ନିୟମିତ ଭାବେ ପ୍ରକାଶ କରି ତଥା ଲୋକମାନଙ୍କ ପ୍ରସଙ୍ଗକୁ ଉଜାଗର କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଏନ୍.ଡି. ଟିଭି ଅନୁଷ୍ଠାନକୁ ଆଦାନୀ ଗ୍ରୁପ୍ ଅଧିକାର କରିବା ପରେ ଏକଥା ସ୍ପଷ୍ଟ ହୋଇଗଲା ଯେ, ସରକାରଙ୍କୁ ସମାଲୋଚନା ଗ୍ରହଣୀୟ ନୁହେଁ। ଆଦାନୀ ଗ୍ରୁପ୍ ସହିତ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କ ସମ୍ବନ୍ଧ ସମ୍ପର୍କରେ କାହାକୁ ଅଛପା ନାହିଁ। ତା'ହେଲେ କ'ଣ ଏକଥା କହିବା ଠିକ୍ ହେବ ଯେ, ସରକାରଙ୍କୁ ସମାଲୋଚନା କରୁଥିବା ଚାନେଲ୍‌କୁ ତିଷ୍ଠିବାକୁ ଦିଆଯିବ ନାହିଁ! ତାକୁ ବରବାଦ୍ କରିଦିଆଯିବ ନ ହେଲେ ଶିଳ୍ପପତିଙ୍କ ଜରିଆରେ କିଣି ନେଇ ମୂକ କରିଦିଆଯିବ। ଏନ୍.ଡି. ଟିଭିର ପୂର୍ବତନ ସମ୍ପାଦକ ରବିଶ୍ କୁମାର ଠିକ୍ ଏଇ କଥା କହି ଚାନେଲ୍ ଛାଡ଼ି ନିଜ ମୁକ୍ତ ମତ ପୋଷଣ କରିବା ପାଇଁ ଏବେ ୟୁ-ଟ୍ୟୁବ୍‌ର ଆଶ୍ରା ନେଇଛନ୍ତି। କେବଳ ଏତିକି ନୁହେଁ, ସରକାର ବିରୋଧୀ ମତ ପୋଷଣ କରୁଥିବା ଅନେକ ସାମ୍ବାଦିକ ଏବେ ଜେଲରେ ଅଛନ୍ତି। ବିଚାର ବିଭାଗର ଯତ୍‌କିଞ୍ଚିତ୍ ପଦକ୍ଷେପ ପାଇଁ ଆମ ଦେଶରେ ସାମ୍ବାଦିକମାନେ କଥା କହିପାରୁଛନ୍ତି ନ ହେଲେ ଗଣମାଧ୍ୟମକୁ କବ୍‌ଜାରେ ରଖିବାକୁ କୌଣସି ରାସ୍ତା ବି ସରକାର ଛାଡ଼ୁନାହାନ୍ତି।

ଦ୍ରୁତଗତିରେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହେବାର କାରଣଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି ଗଣମାଧ୍ୟମର ମାଲିକାନା, ଗଣମାଧ୍ୟମ ସଂସ୍ଥାର ରାଜନୈତିକ ଦଳଗୁଡ଼ିକ ସହିତ ସମ୍ପର୍କ, ଗଣମାଧ୍ୟମ କ୍ଷେତ୍ରରେ ଏକାଧିକାର ଓ ସରକାରଙ୍କ ଚାପ। ସଂପ୍ରତି ଦେଖାଯାଉଛି ଯେ, ଏକାଧିକ ଗଣମାଧ୍ୟମ ସଂସ୍ଥା ଶିଳ୍ପପତିମାନଙ୍କ ନିୟନ୍ତ୍ରଣରେ ଓ ସେହି ଶିଳ୍ପପତିମାନେ ସରକାରୀ ଆଶୀର୍ବାଦ ପାଇଁ ଉହଳ ବିକଳ ହୋଇ ଗଣମାଧ୍ୟମକୁ ଗଣିକାମାଧ୍ୟମରେ ପରିଣତ କରୁଛନ୍ତି। ଆମ ଦେଶର ସିଂହଭାଗ ଗଣମାଧ୍ୟମ ଅନୁଷ୍ଠାନ ଅମ୍ବାନୀ କିମ୍ବା ଆଦାନୀଙ୍କ ଭଳି ଶିଳ୍ପପତିଙ୍କ କବଳରେ ଅଛି, ଯାହାଙ୍କ ଉଦ୍ଦେଶ୍ୟ ଗଣମାଧ୍ୟମକୁ ବ୍ୟବହାର କରି ତଥା ସରକାରଙ୍କ ଚାପ୍‌ଲୁସି କରି ନିଜର ପୁଞ୍ଜିକୁ ବୃଦ୍ଧି କରିବା। ଗଣମାଧ୍ୟମ ସେମାନଙ୍କ ପାଇଁ କେବଳ ଏକ ବ୍ୟବସାୟ। ଏତଦ୍‌ବ୍ୟତୀତ ଗଣମାଧ୍ୟମର ସ୍ୱାଧୀନତା ସରକାରଙ୍କ ପାଇଁ ଆଦୌ ବି ଏକ ପ୍ରସଙ୍ଗ ନୁହେଁ। ଓଲଟି ସରକାର ହିଁ ମୁଖ୍ୟତଃ ଗଣମାଧ୍ୟମର ସ୍ୱାଧୀନତାକୁ ସଙ୍କୁଚିତ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି।

ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ମୁକ୍ତ ଗଣମାଧ୍ୟମର ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମ ମୁକ୍ତ ତଥା ସ୍ୱାଧୀନ ନ ରହିଲେ ଗଣତନ୍ତ୍ର ଅଚିରେ ସ୍ୱେଚ୍ଛାଚାରିତାରେ ପରିଣତ ହୋଇଯିବ। ଗଣମାଧ୍ୟମର ସ୍ୱାଧୀନତାର ଅର୍ଥ ଗଣମାଧ୍ୟମ କ୍ଷେତ୍ରରେ ରାଷ୍ଟ୍ରର ଅତି କମ୍ ବା ଆଦୌ ବି ହସ୍ତକ୍ଷେପ ରହିବ ନାହିଁ। କିନ୍ତୁ ଆମ ଦେଶରେ ଠିକ୍ ଏହାର ଓଲଟା ହେଉଛି। ଛପା ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ସଂପ୍ରତି ସରକାର ସାମାଜିକ ଗଣମାଧ୍ୟମ ଓ ଓ.ଟି.ଟି. ପ୍ଲାଟ୍‌ଫର୍ମଗୁଡ଼ିକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ଆଇନ୍ ଆଣିବାକୁ ଯାଉଛନ୍ତି ; ଯାହା ଶେଷ ନିଃଶ୍ୱାସ ମାରୁଥିବା ଗଣମାଧ୍ୟମର କବରରେ ଶେଷ କଣ୍ଟା ପିଟିବା ପରି ହେବ। ଏହା ଭୁଲିଯିବା ଉଚିତ ନୁହେଁ ଯେ, ଗଣମାଧ୍ୟମର ସ୍ୱାଧୀନତା ଦ୍ୱାରା ହିଁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ନିଶ୍ଚିତ ହୋଇପାରିବ। ନଚେତ୍ ବିକାଶର ଧାରାରୁ ଅନେକ ଦୂରକୁ ସାଧାରଣ ଜନତା ଛିଟିକି ପଡ଼ିବେ। କେବଳ ଗଣମାଧ୍ୟମର ସ୍ୱାଧୀନତା ଦ୍ୱାରା ହିଁ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ସନ୍ତୁଳନ ରକ୍ଷା ହୋଇପାରିବ ଓ ଏହା ସମାଜକୁ ଏକ ସକାରାତ୍ମକ ଦିଗରେ ନେବାରେ ସକ୍ଷମ ହେବ। ଆମ ଦେଶର ସମ୍ବିଧାନର ଧାରା ୧୯-୧-ଏ.ରେ ସ୍ୱାଧୀନ ମତପୋଷଣକୁ ମାନ୍ୟତା ଦିଆଯାଇଛି, ଯାହା ଅଧୀନରେ ଗଣମାଧ୍ୟମର ସ୍ୱାଧୀନତା ତଥା ମୁକ୍ତ ମତ ପୋଷଣ ବି ଆସୁଛି। ଜାତିସଂଘ ଘୋଷଣା କରିଥିବା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍-୨୦୩୦ରେ ସାମ୍ବାଦିକମାନଙ୍କ ସୁରକ୍ଷା ବି ଏକ ଲକ୍ଷ୍ୟ ଅଛି ; ଯେଉଁଥିରେ ଭାରତ ସରକାର ସ୍ୱାକ୍ଷର କରିଛନ୍ତି। କିନ୍ତୁ ଏତେ ସବୁ ପରେ ଆମ ଦେଶରେ ସଂପ୍ରତି ଗଣମାଧ୍ୟମର ସ୍ୱାଧୀନତା ଅତ୍ୟନ୍ତ ସଙ୍କଟଜନକ ସ୍ଥିତିରେ ଅଛି, ଯାହା ଭାରତର ଗଣତନ୍ତ୍ରକୁ ପ୍ରତିଦିନ ଦୁର୍ବଳ କରିଚାଲୁଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ-୯୪୩୮୪୬୮୪୭୪

## ଖଣ୍ଡାର ତୀକ୍ଷ୍ଣ ଧାରରେ ଗଣମାଧ୍ୟମ




### ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

'ଗଣମାଧ୍ୟମ' ଏକ ଶବ୍ଦ ନୁହେଁ, ଏକ କର୍ତ୍ତବ୍ୟ । ଗଣମାଧ୍ୟମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ମଜଭୁତ କରିଥାଏ। ଏହାର ଭୂମିକା ଅତ୍ୟନ୍ତ ସୁଦୂରପ୍ରସାରୀ ଏବଂ ପ୍ରଭାବଶାଳୀ। ଗଣମାଧ୍ୟମର ସ୍ୱାଧୀନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସକାଶେ ପ୍ରତିବର୍ଷ ମେ' ୩ରେ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ। ଜାତିସଂଘର ଜନସୂଚନା ବିଭାଗ ୧୯୯୧ରେ 'ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ' ପାଳନ କରିବାକୁ ପ୍ରଥମେ ପ୍ରସ୍ତାବ ଦେଇଥିଲା। ୧୯୯୩ରେ ଏହି ଦିବସ ପାଳନ ପାଇଁ ଅନୁମୋଦନ ମିଳିଥିଲା । ଏହି ଅବସରରେ କଲମ୍ବିଆର ଖବରଦାତା ଗିଲିଏର୍ମୋ କାନୋ ଇସାଜାଙ୍କ ସମ୍ମାନାର୍ଥେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ଓ ସଂସ୍ଥାକୁ ଗିଲିଏର୍ମୋ କାନୋ ଇସାଜା ପୁରସ୍କାର ପ୍ରଦାନ କରାଯାଇଥାଏ। ୧୭ ଡିସେମ୍ବର ୧୯୮୬ରେ ବୋଗୋଟାସ୍ଥିତ ଖବରକାଗଜ ଏଲ୍ ଏସ୍‌ପେକ୍ଟାଡର କାର୍ଯ୍ୟାଳୟ ସମ୍ମୁଖରେ ନିଶା ବେପାରୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ତାଙ୍କୁ ସ୍ମରଣୀୟ କରିବା ଲାଗି ଉପରୋକ୍ତ ପୁରସ୍କାରର ନାମକରଣ କରାଯାଇଛି। କାନୋଙ୍କ ଲେଖା କଲମ୍ବିଆର ଶକ୍ତିଶାଳୀ ଡ୍ରଗ୍ସ ବ୍ୟବସାୟୀ ଗୋଷ୍ଠୀଙ୍କୁ ଅପମାନିତ କରିଥିଲା। ଫଳରେ ସେମାନେ ପ୍ରତିଶୋଧ ନେଇଥିଲେ।

ପ୍ରଗତିଶୀଳ ବିଶ୍ୱର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଅର୍ଥନୈତିକ ତଥା ବୈଜ୍ଞାନିକ ସ୍ଥିତି ସମ୍ପର୍କରେ ଜ୍ଞାନ ପ୍ରସାର ପାଇଁ ଗଣମାଧ୍ୟମ ହିଁ ସର୍ବଶ୍ରେଷ୍ଠ ଭୂମିକା ଗ୍ରହଣ କରିଥାଏ। ଖବରଦାତାଙ୍କ ନିଷ୍ଠା, ପ୍ରଚେଷ୍ଟା , ନିର୍ଭୀକତା, ନିରପେକ୍ଷତା ଓ ନ୍ୟାୟ ମନୋଭାବ ଦ୍ୱାରା ଗଣମାଧ୍ୟମର ଗୁରୁତ୍ୱ ବୃଦ୍ଧି ପାଇଥାଏ । ହେଲେ ଏହା ଖଣ୍ଡାର ତୀକ୍ଷ୍ଣ ଧାରରେ ପରିଚାଳିତ ହେଉଛି । ସତ୍ୟତାର ପରିବେଷଣ ବେଳେ ହିଂସା, ବର୍ବରୋଚିତକାଣ୍ଡ ଦ୍ୱାରା ଖବରଦାତାଙ୍କୁ ଶିକାର ହେବାକୁ ପଡୁଛି । ଗଣମାଧ୍ୟମ ଓ ଖବରଦାତାଙ୍କ ସୁରକ୍ଷାକୁ ନେଇ ଅନେକ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ଏହାର ସୁଫଳ ମିଳିପାରୁ ନାହିଁ।

ୟୁନେସ୍କୋ ପ୍ରତିବର୍ଷ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳନ ପୂର୍ବକ ଗଣମାଧ୍ୟମ ବୃତ୍ତିଧାରୀ, ପ୍ରେସ ସ୍ୱାଧୀନତା ସଂଗଠନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକୁ ଏକାଠି କରି ବିଶ୍ୱବ୍ୟାପୀ ପ୍ରେସ ସ୍ୱାଧୀନତାର ସ୍ଥିତିକୁ ଅନୁଧ୍ୟାନ କରିବା ଏବଂ ଆହ୍ୱାନର ସମାଧାନ ଉପରେ ଆଲୋଚନା କରିଥାଏ । ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପ୍ରତିବର୍ଷ ଏକ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ବର୍ଷର ବାର୍ତ୍ତା ହେଉଛି, 'ଶେପିଂ ଏ ଫ୍ୟୁଚର ଅଫ୍ ରାଇଟ୍ସ: ଫ୍ରିଡମ ଅଫ୍ ଏକ୍ସପ୍ରେସନ ଫର୍ ଅଲ୍ ଅଦର ହ୍ୟୁମାନ ରାଇଟ୍ସ (ଅଧିକାରର ଭବିଷ୍ୟତ ଗଠନ: ଅନ୍ୟ ସମସ୍ତ ମାନବ ଅଧିକାର ପାଇଁ ଅଭିବ୍ୟକ୍ତି ସ୍ୱାଧୀନତାର ପରିପ୍ରକାଶ)।

### ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାକୁ ସରକାରୀ ଉଦ୍ୟମ ବଢ଼ିଛି



ଭାରତରେ ଏକ ସ୍ୱାଧୀନ ଗଣମାଧ୍ୟମ ପାଇଁ ପରିସ୍ଥିତି ଅନୁକୂଳ ନୁହେଁ। ପୃଥିବୀରେ ପ୍ରତିବର୍ଷ ପ୍ରକାଶ ପାଉଥିବା ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ଲଗାତାର ଭାବେ ତଳେ ରହୁଛି। ଏଠାରେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଉଛି। ବିଶେଷକରି ସରକାରଙ୍କ ପକ୍ଷରୁ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଉଦ୍ୟମ ବଢ଼ିଛି। ସରକାରଙ୍କ ଭୁଲ୍ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି, ଭୁଲ୍‌କୁ ପର୍ଦ୍ଦାଫାଶ୍ କରୁଛନ୍ତି ବା ସରକାରଙ୍କ ନୀତି ବିରୋଧରେ ଭିନ୍ନ ମତ ରଖୁଥିବା ଗଣମାଧ୍ୟମ ଉପରେ ଅତ୍ୟାଚାର ହେଉଛି। ସେମାନଙ୍କ ଉପରେ ମିଛ କେସ୍ କରାଯାଉଛି ଏବଂ ତାଙ୍କୁ ଚାପିବାକୁ ଉଦ୍ୟମ ହେଉଛି। କେବଳ ସୋସିଆଲ୍ ମିଡିଆ କାରଣରୁ କେତେକ ଖବର ବା ତଥ୍ୟ ଲୋକଲୋଚନକୁ ଆସୁଛି। ଜାତୀୟ ସ୍ତରରେ ବଡ଼ ମିଡିଆ ଠାରୁ ନିର୍ଭୀକ ଏବଂ ସତ୍ୟ ଖବର ଲୋକମାନେ ଆଶା କରି ପାରୁ ନାହାନ୍ତି। କେବଳ ସ୍ଥାନୀୟ ଗଣମାଧ୍ୟମ କିଛି ଏହା କରୁଛି।

ଭାଲଚନ୍ଦ୍ର ଷଡ଼ଙ୍ଗୀ, ସ୍ତମ୍ଭକାର

### ଗଣମାଧ୍ୟମର କର୍ପୋରେଟାଇଜେଶନ ହେଉଛି



ପ୍ରେସ୍‌ର ସ୍ୱାଧୀନତା ଏବେ ଆପୋଷ ବୁଝାମଣାରେ ଚାଲିଛି। ଏହାର କଣ୍ଠରୋଧ ହେବାରେ ଲାଗିଛି, ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏବେ ପ୍ରେସ ବା ଗଣମାଧ୍ୟମର କର୍ପୋରେଟାଇଜେସନ ହେଉଛି। ସେମାନେ ଗଣମାଧ୍ୟମକୁ ନିଜ ହାତମୁଠାରେ ରଖି ନିଜର ଫାଇଦା ହାସଲ କରୁଛନ୍ତି। ଗଣମାଧ୍ୟମ ମଧ୍ୟ ସତକଥା ଲେଖିବାକୁ ବା କହିବାକୁ ସାହସ କରୁନାହିଁ। କହିଲେ ବିପଦ, ନ କହିଲେ ଠିକ୍ ଅଛି ଏହି ନ୍ୟାୟରେ ଚାଲିଛି। ଫଳରେ ସାଧାରଣଲୋକଙ୍କ ସ୍ୱାର୍ଥରେ ବ୍ୟାଘାତ ଘଟୁଛି ।

ପ୍ରଣତି ମହାନ୍ତି, ପୂର୍ବତନ ବାର୍ତ୍ତା ସମ୍ପାଦକ,
ଆକାଶବାଣୀ କଟକ

### ସରକାର ଯାହା କହୁଛନ୍ତି ତାହା ପ୍ରକାଶିତ ହେଉଛି



ପ୍ରେସ୍ ସ୍ୱାଧୀନତା କିଛି ନାହିଁ। କାରଣ ସରକାର ଯାହା କହୁଛନ୍ତି, ତାହାହିଁ ଖବରକାଗଜ ଏବଂ ଟେଲିଭିଜନରେ ପ୍ରସାରଣ ହେଉଛି। ସମ୍ବାଦିକତାର ନୀତି ହେଉଛି ସରକାରଙ୍କ ଶତ୍ରୁ ହେବନାହିଁ କି କାହାର ବନ୍ଧୁ ହେବନାହିଁ। ଗଣମାଧ୍ୟମର ମୂଳ ନିୟମ ହେଉଛି ସତ୍ୟ ଖବର ଲୋକଙ୍କ ପାଖରେ ପହଞ୍ଚାଇବା। ମାତ୍ର ଏହି ନିୟମକୁ ଅଣଦେଖା କରାଯାଉଛି। ଏହାଦ୍ୱାରା ସମାଜର ବହୁତ କିଛି ଘଟଣା ପରଦା ପଛରେ ଲୁଚି ଯାଉଛି ଏବଂ ଜନସାଧାରଣ ଜାଣି ପାରୁନାହାନ୍ତି। ଉଚିତ ଖବର ଲୋକଙ୍କ ପାଖରେ ପହଞ୍ଚିବା ଦ୍ୱାରା ସମାଜ ପାଖରେ ସକାରାତ୍ମକ ନିର୍ଯ୍ୟାସ ବାହାରେ। ଏହାହିଁ ସମ୍ପୃକ୍ତ କମ୍ୟୁନିଟି, ରାଜ୍ୟ ବା ଦେଶକୁ ଆଗକୁ ନେଇଥାଏ।

ରାଜାରାମ ଶତପଥୀ, ବରିଷ୍ଠ ସାମ୍ବାଦିକ

### ପ୍ରେସ୍ ସ୍ୱାଧୀନତା ସ୍ୱେଚ୍ଛାଚାରିତାରେ ପରିଣତ ନ ହେବା ଆବଶ୍ୟକ



ବର୍ତ୍ତମାନ ପ୍ରେସ୍ ଫ୍ରିଡମ୍ ବୋଲି କିଛି ନାହିଁ। ଅପରପକ୍ଷେ ପ୍ରେସ୍ ସ୍ୱାଧୀନତା ପ୍ରେସ୍ ସ୍ୱେଚ୍ଛାଚାରିତାରେ ପରିଣତ ନ ହେବା ଆବଶ୍ୟକ। ପୂର୍ବରୁ କେବଳ ମୁଦ୍ରଣ ଗଣମାଧ୍ୟମ ଥିଲା। ଏବେ ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧ୍ୟମ ଚାଲିଛି। ଏହାପରେ ଲୋକମାନେ ଆଗରୁ ଯେପରି ଖବରକାଗଜ ପାଠ କରୁଥିଲେ ତାହା କରୁ ନାହାନ୍ତି। ଟିଭି ଏବଂ ଏବେ ସାମାଜିକ ଗଣମାଧ୍ୟମକୁ ଲୋକମାନେ ବେଶୀ ଦେଖୁଛନ୍ତି। ମାତ୍ର ଅନେକ ସମୟରେ ଦେଖା ଯାଉଛି ଯେ, ସାମାଜିକ ଗଣମାଧ୍ୟମ ଲୋକଙ୍କ ଦୃଷ୍ଟି ନିଜ ଆଡକୁ ନେବା ପାଇଁ ମନଇଚ୍ଛା ଏପରିକି ଭୁଲ୍ ଖବର ପ୍ରସାରଣ କରୁଛନ୍ତି, ଯାହାକି ଲୋକଙ୍କୁ ମିସ୍‌ଗାଇଡ୍ କରୁଛି। ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାକୁ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ରହିଛି। ଅପରପକ୍ଷେ ଡିଜିଟାଲ୍ ମିଡିଆକୁ ଆୟତ୍ତ କରିବା ପାଇଁ କୌଣସି ଆଇନ୍ ହୋଇନାହିଁ। ଏଥିପାଇଁ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡସ୍ ରୁଲ୍‌ସ-୨୦୨୧ ନାମରେ ଏକ ଆଇନ୍ କେନ୍ଦ୍ର ସରକାର ଆଣିବାକୁ ଯାଉଛନ୍ତି। ଅପରପକ୍ଷେ ଖବର ସଂଗ୍ରହ ସମୟରେ ସାମ୍ବାଦିକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଗୁରୁ କଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ

## ନୀତି ରାଜନୀତି

### ଦେଶବ୍ୟାପୀ ଏନ୍‌ଆର୍‌ସି ସମୟର ଆବଶ୍ୟକତା: ବିଶ୍ୱଶର୍ମା

ବେଙ୍ଗାଲୁରୁ,୨।୫(ଆଇଏଏନ୍‌ଏସ୍)

ସରକାରୀ ଯୋଜନା ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ପାଖରେ ପହଞ୍ଚାଇବାକୁ ସୁନିଶ୍ଚିତ କରିବା ନିମନ୍ତେ ନାଗରିକମାନଙ୍କ ଜାତୀୟ ପଞ୍ଜିକା (ଏନ୍‌ଆର୍‌ସି) ସାରା ଦେଶରେ ଲାଗୁ ହେବା ଆବଶ୍ୟକ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର କହିଛନ୍ତି। କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ଥିବା ବିଶ୍ୱଶର୍ମା ସମାନ ନାଗରିକ ସଂହିତା (ୟୁସିସି) ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହା ଲିଙ୍ଗଗତ ସମାନତା ସମେତ ଦେଶର ମୁସଲମାନ ମହିଳାଙ୍କୁ ସମାନ ଅଧିକାର ସୁନିଶ୍ଚିତ କରିବ ବୋଲି ସେ ଦାବି କରିଛନ୍ତି। ବେଙ୍ଗାଲୁରୁର ମାଲ୍ଲେଶ୍ୱରମଠାରେ ଗଣମାଧ୍ୟମକୁ ସମ୍ବୋଧିତ କରି ଆସାମ ମୁଖ୍ୟମନ୍ତ୍ରୀ କହିଥିଲେ, ଦେଶ ସ୍ୱାଧୀନତାର ୭୫ ବର୍ଷ ସମ୍ପୂର୍ଣ୍ଣ କରି ଅମୃତ କାଳ ଦିଗରେ ଅଗ୍ରସର ହେଉଛି। ତଥାପି ଦେଶର ପ୍ରକୃତ ନାଗରିକ କିଏ ଆମେ ଜାଣିନାହେଁ। ଫଳରେ ସରକାରୀ ଯୋଜନା ପ୍ରକୃତ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଦେଶବ୍ୟାପୀ ଏନ୍‌ଆର୍‌ସି ଏବେ ସମୟର ଆବଶ୍ୟକତା ବୋଲି ବିଶ୍ୱଶର୍ମା କହିଛନ୍ତି।

### ୟେଦୁରପ୍ପାଙ୍କ ଆସନରୁ ପୁଅ ବିଜୟେନ୍ଦ୍ର ପ୍ରାର୍ଥୀ

ଶିକାରୀପୁରା ୨।୫

ମେ' ୧୦ରେ ହେବାକୁ ଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଲାଗି ପ୍ରଚାର ଜୋର୍‌ଦାର ହୋଇଛି। ଭାଜପାର ଗଡ଼ କୁହାଯାଉଥିବା ଶିବମୋଗା ଜିଲାର ଶିକାରୀପୁରା ଆସନରେ ଏଥର 'ସନ୍ ରାଇଜ' ବା ପୁତ୍ରୋଦୟ ହେବାକୁ ଯାଉଥିବା କୁହାଯାଉଛି। ଦଳର ରାଜ୍ୟ ଶାଖା ଉପାଧ୍ୟକ୍ଷ ବି.ୱାଇ. ବିଜୟେନ୍ଦ୍ର ନିର୍ବାଚନୀ ରାଜନୀତିରେ ପ୍ରବେଶ କରିଛନ୍ତି। ତାଙ୍କ ବାପା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଶିକାରୀପୁରା ଆସନ ଛାଡିଥିବାବେଳେ ସେଠାରେ ବିଜୟେନ୍ଦ୍ର ପ୍ରାର୍ଥୀ ହୋଇଛନ୍ତି।

### ସମ୍ବଲପୁରରେ ହିଂସା ହେଲେ ଭାଜପା ଦାୟୀ ରହିବ: ବିଜେଡି

#### ଉତ୍ତର ନ ଦେଇ ଉଠିଗଲେ ବିଧାୟିକା

ସମ୍ବଲପୁର,୨।୫(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ହିଂସା ଘଟଣା ଦୁର୍ଭାଗ୍ୟଜନକ। ଏହା ସମସ୍ତଙ୍କୁ ବ୍ୟଥିତ କରିଥିଲା। ପୋଲିସ ଓ ଜିଲା ପ୍ରଶାସନ ସହିତ ଜନସାଧାରଣଙ୍କ ସହଯୋଗରେ ସହରରେ ଶାନ୍ତି ଫେରିଆସିଛି। ଏହି ଘଟଣାରେ ପୋଲିସ ଅନେକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଛି। ହେଲେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇ ହୀନ ରାଜନୀତି କରୁଛି। ଯଦି ସମ୍ବଲପୁରରେ ପୁଣି ବିଶୃଙ୍ଖଳା ସୃଷ୍ଟି ହୁଏ ତା'ହେଲେ ରାଜ୍ୟ ଭାଜପା ଦାୟୀ ରହିବ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ମହିଳା ସଭାପତି ତଥା ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।




ସମ୍ବଲପୁର ବିଜେଡିର ଖବରଦାତା ସମ୍ମିଳନୀ ।

ସେ ଆହୁରି କହିଛନ୍ତି, ସମ୍ବଲପୁର ଶାନ୍ତି ଓ ଭାଇଚାରାର ସହର। ଅପ୍ରୀତିକର ଘଟଣା ପରେ ସବୁ ଧର୍ମର ପ୍ରୟାସ ଯୋଗୁ ଶାନ୍ତି ଫେରିଆସୁଛି। ଏହାକୁ ଆୟୁଧ ଭାବେ ଭାଜପା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ବ୍ୟବହାର କରୁଛି। କୋର୍ଟ, ତଦନ୍ତକାରୀ ସଂସ୍ଥା, ମାନବାଧିକାର କମିଶନ, ଏସ୍‌ଟି କମିଶନ ଉପରେ ସେମାନଙ୍କ ଭରସା ନାହିଁ ବୋଲି ଭାଜପା ପ୍ରମାଣ କରୁଛି। ଅପରପକ୍ଷେ ଦେଶର ଭାଜପା ଶାସିତ ରାଜ୍ୟଗୁଡ଼ିକରେ ନିୟମିତ ଭାବେ ଅଘଟଣ ଘଟୁଛି। କିନ୍ତୁ ସେଠାକୁ ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯାଉନାହିଁ। ଭାଜପାକୁ ଓଡ଼ିଶାବାସୀ ଉଚିତ୍ ଜବାବ ଦେଉଛନ୍ତି ଓ ଆଗକୁ ମଧ୍ୟ ଦେବେ ବୋଲି ନେତାମାନେ କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ବରିଷ୍ଠ ନେତା ନଳିନୀ କାନ୍ତ ପ୍ରଧାନ, ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ, ମୁଖପାତ୍ର ସଞ୍ଜୟ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ସ୍ନେହାଙ୍ଗିନୀ ବକ୍ତବ୍ୟ ଦେବା ପରେ ଖବରଦାତାମାନେ ତାଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ପୋଲିସ ଓ ପ୍ରଶାସନକୁ ସୁରକ୍ଷା ଦେବାକୁ ବିଜେଡି ଏଭଳି କରୁଛି କି, ପୋଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ପାଇଁ ଦାୟୀ କିଏ, ଆହତ ବିଶ୍ୱନାଥ ଶିଖା ଓ ମୃତ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାର ବର୍ଗଙ୍କୁ ପ୍ରଶାସନ ଓ ବିଜେଡି କର୍ମୀ ନିଜ ଅଧୀନରେ ରଖିବାକୁ ଯୋଜନା କରୁଛନ୍ତି ଭଳି ପ୍ରଶ୍ନ ପଚାରିଥିଲେ। ହେଲେ ବିଧାୟିକା ଛୁରିଆ ପ୍ରଶ୍ନର ଉତ୍ତର ନ ଦେଇ ଏଡାଇ ଚାଲିଯାଇଥିଲେ।

### ବିଜେଡିର ତୁଷ୍ଟୀକରଣ ନୀତି: ଭାଜପା ସଂସଦୀୟ କମିଟି

**ସମ୍ବଲପୁର ହିଂସା ଘଟଣା**

- ସିବିଆଇ ତଦନ୍ତ ହେଉ, ଏନ୍‌ଆଇଏ ସହଯୋଗ ନିଆଯିବ
- ପଶ୍ଚିମବଙ୍ଗ ଭଳି ଓଡ଼ିଶା ସରକାର

ସମ୍ବଲପୁର,୨।୫(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ଶୋଭାଯାତ୍ରା ସମୟରେ ପଥରମାଡ଼, ଆକ୍ରମଣ ସହ ଜେହାଦୀ ନାରା ଦିଆଯାଇଥିଲା, ଯାହାର ଭିଡିଓ ଭାଇରାଲ ହୋଇଥିଲା। ରାଜ୍ୟ ସରକାରଙ୍କ ତୁଷ୍ଟୀକରଣ ନୀତି ଯୋଗୁ ସହରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୂର୍ବ ଯୋଜନା ଥିବା ଓ ସୂଚନା ଥାଇ ମଧ୍ୟ ସରକାର ଦଙ୍ଗା ରୋକିବାରେ ବିଫଳ ହେଲେ। ଓଡ଼ିଶାରେ ବିଜେଡି ସରକାର ଅପରାଧ ନିୟନ୍ତ୍ରଣ କରିପାରୁନାହିଁ। ଉତ୍ତରପ୍ରଦେଶ ସରକାରଠାରୁ ତାଲିମ ନେବା ଆବଶ୍ୟକ। ସେଠାରେ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଉପରେ ବୁଲ୍‌ଡୋଜର ଚଳାଯାଉଛି। ଓଡ଼ିଶା ସରକାର ଏଠାରେ ଓଲଟା ସୁରକ୍ଷା ଦେଉଛନ୍ତି। ପଶ୍ଚିମବଙ୍ଗ ଭଳି ସରକାର ଓଡ଼ିଶାରେ ରହିଛି। ରାଜ୍ୟ ପୋଲିସ ଉପରେ ଭରସା କରିହେବ ନାହିଁ। ତେଣୁ ସିବିଆଇ ଦ୍ୱାରା ତଦନ୍ତ କରାଯାଉ। ଆବଶ୍ୟକ ପଡ଼ିଲେ ଏନ୍‌ଆଇଏର ମଧ୍ୟ ସହଯୋଗ ନିଆଯିବ ବୋଲି ମଙ୍ଗଳବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସିଥିବା ଭାଜପା ସଂସଦୀୟ କମିଟି ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।



ଭବାନିପାଲି ଗ୍ରାମରେ ଆହତଙ୍କ ସହ ଆଲୋଚନା କରୁଛନ୍ତି କମିଟି ସଦସ୍ୟ ।

ସଂସଦୀୟ କମିଟି ଅଧ୍ୟକ୍ଷ ଉତ୍ତରପ୍ରଦେଶ ରାଜ୍ୟ ସଭା ସଦସ୍ୟ ବ୍ରିଜ୍ ଲାଲ ଆହୁରି କହିଥିଲେ, ଶୋଭାଯାତ୍ରାରେ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଗଲା। ୟୁପିର ଅପରାଧୀ ଗୁଣ୍ଡୁ ମୁସଲିମ ଆସି ଓଡ଼ିଶାରେ ଆଶ୍ରୟ ନେଉଛି। ୟୁପି ଏସ୍‌ଟିଏଫ୍ ଏଠାକୁ ଆସି ଚଢ଼ାଉ କରୁଛି। ତେଣୁ ପୋଲିସ ବ୍ୟବସ୍ଥା ଢିଲା ହୋଇଛି। ଦଙ୍ଗା ଘଟଣାରେ ଆଦିବାସୀ ଯୁବକ ସ୍ୱର୍ଗତ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାରର କାହାକୁ ଭେଟିବାକୁ ଦିଆଯାଉ ନାହିଁ। ରାତିଅଧିଆ ତାଙ୍କ ମୃତଦେହକୁ ପରମ୍ପରା ପାଳନ ନ କରି ବ୍ୟବଚ୍ଛେଦ କରିଦିଆଗଲା। ଏବେ ମଧ୍ୟ ତାଙ୍କ ଘରେ ତାଲା ପକାଇ ଦିଆଯାଇଛି। ଯଦି ପ୍ରଶାସନ ପାଖରେ ଖବର ନାହିଁ, ତା'ହେଲେ ତାଙ୍କୁ କ୍ଷତିପୂରଣ ଟଙ୍କା କିଭଳି ଦିଆଯାଉଛି। ସତ୍ୟକୁ ଲୁଚାଇବା ପାଇଁ ସରକାର ଲାଗିପଡ଼ିଛନ୍ତି। ହେଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ। ଦଳ ବିଧାନସଭା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ସେ କହିଥିଲେ।

ସଂସଦୀୟ କମିଟି ସଦସ୍ୟମାନେ ପ୍ରଥମେ ବୁର୍ଲା ଥାନା ସାନସିଂହାରି ଗ୍ରାମର ମୃତକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ଘରକୁ ଯାଇଥିଲେ। ସେଠାରେ ପରିବାର ଅନୁପସ୍ଥିତ ଥିବାରୁ ପାଖ ପଡ଼ୋଶୀଙ୍କୁ ଭେଟି ଆଲୋଚନା କରିଥିଲେ। ପରେ ଯୁଯୁମୁରା ଥାନା ଭବାନୀପାଲି ଗ୍ରାମର ଆହତ ବିଶ୍ୱନାଥ ଶିଖା (କାଳିଆ)ଙ୍କୁ ଭେଟିଥିଲେ। ଶୋଭାଯାତ୍ରା ସମୟରେ ହୋଇଥିବା ଆକ୍ରମଣ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପରେ ସର୍କିଟ ହାଉସରେ ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ମହିଳାମାନଙ୍କୁ ଭେଟି ଆଲୋଚନା କରିଥିଲେ। ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାତୁଳା ଗଙ୍ଗାଧରଙ୍କୁ ନେଇ ଆଇଜି ଅଫିସରେ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନିଯୁକ୍ତ କରିଥିବା ଏହି କମିଟିରେ ଝାଡ଼ଖଣ୍ଡ ରାଜ୍ୟ ସଭା ସଦସ୍ୟ ସମୀର ଓରାଁଵ, ରାଜ୍ୟ ସଭା ସଦସ୍ୟ ଆଦିତ୍ୟ ସାହୁ, ପଶ୍ଚିମବଙ୍ଗ ପୁରୁଲିଆ ସାଂସଦ ଜ୍ୟୋତିର୍ମୟ ସିଂ ମହତୋ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରି ନାଏକ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଭୋଇ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝି ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମେ’ ୩/୨୦୨୩ | Bhubaneswar, Wednesday, May 3/2023 | ପୃଷ୍ଠା-୧



**ଶ୍ରୀଶଙ୍କରଙ୍କୁ ସ୍ୱର୍ଣ୍ଣ ପଦକ**
ଆମେରିକାର ଚୁଲା ଭିଷ୍ଟାଠାରେ ଅନୁଷ୍ଠିତ ଏମ୍‌ଭିଏ ହାଇପରଫର୍ମାନ୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।
୦୬

୦୪
**ମେ’ ୮ରୁ ‘ଟାଇଗର-୩’ର ଶୁଟିଂ ଆରମ୍ଭ**
ବଲିଉଡ୍ ଭାଇଜାନ୍ ସଲମାନ ଖାନ୍‌ଙ୍କ ଫିଲ୍ମ ‘ଟାଇଗର-୩’ର ଶୁଟିଂ ମେ’ ୮ରୁ ଆରମ୍ଭ ହେବାକୁ ଯାଉଛି।






# ଏକାଧିକ ପ୍ଲଟ୍ ଆବଣ୍ଟନ ଉପରେ ହାଇକୋର୍ଟଙ୍କ ରୋକ

**କଟକ ଅଫିସ,୨।୫**

ରାଜ୍ୟର ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏକାଧିକ ପ୍ଲଟ୍ ନେବା ଉପରେ ଓଡ଼ିଶା ହାଇକୋର୍ଟ ରୋକ ଲଗାଇଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କଠାରୁ ଏକାଧିକ ପ୍ଲଟ୍ ନେବା ନିମନ୍ତେ ଦାଏର ମାମଲାର ବିଚାର କରି ବିଚାରପତି ବିଶ୍ୱନାଥ ରଥ ଜଣେ ବ୍ୟକ୍ତି ଯେକୌଣସି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ଗୋଟିଏରୁ ଅଧିକ ପ୍ଲଟ୍ ନେଇପାରିବେ ନାହିଁ ବୋଲି ରାୟ ପ୍ରଦାନ କରିଛନ୍ତି। ଏହି ରାୟକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଡ୍‌ଭୋକେଟ୍ ଜେନେରାଲ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଜରିଆରେ ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିୟମାବଳୀ ପ୍ରବର୍ତ୍ତନ କରିବାକୁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି।

**ବିଡିଏରେ କର୍ମଚାରୀଙ୍କ ଇଚ୍ଛାଧୀନ କୋଟା ପ୍ଲଟ୍ ନେବା ମାମଲା**

- **ରାଜ୍ୟର ସବୁ ଉନ୍ନୟନ କର୍ତ୍ତୃପକ୍ଷ ନିୟମାବଳୀ ପ୍ରବର୍ତ୍ତନ କରିବାକୁ ନିର୍ଦ୍ଦେଶ**

ମାମଲାର ବିବରଣୀରୁ ପ୍ରକାଶ, ବିଡିଏର ଜଣେ ଅବସରପ୍ରାପ୍ତ କର୍ମଚାରୀ ସରୋଜକାନ୍ତ ମଲ୍ଲିକ ବିଡିଏରୁ କର୍ମଚାରୀ ଇଚ୍ଛାଧୀନ କୋଟା ସହିତ ଭିନ୍ନ ତରିକାରେ ୩ଟି ପ୍ଲଟ୍ ହାତେଇଥିଲେ। ସେ ବିଡିଏର ଜୁନିୟର ଆସିଷ୍ଟାଣ୍ଟ ଥିବାବେଳେ କଳିଙ୍ଗନଗର ପ୍ଲଟେଡ୍ ଡେଭେଲପମେଣ୍ଟ ଯୋଜନାରେ କର୍ମଚାରୀ ଇଚ୍ଛାଧୀନ କୋଟାରେ ୧୯୯୧ରେ ଏକ ପ୍ଲଟ୍ ନେଇଥିଲେ। ୧୯୯୯ରେ ସେ ଏହି ପ୍ଲଟ୍‌କୁ ବିଡିଏ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ଫରହଟ ନିଜାମି ନାମକ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ତାଙ୍କ ନାମରେ ବିଡିଏ ଅଞ୍ଚଳରେ କୌଣସି ଆବାସିକ ବା ବ୍ୟବସାୟିକ ପ୍ଲଟ୍ ନ ଥିବାରୁ ୨୦୦୦ରେ ସେ ଏକ ବ୍ୟବସାୟିକ ପ୍ଲଟ୍ ଡିଷ୍ଟ୍ରିକ୍ଟ ସେଣ୍ଟର ପ୍ଲଟେଡ୍ ଡେଭେଲପମେଣ୍ଟ ଯୋଜନାରେ ଚନ୍ଦ୍ରଶେଖରପୁରଠାରେ ବିଡିଏଠାରୁ ନେଇଥିଲେ। ତାଙ୍କର ରହିବା ପାଇଁ କୌଣସି ଆବାସିକ ପ୍ଲଟ୍ ନ ଥିବାରୁ ସେ କର୍ମଚାରୀ ☞ପୃଷ୍ଠା-୩

# ଆସିପାରେ ବାତ୍ୟା ‘ମୋଚା’

## ପ୍ରସ୍ତୁତ ରହିବାକୁ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା ‘ମୋଚା’କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଗୁଆ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଅପରାହ୍ଣରେ ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଗ୍ରୀଷ୍ମ ଋତୁର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ‘ଫନୀ’ ବାତ୍ୟାକୁ ମନେପକାଇ ପ୍ରଶାସନ ସବୁବେଳେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଗ୍ରୀଷ୍ମ ଋତୁରେ ଯେଉଁ ବାତ୍ୟା ଆସେ, ତା’ର ଆକଳନ କରିବା ବହୁତ ଜଟିଳ। ୨୦୧୯ରେ ଫନୀ ବାତ୍ୟା ଅଚାନକ ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ଆମ ପାଇଁ ସବୁ ଜୀବନ ମୂଲ୍ୟବାନ। ତେଣୁ ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସହିତ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଆଦି ଆଗୁଆ ପ୍ରସ୍ତୁତ ରହିବା ସହ ଉପକୂଳ ଓ ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ବାତ୍ୟା ସମ୍ପର୍କରେ ନିୟମିତ ସମୀକ୍ଷା କରିବା ସହିତ ସ୍ୱତନ୍ତ୍ର ରିଲିଫ୍ କମିଶନର ପରିସ୍ଥିତି ଉପରେ ନଜର ରଖି ସମସ୍ତ ବିଭାଗଗୁଡ଼ିକ ସହିତ ସମନ୍ୱୟ ରଖି କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୬ କିମ୍ବା ୭ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ୮ ତାରିଖରେ ଲଘୁଚାପରେ ପରିଣତ ହେବ। ଏହା ପରେ ଲଘୁଚାପ ଡିପ୍ରେସନ(ଅବପାତ) ଓ ଡିପ୍ ଡିପ୍ରେସନ(ଗଭୀର ଅବପାତ)ର ରୂପ ନେବ। ଆସନ୍ତା ୧୦ କିମ୍ବା ୧୧ ତାରିଖ ବେଳକୁ ଦକ୍ଷିଣ ଆଣ୍ଡାମାନ ଏବଂ ପୂର୍ବ ତାମିଲନାଡୁ ଉପକୂଳରେ ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ବିଭିନ୍ନ ପାଣିପାଗ ମଡେଲ ସୂଚନା ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା ୨୦୧୯ ମେ’ ୩ ତାରିଖରେ ହୋଇଥିବା ‘ଫନୀ’ ରୁଟ୍‌ରେ ଗତି କରିପାରେ। ଯଦି ଏହି ଆକଳନ ଠିକ୍ ହୁଏ ତେବେ ବାତ୍ୟା ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବ। ନଚେତ୍ ଏହା ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡେ ମୁହାଁଇପାରେ। ବାତ୍ୟାର ଗତିପଥ କୁଆଡ଼େ ହେବ ସେ ନେଇ ଏ ଯାଏ ସ୍ପଷ୍ଟ ସୂଚନା ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ୩/୪ ଦିନ ମଧ୍ୟରେ ଏ ନେଇ ସବୁ କିଛି ସ୍ପଷ୍ଟ ହେବ। ଯଦି ଏହି ବାତ୍ୟା ଆସେ ତା’ର ନାମ ‘ମୋଚା’ ରହିବ। ଏହାକୁ ୟେମେନ୍ ଦ୍ୱାରା ନାମକରଣ କରାଯାଇଛି।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ଗ୍ରୀଷ୍ମ ଋତୁ ବାତ୍ୟାର ପ୍ରଭାବ ବହୁତ ବେଶି ହୋଇଥାଏ। ଗତ କିଛିବର୍ଷ ଧରି ଆମେ ରାଜ୍ୟରେ ଜିରୋ କାଜୁଆଲ୍ଟି ନୀତି ଅବଲମ୍ବନ କରି ସଫଳତା ପାଇଛୁ। ଏ କ୍ଷେତ୍ରରେ ମଧ୍ୟ ନିୟମିତ ସମୀକ୍ଷା ଜାରି ରହିଛି। ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାୟ ୧୦୦୦ଟି ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ଅଛି। ଏହା ସହ ଅନ୍ୟ ସ୍କୁଲ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇଛି।

ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ଓ ଶକ୍ତି ବିଭାଗ ସଚିବ ସଞ୍ଜୟ ସିଂ, କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ ପ୍ରମୁଖ ନିଜ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ☞ପୃଷ୍ଠା-୩

**ସରକାରୀ ପ୍ରସ୍ତୁତି**

- **ମୁଖ୍ୟ ଶାସନ ସଚିବ ନିୟମିତ ବୈଠକ କରିବେ**
- **ଏସ୍‌ଆର୍‌ସି ପରିସ୍ଥିତି ଉପରେ ନଜର ରଖିବେ**
- **୧୭ ଏନ୍‌ଡିଆର୍‌ଏଫ୍, ୨୦ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ**

# ବଦଳିବ ଓଡ଼ିଶା ବୋଟ୍ ଅଧିନିୟମ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

- **୧୯ ବର୍ଷ ପରେ ଆସୁଛି କେନ୍ଦ୍ରୀୟ ଆଇନ ଢାଞ୍ଚାରେ ଅଧିନିୟମ**
- **ଚିଲିକାରେ ପରୀକ୍ଷାମୂଳକ ଭାବେ ଚାଲିବ ସୌରଚାଳିତ ବୋଟ୍**

ଓଡ଼ିଶା ବୋଟ୍ ଅଧିନିୟମ ୧୯ ବର୍ଷ ପରେ ବଦଳିବାକୁ ଯାଉଛି। କେନ୍ଦ୍ରୀୟ ଆଇନ ଢାଞ୍ଚାରେ ଏହା ନୂଆ ରୂପ ନେବ। ୨୦୦୪ରେ ପ୍ରଣୀତ ଓଡ଼ିଶା ରାଜ୍ୟ ବୋଟ୍ ଅଧିନିୟମ ୧୯ ବର୍ଷ ପରେ ବଦଳିବାକୁ ଯାଉଛି। ଜଳପଥ ଯାତ୍ରୀ ଏବଂ ମାଲ ପରିବହନ କ୍ଷେତ୍ରରେ ନିରାପତ୍ତା ସହ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ରଖିଥିବା ଏହି ଅଧିନିୟମ କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ଜଳପଥରେ ଉଭୟ ଯାତ୍ରୀ ଓ ପଣ୍ୟ କାରବାର ବୃଦ୍ଧି ଘଟିବ। ନୂଆ ଅଧିନିୟମ ଅନୁସାରେ ସାରା ରାଜ୍ୟରେ ଗୋଟିଏ ପ୍ରକାର ବୋଟ୍ ଚାଲିବ। ସମୁଦ୍ର, ନଦୀ ଏବଂ ହ୍ରଦରେ ଯାତ୍ରୀବାହୀ ବୋଟ୍ ଚାଲିବ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

ରାଜ୍ୟ ଅନ୍ତର୍ଦ୍ଦେଶୀୟ ନୌ-ପରିବହନ ଅଧିନିୟମ ଚିଠା ପ୍ରସ୍ତୁତ ପୂର୍ବରୁ ମଙ୍ଗଳବାର ସମସ୍ତ ଅଂଶୀଦାରଙ୍କୁ ନେଇ ଭୁବନେଶ୍ୱରଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ବିଭିନ୍ନ ମତାମତ ସଂଗ୍ରହ ସମେତ ଅଧିନିୟମର କାର୍ଯ୍ୟକାରିତା ନେଇ ବ୍ୟାପକ ଆଲୋଚନା ହୋଇଛି। ଏହି ଅବସରରେ ସଚିବ ପାଢ଼ୀ କହିଛନ୍ତି, ଅଂଶୀଦାରମାନଙ୍କ ମୂଲ୍ୟବାନ୍ ମତାମତ ସଂଗ୍ରହ ହେଉଛି କର୍ମଶାଳା ଅୟୋଜନର ମୂଳ ଉଦ୍ଦେଶ୍ୟ। ଏହା ଅଧିନିୟମ ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନରେ ସହାୟକ ହେବ। ଦେଶରେ ଏହି ଅଧିନିୟମ ଆଣିବାରେ ଓଡ଼ିଶା ପ୍ରଥମ ରାଜ୍ୟ ହେବ। ଆସନ୍ତା ୨ ମାସ ମଧ୍ୟରେ ଏହାକୁ ଲାଗୁ କରିବାକୁ ଯାଉଛୁ। ଆଇନଗତ ପ୍ରକ୍ରିୟା ଥିବାରୁ ସାମାନ୍ୟ ସମୟ ଲାଗିବ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତ ସରକାରଙ୍କ ଜାହାଜ ଚଳାଚଳ ମନ୍ତ୍ରଣାଳୟର ପୂର୍ବତନ ମହାନିର୍ଦ୍ଦେଶକ ପୂର୍ଣ୍ଣେନ୍ଦୁ ମିଶ୍ର କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ବହୁ ସୁନ୍ଦର ଓ ଉନ୍ନତମାନର ଜଳପଥ ପରିବହନ ବ୍ୟବସ୍ଥା ପ୍ରଚଳିତ ଥିବାବେଳେ ପ୍ରସ୍ତୁତ ହେବାକୁ ଯାଉଥିବା ଅଧିନିୟମରେ ☞ପୃଷ୍ଠା-୩

# ୫ ଜିଲାର ୪୪୯ ରୂପାନ୍ତରିତ ହାଇସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ





**ଭୁବନେଶ୍ୱର, ୨।୫(ବ୍ୟୁରୋ)**

୫-ଟି ସ୍କୁଲ ରୂପାନ୍ତର ଆମ ସ୍କୁଲର ପରିବେଶକୁ ସୁନ୍ଦର କରିବା ସହିତ ଆଧୁନିକ ଶିକ୍ଷାର ବ୍ୟବସ୍ଥା କରିଛି। ଏହା ଭିତରେ ସବୁଠାରୁ ଭଲ କଥା ହେଉଛି, ଝିଅମାନଙ୍କ ପାଇଁ ସ୍ୱଚ୍ଛ, ସୁନ୍ଦର ଓ ସ୍ୱତନ୍ତ୍ର ପାଇଖାନା ବ୍ୟବସ୍ଥା କରାଯାଇଛି। ଏହା ସ୍କୁଲ ପରିବେଶକୁ ସମସ୍ତଙ୍କ ପାଇଁ ବହୁତ ସହଜ କରିଛି ବୋଲି ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ଯୋଗଦେଇ କେତେଜଣ ଛାତ୍ରୀ କହିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ୩ୟ ଦିନରେ ମଙ୍ଗଳବାର ୫ଟି ଜିଲାର ୪୪୯ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି।

ଏଥିରେ ବାଲେଶ୍ୱର ଜିଲାର ୨୩୩ ହାଇସ୍କୁଲ, ନୟାଗଡ଼ ଜିଲାର ୬୪, ନୂଆପଡ଼ା ଜିଲାର ୫୮, ସୁନ୍ଦରଗଡ଼ ଜିଲାର ୪୯ ହାଇସ୍କୁଲ ଏବଂ ରାୟଗଡ଼ା ଜିଲାର ୪୫ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ୩ୟ ପର୍ଯ୍ୟାୟରେ ୩ଦିନରେ ସମୁଦାୟ ୧୧୩୪ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ, ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବାପରେ ରାଜ୍ୟରେ ସମୁଦାୟ ୬୧୩୨ ସ୍କୁଲ ରୂପାନ୍ତରିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ ଚାଲିଛି। ଜୀବନର ସବୁ କ୍ଷେତ୍ରକୁ ଟେକ୍ନୋଲୋଜି ପ୍ରଭାବିତ କରୁଛି। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆଧୁନିକ ଯୁଗରେ ସବୁ କ୍ଷେତ୍ରରେ ଆଗରେ ରହିପାରିବେ। ସେହିପରି ସମୟ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଦ୍ୱିତୀୟ ବିଷୟଟି ହେଉଛି ଟିମ୍‌ୱାର୍କ। ପିଲାମାନେ ମିଳିମିଶି କାମ କଲେ ସଫଳତାର ସମ୍ଭାବନା ବଢ଼ିବ। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ। ସେହିପରି ଜୀବନରେ ସାଧୁତା ହେଉଛି ଏକ ଜରୁରୀ ଆବଶ୍ୟକତା। ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଏ। ଏସବୁର ପ୍ରୟୋଗ ଦ୍ୱାରା ସେମାନଙ୍କ ଜୀବନରେ ☞ପୃଷ୍ଠା-୩

## ପଡ଼ିଆ ହେଉ କି ରାସ୍ତା, ଝଗଡ଼ା ଗ୍ରହଣୀୟ ନୁହେଁ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ଆଇପିଏଲ୍ ମ୍ୟାଚ୍ ସମୟରେ ସୋମବାର ଇଣ୍ଡିଆ ଟିମ୍‌ର ଦୁଇ ଖେଳାଳିଙ୍କ ମଧ୍ୟରେ ଦେଖାଦେଇଥିବା ବାକ୍‌ଯୁଦ୍ଧକୁ ନେଇ ଏବେ ଏହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା। ଭାରତୀୟ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ ତଥା ବ୍ୟାଟସ୍‌ମ୍ୟାନ ବିରାଟ କୋହଲି ଏବଂ ପୂର୍ବତନ ଖେଳାଳି ଗୌତମ ଗମ୍ଭୀରଙ୍କ ମଧ୍ୟରେ ପଡ଼ିଆ ମାଝିରେ ଯୁକ୍ତିତର୍କ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚା ଚାଲିବା ସହ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ପଡ଼ିଆ ଭିତରେ ଚାଲିଥିବା ଗଣ୍ଡଗୋଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ଉକ୍ତ ଫଟୋକୁ ଦେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଏକ ଟୁଇଟ୍‌କରି ଉଲ୍ଲେଖ କରିଛନ୍ତି, ଖେଳ ପଡ଼ିଆରେ ହେଉ ବା ରାସ୍ତାରେ ଝଗଡ଼ାକୁ କୌଣସି ମତେ ଗ୍ରହଣ କରାଯିବ ନାହିଁ। ସଡ଼କ ସୁରକ୍ଷା ଆଇପିଏଲ୍ ଖେଳ ପଡ଼ିଆ ଗଣ୍ଡଗୋଳରୁ ଏହା ଶିଖିଲା। ଯଦି କେହି ରାଗିକି ଗାଡ଼ି ଚଳାଉଛି ତାହାର ଅର୍ଥ ନୁହେଁ ତାକୁ ରାଗିକି ପ୍ରତିକ୍ରିୟା ଦେବା। ଶାନ୍ତ ରହି ସୁରକ୍ଷିତ ଗାଡ଼ି ଚଳାଇବାକୁ ଏସ୍‌ଟିଏ ଆହ୍ୱାନ କରିଛି।

**ଆଇପିଏଲ୍ ଉଦାହରଣ ଦେଇ ଏସ୍‌ଟିଏର ଟୁଇଟ୍**




# ବିବାହ ବନ୍ଧନରେ ସମ୍ବଲପୁର-ବଲାଙ୍ଗୀର ଜିଲାପାଳ

**ସମ୍ବଲପୁର/ବଲାଙ୍ଗୀର ଅଫିସ,୨।୫(ବ୍ୟୁରୋ)**

ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ବିବାହ ଗୁଆହାଟୀର ଏକ ହୋଟେଲରେ ସମ୍ପନ୍ନ ହୋଇଯାଇଛି। ବିବାହ ଉତ୍ସବର କେତେକ ଭିଡିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଦୁଇଦିନ ହେଲା ଘୂରିବୁଲୁଛି। ମେହେନ୍ଦି ସମୟରେ ଉଭୟ ଆଇଏଏସ୍ ଯୋଡ଼ି ନୃତ୍ୟ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଏହାସହ ବିବାହ ମୁହୂର୍ତ୍ତର କେତେକ ଦୃଶ୍ୟ ମଧ୍ୟ ମଙ୍ଗଳବାର ଭାଇରାଲ ହୋଇଛି। ଏଥିରେ ଉଭୟଙ୍କ ପରିବାର ଓ ପରିଜନ ଉପସ୍ଥିତ ଥିବା ଦେଖାଯାଇଛି। ପୂର୍ବରୁ ଫେବୃୟାରୀ ୨୦ରେ ବଲାଙ୍ଗୀର ଜିଲାପାଳ ରାଣା ଓ ସମ୍ବଲପୁର ଜିଲାପାଳ ଦାସଙ୍କ ନିର୍ବନ୍ଧ ହୋଇଥିଲା। ଏହି କାର୍ଯ୍ୟକ୍ରମ ସମ୍ବଲପୁର ଜିଲାପାଳଙ୍କ ସରକାରୀ ବାସଭବନରେ ଖୁବ୍ କମ୍‌ସଂଖ୍ୟକ ଶୁଭେଚ୍ଛୁଙ୍କ ଗହଣରେ ହୋଇଥିଲା।

ପ୍ରକାଶ ଯେ, ସମ୍ବଲପୁର ଜିଲାପାଳ ଥିବା ଅନନ୍ୟା ପୂର୍ବରୁ ଆଇଏଏସ୍ ଅଧିକାରୀ ଅବଦଲ ଅଖତରଙ୍କୁ ବିବାହ କରିଥିଲେ। ସେହିପରି ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ମଧ୍ୟ ଆଇଏଏସ୍ ଅଧିକାରିଣୀ ସ୍ୱଧାଦେବ ସିଂହଙ୍କୁ ବିବାହ କରିଥିଲେ। ଉଭୟ ଅନନ୍ୟା ଏବଂ ଚଞ୍ଚଳ ସେମାନଙ୍କ ପ୍ରଥମ ଜୀବନସାଥୀଙ୍କଠାରୁ ଅଲଗା ହୋଇ ଦ୍ୱିତୀୟ ବିବାହ କରିଛନ୍ତି। ଅନନ୍ୟା ୨୦୧୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହୋଇଥିବାବେଳେ ଚଞ୍ଚଳ ୨୦୧୪ ବ୍ୟାଚ୍ ଆଇଏଏସ୍ ଅଧିକାରୀ।



ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଓ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା।

# ମହିଳାଙ୍କୁ ୫.୫ କୋଟି ଠକେଇ ବ୍ୟବସାୟୀଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ଜଣେ ମହିଳାଙ୍କଠାରୁ ୫.୫ କୋଟି ଟଙ୍କା ଠକିନେବା ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାଜଧାନୀର ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ 'ଲୁମେକ୍ସ ରିସୋର୍ସେସ୍ ପ୍ରାଇଭେଟ୍ ଲିଃ'ର ନିର୍ଦ୍ଦେଶକ ରାଜୀବ ଲୋଚନ ଦାସ। ସୋମବାର ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରାଯାଇ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରାଜୀବଙ୍କ ସ୍ତ୍ରୀ ସୋନିଆ ତ୍ରିପାଠୀ ଓ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ତଦନ୍ତରୁ ଜାଣିବାକୁ ପାଇଛି। ଇଓଡବ୍ଲ୍ୟୁ ରାଜୀବଙ୍କଠାରୁ ଚୁକ୍ତିନାମା, ଇ-ମେଲ୍ ଡକ୍ୟୁମେଣ୍ଟ ଆଦି ଜବତ କରି ତଦନ୍ତ ଜାରି ରଖିଛି। ରାଜୀବଙ୍କ ନାମରେ ଭୁବନେଶ୍ୱରର ଏକାଧିକ ଥାନାରେ ଠକେଇ ମାମଲା ରହିଛି। ସୂଚନା ଅନୁଯାୟୀ, ୨୦୧୯ରେ ନିଶାରାଣୀ ମହାପାତ୍ରଙ୍କଠାରୁ ରାଜୀବ ଓ ଅନ୍ୟମାନେ ନକଲି ଦସ୍ତାବିଜ୍ ଦେଇ ୫.୫ କୋଟି ଟଙ୍କା ଋଣ ନେଇଥିଲେ। ଏଥିପାଇଁ ପ୍ରତି ମାସରେ ସେମାନେ ତାଙ୍କୁ ସୁଧ ଟଙ୍କା ଦେବା ପାଇଁ ଚୁକ୍ତିନାମା ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଟଙ୍କା ଦିଆଯାଇ ନ ଥିଲା। ଏନେଇ ନିଶାରାଣୀ

- **ସ୍ତ୍ରୀଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜା ଚାଲିଛି**
- **କୋର୍ଟଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ କରିଥିଲା ଇନ୍‌ଫୋସିଟି ଥାନା**
- **ମାମଲାର ଗୁରୁତ୍ୱ ଦୃଷ୍ଟିରୁ ତଦନ୍ତ ଭାର ନେଇଥିଲା ଇଓଡବ୍ଲ୍ୟୁ**

ଇନ୍‌ଫୋସିଟି ଥାନାରେ ଏତଲା ଦେଇଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ବିଳମ୍ବ କରିଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୧ ନଭେମ୍ବର ୧୪ରେ ପୋଲିସ ଏନେଇ ମାମଲା ରୁଜୁ କରିଥିଲା। ପରେ ଏହି ଠକେଇର ଗୁରୁତ୍ୱକୁ ଦେଖି ଇଓଡବ୍ଲ୍ୟୁ ମାର୍ଚ୍ଚ ୨୩ରେ ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ରାଜୀବ ଓ ତାଙ୍କ ସ୍ତ୍ରୀ ସୋନିଆ ଜମି ଦେବାକୁ କହି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ନେଇ ପୂର୍ବରୁ ୨୦୨୧ରେ ଏୟାରଫିଲ୍ଡ ଥାନାରେ ମାମଲା ରହିଛି। ରାଜୀବ ଜଣେ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ମାଧ୍ୟମରେ ଚାପ ପକାଇ ପୋଲିସ ଗିରଫଦାରିରୁ ବର୍ତ୍ତିଯାଉଥିଲେ ବୋଲି କୁହାଯାଉଛି। ଇଓଡବ୍ଲ୍ୟୁ ରାଜୀବଙ୍କୁ ଗିରଫ କରିବା ପରେ ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଜନା କରୁଛି।

# ଭଡ଼ାଘରେ ସେକ୍ସ ରାକେଟ୍

**ଢେଙ୍କାନାଳ ଅଫିସ, ୨।୫**

ଢେଙ୍କାନାଳ ସହର ଆନନ୍ଦନଗର କାଠଗଡ଼ା ଅଞ୍ଚଳର ଏକ ଭଡ଼ାଘରେ ଚାଲିଥିବା ସେକ୍ସ ରାକେଟ୍‌ର ରହସ୍ୟ ଉନ୍ମୋଚନ କରିଛି ଟାଉନ ଥାନା ପୋଲିସ। ଏହି ଘଟଣାରେ ରାଣୀ ମହୁମାଛିଙ୍କ ସମେତ ୪ ଜଣ ଗିରଫ ହୋଇଛନ୍ତି। ଉଦ୍ଧାର ବଙ୍ଗୀୟ ଯୁବତୀଙ୍କୁ ସ୍ୱାଧାରଗୃହକୁ ପଠାଇ ଦିଆଯାଇଛି। ମାସକର ବ୍ୟବଧାନରେ ଏହା ଦ୍ୱିତୀୟ ଘଟଣା ହୋଇଥିବାବେଳେ ଢେଙ୍କାନାଳ ସହର ଦେହ ଦଲାଲଙ୍କ ନୂଆ ଠିକଣା ପାଲଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ସଦର ଥାନା ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଅଞ୍ଚଳର ଜଣେ ୪୦ ବର୍ଷୀୟା ମହିଳା କାଠଗଡ଼ା ସହରାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ନିଜ ପୁଅର ପାଠପଢ଼ାରେ ସୁବିଧା ହେବ ବୋଲି ସେ ଢେଙ୍କାନାଳରେ ରହିବାକୁ ଯୋଜନା କରିଥିବା ଘର ମାଲିକଙ୍କୁ କହିଥିଲେ। ତେବେ ଦେଢ଼ମାସ ହେଲା କୋଲକାତାରୁ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟରେ ଲଗାଉଥିଲେ। ଗ୍ରାହକଙ୍କ ପିଛା ୨୦୦୦ରୁ ୩୦୦୦ ଟଙ୍କା ଆଦାୟ କରାଯାଉଥିଲା। ଦେହଜୀବୀଙ୍କୁ ଦୈନିକ ୫୦୦ରୁ ୧୦୦୦ ଟଙ୍କା ଦିଆଯାଉଥିଲା। ତେବେ ଭଡ଼ାଘରକୁ ବିଭିନ୍ନ ସମୟରେ ଲୋକଙ୍କ ଯିବା ଆସିବା ଲାଗି ରହୁଥିବାରୁ ଏହାକୁ ନେଇ ସନ୍ଦେହ ଉପୁଜିଥିଲା। ସୋମବାର ରାତି ପ୍ରାୟ ୧୦ଟାରେ ଉକ୍ତ ଭଡ଼ା ଘରେ ଦେହ ବ୍ୟବସାୟ ଚାଲିଥିବା ପୋଲିସର ମୋବାଇଲ ପାଟ୍ରୋଲିଂ ଟିମ୍ ସୂଚନା ପାଇ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ସେକ୍ସ ରାକେଟର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସମ୍ପୃକ୍ତା ମହିଳା, ଜଣେ ବଙ୍ଗୀୟ ଯୁବତୀ ଏବଂ ୩ ଯୁବକଙ୍କୁ ଧରି ପୋଲିସ ଥାନାକୁ ଆଣି ପଚରାଉଚରା କରିବା ପରେ ରହସ୍ୟ ଉନ୍ମୋଚିତ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଭୁବନ ଏନ୍‌ଏସି ୧୦ନଂ. ୱାର୍ଡ ଲକ୍ଷ୍ମୀଛକର ପବିତ୍ର ବାରିକ (୨୬), ଜଗନ ବାରିକ (୨୧) ଏବଂ ଭୁବନ ଏନ୍‌ଏସି ୮ନଂ. ୱାର୍ଡ ମୋଚିସାହିରେ ରହୁଥିବା ବିକ୍ରମ ପାତ୍ର (୨୬) ଅଛନ୍ତି। ଉକ୍ତ ଭଡ଼ାଘରୁ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତା ମହିଳା ଏବଂ ଅନ୍ୟ ୩ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ନଂ. ୨୮୭/୨୩ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ଏପ୍ରିଲ୍ ୯ରେ କାଲଟାକ୍ସ ଅଞ୍ଚଳରେ ଦେହ ବ୍ୟବସାୟ ଚାଲିଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ଦେହ ବ୍ୟବସାୟରେ ଲିପ୍ତ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇ ସ୍ୱଧାର ଗୃହକୁ ପଠାଯାଇଥିଲା। ଢେଙ୍କାନାଳ ସହରରେ ଦେହ ବ୍ୟବସାୟ ମାମଲା ବଢ଼ିବା ପୋଲିସର ଚିନ୍ତା ବଢ଼ାଇଛି। ଏହାକୁ ରୋକିବା ଏବଂ ଧରାପଡ଼ିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ସେକ୍ସ ରାକେଟ୍‌ରେ ସମ୍ପୃକ୍ତ ଅଭିଯୁକ୍ତମାନେ।

- **ଢେଙ୍କାନାଳରେ ମାସକରେ ଦ୍ୱିତୀୟ ଘଟଣା**
- **ରାଣୀ ମହୁମାଛି ସମେତ ୪ ଗିରଫ**
- **ସ୍ୱାଧାରଗୃହ ଗଲେ ବଙ୍ଗୀୟ ଯୁବତୀ**

# ବିଜେଡି କର୍ମୀଙ୍କୁ ଗୁଳିକରି ହତ୍ୟା

**ବଡ଼ବିଲ,୨।୫(ସ୍ୱ.ପ୍ର.)**

## ୩୬ ଘଣ୍ଟା ପରେ ମଧ୍ୟ ଅପରାଧୀଙ୍କ ଟେର୍ ପାଉନି ପୋଲିସ

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ସୋମବାର ପୂର୍ବାହ୍ନରେ ଜଣେ ବିଜେଡି କର୍ମୀଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସ୍ଥାନୀୟ ମନି ଟାୱାର ନିକଟରେ ଏହି ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମୃତ ବିଜେଡି କର୍ମୀ ହେଲେ ସୁନୀଲ ସିହ୍ନା ଓରଫ୍ ଭୋଲା। ଘଟଣାର ୩୬ ଘଣ୍ଟା ପରେ ମଧ୍ୟ ପୋଲିସ ଅପରାଧୀଙ୍କ ଟେର୍ ପାଇବାରେ ସକ୍ଷମ ହୋଇପାରିନାହିଁ। ସୂଚନା ଅନୁଯାୟୀ, ସୋମବାର ସକାଳ ୯ଟା ବେଳେ ଭୋଲା ନିଜ ସ୍କୁଟିରେ ମନି ଟାୱାର ନିକଟ ରାସ୍ତା ଦେଇ ଯାଉଥିବାବେଳେ ଜଣେ ଅଜଣା ବ୍ୟକ୍ତି ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଅତି ନିକଟରୁ ଗୁଳିକରି ଦୌଡି ଫେରାର ହୋଇଯାଇଥିଲେ। ଗୁଳିଟି ଭୋଲାଙ୍କ ଆଖି ନିକଟ ଦେଇ ପାର ହୋଇଯାଇଥିଲା। ସେ ସେହିଠାରେ ଟଳିପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବିଲ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ଗୁଳିର ଏକ ଖୋକା ଜବତ କରିଥିଲା। ପରେ କେନ୍ଦୁଝର ଜିଲା ମୁଖ୍ୟାଳୟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ପୂର୍ବଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଘଟଣା ପରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ ଲୋକେ ଭିଡ ଜମାଇବା ସହ ଚାପା ଉତ୍ତେଜନା ସୃଷ୍ଟି କରିଥିଲେ। ପୋଲିସ ଆଖପାଖରେ ଲାଗିଥିବା ବିଭିନ୍ନ ସିସି କ୍ୟାମେରାର ଫୁଟେଜକୁ ଯାଞ୍ଚ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିବା କହିଛି। ମୃତଦେହ ବ୍ୟବଚ୍ଛେଦ ପରେ ମଙ୍ଗଳବାର ପୂର୍ବାହ୍ନରେ ଭୋଲାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ବଲାଣୀ ରାସ୍ତାସ୍ଥିତ କାରୋନଦୀ କୂଳରେ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଅନ୍ତ୍ୟେଷ୍ଟିକ୍ରିୟାରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨ବର୍ଷ ତଳେ ବଡ଼ବିଲ ସେଣ୍ଟମେରି ସ୍କୁଲ ନିକଟରେ ଭୋଲାଙ୍କୁ ମରଣାନ୍ତକ ଆକ୍ରମଣ ଉଦ୍ୟମ ହୋଇଥିଲା। ଗତ ନଭେମ୍ବର ୨୮ ତାରିଖରେ ବଲାଣୀ ଥାନା ଲସର୍ଦା ଗ୍ରାମରେ ଦମ୍ପତିଙ୍କୁ ଗୁଳିକରି ହତ୍ୟା ଘଟଣା, ଏପ୍ରିଲ ୧୧ରେ ଦାମୁ ହଟିଂ ନିକଟରେ ଓଏମ୍‌ଡି କମ୍ପାନୀ କର୍ମଚାରୀଙ୍କୁ ହତ୍ୟା ଘଟଣା ଓ ପରେ ଭୋଲାଙ୍କୁ ଗୁଳିକରି ହତ୍ୟା ଘଟଣା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।


ବିଜେଡି କର୍ମୀ ସୁନୀଲ ସିହ୍ନା।

# ୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଭାଇ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ଗଞ୍ଜେଇ।

**ଢେଙ୍କାନାଳ ଅଫିସ, ୨।୫**

ଢେଙ୍କାନାଳ ଜିଲା ଭୁବନ ସହରରୁ ସୋମବାର ଏକ ଗଞ୍ଜେଇ ଚୋରାଚାଲାଣ ରାକେଟ୍ ଧରାପଡ଼ିଛି। ଏହି ଘଟଣାରେ ଗୁଜୁରୀହାଟ ଅଞ୍ଚଳର ସତ୍ୟାନନ୍ଦ ବେହେରା ଏବଂ ତାଙ୍କ ସାନଭାଇ ଅଜୟ ବେହେରା ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୨ କୁଇଣ୍ଟାଲ ୭ କେଜି ଗଞ୍ଜେଇ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏଥିପୂର୍ବରୁ ଗଞ୍ଜେଇ କାରବାର ମାମଲାରେ ୨୦୨୧ରେ ସତ୍ୟାନନ୍ଦ ଗିରଫ ହୋଇଥିଲେ। ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ, ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ, ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଭୁବନ ପୋଲିସ ସହାୟତାରେ ଏହି ଚଢ଼ାଉ ହୋଇଥିଲା। ସୌରଭ ମିଶ୍ର, ସଞ୍ଜୀବ ଶର୍ମା, ଲକ୍ଷେ ସାଧବ ପ୍ରଧାନ, ବିଶ୍ୱରଞ୍ଜନ ନାଥ, ପ୍ରଫୁଲ୍ଲ କୁମାର ସାମଲ, ପ୍ରେମାନନ୍ଦ ବେହେରା, ଗୋଲାପ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ସତ୍ୟାନନ୍ଦଙ୍କ ଘର ଭୁବନ ଏନ୍‌ଏସି ୭ନଂ. ୱାର୍ଡ ଗୁଜୁରୀହାଟ ଅଞ୍ଚଳରେ। ୩ନଂ. ୱାର୍ଡରେ ତାଙ୍କର ଏକ ଫର୍ନିଚର ୱାର୍କଶପ୍ ଥିବାବେଳେ କାଳୀବଜାରରେ ଦୋକାନ ରହିଛି। ସେ ଜିଲା ବାହାରୁ ଗଞ୍ଜେଇ ଆଣି ୱାର୍କଶପରେ ରଖୁଥିଲେ। ସେଠାରେ ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରୁଥିଲେ। ଏ ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏଥିରେ କେବଳ ସତ୍ୟାନନ୍ଦଙ୍କ ସମ୍ପୃକ୍ତି ଅଛି ନା ଅନ୍ୟମାନେ ମଧ୍ୟ ଜଡ଼ିତ ସେ ନେଇ ଖୋଳତାଡ଼ କରାଯାଉଥିବା ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ ସୂଚନା ଦେଇଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) ୧୩-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୨୮।୦୪।୨୦୨୩; ୦୩ ବର୍ଷ ଅବଧି ପାଇଁ ଚକ୍ରଧରପୁର ଡିଭିଜନରେ ୦୪ ଗୋଟି ଲିଫ୍ଟ (ଟାଟାନଗର- ୦୧ ଗୋଟି ଏବଂ ରାଉରକେଲା- ୦୩ ଗୋଟି)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା; ₹ ୨୮,୦୨,୬୬୦.୪୮; ₹ ୫୬,୧୦୦/- । (୨) ୧୪-ଇଏଲ୍-ଡବ୍ଲ୍ୟୁଟି-୨୦୨୩-୨୪, ତାରିଖ ୨୮।୦୪।୨୦୨୩; ଚକ୍ରଧରପୁର ଡିଭିଜନରେ ୦୩ ବର୍ଷ ପାଇଁ ୦୬ ଗୋଟି ଏସ୍କାଲେଟର (ଟାଟାନଗର- ୦୨ ଗୋଟି, ରାଉରକେଲା- ୦୨ ଗୋଟି ଏବଂ ଝାରସୁଗୁଡ଼ା-୦୨ ଗୋଟି)ର ବ୍ୟାପକ ରକ୍ଷଣାବେକ୍ଷଣ ଠିକା; ₹ ୪୩,୪୩,୩୫୧.୨୮; ₹ ୮୬,୯୦୦/- । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ଉଭୟ ପାଇଁ ଶୂନ୍ୟ । **ଟେଣ୍ଡର ସମାପ୍ତି/ଖୋଲାଯିବ:** ଉଭୟ ପାଇଁ ତା୨୨।୦୫।୨୦୨୩ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-110)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ଲାଗି କ୍ର.ସଂ. ୧ ପାଇଁ ଦୁଇ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ ସେବା ଇ-ଟେଣ୍ଡର ଏବଂ କ୍ର.ସଂ. ୨ ପାଇଁ ଏକ ପ୍ୟାକେଟ୍ ପ୍ରଣାଳୀ ଅଧୀନରେ କାର୍ଯ୍ୟ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଟେଣ୍ଡର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଯଥାକ୍ରମେ **କ୍ର.ସଂ. ଏବଂ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି/ବିଡ୍ ଅମାନତ:** (୧) ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୬, ତାରିଖ: ୦୧।୦୫।୨୦୨୩; ୩ ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ ଏସ୍‌ଏସ୍‌ଇ (ସିଆଣ୍ଡଡବ୍ଲ୍ୟୁ)/ଝାରସୁଗୁଡ଼ା ଅଧୀନରେ ସରଡେଗା ସାଇଡିଂଠାରେ ଅଣବୋଝେଇଯୋଗ୍ୟ ୱାଗନ୍‌ଗୁଡ଼ିକର ଅନ୍‌ଲାଇନ୍ ମରାମତି କାର୍ଯ୍ୟ; ₹୨,୬୨,୬୨,୨୬୧.୩୬; ₹୨,୮୧,୩୦୦/- । (୨) ଏମ୍‌ଇସିଏଚ୍‌ସିକେପି-୨୩-୨୪-୦୪, ତାରିଖ: ୦୧।୦୫।୨୦୨୩; କୋଚିଂ ଡିପୋ ରାଉରକେଲାର ୨୫୦ କେଭିଏ କ୍ୟାକ୍‌ସନ୍ ମେକ୍ (ଇଞ୍ଜିନ୍-କ୍ୟୁମିନ୍ସ୍) ଡିଜିର ମରାମତି; ₹୫,୧୮,୦୪୦.୪୮; ₹୧୦,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** କ୍ର.ସଂ. ୧ ପାଇଁ ₹୧୦,୦୦୦/- ଏବଂ କ୍ର.ସଂ. ୨ ପାଇଁ ଶୂନ୍ୟ । **ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ୨୩।୦୫।୨୦୨୩, ୧୫.୦୦ ଘଣ୍ଟିକା ଏବଂ କ୍ର.ସଂ. ୨ ପାଇଁ ୨୨।୦୫।୨୦୨୩, ୧୫.୦୦ ଘଣ୍ଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-114)**

**CLASSIFIED DISPLAY**
ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Government of Odisha "e" Procurement Notice**
**WORKS DEPARTMENT**
Bid Identification No. C.C.E.K.C.. Keonihar No. 02 / 2023-24
No.B-137: e-mail: ccekeonjharpwdcircle@gmail.com
sekcpwd_keonjhar@yahoo.com
Letter No. 1950 dt. 27.04.2023

| | | |
|---|---|---|
| 1. | No. of the work | : 2 number Road Works. |
| 2. | Estimated cost | : Rs. 943.74 Lakhs to Rs. 998.22 Lakhs |
| 3. | Class of Contractor | : "A" Class & "Special" Class |
| 4. | Period of completion | : 11 (Eleven) Calendar Months |
| 5 | Date and Time of availability of Bid document in the portal | : From 11.30 hours of 06.05.2023 to 16.00 hours of 22.05.2023 |
| 6 | Last date / Time for receipt of bids in the portal | : 16.00 hours of 22.05.2023 |
| 7 | Date of opening of Bid from Portal | : 11.30 hours on 23.05.2023 |
| 8 | Name and address of the officer inviting Bid | : Chief Construction Engineer, Keonjhar (R&B) Circle, Keonjhar-758001 |

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0007/2324

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**UNIT-V, POWER HOUSE SQUARE, BHUBANESWAR**
**Tel.- 0674-2394873, Fax- 0674-2391255**
**Email: eic-epcei@nic.in**

**ସୂଚନା**

**No. 2437** **Dated: 27.04.23**

**No. AA-04:-** ଏତଦ୍ୱାରା ଇଲେକ୍ଟ୍ରିକାଲ ଲାଇସେନ୍‌ସିଂ ବୋର୍ଡ, ଓଡ଼ିଶା ଦ୍ୱାରା କରାଯାଉଥିବା ସୁପରଭାଇଜର ସାର୍ଟିଫିକେଟ୍ ଅଫ କମ୍ପିଟେନ୍ସି ପରୀକ୍ଷା, ୨୦୨୨ (SCC Examination, 2022)ର ପରୀକ୍ଷାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି Computer Based Test (CBT) ପରୀକ୍ଷା ଭୁବନେଶ୍ୱରଠାରେ ୦୭.୦୫.୨୦୨୩ (ରବିବାର) ତାରିଖରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟାଳୟ ଦ୍ୱାରା SCC Examination, 2022 ପାଇଁ ଜାରି ହୋଇଥିବା Advertisement No.118 dated.25.03.2022 ର Detailed Advertisementରେ Sl. No. 3, Examination Pattern-Note (2)ରେ ସୂଚିତ ଥିବା କୌଣସି ପ୍ରଶ୍ନର ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଂକୁ ୦.୫ ବଦଳରେ ୦.୨୫କୁ ସଂଶୋଧନ କରାଯାଇଛି । ଯୋଗ୍ୟ ପରୀକ୍ଷାର୍ଥୀମାନେ ୱେବ୍‌ସାଇଟ୍ https://elbo.okcl.co.in କୁ ଯାଇ ନିଜର Admit Cardକୁ Download କରନ୍ତୁ ଏବଂ Admit Cardରେ ଉଲ୍ଲେଖ ଥିବା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ । Admit Card Downloadରେ ଅସୁବିଧାର ସମ୍ମୁଖୀନ ହେଲେ, ଦିଆଯାଇଥିବା Helpline No.0674-3520021 ରେ ଯୋଗାଯୋଗ କରନ୍ତୁ ।

ସ୍ୱା./- ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ)-ତଥା-
ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ, ଓଡ଼ିଶା
OIPR-04068/11/0003/2324

**Government of Odisha**
**Higher Education Department**
No.N-9

**Timeline for B.Ed., B.H.Ed., M.Ed. Entrance Test- 2023 & e-Admission for the year 2023-24 for Teacher Education Courses**

Timeline for B.Ed., B.H.Ed., M.Ed., e-Admission for the year 2023-24 & Entrance Test-2023 for Teacher Education Colleges under project 'Student Academic Management System (SAMS)' is given below. Any change in the timeline will be published in the newspapers as well as on the website **https://te.samsodisha.gov.in/** Information Brochure-2023 will be available in the said website. Kindly refer the Guideline before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website https://te.samsodisha.gov.in/ | 04.05.2023 (02.00 P.M.) |
| 2 | Last date for applying online CAF through https://te.samsodisha.gov.in/ | 14.05.2023 (11.45 P.M.) |
| 3 | Handing over the CAF details to SSB, Odisha by OCAC | 18.05.2023 |
| 4 | Availability of Hall Ticket in SSB website for downloading | 01.06.2023 to 11.06.2023 |
| 5 | Conduct of Entrance Test-2023 for M.Ed. | 10.06.2023 |
| 6 | Conduct of Entrance Test-2023 for B.Ed., B.H.Ed. | 11.06.2023 |
| 7 | Updation of Graduation / Equivalent marks by the applicant | 08.07.2023 (10.00 A.M.) to 16.07.2023 (11.45 P.M.) |
| 8 | Handing over the entrance marks to OCAC by SSB, Odisha | 15.07.2023 |

**For more details please contact: e-Admission Helpline (Toll-Free) Number 155335 / 1800-345-6770**

**N.B.:** 1. Candidates whose final U.G. results are awaited (not published) can also apply online in the Common Application Form (CAF) to appear in Entrance Test-2023. But they must upload their marks prior to preparation of the "Merit list" within the timeline.
2. Please note that these dates are subject to change and candidates are advised to keep checking the Key Dates of SAMS TE website for updates.

**Sd./- Deputy Director**
**PTC Section**
OIPR-11001/11/0002/2324

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमण्डल, धनबाद**

अल्पकालीन ई–प्रोक्योरमेंट सूचना

ई–निविदा (1st Call) निविदा सूचना सं0–RCD /DHANBAD/596/2023-24 दिनांक : 29.04.2023

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत "बिनोद बिहारी महतो कोयलांचल यूनिवर्सिटी का पहुँच पथ (लम्बाई–300 मी0) के निर्माण कार्य" (वित्तीय वर्ष 2023–24)। |
| 2. | प्राक्कलित राशि (रू0) | रू0 2,47,28,600/– |
| 3. | कार्य पूर्ण करने की अवधि | 3 (तीन) माह |
| 4. | ई–निविदा प्राप्त करने की अंतिम तिथि एवं समय | 26.05.2023 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 15.05.2023 के पूर्वाह्न 10.30 बजे से |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद
PR 296347 Road(23-24).D

**OFFICE OF THE ADDITIONAL CHIEF ENGINEER**
**P.H.CIRCLE, UNIT-V, BHUBANESWAR**
No.C-207: Phone No.:0674-2390145, Email ID: sephbbsr@gmail.com
Office Letter No.619 Dated 29.04.2023

To
The Deputy Secretary & Deputy Director
I.&P.R. Department (Adv.), Govt. of Odisha,
Bhubaneswar

Sub: Publication of Notice for cancellation of Registration Certificate of Contractor.

Sir,
Enclosed please find herewith the notice for publication in widely circulated leading Oriya daily for cancellation of Contractor Registration Certificate issued in favour of following contractor.

| Sl.No. | Name and Address | Regn. No. & Class | This Office order No. & Date |
|---|---|---|---|
| 1 | Sri Bipin Bihari Swain, S/o. Pira Swain, At-Bobua,Po-Dhanitri, Ps-Konark, Dist-Puri | Regd.No. 1203 of 2010-11 'C' Class | S.E.P.H. Circle, BBSR No.7699, Dt.07.12.2010 |
| 2 | Sri Debendra Kumar Biswal, S/o. Umakanta Biswal, At-Plot No.K8/726, Kalinga Nagar, Po-Ghatikia, Ps-Khandagiri, Dist-Khordha | CDMS Regd. No. 465DQ455 'C' Class (Valid upto 31.03.2023) | S.E.P.H. Circle, BBSR Dt.20.08.2020 |
| 3 | M/S BABA CONSTRUCTION, Prop.- Mohammed Imtiyaz Alli, S/o- Jamal Mohammed, At-Narsinghpur, Po/Ps-Pipili, Dist.-Puri | Regd.No.1529 of 2018-19 'C' Class | S.E.P.H. Circle, BBSR No.3180, Dt.26.06.2018 |

It is requested that, the notice may please be published at an early date & a complimentary copy of the newspaper may please be furnished to this office for reference.

OIPR-13235/11/0001/2324
**Sd./- Additional Chief Engineer (PH)**

# ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ

■ ଗତବର୍ଷ ଅପେକ୍ଷା ୧୨% ଅଧିକ ଟିକସ ଆଦାୟ
■ ଏପ୍ରିଲରେ ୧.୮୭ ଲକ୍ଷ କୋଟିରୁ ଅଧିକ ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୨।୫

ଦେଶର ଅର୍ଥନୀତିକୁ ସଶକ୍ତ କରାଇବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି। ଏହାର ପ୍ରତିଫଳନ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପ୍ରତିଫଳିତ ହେଉଛି। ଏପରିକି ଚଳିତ ଆର୍ଥିକ ବର୍ଷ (୨୦୨୩-୨୪ ବର୍ଷ)ର ପ୍ରଥମ ମାସରେ ରେକର୍ଡ ପରିମାଣର ଜିଏସ୍‌ଟି ସଂଗ୍ରହ ହୋଇଛି। ଏ ନେଇ ମଧ୍ୟ ନିକଟରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ଏପ୍ରିଲର ଜିଏସ୍‌ଟି ସଂଗ୍ରହ ସମ୍ପର୍କିତ ସମସ୍ତ ସୂଚନା ବିସ୍ତୃତ ଭାବେ ପ୍ରଦାନ କରାଯାଇଛି। ବିଶେଷକରି ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୮୭ (୧,୮୭,୦୩୫) ଲକ୍ଷ କୋଟି ଟଙ୍କାରୁ ଅଧିକ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୬୭,୫୪୦ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ଗତ ଆର୍ଥିକ ବର୍ଷ ଏପ୍ରିଲରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ଅପେକ୍ଷା ଚଳିତ ଆର୍ଥିକ ବର୍ଷର ଏପ୍ରିଲରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୨% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଏପ୍ରିଲରେ ସଂଗୃହୀତ ମୋଟ ଜିଏସଟି ରାଜସ୍ୱ ୧,୮୭,୦୩୫ ଲକ୍ଷ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୩୮,୪୪୦ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୪୭,୪୧୨ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସ୍‌ଟି ବାବଦରେ ୮୯,୧୫୮ କୋଟି (ସାମଗ୍ରୀ ଆମଦାନୀରେ ୩୪,୯୭୨ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୨,୦୨୫ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୯୦୧ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସ୍‌ଟିକୁ ୪୫,୮୬୪ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୩୭,୯୫୯ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଓଡ଼ିଶା ରାଜ୍ୟରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ପ୍ରାୟ ୫୦୩୬ (୫୦୩୫.୭୪) କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ବର୍ଷ ଏହି ସମୟ ମଧ୍ୟରେ ଟିକସ ଆଦାୟ ପରିମାଣ ୪୯୧୦ (୪୯୧୦.୨୩) କୋଟି ଟଙ୍କାରୁ ଅଧିକ ରହିଥିଲା, ଯାହା ଚଳିତ ବର୍ଷ ୧୨୫.୫୦ କୋଟି ବା ୩%ରୁ ଅଧିକ ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଟାଟା ଏଆଇଏ ଲାଇଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୫

ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଉତ୍ପାଦ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହାର ପ୍ରମୁଖ ଆନୁଇଟି ପ୍ଲାନ୍ 'ଟାଟା ଏଆଇଏ ଲାଇଫ୍ ଫର୍ଚୁନ୍ ଗ୍ୟାରେଟିଂ ପ୍ଲାନ୍‌ର ନୂଆ ଶକ୍ତିଶାଳୀ ଅପ୍‌ଗ୍ରେଡ୍ ଭର୍ସନକୁ ନିକଟରେ ଉନ୍ମୋଚିତ ହୋଇଯାଇଛି। ଫଳରେ ଆର୍ଥିକ ଭାବେ ସ୍ୱାଧୀନ ଏବଂ ନିଜ ଜୀବନର ସୁବର୍ଣ୍ଣ ବର୍ଷଗୁଡ଼ିକରେ ଚିନ୍ତାମୁକ୍ତ ଜୀବନଯାପନ ଚାହୁଁଥିବା ଗ୍ରାହକମାନଙ୍କ ଲାଗି ଏହା ଏକ ନିଶ୍ଚିତ ଉତ୍ପାଦରେ ପରିଣତ ହୋଇଛି। ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସର ସିଏଫ୍‌ଓ ସମିତ ଉପାଧ୍ୟାୟ କହିଛନ୍ତି, ଅବସର ପରବର୍ତ୍ତୀ ଖର୍ଚ୍ଚଗୁଡ଼ିକୁ ପରିଚାଳନା କରିବା ଲାଗି ଜୀବନବ୍ୟାପୀ ନିୟମିତ ଗ୍ୟାରେଣ୍ଟି ଆୟ ସହିତ ଟାଟା ଏଆଇଏ ଲାଇଫ୍ ଫର୍ଚୁନ୍ ଗ୍ୟାରେଣ୍ଟି ପେନ୍‌ସନ ପ୍ଲାନର ଶୁଭାରମ୍ଭ କରାଯାଇଛି।

## ପିଏନ୍‌ବିର ଶପିଙ୍ଗ ଫେଷ୍ଟିଭାଲ

ନୂଆଦିଲ୍ଲୀ,୨।୫

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି)ର ପିଏନ୍‌ବି ୱାନ୍ ଆପ୍ ଜରିଆରେ ଏକ ସ୍ୱତନ୍ତ୍ର ମେଳା 'ପିଏନବି ଶପିଙ୍ଗ ଫେଷ୍ଟିଭ ୱାନ୍'ର ଆୟୋଜନ କରାଯାଉଛି। ଏହି ମେଳା ୨୦୨୩ ମେ ୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ପିଏନବି ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ବ୍ୟାଙ୍କର ବ୍ୟାଙ୍କିଙ୍ଗ ଆପ 'ପିଏନବି ୱାନ'ର ପିଏନବି ସପି ଲିଙ୍କ ଜରିଆରେ ଉପଭୋକ୍ତାମାନେ ସାମିଲ ହୋଇପାରିବେ। ଏପରିକି ବ୍ୟାଙ୍କର ବ୍ୟାଙ୍କିଙ୍ଗ ଆପ୍ଲିକେଶନ 'ପିଏନବି ୱାନ୍' ଏବଂ ବ୍ୟାଙ୍କର ଇଣ୍ଟରନେଟ ବ୍ୟାଙ୍କିଙ୍ଗରେ ମଧ୍ୟ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ପିଏନବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମଡି ଆଣ୍ଡ ସିଇଓ) ଅତୁଲ କୁମାର ଗୋଏଲ କହିଥିଲେ, ଏକ ସପ୍ତାହବ୍ୟାପୀ ଏହି ଫେଷ୍ଟିଭାଲ ସମ୍ପର୍କରେ ଘୋଷଣା କରି ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କର ଡିଜିଟାଲ ପ୍ଲାଟଫର୍ମ ପିଏନବି ୱାନ ଜରିଆରେ ଇ-ମାର୍କେଟ ପ୍ଲସ ସେବାର ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେଉଛି। ସେହିଭଳି ବ୍ୟାଙ୍କର ସବୁ ବର୍ଗର ଗ୍ରାହକ ଦେଶର ୪୦୦ରୁ ଅଧିକ ବ୍ୟବସାୟ କ୍ଷେତ୍ର ସହ ଭିନ୍ନ ବ୍ୟବସାୟୀ ଓ ବ୍ୟବସାୟ କରିବାର ଲାଭ ଉଠାଇପାରିବେ। ଏପରିକି କାରବାର ଜରିଆରେ ଗ୍ରାହକ ଅତିରିକ୍ତ ସୁବିଧା ମଧ୍ୟ ପାଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି।

# ସିବିଓଆଇର ବାର୍ଷିକ ଫଳାଫଳ

ନୂଆଦିଲ୍ଲୀ,୨।୫

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କ ମୋଟ ୫୧.୩୮% ଅଭିବୃଦ୍ଧି ହାର ହାସଲକରି ୧୫୮୨ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିପାରିଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ଏହି ସମାନ ଅବଧି ସମୟ ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୧୦୪୫ କୋଟି ଟଙ୍କା ରହିଥିଲା। ଏପରିକି ବ୍ୟାଙ୍କର ସମୁଦାୟ ବ୍ୟବସାୟ ୮.୩୯% ଅଭିବୃଦ୍ଧି ହାରରେ ୫,୭୭,୦୭୫ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଅଗ୍ରିମ ହାର ୧୪.୭୯% ବୃଦ୍ଧି ପାଇ ୨,୧୭,୬୭୯ କୋଟିରେ ପହଞ୍ଚିପାରିଛି, ଯାହା ପୂର୍ବବର୍ଷ ଏହି ସମୟ ମଧ୍ୟରେ ୧,୮୯,୭୧୨ କୋଟି ରହିଥିଲା। ସେହିପରି ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୮.୪୪% କୁ ହ୍ରାସ ପାଇଥିବା ବେଳେ ନେଟ୍ ଏନ୍‌ପିଏ ୧.୭୭% କୁ ହ୍ରାସ ପାଇଛି। ଫଳରେ ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ ୯୨.୪୮% କୁ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କର ଡିଜିଟାଲ କାରବାର, ମୋବାଇଲ ବ୍ୟାଙ୍କିଙ୍ଗ୍, ଆଇଏମ୍‌ପିଏସ୍ ଏବଂ ୟୁପିଆଇ କାରବାର ଆଦିରେ ୩୭.୩୯ % ବୃଦ୍ଧି ଘଟିଛି।

# ଜାତୀୟ ପତାକା ସମାନତାର ପ୍ରତୀକ

ନୂଆଦିଲ୍ଲୀ,୨।୫



ଦେଶର ପ୍ରମୁଖ ସାମାଜିକ ଅନୁଷ୍ଠାନ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍‌ଏଫ୍‌ଓଆଇ) ପକ୍ଷରୁ ପୁଣେସ୍ଥିତ ଆର୍ମଡ ଫୋର୍ସେସ ମେଡିକାଲ କଲେଜ (ଏଏଫ୍‌ଏମ୍‌ସି) ପରିସରରେ ଏକ ୧୦୮ ଫୁଟର ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି। ବିଶେଷକରି ଦେଶର ଗର୍ବ ଏବଂ ସମ୍ମାନ ଭାରତୀୟ ଜାତୀୟ ପତାକା ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ସହ ତା'ର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏଫ୍‌ଏଫ୍‌ଓଆଇ ପ୍ରଚେଷ୍ଟା ଜାରି ରଖିଛି। ଏପରିକି ଏଏଫ୍‌ଏମ୍‌ସିର ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଫାଉଣ୍ଡେଶନର ଚେୟାରମ୍ୟାନ ନବୀନ ଜିନ୍ଦଲ ଉକ୍ତ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭରେ ତ୍ରିରଙ୍ଗା ଉତ୍ତୋଳନକରି ତାହାକୁ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭା ଓ ବିଶାଳ ସ୍ମାରକୀ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଏଏଫ୍‌ଏମ୍‌ସି ଡିଜି ଲ୍ୟୁଟ୍‌ନାଣ୍ଟ ଜେନେରାଲ ଦଲଜିତ ସିଂ, ଲ୍ୟୁଟ୍‌ନାଣ୍ଟ ଜେନେରାଲ(ଅବସାରପ୍ରାପ୍ତ) ଡି.ପି.ଭାଟ୍, ରାଜ୍ୟ ସଭା ସଦସ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନରେନ୍ଦ୍ର କୋଟ୍‌ୱାଲଙ୍କ ସମେତ ବହୁ ବରିଷ୍ଠ ସେନା ଅଧିକାରୀ ଓ ଅନ୍ୟମାନେ ଯୋଗଦେଇଥିଲେ।

ଏହି ଅବସରରେ ନବୀନ ଜିନ୍ଦଲ ଏଏଫ୍‌ଏମ୍‌ସିର ପ୍ଲାଟିନମ୍ ଜୁବିଲିରେ ଅଂଶଗ୍ରହଣ କରିଥିବାରୁ କୃତଜ୍ଞତା ଜଣାଇବା ସହ ଦେଶ ସେବାରେ ଏଏଫ୍‌ଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଖୁବ୍ ପ୍ରଶଂସା କରିଥିଲେ। ସେହିଭଳି ଜାତୀୟ ପତାକା ଦେଶର ନାଗରିକଙ୍କ ମଧ୍ୟରେ ଏକତା ଏବଂ ସମାନତାର ପ୍ରତୀକ ଆଣିଥାଏ ବୋଲି ନବୀନ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଜାତୀୟ ପତାକାର ମହତ୍ତ୍ୱକୁ ପ୍ରସାର କରିବା ଏବଂ ଦେଶର ଲୋକମାନଙ୍କ ମଧ୍ୟରେ ଏହା ପ୍ରତି ସମ୍ମାନ ସୃଷ୍ଟି କରିବା ପାଇଁ ଏଫ୍‌ଏଫ୍‌ଓଆଇ ପ୍ରତିଶ୍ରୁତିବଦ୍ଧ ରହିଛି। ଅପରପକ୍ଷରେ ରାଜ୍ୟ ସଭା ସଦସ୍ୟ ତଥା ଏଏଫ୍‌ଏମ୍‌ସିର ପୂର୍ବତନ ନିର୍ଦ୍ଦେଶକ ଲ୍ୟୁଟ୍‌ନାଣ୍ଟ ଜେନେରାଲ (ଅବସାରପ୍ରାପ୍ତ) ଡି. ପି. ଭାଟ୍ କହିଥିଲେ, ସମଗ୍ର ଦେଶରେ ବିଶାଳ ଜାତୀୟ ପତାକା ସ୍ଥାପନ ନିମନ୍ତେ ନବୀନ ଜିନ୍ଦଲ ନେତୃତାଧୀନ ଏଫ୍‌ଏଫ୍‌ଓଆଇକୁ ପ୍ରଶଂସା କରିଥିଲେ।

## ୟୁକୋ ବ୍ୟାଙ୍କର ୧୮୬୨ କୋଟିର ନେଟ୍ ଲାଭ

ନୂଆଦିଲ୍ଲୀ,୨।୫


ସୋମାଶଙ୍କର ପ୍ରସାଦ

ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋମାଶଙ୍କର ପ୍ରସାଦ ଭର୍ଚୁଆଲ ମୋଡ୍‌ରେ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ବ୍ୟାଙ୍କର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରିଛନ୍ତି। ଏପରିକି ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଦ୍ରୁତଭାବେ ଅଭିବୃଦ୍ଧି ଘଟୁଥିବା ବ୍ୟାଙ୍କଗୁଡ଼ିକ ମଧ୍ୟରୁ ୟୁକୋ ବ୍ୟାଙ୍କ ହେଉଛି ଅନ୍ୟତମ ଏବଂ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ନିଜର ଶୀର୍ଷତମ ସ୍ଥାନ ବଜାୟ ରଖିଛି। ବ୍ୟାଙ୍କ ୧୦୦% ହାରରେ ଐତିହାସିକ ଭାବେ ୧୮୬୨.୩୪ କୋଟି ଟଙ୍କାର ନେଟ୍ ଲାଭ କରିପାରିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୯୨୯.୭୬ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସମୁଦାୟ ବ୍ୟବସାୟ ପ୍ରଥମ ଥର ପାଇଁ ୪,୧୦,୯୬୭.୧୯ କୋଟି ଟଙ୍କାରେ ପହଞ୍ଚିଛି। ଏହା ପୂର୍ବ ବର୍ଷ ଏହି ସମୟରେ ୩,୫୩, ୮୫୦.୨୪ କୋଟି ଟଙ୍କା ଥିଲା। ବ୍ୟାଙ୍କର ଋଣ ବ୍ୟବସାୟ ୨୪.୫୪% ଅଭିବୃଦ୍ଧି ହାରରେ ୧, ୬୧, ୬୨୯. ୪୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୧,୨୯, ୭୭୭.୩୪ କୋଟି ଟଙ୍କା ଥିଲା। ସେହିଭଳି କର୍ପୋରେଟ୍ ଋଣ ୩୨% ବୃଦ୍ଧି ପାଇଛି। ଏନ୍‌ପିଏ ସ୍ଲିପେଜ ପ୍ରାୟ ୨୦୦୦ କୋଟି ଟଙ୍କା ରହିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ୧୩.୪୪% ବୃଦ୍ଧି ଘଟିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ନେଟ୍ ଇଣ୍ଟରେଷ୍ଟ ମାର୍ଜିନ ୨.୮୭% ବୃଦ୍ଧି ପାଇଛି। ବ୍ୟାଙ୍କ କାସା ଅଭିବୃଦ୍ଧି ଏବଂ ସୁଧ ହାର ଉପରେ ବିଶେଷ ଗୁରୁତ୍ୱ ଦେଇ ଏହି ଅଭିବୃଦ୍ଧି ପ୍ରକ୍ରିୟାକୁ ଜାରି ରଖିପାରିବ ବୋଲି ପ୍ରସାଦ ମତପ୍ରକାଶ କରିଛନ୍ତି।

ଫୁର୍‌ସତ୍

# ଜନଜାତିଙ୍କ ଅଜବ ନାମ



**ବେଙ୍ଗାଲୁରୁ:** ଭାରତ ସାର୍ବଭୌମ ରାଷ୍ଟ୍ର। ଏଠାରେ ଭିନ୍ନ ପ୍ରଜାତିର ଲୋକ ରହୁଥିବାରୁ ସେମାନଙ୍କ ପରମ୍ପରା ମଧ୍ୟ ଭିନ୍ନ ହୋଇଥାଏ। ଏହି ପରମ୍ପରା ପାଇଁ ମଧ୍ୟ ସେମାନେ ବେଶ୍ ଚର୍ଚ୍ଚାରେ ରହିଥାନ୍ତି। କର୍ଣାଟକରେ ଏପରି ଏକ ଜନଜାତି ବେଶ୍ ଚର୍ଚ୍ଚାରେ ରହିଛନ୍ତି। ରିପୋର୍ଟ ମୁତାବକ, କର୍ଣାଟକ ଭଦ୍ରପୁରରେ ରହୁଥିବା ହକ୍କି ପିକ୍କି ଜନଜାତି ବେଶ୍ ଭିନ୍ନ। ଏହାର କାରଣ ସେମାନଙ୍କ ପିଲାଙ୍କ ନାମ ବହୁତ ଭିନ୍ନ, ଯାହା ଶୁଣିବାକୁ ଅଜବ ଲାଗିବ। ତେବେ ପ୍ରସିଦ୍ଧ ନାମଗୁଡ଼ିକ ମଧ୍ୟରୁ ସେମାନଙ୍କ ନାମ ରଖାଯାଇଥାଏ। ଯେପରି ହାଇକୋର୍ଟ, ଗୁଗୁଲ, କଫି, ଶାହରୁଖ ଖାନ୍। ଏପରିକି ଅନେକଙ୍କ ନାମ ମିଠା(ମହେଶ୍ୱର), ଆମେରିକା, ଓବାମା, ବ୍ରିଟିଶ ମଧ୍ୟ ରଖାଯାଇଛି। ଏପରି ନାମକୁ ସମସ୍ତେ ମଜା ଭାବେ ନେଇଥାନ୍ତି। ହେଲେ ସେଠାରେ ସେପରି ନାମ ପଛରେ କିଛି କାହାଣୀ ରହିଥାଏ। ପୁରୁଣା କାଳରେ ପକ୍ଷୀ ଧରିବା ଏହି ଜନଜାତିଙ୍କ କାମ ଥିଲା। ତେବେ ସେମାନଙ୍କ ପାସ୍‌ପୋର୍ଟରେ ମଧ୍ୟ ସେପରି ହିଁ ନାମ ଲେଖାଥାଏ। ଏହି ଜନଜାତିରେ ବିବାହ ସମୟରେ ପୁଅ ଝିଅ ଘରକୁ ଯୌତୁକ ଦେଇଥାଏ। ଛାଡ଼ପତ୍ର ସମୟରେ ପୁଅ ଦେଇଥିବା ଯୌତୁକରୁ ଝିଅକୁ ଅଧା ଫେରାଇବାକୁ ପଡ଼ିଥାଏ। ରିପୋର୍ଟ ଅନୁସାରେ, ଏହି ଜନଜାତିର ୧୮୧ ଜଣ ଲୋକ ସୁଦାନରେ ଫସିରହିଛନ୍ତି। ଯେଉଁଠାରେ ଏବେ ଗୃହଯୁଦ୍ଧ ଲାଗିରହିଛି। ତେବେ ଏହି ଜନଜାତି କର୍ଣାଟକ ସମେତ ଗୁଜରାଟ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶରେ ଅଛନ୍ତି। ଏମାନେ ପ୍ରଥମେ ଶିକାର କରୁଥିଲେ। ପରେ ଯେତେବେଳେ ଶିକାର ପାଇଁ ବାରଣ କରାଗଲା ସେବେଠାରୁ ସେମାନେ ଆୟୁର୍ବେଦିକ ସାମଗ୍ରୀ ବିକ୍ରି କରିବାକୁ ଲାଗିଲେ।

## ୮ରୁ 'ଟାଇଗର-୩'ର ଶୁଟିଂ


ସଲମାନ୍ ଖାନ୍

ମୁମ୍ବାଇ

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଏବଂ ସଲମାନ୍ ଖାନ୍‌ଙ୍କୁ ଲୋକେ ଏକାଠି ଦେଖିବାକୁ ସବୁବେଳେ ଇଚ୍ଛା କରିଥାନ୍ତି। ଯାହାର ଏବେ ଅନ୍ତ ଘଟିବାକୁ ଯାଉଛି। ଦୁହିଁଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ର ଶୁଟିଂ ମେ' ୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଆଦିତ୍ୟ ଚୋପ୍ରାଙ୍କ ସ୍ପାଇ ୟୁନିଭର୍ସ ପାଇଁ ଦୁହେଁ ପୁଣି ଏକାଠି ହୋଇଛନ୍ତି। ରିପୋର୍ଟ ମୁତାବକ, ସିନେମାର କିଛି ସିକ୍ୱିଲରେ ଦୁହିଁଙ୍କ ଆକ୍ସନ ଦେଖିବାକୁ ମିଳିବ। ମନୀଷ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ 'ଟାଇଗର-୩' ଆସନ୍ତା ଦୀପାବଳିରେ ହିନ୍ଦୀ, ତେଲୁଗୁ, ତାମିଲ୍ ଆଦି ୩ଟି ଭାଷାରେ ପରଦାକୁ ଆସିବ। ଏଥିରେ ଇମ୍ରାନ ହାସମୀଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ। ଏଥିସହ ଚଳଚ୍ଚିତ୍ରରେ କାଟ୍ରିନା କୈଫ, ହ୍ରିତିକ ରୋଶନ, ବିଶାଲ ଜେଠୱା, ଅଭିନୟ ରାଜ ସିଂ, ଅନନ୍ତ ବିଧତ୍ ଶର୍ମା ପ୍ରମୁଖ ଭିନ୍ନ ଚରିତ୍ରରେ ନଜରକୁ ଆସିବେ। ନିକଟରେ ଶାହରୁଖଙ୍କ ଫିଲ୍ମ 'ପଠାନ୍' ପରଦାକୁ ଆସିଥିଲା। ଏଥିରେ ଶାହରୁଖ୍‌ଙ୍କ ସହ ସଲମାନଙ୍କୁ କିଛି ସିକ୍ୱିଲରେ ଏକାଠି ଦେଖିବାକୁ ମିଳିଥିଲା। ଯାହା ଲୋକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ସେହି ସିନେମା ରେକର୍ଡ କରିଥିଲା।

# ପ୍ରେମିକଙ୍କୁ ବଞ୍ଚାଇ ମହିଳା ପୋଲିସଙ୍କ ଚାକିରି ଗଲା



ୱାଶିଂଟନ: କୁହାଯାଏ ପ୍ରେମ ଅନ୍ଧ ହୋଇଥାଏ। କାହାକୁ, କେଉଁଠାରେ, କୌଣସି ସମୟରେ, କୌଣସି ବ୍ୟକ୍ତିଙ୍କୁ ବି ହୋଇପାରେ। ହେଲେ ଚୋର ଏବଂ ପୋଲିସ ଭିତରେ ପ୍ରେମ ସମ୍ପର୍କ ତାହା ଶୁଣିବାକୁ ଟିକେ ଅଜବ ଲାଗିପାରେ। ଏପରି ଘଟଣା ଦେଖିବାକୁ ମିଳିଛି ଆମେରିକାର ନ୍ୟୁୟର୍କ ସିଟିରେ। ରିପୋର୍ଟ ମୁତାବକ, ନ୍ୟୁୟର୍କ ସିଟିର ପୋଲିସ ଅଧିକାରୀ ଆଲିଶା ବଜ୍ରକତାରେଭିକ୍ ୩୩ ବର୍ଷୀୟ ଡ୍ରଗ୍ ଡିଲର ବୟଫ୍ରେଣ୍ଡକୁ ବଞ୍ଚାଇବାକୁ ଯାଇ ନିଜ ଚାକିରିରୁ ବିଦାୟ ନେବାକୁ ପଡିଛି। ଦୁହିଁଙ୍କ ସାକ୍ଷାତ ଜିମ୍‌ରେ ହୋଇଥିଲା। ବହୁ ସମୟରୁ ଦୁହେଁ ଦୁହିଁଙ୍କୁ ଡେଟ୍ କରୁଥିଲେ। ତାଙ୍କ ବୟଫ୍ରେଣ୍ଡ ଡ୍ରଗ୍ ଡିଲରଙ୍କ ସହ ସାମିଲ ଥିବାରୁ ତାଙ୍କୁ ଧରିବାରେ ସାହାଯ୍ୟ କରିବାକୁ ଆଲିଶାଙ୍କୁ ତାଙ୍କ ଉପର ଅଧିକାରୀଙ୍କଠାରୁ ଅର୍ଡର ମିଳିଥିଲା। ହେଲେ ଏହାକୁ ଆଲିଶା ପ୍ରତ୍ୟାଖ୍ୟାନ କରିଥିଲେ। ପରେ ତାଙ୍କ ବୟଫ୍ରେଣ୍ଡ ପୋଲିସ କବ୍‌ଜାରେ ଧରାପଡିବାବେଳେ ଆଲିଶା ତାଙ୍କୁ ସେଠାରୁ ଖସି ଯିବାରେ ସାହାଯ୍ୟ କରିଥିଲେ। ଫଳରେ ଏବେ ତାଙ୍କୁ ତାଙ୍କ ଚାକିରିରୁ ବିଦା ହେବାକୁ ପଡିଛି। ଆଲିଶାଙ୍କ କହିବା କଥା, ତାଙ୍କ ବୟଫ୍ରେଣ୍ଡ ଡ୍ରଗ୍ ଡିଲର ନୁହନ୍ତି। ପୋଲିସର ଏହାକୁ ନେଇ କିଛି ଭୁଲ ବୁଝାମଣା ରହିଛି।

# ୪ ଲକ୍ଷ ଟଙ୍କିଆ ଛୁରୀ



ବର୍ଲିନ

କୌଣସି ଜିନିଷର ମୂଲ୍ୟ ତା' କାରୁକାର୍ଯ୍ୟ ବା ଗଢଣ ଉପରେ ନିର୍ଭର କରିଥାଏ। ଏଠାରେ ଏପରି ଏକ ଛୁରି ଦେଖିବାକୁ ମିଳିଛି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା। ଜର୍ମାନୀରେ ମିଳୁଥିବା ଏହି ଛୁରିକୁ ଦମିଷ୍କ କୁହାଯାଏ। ଏହାକୁ ତିଆରି କରିବା ପଛରେ ଏକ ପରମ୍ପରା ରହିଛି, ଯାହା ଲୋକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଏହାର ମୂଲ୍ୟ ୫ହଜାର ଡଲାର ଅର୍ଥାତ୍ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ। ଏହା ଜର୍ମାନୀର ସବୁଠାରୁ ପୁରୁଣା ଛୁରି ଭାବେ ଗଣାଯାଏ। ଛୁରି ତିଆରି କରିଥିବା କାରିଗରଙ୍କ କହିବା ମୁତାବକ, ଏହି ଛୁରି ବହୁ ବର୍ଷ ପର୍ଯ୍ୟନ୍ତ ଚାଲିପାରିବ। ଛୁରିକୁ ପ୍ରସ୍ତୁତ କରିବାକୁ ୨ରୁ ୩ ଦିନ ସମୟ ଲାଗିଥିବାବେଳେ ଏଥିରେ ବ୍ୟବହୃତ ହୋଇଥିବା ବିଭିନ୍ନ କିସମର କଣ୍ଟା ବହୁତ ମୂଲ୍ୟବାନ। ଏହାକୁ ତିଆରି ପାଇଁ ୧୨୦୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଆବଶ୍ୟକ ପଡ଼ିଥିଲା। ଛୁରିରେ ଷ୍ଟିଲ୍‌ର ୩୬୦ ପରସ୍ତ ରହିଛି। ଏହି ଛୁରି ପ୍ରସ୍ତୁତ ପ୍ରଣାଳୀ ବହୁ ହଜାର ବର୍ଷ ପୁରୁଣା। ମଧ୍ୟକାଳରେ ଏହାର ବ୍ୟବହାର ହେଉଥିଲା। ଏହି ଛୁରିକୁ ସିରିଆର ଦମିଷ୍କ ସହରରେ ରଖାଯାଇଛି। ୧୪ଶହ ଶତାବ୍ଦୀରେ ଛୁରିର ବ୍ୟବହାର ବହୁଳ ମାତ୍ରାରେ ହେଉଥିଲା। ଏହାର ଦଣ୍ଡକୁ କାଠ, ହାଡ଼ କିମ୍ବା ହାତୀ ଦାନ୍ତରେ ତିଆରି କରାଯାଏ। ହେଲେ ହାତୀ ଦାନ୍ତ ପାଇଁ ହାତୀଙ୍କୁ ମାରିବାକୁ ପଡି ନ ଥାଏ। ପ୍ରାଚୀନ କାଳରେ ହାତୀ ଦାନ୍ତର ବ୍ୟବହାର କରାଯାଇଥାଏ।

# କୁକୁଡ଼ା-ବତକ ପାଳନ



କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଯିବା ଆସିବାର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ରୁ ୩ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ। ଦାନାକୁ ଯଥାସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

# ଅଂଶୁଘାତ ସତର୍କତା



ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ। ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ। ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଇ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦-୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ। ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଇ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ଦାନାକୁ ଯଥାସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ ।

# ନଳିତା ଚାଷରେ ଘାସ ହୋଇଥିଲେ...



ଏପ୍ରିଲ୍ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ। ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଡାଲୁଅ ଧାନ ଅମଳ ସମୟରେ...



ଡାଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ୍ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ । କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି :** ମୁଗ ଓ ବିରି ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ରାଶି :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖିଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ :** ସୂର୍ଯ୍ୟମୁଖୀ ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

## ଏ ମାସର କୃଷି ସୂଚନା

**ମସଲା ଜାତୀୟ ଫସଲ :** ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ୍। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ । ଅଦା ଓ ହଳଦୀର ଲଗାଇବା ସମୟରେ ଏକମିଟର ଚଉଡ଼ା ଓ ୨୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ। ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

**ଖରାଟିଆ ଚାଷ :** ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ। ମାଟି ପରୀକ୍ଷା କରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ । ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମଇ ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩

# ଛେଳି-ମେଣ୍ଢାଙ୍କ ପାଳନ

ବର୍ତ୍ତମାନ ଖରା ଦିନ। ତେଣୁ ଛେଳି, ମେଣ୍ଢାଙ୍କର ଯତ୍ନ ନିଅନ୍ତୁ। ସେମାନଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।



# ଚାଷୀଙ୍କ ପାଇଁ...



- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଚିନାବାଦାମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶୁଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

# ଆଖୁରେ ଜଳସେଚନ



ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୁସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ । ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ ।

# ପରିବାରେ ରୋଗପୋକ ନିୟନ୍ତ୍ରଣ



ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

# ଖରାଟିଆ ମୁଗ ଚାଷ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଷ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ୱା ଓ ହୃଷ୍ଟପୁଷ୍ଟ ହୁଏ ।



# କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ବିଜୟୀ

**ଭୁବନେଶ୍ୱର, ୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ବିଜୟ ଲାଭ କରିଛନ୍ତି। ସମ୍ବଲପୁର ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। କଟକସ୍ଥିତ ବିଡ଼ାନାସୀ

**ସାହାଣୀ କପ୍ ଫୁଟ୍‌ବଲ**

ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳ ୫-୦ ଗୋଲ୍‌ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଶିଶିକାନ୍ତ ଦାସିଆ, ସଞ୍ଜୀବ ଦାଶ, ଲକ୍ଷ୍ମଣ ସେଠ୍ ଓ ଉତ୍କଳମଣି ବେହେରା ଗୋଲ୍ ସ୍କୋର କରିଥିଲେ। ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଢେଙ୍କାନାଳ ୨-୦ ଗୋଲରେ ଭଦ୍ରକକୁ ପରାସ୍ତ କରିଛି। ଦଳ ପକ୍ଷରୁ ଆଶିଷ ମାଝି ଦୁଇଟି ଯାକ ଗୋଲ ଖେଳର ୫୪ ଓ ୫୮ତମ ମିନିଟ୍‌ରେ ଦେଇଥିଲେ। ସୁଜିତ ପାତ୍ର ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। କଟକସ୍ଥିତ ଓଟିମ୍ ଗ୍ରାଉଣ୍ଡରେ ସମ୍ବଲପୁର ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଡ୍ର ଭାବେ ଶେଷ ହୋଇଛି। କଳାହାଣ୍ଡି ତରଫରୁ ଭବାନୀ ଶଙ୍କର ବେମାଲ ୬୬ତମ ମିନିଟରେ ମ୍ୟାଚର ପ୍ରଥମ ଗୋଲ ସ୍କୋର କରିଥିଲେ। ପରେ ସମ୍ବଲପୁର ତରଫରୁ ବିଜୁ ଓରାମ (୯୦+୧)ଏକ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟଲ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ମ୍ୟାଚରେ ଖୋର୍ଦ୍ଧା ୫-୧ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅସୀମ ଡୁଙ୍ଗ୍ ଡୁଙ୍ଗ୍ (୫୫ତମ ଓ ୫୭ତମ ମିନିଟ) ୨ଟି ଗୋଲ ସ୍କୋର କରିଥିବା ବେଳେ ଗାଜାସୁଦ୍ଦିନ ଖାନ୍ (୩୦ତମ), ଅଜୟ ନାୟକ (୭୨ତମ) ଓ ମନୋଜ ସ୍ୱାଇଁ (୪୯ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନୂଆପଡ଼ା ପକ୍ଷରୁ ଏକମାତ୍ର ଗୋଲ ଦୀନେଶ କୁମାର ଖେଳର ୩୩ତମ ମିନିଟ୍‌ରେ ସ୍କୋର କରିଥିଲେ। ସୁଦୀପ୍ତ ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



କେନ୍ଦ୍ରାପଡ଼ା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



ସମ୍ବର୍ଦ୍ଧିତ ଓଏଫ୍‌ସି ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଓଏଫ୍‌ସିକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି) ଦଳ ସୁପର୍ କପ୍ ୨୦୨୩ ଚାମ୍ପିୟନ ହୋଇ ଏହାର ପ୍ରଥମ ଜାତୀୟ ଟାଇଟଲ୍ ହାସଲ କରିଛି। ମଙ୍ଗଳବାର ସନ୍ଧ୍ୟାରେ ସୁପର୍ କପ୍ ଚାମ୍ପିୟନ୍ ତଥା ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଓଏଫ୍‌ସିକୁ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଏଫ୍‌ସି ପକ୍ଷରୁ କ୍ଲବ୍ ସଭାପତି ରାଜ ଅଠ୍ୱାଲ, ମୁଖ୍ୟ କୋଚ୍ କ୍ଲିଫୋର୍ଡ ମିରାଣ୍ଡା, ଗୋଲକିପର ଅମରିନ୍ଦର ସିଂ, ଡିଫେଣ୍ଡର ଶୁଭମ୍ ଷଡଙ୍ଗୀ, ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ଓ କ୍ଲବ୍ ମନସ୍ତତ୍ତ୍ୱବିତ୍ ଅମ୍ରିତ୍ ପାଟଯୋଶୀ ସୁପର୍ କପ୍ ଟ୍ରଫି ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ଓଏଫ୍‌ସିର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। କୋଚ୍ ଓ ଖେଳାଳି ଆମକୁ ଗର୍ବିତ କରିଛନ୍ତି ଏବଂ ଓଏଫ୍‌ସି ଆଗକୁ ମଧ୍ୟ ଏମିତି ଫର୍ମ ବଜାୟ ରଖିବା ସହିତ ଆଗକୁ ଅନେକ ଟ୍ରଫି ଜିତୁ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଓଏଫ୍‌ସି ସୁପର କପ୍ ଟ୍ରଫି ସହିତ ଖେଳ ପ୍ରତି ଥିବା ଦୃଢ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଅନନ୍ୟ ପ୍ରଦର୍ଶନ ଓ ଯୋଗଦାନ ପାଇଁ ସେ ଦଳର ସମସ୍ତ ଖେଳାଳିଙ୍କୁ ପ୍ରଶଂସା କରିଥିଲେ। କ୍ରୀଡା ପ୍ରତି ଓଡ଼ିଶା ସରକାରଙ୍କ ମନୋଭାବକୁ ପ୍ରଶଂସା କରିଥିଲେ ଓଏଫ୍‌ସି କ୍ଲବ୍ ସଭାପତି ରାଜ ଅଠ୍ୱାଲ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ରାଜ୍ୟ ସରକାର ଦେଶର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ସୁବିଧା ତିଆରି କରିବାରେ ସମର୍ଥ ହୋଇଥିବା ସେ କହିଛନ୍ତି। ଓଏଫ୍‌ସିକୁ ସହାୟତା କରିବା ସହିତ ରାଜ୍ୟରେ ଏକ ଫୁଟବଲ ଇକୋ ସିଷ୍ଟମ ତିଆରି କରିଥିବାରୁ କ୍ଲବ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।



ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀର ଉଦ୍‌ଘାଟନ।

# ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୨।୫ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକସ୍ଥିତ ସନ୍‌ସାଇନ ଗ୍ରାଉଣ୍ଡରେ ଆଉ ଏକ ଗ୍ରାସ୍‌ରୁଟ୍ ସେଣ୍ଟର ମଙ୍ଗଳବାର ସଫଳତାର ସହ ଉଦ୍‌ଘାଟିତ ହୋଇଯାଇଛି। ଏହି ସେଣ୍ଟରର ନାମ ସନ୍‌ସାଇନ୍ ଫୁଟ୍‌ବଲ ଏକାଡେମୀ ରଖାଯାଇଛି। ସନ୍‌ସାଇନ୍ ଫୁଟବଲ ଏକାଡେମୀ ଗ୍ରାସ୍‌ରୁଟ ସେଣ୍ଟରର ଉଦ୍‌ଘାଟନୀ ଉତ୍ସବରେ ଫୁଟ୍‌ବଲ ଆସୋସିଶନ ଅଫ୍ ଓଡ଼ିଶା (ଫାଓ)ର କର୍ମକର୍ତ୍ତା ଯଥା ଯୁଗ୍ମ ସମ୍ପାଦକ ଦ୍ୱୟ ସହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ, ସଦସ୍ୟ ବିଜୟ କୁମାର ଦାସ ଏବଂ ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ଟେଷ୍ଟ ର୍‍ୟାଙ୍କିଙ୍ଗ

# ଅଷ୍ଟ୍ରେଲିଆକୁ ଟପି ଭାରତ ନମ୍ବର ୱାନ୍

**ଦୁବାଇ, ୨।୫(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଇସିସି ପୁରୁଷ ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆକୁ ଅତିକ୍ରମ କରି ଭାରତ ପୁଣି ନମ୍ବର ୱାନ ସ୍ଥାନକୁ ଫେରିଛି। ଭାରତର ରେଟିଂ ପଏଣ୍ଟ ବର୍ତ୍ତମାନ ୧୧୯ରୁ ୧୨୧କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ରେଟିଂ ପଏଣ୍ଟ ୧୨୨ରୁ ୧୧୬କୁ ଖସି ଆସିଛି। ଭାରତ ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ପଏଣ୍ଟ ଟେବୁଲ ଶୀର୍ଷରେ ରହିଥିଲା। ଆସନ୍ତା ଜୁନ୍ ୭ରୁ ଦି ଓଭାଲଠାରେ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍ ୨୦୨୩ର ଫାଇନାଲ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ହେବ। ଇଂଲଣ୍ଡ ପୂର୍ବଭଳି ୩ ନମ୍ବର ସ୍ଥାନରେ ରହିଛି। ତେବେ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଠାରୁ ଏହାର ପଏଣ୍ଟ ବ୍ୟବଧାନ ୧୩ରୁ ୨କୁ ହ୍ରାସ ପାଇଛି। ଟେଷ୍ଟ ର୍‍ୟାଙ୍କିଙ୍ଗ ତାଲିକାରେ ସ୍ଥିର ରହିଥିବା ଅନ୍ୟତମ ଦଳ ହେଲା ଜିମ୍ବାୱେ। ଏହି ଦଳ ୫ ରେଟିଂ ପଏଣ୍ଟ ଲାଭ କରିବା ସହ ପୂର୍ବଭଳି ୧୦ମ ସ୍ଥାନରେ ରହିଛି। ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଯଥେଷ୍ଟ ଟେଷ୍ଟ ମ୍ୟାଚ ଖେଳି ନ ଥିବାରୁ ସେମାନଙ୍କୁ ର୍‍ୟାଙ୍କିଙ୍ଗ ତାଲିକାରେ ସ୍ଥାନ ମିଳିନାହିଁ। ଅନ୍ୟପକ୍ଷରେ ପୁରୁଷ ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗରେ ଭାରତ ଏହାର ନମ୍ବର ୱାନ ସ୍ଥାନ ବଜାୟ ରଖିଛି। ତେବେ ଦ୍ୱିତୀୟ ସ୍ଥାନରେ ରହିଥିବା ଇଂଲଣ୍ଡଠାରୁ ପଏଣ୍ଟ ବ୍ୟବଧାନ ୬ରୁ ୮କୁ ବୃଦ୍ଧି କରିପାରିଛି। ଚଳିତ ପାକିସ୍ତାନ-ନ୍ୟୁଜିଲାଣ୍ଡ ସିରିଜ ପରେ ମେ' ୧୦ରେ ଅନ୍ତର୍ଜାତୀୟ ଦିନିକିଆ ଦଳ ର୍‍ୟାଙ୍କିଙ୍ଗର ବାର୍ଷିକ ଅପ୍‌ଡେଟ୍ ପ୍ରକାଶ କରାଯିବ।

# ରାଉରକେଲାରେ ଜାତୀୟ ସବ୍‌ଜୁନିୟର ହକି ଚାମ୍ପିୟନଶିପ୍

**ଭୁବନେଶ୍ୱର,୨।୫(ସ୍ପୋର୍ଟ୍ସ ବ୍ୟୁରୋ)**



ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଜାତୀୟ ସବ୍ ଜୁନିୟର ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ହକି ବିଶ୍ୱକପ ଓ ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ସଫଳତାର ସହିତ ଆୟୋଜନ କରିଥିବା ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୩ ତମ ମହିଳା ସବ୍ ଜୁନିୟର ହକି ଚାମ୍ପିୟନଶିପ୍ ମେ ୪ରୁ ୧୪ ତାରିଖ ମଧ୍ୟରେ ଖେଳାଯିବ। ଅନ୍ୟ ପକ୍ଷରେ ମେ ୧୮ରୁ ୨୮ ତାରିଖ ମଧ୍ୟରେ ୧୩ ତମ ପୁରୁଷ ସବ୍ ଜୁନିୟର ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ବିଶ୍ୱକପ ଓ ପ୍ରୋ ହକି ଲିଗ୍ ପରି ଟୁର୍ନାମେଣ୍ଟ ଖେଳା ଯାଇଥିବା ଭେନ୍ୟୁରେ ଯୁବ ଖେଳାଳି ମାନଙ୍କୁ ସୁଯୋଗ ମିଳିବା ଏକ ବୃହତ ଉପଲବ୍ଧି ହେବ। ନିଜ ବୟସ ବର୍ଗରେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ସହିତ ଖେଳିବାର ଅନୁଭବ ମିଳି ପାରିବ ବୋଲି କୁହାଯାଇଛି। ଅନ୍ୟ ରାଜ୍ୟର ଯୁବ ଖେଳାଳି ମାନଙ୍କ ସ୍ୱାଗତ ପାଇଁ ତଥା ଜାତୀୟ ସବ୍ ଜୁନିୟର ହକି ଚାମ୍ପିୟନଶିପର ଆୟୋଜନ ପାଇଁ ଆମେ ଅତ୍ୟନ୍ତ ଉତ୍ସାହିତ ବୋଲି କହିଛନ୍ତି କ୍ରୀଡା ଓ ଯୁବସେବା ବ୍ୟପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ହକି ପ୍ରତି ଏହା ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ବୋଲି ସେ କହିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କି ମଧ୍ୟ ରାଉରକେଲାରେ ଜାତୀୟ ସବ୍ ଜୁନିୟର ହକି ଚାମ୍ପିୟନଶିପ ଆୟୋଜନ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ହକି ସହିତ ରାଉରକେଲାର ଇତିହାସ ଅତ୍ୟନ୍ତ ବୁଦ୍ଧିମନ୍ତ, ହକି ବିଶ୍ୱକପ ଓ ପ୍ରୋ ହକି ଲିଗ୍ ସମୟରେ ଏହା ଦେଖିବାକୁ ମିଳିଥିଲା। ଏହି ଟୁର୍ନାମେଣ୍ଟ ମଧ୍ୟ ବିଶ୍ୱକପ ପରି ସଫଳ ହେବା ନେଇ ସେ ଆଶାବାଦୀ ବୋଲି କହିଛନ୍ତି ତିର୍କି। ଯୁବ ଖେଳାଳି ମାନେ ନିଜ ସ୍ୱପ୍ନ ପୂରଣ ଦିଗରେ ଅଗ୍ରସର ହେବାରେ ଏହି ଭେନ୍ୟୁର ଏକ ସ୍ୱତନ୍ତ୍ର ଅବଦାନ ରହିବ ବୋଲି ତିର୍କି କହିଛନ୍ତି। ଏହି ମ୍ୟାଚ୍ ଗୁଡିକ ପାଇଁ ସ୍କୁଲ ପିଲାଙ୍କୁ ମାଗଣା ପାଶ ବ୍ୟବସ୍ଥା କରାଯାଇଛି।

# ଆଶିଷ ପ୍ରି-କ୍ୱାର୍ଟରରେ

**ତାଶକେଣ୍ଟ, ୨।୫ (ପି.ଟି.):** ଏଠାରେ ଚାଲିଥିବା ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଟୋକିଓ ଅଲିମ୍ପିଆନ ଆଶିଷ ଚୌଧାରୀ ପ୍ରି-କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଇରାନର ମେସାମ ଘେସ୍‌ଲାଚିଙ୍କ ବିପକ୍ଷରେ ସେ ଏକ ବିଭାଜନ ନିଷ୍ପତ୍ତିରେ ବିଜୟ ହାସଲ କରିଛନ୍ତି। ପୂର୍ବତନ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତାଙ୍କ ବିପକ୍ଷ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆଶିଷ ୪-୧ରେ ବିଜୟ ଲାଭ କରିଥିଲେ। ହିମାଚଳ ପ୍ରଦେଶର ଏହି ୨୮ ବର୍ଷୀୟ ବକ୍ସର ପ୍ରଥମ ରାଉଣ୍ଡରେ ଆକ୍ରମଣାତ୍ମକ ନୀତି ଆପଣେଇ ଶକ୍ତିଶାଳୀ ପଞ୍ଚ ମାରିଥିଲେ। ପ୍ରତିଦ୍ୱନ୍ଦ୍ୱୀଙ୍କୁ ସୁଯୋଗ ଦେଇ ନ ଥିଲେ। ୨୦୧୯ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଆଶିଷ ତାଙ୍କ ସ୍ମାର୍ଟ ମୁଭମେଣ୍ଟ ଓ ସୁପ୍ରିମ ଟେକ୍‌ନିକାଲ ଆବିଲିଟିଦ୍ୱାରା ଇରାନୀୟ ବକ୍ସରଙ୍କୁ ପଛରେ ପକାଇଥିଲେ।

# ଶ୍ରୀଶଙ୍କର ଜିତିଲେ ସ୍ୱର୍ଣ୍ଣ ପଦକ



ମୁରଲୀ ଶ୍ରୀଶଙ୍କର

**ନୂଆଦିଲ୍ଲୀ, ୨।୫ (ପି.ଟି.)**

ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍‌ଏ)ର ଚୁଲା ଭିଷ୍ଟାଠାରେ ଅନୁଷ୍ଠିତ ଏମ୍‌ଭିଏ ହାଇପରଫର୍ମାନ୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ଭାରତୀୟ ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ୮.୨୯ ମିଟର ଜମ୍ପ୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତାଙ୍କ ଗତ ବର୍ଷର ବ୍ୟକ୍ତିଗତ ଶ୍ରେଷ୍ଠ ୮.୩୬ ମିଟରଠାରୁ ୦.୦୭ ମିଟର କମ୍ ରହିଛି। ଚଳିତ ସିଜନରେ ଏହା ଥିଲା ତାଙ୍କର ଦ୍ୱିତୀୟ ଇଭେଣ୍ଟ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ସେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଚାଇନାର ମା ୱିଡଙ୍ଗ୍ (୭.୯୯ ମିଟର) ନିଜ ଦେଶର ହୁଆଫେଙ୍ଗ୍ ହୁଆଙ୍ଗ୍ (୭.୬୧ ମିଟର)ଙ୍କଠାରୁ ଆଗରେ ରହି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ରୌପ୍ୟ ଜିତିଛନ୍ତି। ଆସନ୍ତା ଅଗଷ୍ଟରେ ବୁଦାପେଷ୍ଟଠାରେ ହେବାକୁଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୩ ପାଇଁ କ୍ୱାଲିଫାଇଂ ଷ୍ଟାଣ୍ଡାର୍ଡ ୮.୨୫ ମିଟର ରହିଛି। ଗତ ମାସ ପ୍ରାରମ୍ଭରେ ବେଙ୍ଗାଲୁରୁରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରିରେ ଶ୍ରୀଶଙ୍କର ୭.୯୪ ମିଟର ଜମ୍ପ କରିଥିଲେ। ପୂର୍ବରୁ ସେ ୮.୩୬ ମିଟର ଜମ୍ପ୍ କରି ଜାତୀୟ ରେକର୍ଡ କରିଥିଲେ। କିନ୍ତୁ ମାର୍ଚ୍ଚରେ ଇଣ୍ଡିଆନ ଓପନ ଜମ୍ପ୍ସ ଚାମ୍ପିୟନଶିପ୍‌ରେ ଜେସୱିନ ଆଲ୍‌ଡ୍ରିନ୍ (୮.୪୨ମିଟର) ତାଙ୍କର ଏହି ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।

# ବଲାଙ୍ଗୀରରେ ଓସିଏ ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ

**ବଲାଙ୍ଗୀର ଅଫିସ, ୨।୫**

ବଲାଙ୍ଗୀରସ୍ଥିତ ଗାନ୍ଧୀ ଷ୍ଟାଡିୟମରେ ମଙ୍ଗଳବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଦ୍ୱାରା ଆୟୋଜିତ ହୋଇଯାଇଛି ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ। ବୌଦ୍ଧ, ବଲାଙ୍ଗୀର, ବରଗଡ଼, ସୋନ୍‌ପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲାଗୁଡ଼ିକ ଲାଗି ବଲାଙ୍ଗୀର ଥିଲା ଜୋନାଲ ଭେନ୍ୟୁ। ସ୍ପିନ ପ୍ରତିଭାଙ୍କୁ ଚିହ୍ନଟ କାର୍ଯ୍ୟକ୍ରମ ବେଳେ ଓଡ଼ିଶା ସିନିୟର ପୁରୁଷ ଟିମ୍ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ବ୍ୟତୀତ ଓସିଏର ସିନିୟର ଓ ଜୁନିୟର ଚୟନକର୍ତ୍ତା ଯଥା ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପର ଉଦ୍‌ଘାଟନୀ ସମୟରେ ବଲାଙ୍ଗୀର ଜିଲା ଆଥଲେଟିକ ଆସୋସିଏଶନର ସଦସ୍ୟଗଣ କୃଷ୍ଣ ଚନ୍ଦ୍ର ମିଶ୍ର (ଉପସଭାପତି), ପ୍ରହଲ୍ଲାଦ ଶତପଥୀ (ଉପସଭାପତି), ହରିନାରାୟଣ ପୂଜାରୀ (ସାଧାରଣ ସମ୍ପାଦକ), ପ୍ରଭାତ ମିଶ୍ର (କୋଷାଧ୍ୟକ୍ଷ), ଶତ୍ରୁଘ୍ନ ସିଂ (ଯୁଗ୍ମସମ୍ପାଦକ), ଓମ୍ ପ୍ରକାଶ ଚାନ୍ଦ (କ୍ରିକେଟ ସମ୍ପାଦକ), ରାଜେନ୍ଦ୍ର ପୁରୋହିତ (ସିନିୟର କାଉନ୍‌ସିଲ ସଦସ୍ୟ) ଓ ସୁଧୀର ଚନ୍ଦ୍ର ପଣ୍ଡା (ସିନିୟର କାଉନ୍‌ସିଲ ସଦସ୍ୟ) ପ୍ରମୁଖ ଉପସ୍ଥିତ ଥିଲେ। ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପର ପରବର୍ତ୍ତି ଭେନ୍ୟୁ ହେଉଛି ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ। ଏଥିରେ ଅନ୍ୟ ୬ଟି ଜିଲାର ସ୍ପିନର ସେମାନଙ୍କ ପ୍ରତିଭା ଦେଖାଇବେ।

# ଲୋକେଶ ରାହୁଲ ଆହତ

**ଲକ୍ଷ୍ନୌ, ୨।୫(ପି.ଟି.):** ଭାରତ ସିନିୟର ଦଳର ଉଇକେଟକିପର-ବ୍ୟାଟର ତଥା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଆହତ ହୋଇଛନ୍ତି। ସୋମବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଆଇପିଏଲ୍ ମ୍ୟାଚ ବେଳେ ତାଙ୍କ ଡାହାଣ ଜଙ୍ଘରେ ଆଘାତ ଲାଗିଛି। ଫିଲ୍‌ଡିଂ ବେଳେ ବାଉଣ୍ଡାରି ନିକଟରେ ଏକ ବଲ୍‌କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଏହା ଘଟିଛି। ଯନ୍ତ୍ରଣା ଯୋଗୁ ସେ ପଡ଼ିଆରେ କିଛି ସମୟ ପଡ଼ି ରହିଥିଲେ। ତାଙ୍କ ମାଂସପେଶୀ ଟାଣି ହୋଇଯାଇଥିବା ଭଳି ମନେ ହେଉଥିଲା। ଟିମ୍ ଫିଜିଓ ଏବଂ ଦଳର ଜଣେ ରିଜର୍ଭ ଖେଳାଳିଙ୍କ ସହାୟତାରେ ସେ ପଡ଼ିଆ ଛାଡ଼ିଥିଲେ। ମାର୍କସ ଷ୍ଟୋଇନିସଙ୍କ ବୋଲିଂରେ ଏକ୍ସଟ୍ରା କଭର ଅଞ୍ଚଳକୁ ଫାଫ୍ ଡୁପ୍ଲେସିଙ୍କ ଶଟ୍‌କୁ ବାଉଣ୍ଡାରିରୁ ଅଟକାଇବା ଲାଗି ରାହୁଲ ଚେଷ୍ଟା କରିଥିବା ବେଳେ ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କ ଇଞ୍ଜୁରି କେତେ ଗୁରୁତର ତାହା ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ଅଂଶଗ୍ରହଣ ନେଇ ସନ୍ଦେହ ଉପୁଜିଛି।



ବଲାଙ୍ଗୀରରେ ଅନୁଷ୍ଠିତ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପରେ ଉପସ୍ଥିତ ଖେଳାଳି ଓ କର୍ମକର୍ତ୍ତା।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ